DHARITRI
ଭୁବନେଶ୍ୱର, ଶନିବାର, ମେ ୧୮/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar,
୫୦ଶ ଭାଗ ୧୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhub






# ଜୁଲାଇ ୩ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୧୭।୫ (ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି-୨୪) ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାରଠାରୁ ଆବେଦନ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ର ୧୮ତାରିଖ ଅପରାହ୍ନ ୪ଟା ପରେ ଅନ୍‌ଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ୨୭ ତାରିଖ ରାତି ୧୧ଟା ୪୫ ଭିତରେ ଆବେଦନ କରିବାକୁ ପଡ଼ିବ। ଛାତ୍ରୀଛାତ୍ର www.samsodisha.gov.in ୱେବ୍‌ସାଇଟ୍‌ରେ ନାମ ପଞ୍ଜୀକରଣ କରିପାରିବେ। ଶେଷ ଦିନ ରହିଛି। ଜୁନ ୨୨ ପୂର୍ବାହ୍ନ ୧୧ଟାରୁ ୱେବ୍‌ସାଇଟରେ ହଲ ଟିକେଟ ବା ଆଡ୍‌ମିଟ କାର୍ଡ ଉପଲବ୍ଧ ହେବ। ପରୀକ୍ଷା ପରେ ବିଭିନ୍ନ ବିଷୟଭିତ୍ତିକ ରେଜଲ୍ଟ ପ୍ରକାଶ ପାଇବ। ତେବେ କେବେ ରେଜଲ୍ଟ ପ୍ରକାଶ ପାଇବ ସେ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପରବର୍ତ୍ତୀ ସମୟରେ ଜଣାଇଦିଆଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଆଜିଠାରୁ ଆବେଦନ

ଅନ୍ୟପକ୍ଷରେ ପ୍ରବେଶିକା ପରୀକ୍ଷା ଆବେଦନ ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ସର୍ତ୍ତମୂଳକ ସୂଚନା ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ର ନିଶ୍ଚିତ ଭାବରେ ଏକ ୟୁଜିସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରୁ ପାଠ୍ୟକ୍ରମ ଶେଷ କରିଥିବା ଆବଶ୍ୟକ। ଯେଉଁ ପରୀକ୍ଷାର୍ଥୀଙ୍କର ୟୁଜି ପରୀକ୍ଷା ଫଳାଫଳଗୁଡ଼ିକ ଅପେକ୍ଷାରେ ରହିଛି ଅର୍ଥାତ ରେଜଲ୍ଟ ପ୍ରକାଶ ପାଇନାହିଁ, ସେମାନେ ପ୍ରବେଶିକା ପରୀକ୍ଷା ପାଇଁ ସାଧାରଣ ଆବେଦନ ଫର୍ମ(C (CAF) ପୂରଣ କରିବେ। ପରବର୍ତ୍ତୀ ସମୟରେ ପରୀକ୍ଷାର୍ଥୀମାନେ ସେମାନଙ୍କର ମାର୍କ ଅପଲୋଡ୍ କରିବେ। ସେହିଭଳି ପୁରୀର ଓଡ଼ିଆ ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପିଜି ପାଠ୍ୟକ୍ରମକୁ ସାମ୍ସ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଦୁଇ ବିଶ୍ୱବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷରୁ ନାମଲେଖା ହେବ। ଏଥିସହ ଚଳିତ ଶିକ୍ଷାବର୍ଷରୁ ଏହି ଦୁଇ ବିଶ୍ୱବିଦ୍ୟାଳୟର ପିଜି ପାଠ୍ୟକ୍ରମ ପାଇଁ କୌଣସି ପୃଥକ ପରୀକ୍ଷା କିମ୍ବା ନାମଲେଖା କରାଯିବ ନାହିଁ। ଚଳିତ ଶିକ୍ଷାବର୍ଷରେ ତିନୋଟି ପର୍ଯ୍ୟାୟରେ ପିଜି ନାମଲେଖା ହେବ। ଯୋଗ୍ୟତା ଅନୁଯାୟୀ ଚୟନ ହୋଇଥିବା ଛାତ୍ରୀଛାତ୍ର ନାମଲେଖାଇବେ। ତିନି ପର୍ଯ୍ୟାୟ ନାମଲେଖା ଶେଷ ହେବା ପରେ ସିଟ୍ ବଳକା ପଡିଲେ ପରବର୍ତ୍ତୀ ସମୟରେ ସ୍ପଟ୍ ନାମଲେଖା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହିଭଳି ଅନେକ ସୂଚନା ଛାତ୍ରୀଛାତ୍ରଙ୍କ ପାଇଁ ଦିଆଯାଇଛି। ଅଧିକ ବିବରଣୀ ନିମନ୍ତେ ଇ-ନାମଲେଖା ହେଲ୍ପଲାଇନ(ଟୋଲ ଫ୍ରି) ନମ୍ବର ୧୫୫୩୩୫/୧୮୦୦୩୪୫୬୭୭୦କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# ୨୭ରୁ ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍

**ଭୁବନେଶ୍ୱର, ୧୭।୫ (ଅସମାପିକା ସାହୁ)**

ରାଜ୍ୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍ ଅନୁଷ୍ଠିତ ହେବ। ଏହି ଅଲିମ୍ପିଆଡରେ ପାଖାପାଖି ୪୦୦ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ/ଶିକ୍ଷକ ମଧ୍ୟ ଅଂଶଗ୍ରହଣ କରିବେ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ବହନ କରିବ। ବିଦ୍ୟାଳୟ, ବ୍ଲକ ଏବଂ ଜିଲାସ୍ତରରେ ଯୋଗ ଅଲିମ୍ପିଆଡ୍ ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସନ୍ତା ୨୨ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କ ଚୟନ ଶେଷ କରିବାକୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ଆୟୋଜନ ହେବ। ପ୍ରତିଯୋଗିତାରେ ମନୋନୀତ ଛାତ୍ରୀଛାତ୍ର ଜୁନ ୧୮ରୁ ୨୦ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।



ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ଶନିବାର, ମେ ୧୮/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 18/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୧୭୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 173 ମୂଲ୍ୟ ₹୭/-


# ୨୫ ବର୍ଷ ଶାସନରେ ଓଡ଼ିଶା ୫୦ ବର୍ଷ ଖସିଛି: ଶାହା

**ରାଉରକେଲା, ୧୭।୫(ବିପ୍ଳବ ରଞ୍ଜନ ଦାଶ)**

ଏଥର ସାରା ଓଡ଼ିଶାରେ ମଧ୍ୟ ପଦ୍ମ ଫୁଟିବ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିଲେ ଦେଶରେ ୩୦କୋଟି ଦିଦି ଲକ୍ଷପତି,୩କୋଟି ଗରିବଙ୍କୁ ଆବାସ ମିଳିବ। ତେଣୁ ଓଡ଼ିଶାରେ ବିଜେଡି ସରକାର ହଟାଇ ଦେଶ ଓ ରାଜ୍ୟର ବିକାଶର ଶୁଭାରମ୍ଭ କରିବା ସମୟ ଆସିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ରାଉରକେଲା ବିମାନବନ୍ଦର ଏରୋଡ୍ରମ ପଡିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଶୁକ୍ରବାର ଶାହା ଯୋଗଦେଇ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ହେବା କଥା କି ନୁହେଁ ବୋଲି କହିବା ସହ କଂଗ୍ରେସକୁ ଘେରିଥିଲେ। କଂଗ୍ରେସ ଦେଶରେ ୬୦ବର୍ଷ କାଳ ଶାସନ କରି ମଧ୍ୟ ୫ଶହ ବର୍ଷ ପ୍ରାଚୀନ ଅଯୋଧ୍ୟାର ରାମମନ୍ଦିର ନିର୍ମାଣ କାର୍ଯ୍ୟକୁ ଅଟକାଇ ରଖିଥିଲା। ମାତ୍ର ଦେଶରେ ଦ୍ୱିତୀୟ ଥର ବିପୁଳ ଜନ ସମର୍ଥନ ଲାଭ କରି ମୋଦିଜୀ ଭୂମିପୂଜନ ସହିତ ରାମମନ୍ଦିର ନିର୍ମାଣ ଓ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କଲେ। ସମଗ୍ର ଦେଶ ରାମ ଉତ୍ସବ ପାଳନ କରୁଥିବା ବେଳେ ରାଜ୍ୟରେ ବିଜେଡି ସରକାର ଲୁଟିବା କାମରେ ଲିପ୍ତ ଥିଲା। ତେଣୁ ରାମଙ୍କ କାର୍ଯ୍ୟରେ ବାଧା ସୃଷ୍ଟିକାରୀ ଲୋକଙ୍କୁ ଭୋଟ ଦେବା ଉଚିତ କି କହିଥିଲେ। କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ, ମାତ୍ର କଂଗ୍ରେସ ଅଧ୍ୟକ୍ଷ ଖାଡ୍‌ଗେ କୁହନ୍ତି, ଓଡ଼ିଶାବାସୀଙ୍କ ପାଇଁ କଶ୍ମୀର କିଛି ନୁହଁ। କିନ୍ତୁ ସୁନ୍ଦରଗଡ଼ ଜିଲାବାସୀଙ୍କ ସମେତ ଓଡ଼ିଶାବାସୀ ଭାରତର ଅଖଣ୍ଡ ଅଂଶ କଶ୍ମୀର ପାଇଁ ବଳିଦାନ ଦେବାକୁ ପଛଘୁଞ୍ଚା ଦେବେନାହିଁ ବୋଲି କହିଥିଲେ। ୭୦ବର୍ଷ ଧରି ଧାରା ୩୭୦ ଅତି ସମ୍ବେଦନଶୀଳ ଥିଲା। ମୋଦି ଏହାକୁ ହଟାଇ ଦେଶର ଅଖଣ୍ଡତାକୁ ମଜଭୁତ କରିଛନ୍ତି। କଂଗ୍ରେସ କେବେ ଆଦିବାସୀ ମହିଳାଙ୍କୁ ସମ୍ମାନ ଦେଇନାହିଁ। ମାତ୍ର ମୋଦି ଓଡ଼ିଶାର ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରି ଓଡ଼ିଶାର ମହିଳାଙ୍କ ସମ୍ମାନକୁ ବୃଦ୍ଧି କରିଛନ୍ତି। ଜି-୨୦ ସମ୍ମିଳନୀରେ ସାରା ବିଶ୍ୱର ନେତାଙ୍କୁ ଗୋଟିଏ ସ୍ଥାନରେ ସ୍ୱାଗତ କରିଥିଲେ ମୋଦି। ତାଙ୍କ ପାଖରେ କୋଣାର୍କ ☞ପୃଷ୍ଠା-୧୧



୨୦୨୦ ଫେବୃଆରୀ ୨୮ରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭୋଜନ କରୁଛନ୍ତି। ନିକଟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ଇଷ୍ଟର୍ନ ଜୋନାଲ କାଉନ୍‌ସିଲ (ଇଜେଡ୍‌ସି)ର ୨୪ତମ ବୈଠକରେ ଯୋଗଦେବା ପାଇଁ ଶାହା ଭୁବନେଶ୍ୱର ଆସିଥିବାବେଳେ ନବୀନ ସେମାନଙ୍କୁ ଆପ୍ୟାୟିତ କରିଥିଲେ।

# ବିରୋଧୀ ମିଛ କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ଅସମାପିକା ସାହୁ)/ସମ୍ବଲପୁର, (ପ୍ରମୋଦ ବହିଦାର)/ଅନୁଗୋଳ, (ଅମିତ କୁମାର ସାମଲ) / ଢେଙ୍କାନାଳ (ରତନ ନାୟାର)୧୭।୫**

ରାଜ୍ୟର ୨ ଲୋକ ସଭା କ୍ଷେତ୍ରର ୪ ନିର୍ବାଚନମଣ୍ଡଳୀରେ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଶୀର୍ବାଦ ମାଗିଛନ୍ତି। ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ବିଶାଳ ଜନସଭାକୁ ସେ ଅନୁରୋଧ କରିଛନ୍ତି। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ବିଜେଡି ପ୍ରାର୍ଥୀଙ୍କ ପାଇଁ ଆଶୀର୍ବାଦ ମାଗି ବିରୋଧୀଙ୍କୁ ଶାଣିତ ଆକ୍ରମଣ କରିଛନ୍ତି। ପ୍ରଥମେ ସମ୍ବଲପୁର ତା'ପରେ ରେଢ଼ାଖୋଲ, ଅନୁଗୋଳ ଓ ଢେଙ୍କାନାଳରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆଶୀର୍ବାଦ ମାଗିଛନ୍ତି। ସମ୍ବଲପୁର ଓ ଢେଙ୍କାନାଳର ଲୋକ ସଭା ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ସେ ଅନୁରୋଧ କରିଥିଲେ। ସବୁଠି ବିଶାଳ ଜନସଭାକୁ ସମ୍ବୋଧିତ କରି ସିଧା ଲୋକଙ୍କଠାରୁ ଯୋଜନାର ସୁଫଳ ବିଷୟରେ ମତାମତ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ 'ନବୀନ ପଟ୍ଟନାୟକ ଭଲ କି' ପ୍ରଶ୍ନରେ 'ହଁ' ଧ୍ୱନିରେ ପ୍ରତିଧ୍ୱନିତ ହୋଇଥିଲା ସଭାସ୍ଥଳ। ସ୍ୱଳ୍ପ ଭାଷଣରେ ସ୍ୱଳ୍ପ ଶବ୍ଦରେ ନବୀନ ବିରୋଧୀଙ୍କୁ କଟୁ ସମାଲୋଚନା କରିଛନ୍ତି। ବିରୋଧୀ ମିଛ କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତେଣୁ ବିଜୁ ଜନତା ଦଳର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ଜନତାଙ୍କୁ ଅନୁରୋଧ କରିଥିଲେ ନବୀନ। ନବୀନ ସରକାର ସବୁ ବର୍ଗର ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। କେନ୍ଦୁପତ୍ର ଶ୍ରମିକଙ୍କ ପାଇଁ ଖୁବ୍‌ଶୀଘ୍ର ପ୍ୟାକେଜ ଆସିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଚାର ସଭାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଜନତାଙ୍କୁ ଉଦ୍‌ବୋଧନ ଦେଇ ଶଙ୍ଖରେ ଆଶୀର୍ବାଦ ମାଗିବା ସହ ବିରୋଧୀଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିଲେ। ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିପୁଳ ଜନ ସମାବେଶ ଦେଖି ବିରୋଧୀଙ୍କ ଆତ୍ମବିଶ୍ୱାସ ଭାଙ୍ଗିଗଲାଣି। ତେଣୁ ସେମାନଙ୍କ ନେତାମାନେ ବାହାରୁ ଆସି ନବୀନବାବୁଙ୍କୁ ଅସମ୍ମାନିତ କରୁଛନ୍ତି। ଆପଣମାନେ ସେହି ବ୍ୟକ୍ତିମାନଙ୍କୁ କଡ଼ା ଜବାବ ଦିଅନ୍ତୁ ବୋଲି ପାଣ୍ଡିଆନ ଆହ୍ୱାନ ଦେଇଥିଲେ।

# ଘାରିଲା ବାତ୍ୟା ଭୟ

**ଭୁବନେଶ୍ୱର, ୧୭।୫(ଅସମାପିକା ସାହୁ)**

## ଦାନା ବାନ୍ଧୁଛି ଲଘୁଚାପ



ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ। ଆସନ୍ତା ୨୦ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ୨୩ ବେଳକୁ ଲଘୁଚାପର ରୂପ ନେବ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଅବପାତ ବା ଗଭୀର ଅବପାତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ତେବେ ଏହା କେତେ ଘନୀଭୂତ ହେବ ଓ କେଉଁଆଡ଼କୁ ଗତି କରିବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଲଘୁଚାପ କଥା ଶୁଣିବା ପରେ ଏବେ ଲୋକଙ୍କ ମନରେ ବାତ୍ୟା ଭୟ ଘାରିଛି। ଏପଟେ ଶୁକ୍ରବାର ଦିନ ତମାମ ସଫେଦ ଆକାଶରେ ବାଦଲର ସ୍ଥିରତା ଓ ସୂର୍ଯ୍ୟ କିରଣର ପ୍ରଖରତା ଏମିତି କିଛି ଆଶଙ୍କା ସୃଷ୍ଟି କରିଥିଲା। ସାଧାରଣତଃ ଖରାଦିନରେ ବାତ୍ୟା ହୋଇଥାଏ। ମେ' ମାସରେ ମଧ୍ୟ ବାତ୍ୟା 'ଫନି' ପରି ଅନେକ ବାତ୍ୟା ସଂଘଟିତ ହୋଇଥିଲା। ତେଣୁ ଚଳିତ ମାସ ଶେଷ ସପ୍ତାହ ବେଳକୁ ବାତ୍ୟା ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏଥିସହ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଆହୁରି ଅସହ୍ୟ ହେବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି। ଦିନର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ଆସନ୍ତା ଦୁଇଦିନ ପ୍ରବଳ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ ୨୦ ଓ ୨୧ରେ ହିଟ୍‌ୱେଭ୍ ଅନୁଭୂତ ହେବ। ବିଶେଷକରି ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳରେ ହିଟ୍‌ୱେଭ୍ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

ଅନ୍ୟପକ୍ଷରେ ୪ ଦିନ ଲାଗି ଦେଶର ୬ଟି ରାଜ୍ୟକୁ ଗ୍ରୀଷ୍ମପ୍ରବାହ ଓ ୩ଟି ରାଜ୍ୟକୁ ଭାରି ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ରାଜସ୍ଥାନ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରେ ଗ୍ରୀଷ୍ମପ୍ରବାହ ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ତାମିଲନାଡୁ, କେରଳ ଏବଂ ଦକ୍ଷିଣ କର୍ନାଟକରେ ଭାରି ବର୍ଷା ସମ୍ଭାବନା ରହିଛି। ଏପଟେ ତାମିଲନାଡୁ ନୀଳଗିରିରେ ପ୍ରବଳ ବର୍ଷା ହୋଇଛି। ବର୍ଷା ଯୋଗୁ ରାସ୍ତାଘାଟ ବୁଡ଼ିବା ସହ ଅନେକ ତଳିଆ ଅଞ୍ଚଳରେ ପାଣି ପଶିଛି। ଆହୁରି ୩ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଅଞ୍ଚଳକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି।

ଆଜିର ସମ୍ପାଦକୀୟ | ପୁରୁଣା ଆଇନର ନବୀକରଣ




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନିର୍ବାଚନ ସଂକ୍ରାନ୍ତୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ମିଡିଆ ସେଣ୍ଟର, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନୃତ୍ୟମ୍ବଦା ୩୭ତମ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଁ କଳିଙ୍ଗ କଳା ପରିଷଦ ପକ୍ଷରୁ ସାଂସ୍କୃତିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଜ୍ଞା ନୃତ୍ୟାୟନ ପକ୍ଷରୁ ପ୍ରଜ୍ଞା ପ୍ରତିଭା ସମ୍ମାନ–୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ବିଶ୍ୱନାଥ ପଣ୍ଡିତଙ୍କ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା, ସ୍ଥାନ: ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ପଣ୍ଡିତ୍‌ଜୀଙ୍କ ବାସଭବନ, ସମୟ: ପୂର୍ବାହ୍ନ ୮ଟା ୩୦।
- ବିଜୟିନୀ ପବ୍ଲିଶର୍ସ ପକ୍ଷରୁ ଡ. ଜ୍ୟୋତିରେଖା ମହାନ୍ତିଙ୍କ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବେଣାଗାଡ଼ିଆ ଗ୍ରାମ ଭାଗବତ ଦେବ ବିଦ୍ୟାଳୟ ଖେଳପଡ଼ିଆ, ବୋଲଗଡ଼: ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- 'ପକ୍ଷୀ ପାଇଁ ଦିନଟିଏ' କବିତା ଆସର, ସ୍ଥାନ: ରେମୁଣା, ବାଲେଶ୍ୱର, ସମୟ: ସକାଳ ୮ଟା।
- ବିଜେଡିର ମିଶ୍ରଣ ପର୍ବ, ସ୍ଥାନ: ଖଇରା ଦୁର୍ଗାମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ପାଇଲଟଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ମିଶନ ପଡିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- କଂଗ୍ରେସର ନିର୍ବାଚନୀ ସଭାରେ ଯୋଗଦେବେ ସଚିନ ପାଇଲଟ, ସ୍ଥାନ: ଥାନାଛକ ହେଲିପ୍ୟାଡ୍ ପଡ଼ିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ

- ଶନି ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ: କୁଆଁରନ୍ଧା, ବନ୍ତ, ସମୟ: ସକାଳ ୭ଟା।
- ଭାଜପା କର୍ମୀ ବୈଠକ, ସ୍ଥାନ: ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭୋଟର ସଚେତନତା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଆଇ ଲଭ୍ ଭଦ୍ରକ ପଏଣ୍ଟ, ସମୟ: ସନ୍ଧ୍ୟା ୬ଟା।
- ଆଇନଜୀବୀ ନାରାୟଣ ଚନ୍ଦ୍ର ରାୟଙ୍କ ସ୍ମୃତିରେ ପୁସ୍ତକ 'ଇତିବୃତି' ଲୋକାର୍ପଣ ଉତ୍ସବ, ସ୍ଥାନ: କୁଆଁସ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- କଂଗ୍ରେସର ୩୫ ନଂ. ଜୋନ୍‌ର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡିହୀ, ସମୟ: ସକାଳ ୮ ଟା।
- ଭାଜପା ବାଇକ ରାଲି, ସ୍ଥାନ: ଆନନ୍ଦପୁର, ସମୟ: ସକାଳ ୮ ଟା।
- ଚବିଶ ପ୍ରହରୀ ନାମଯଜ୍ଞ, ସ୍ଥାନ: ପଳାଶପଙ୍ଗା, ସମୟ: ସକାଳ ୮ ଟା।
- ବିଜେଡିର ୨ ନଂ. ଜୋନ୍‌ରେ ନିର୍ବାଚନୀ ପ୍ରଚାର, ସ୍ଥାନ: ଆନନ୍ଦପୁର, ସମୟ: ସକାଳ ୯ ଟା।
- ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ହାଟଡିହୀ, ସମୟ: ସକାଳ ୯ ଟା।
- ବିଜେଡିର ଘରକୁ ଘର ବୁଲି ନିର୍ବାଚନ ପ୍ରଚାର, ସ୍ଥାନ: ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ବିଜେଡିର ଜୋନ୍‌ସ୍ତରୀୟ ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ଆନନ୍ଦପୁର, ସମୟ: ସକାଳ ୯ ଟା।
- ଭାଜପା ବାଇକ ରାଲି, ସ୍ଥାନ: ଆନନ୍ଦପୁର ସହର, ସମୟ: ଅପରାହ୍ନ ୨ ଟା।
- ଆଦର୍ଶ ବୁଥ୍ ପାଇଁ ବୈଠକ, ସ୍ଥାନ: ହାଟଡିହୀ ବ୍ଲକ ଅଫିସ, ସମୟ: ଅପରାହ୍ନ ୪ ଟା।
- ବିଜେଡିର ଘରକୁ ଘର ବୁଲି ନିର୍ବାଚନ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଶନି ମନ୍ଦିରର ୪୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗଞ୍ଜ ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବ୍ରହ୍ମପୁର

- ଠାକୁରାଣୀ ଯାତ୍ରା, ସ୍ଥାନ: ସହର ନିକଟ ଖଜୁରିଆ,ସମୟ: ରାତି ୯ଟା।

## ଗଞ୍ଜାମ

- ବିଜେଡିର ଶୋଭାଯାତ୍ରା, ସ୍ଥାନ: ଭଞ୍ଜନଗର ଏନ୍‌ଏସି, ସମୟ: ସକାଳ ୯ଟା।
- ଏନ୍‌ଏସିରେ ବିଜେଡି ପ୍ରାର୍ଥୀଙ୍କ ରୋଡ୍ ଶୋ', ସ୍ଥାନ: ଆସିକା ବସ୍‌ଷ୍ଟାଣ୍ଡରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଅନ୍‌ସାଇଟ ଡିଜାଷ୍ଟର ମକ୍‌ଡ୍ରିଲ, ସ୍ଥାନ: ପାରାଦୀପ ତୈଳ ବିଶୋଧନାଗାର, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଶ୍ରୀମା,ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ,ସ୍ଥାନ: ବାଲିଝରା, ପାରାଦୀପ ସମୟ: ସନ୍ଧ୍ୟା ୫ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଯାଜପୁର ରୋଡ ଭିକିପୁର ଗ୍ରାମରମା' ମଙ୍ଗଳା ମନ୍ଦିରର ଯଜ୍ଞ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଦବମ ଦିବସ, ସ୍ଥାନ: ନୟାଗଡ଼ ସାଗର ପୋଖରୀ, ସମୟ: ସନ୍ଧ୍ୟା ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ଓଡ଼ଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ନବମ ଦିବସ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ନବମ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରୀ ବାସବୀ କନିକା ପରମେଶ୍ୱରୀ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ରାୟଗଡ଼ା ଗୁରୁଦ୍ୱାର ଲାଇନ୍‌ରେ ଥିବା ମନ୍ଦିର, ସମୟ: ସକାଳ ୬ରୁ ଆରମ୍ଭ । ସ୍ଥାନ: ଗୁଡାରି, ସମୟ: ସକାଳ ୭ଟା ୩୦ ଆରମ୍ଭ।
- ବାଳିକା ଏନ୍‌ସିସି କ୍ୟାଡେଟ୍ ଟ୍ରେନିଂ କ୍ୟାମ୍ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଡମା ଆଦର୍ଶ ବିଦ୍ୟାଳୟ, ରାୟଗଡ଼ା, ସମୟ: ସନ୍ଧ୍ୟା ୫ଟା।

## କୋରାପୁଟ

- ତ୍ରିନାଥ ମନ୍ଦିରରେ ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଦାମନଯୋଡ଼ିସ୍ଥିତ ନାଲ୍‌କୋ ବିସ୍ଥାପିତ କଣ୍ଟାଗୁଡ଼ା କଲୋନୀ, ସମୟ: ସକାଳ ୭ଟାରୁ ଆରମ୍ଭ।
- କଳାଜିରା ବିହନ ବଣ୍ଟନ ନେଇ ବୈଠକ, ସ୍ଥାନ: କୋରାପୁଟର ଦୟାନିଧିଗୁଡାସ୍ଥିତ ଜୈବିକ ଶ୍ରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟର ହେଙ୍ଗର ଦିବା ରାତ୍ରି କ୍ରିକେଟ ଟୁର୍ନାମେଣ୍ଟ ସେମିଫାଇନାଲ, ସ୍ଥାନ: ହାଲ ସହରାଞ୍ଚଳ ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- କଂଗ୍ରେସ ସମ୍ବଲପୁର ବିଧାନସଭା ପ୍ରାର୍ଥୀଙ୍କ ପଦଯାତ୍ରା, ସ୍ଥାନ: କ୍ଷେତରାଜପୁର ରେଲୱେ ଷ୍ଟେଶନ ସମ୍ମୁଖରୁ ଆରମ୍ଭ, ସମୟ : ସକାଳ ୯ଟା।
- ଜିଲା ଭାଜପା ପକ୍ଷରୁ ବୈଠକ, ସ୍ଥାନ: ରେଢ଼ାଖୋଲ, ସମୟ: ପୂର୍ବାହ୍ନ ୧୦ଟା।
- ମଦନାବତୀ ବିଦ୍ୟାଳୟ ପକ୍ଷରୁ ଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜାସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୫ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ, ସ୍ଥାନ: ସୋନପୁର ସହର ଝୁପୁଡିପଡା ଅଲେଖ ମହିମା ପୀଠ, ସମୟ: ସକାଳ ୯ଟା।

## ରାଉରକେଲା

- ଦିଲୀପ ରାୟଙ୍କ ମାରାଥନ ପ୍ରଚାର,ସ୍ଥାନ:ଛେଣ୍ଡ,ସମୟ:ସକାଳ ୮ଟା।
- କଂଗ୍ରେସ ଲୋକସଭା ପ୍ରାର୍ଥୀଙ୍କ ରାଉରକେଲାରେ ପ୍ରଚାର, ସ୍ଥାନ: ଆମ୍ବାଗାନ୍, ସମୟ: ପୂର୍ବାହ୍ନ ୧୧ଟା ।
- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ୩ଟି ଷ୍ଟେଶନ ଗସ୍ତ, ସ୍ଥାନ: ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଜଗାଙ୍ଗପୁର ଓ ଅନ୍ୟ ସ୍ଥାନ,ସମୟ: ସକାଳ: ୭ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟ–୪, ସମୟ: ପୂର୍ବାହ୍ନ ୧୧ଟା ୨୦।

## ବରଗଡ଼

- ସ୍ମାର୍ଟ ମିଟର, ବିଦ୍ୟୁତ୍ ବିଲ ନେଇ ପ୍ରତିବାଦ ସମାବେଶ, ସ୍ଥାନ: ପ୍ରକାଶପୁର, ଅମ୍ବାଭୋନା, ସମୟ: ସକାଳ ୯ଟା।
- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ତ୍ରିନାଥ ଠାକୁରଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ନ୍ୟାସ, ଦେବତା ସ୍ନାନ, ହୋମ, ସ୍ଥାନ: ବିଶ୍ୱନାଥପୁର ତ୍ରିନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଷୋହଳପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ଗୋଇନ୍ଦାମୁଣ୍ଡା, ସମୟ: ସକାଳ ୭ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଚବିଶପ୍ରହର ନାମଯଜ୍ଞ ଆଳତି ଓ ପୂଜା, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ଜେଠୁପାଳି ଗାଁ, ସମୟ: ସକାଳ ୬ଟା ୧୫।
- ଷୋହଳପ୍ରହର ନାମଯଜ୍ଞ ଆଳତି, ସ୍ଥାନ: ଖଡିଆଳ ବ୍ଲକ ବେନ୍ଦ୍ରାବାହାଲ ଗାଁ, ସମୟ: ସକାଳ ୫ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଘୋଟସର ଗାଁ, ସମୟ: ସକାଳ ୮ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ରାଜବେଡ଼ା ପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁ ମାଝିପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୪୫।

## ବୌଦ୍ଧ

- ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ନବମ ସନ୍ଧ୍ୟା, ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବଣି ବ୍ଲକ ଛେପିଲିପାଳି, ସୁଗୁଡା, ବଳଣ୍ଡା, ଟାଇଁସର୍, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ଏମ୍‌ପି ହେମାମାଳିନୀଙ୍କ ନିର୍ବାଚନୀ ସଭା ଓ ପ୍ରଚାର, ସ୍ଥାନ: ବାରକୋଟ ବ୍ଲକ ଡଅଁରା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ: ପୌରାଞ୍ଚଳର ବିଭିନ୍ନ ୱାର୍ଡ, ସମୟ: ସନ୍ଧ୍ୟା ୬ରୁ ୮ଟା।

## ଝାରସୁଗୁଡ଼ା

- ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ, ସ୍ଥାନ: ଝାରସୁଗୁଡା ବ୍ଲକ ସ୍ଥିତ ତିଲାଇମାଲ ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଶେଷ ନିର୍ବାଚନ ପ୍ରଚାର, ସ୍ଥାନ: ଝାରସୁଗୁଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

# କାହାକୁ କହିବା କିଏ ଭଲ

## ପାଣି ପାଇଁ ଯାଉଛୁ କୋଶେ ବାଟ

ବରଗଡ଼ରୁ ଅନୀଲ ଦାସ

ବରଗଡ଼ରୁ ୧୦ କି.ମି. ଦୂରକୁ ଗଲେ ପଡ଼ିବ ଧାଙ୍ଗେର ଗ୍ରାମ। ରାସ୍ତାର କଡ଼େକଡ଼େ ଶୋଭାପାଉଛି ଧାନକ୍ଷେତ। ଅମଳ ସମୟ। ଚାଷୀ ଧାନ କାଟି ଖଳାକୁ ବୋହି ନେଉଛନ୍ତି। ସେହି ଗାଁରେ ପହଞ୍ଚି କେତେଜଣ ବୟସ୍କ, ଯୁବକ ଓ ମହିଳା ଭୋଟରଙ୍କୁ ଭେଟି ରାଜ୍ୟରେ ଚାଲିଥିବା ନିର୍ବାଚନ ପର୍ବ ବିଷୟରେ ପଚାରି ବୁଝିଲୁ। ଗତ ୫ ବର୍ଷରେ ନେତା ପୂରଣ କରିଥିବା ଓ ଅଧୁରା ରହିଥିବା କାମକୁ ନେଇ ଭିନ୍ନଭିନ୍ନ ମତ ଲୋକଙ୍କଠାରୁ ଶୁଣିବାକୁ ମିଳିଥିଲା। କେଉଁ ନେତା କ'ଣ ଆମ ପାଇଁ କରୁଛନ୍ତି, ଆମେ ଜାଣିପାରୁନୁ, ଖାଲି ଏତିକି ଜାଣୁ ରାଜ୍ୟରେ ଜଣେ ନେତା ନବୀନ ପଟ୍ଟନାୟକ ଓ ଶଙ୍ଖ। ଜାତୀୟସ୍ତରରେ ମୋଦି ଏବଂ ପଦ୍ମଫୁଲ। ଭୋଟ ଦେବା କଥା ଦୁଇ ଜଣଙ୍କୁ, ଦେଇଦେବୁ ବୋଲି ଭାବୁଛୁ। ଏଠାରେ କେଉଁ ଦଳରୁ କିଏ ପ୍ରାର୍ଥୀ ଅଛନ୍ତି, ସେ କଥା ଆମେ ଜାଣିନୁ। ଚିହ୍ନକୁ ଦେଖି ଯାହାକୁ ଭୋଟ ଦେବା କଥା ଦେବୁ। କାଳିଆ, ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା ଟଙ୍କା ଆମକୁ ମିଳୁଛି, ହେଲେ ଗାଁରେ ଧାନ ଠିକ୍ ଦରରେ ବିକି ପାରୁନୁ। କାହାକୁ କହିବା, କିଏ ଭଲ। ପିଇବା ପାଣି ଆଣିବାକୁ କୋଶେ ଦୂରକୁ ଯିବାକୁ ପଡୁଛି। ସ୍କୁଲରେ ଶିକ୍ଷକ ଏବଂ ହସ୍‌ପିଟାଲରେ ଡାକ୍ତର ନାହାନ୍ତି। ଏତକ ହୋଇଗଲେ ଟିକିଏ ଭଲ ହୁଅନ୍ତା। ନିର୍ବାଚନକୁ ନେଇ ଏଭଳି ପ୍ରତିକ୍ରିୟା ଭୋଟରଙ୍କ ମୁହଁରୁ ଶୁଣିବାକୁ ମିଳିଛି।



ନେହେରୁ ଷାଣ୍ଢ



ରାମନାରାୟଣ ଭୋଇ

ଧାଙ୍ଗେର ଗ୍ରାମର ୭୦ବର୍ଷିଆ ବରିଷ୍ଠ ଭୋଟର ନେହେରୁ ଷାଣ୍ଢ କହିଥିଲେ, ଆମେ ଖାଲି ୨ଟା ଚିହ୍ନ ଜାଣିଛୁ ଶଙ୍ଖ ଓ ପଦ୍ମ। ଗାଁରେ ବହୁତ କିଛି ଅସୁବିଧା ଅଛି, ସବୁ କ'ଣ କିଏ ପୂରଣ କରିପାରିବ ? ଧାନ ଅମଳ କରି କମ୍ ପଇସାରେ ବିକିବାକୁ ବାଧ୍ୟ ହେଉଛୁ। ସେତକ ଯଦି ଠିକ୍ ହୋଇଯାଆନ୍ତା, ତାହାହେଲେ ଆମେ ଟିକିଏ ଭଲରେ ଚଳନ୍ତୁ। କାଳିଆ, ପିଏମ୍ କିଷାନ ଟଙ୍କା ମିଳୁଛି। ଆଉ ଯାହା ଅସୁବିଧା ଅଛି, ସରକାର ତାକୁ ଯଦି କରିଦିଅନ୍ତେ ଭଲ ହୁଅନ୍ତା।

ଆଉ ଜଣେ ଭୋଟର ଅଲେଖ ଜାଲ କହିଛନ୍ତି ଯେ, କେଉଁ ନେତା ଭଲ ନୁହେଁ। ଖାଲି ପଇସା ଲୁଟୁଛନ୍ତି। ସମସ୍ତେ ସମାନ। କାହାକୁ କହିବା ଭଲ। ଭୋଟବେଳେ ଦେଖାମିଳୁଛି। ଏହାପରେ କାହାର ଦେଖାନାହିଁ। ଆମେ ନିତି କାମ କଲେ ପରିବାର ଚଳୁଛି। ଆମର ପସନ୍ଦ ଦେଖି ଭୋଟଦେବୁ।

ଗ୍ରାମର ବାସିନ୍ଦା ତଥା ଜିଲା ଯାଦବ ସମାଜର ସାଧାରଣ ସମ୍ପାଦକ ରାମନାରାୟଣ ଭୋଇ କହିଛନ୍ତି ଯେ, ଗାଁରେ ଅନେକ ସମସ୍ୟା ରହିଛି। ସ୍କୁଲରେ ଶିକ୍ଷକ ନାହାନ୍ତି। ରାଜ୍ୟ ସରକାର ବସୁଧା ଯୋଜନା କରିଛନ୍ତି। କେନ୍ଦ୍ର ସରକାର ଜଳ ଜୀବନ ମିଶନ ଯୋଜନା କରି ପାଣି ଦେଉଛୁ ବୋଲି କହୁଛନ୍ତି। ଟୋପାଏ ପାଣି ପାଇଁ ଗ୍ରାମର ମହିଳାମାନଙ୍କୁ ମାଇଲେ ବାଟ ଯିବାକୁ ପଡୁଛି। ଖାଲି ସେତିକି ନୁହେଁ, ଧାନର ମୂଲ୍ୟ ମିଳୁ ନାହିଁ। ଚାଷୀ ଦହଗଞ୍ଜ ହେଉଛନ୍ତି। ମାସମାସ ଧରି ମଣ୍ଡିରେ ଧାନ ପଡ଼ି ରହୁଛି। ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ରୋଗବୈରାଗ ହେଲେ ଭଗବାନଙ୍କ ଭରସାରେ ରହୁଛୁ।

# ସାଇକେଲରେ ଯାତ୍ରା କରି କେଦାରନାଥଙ୍କ ଦର୍ଶନ କଲେ ଦିବ୍ୟାଙ୍ଗ



ଗ୍ରାମବାସୀଙ୍କ ପକ୍ଷରୁ କମଳା କାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାଟଣା,୧୭।୫(ବୀର କିଶୋର ଦାଶ)

ଇଚ୍ଛା ଶକ୍ତି ଆଗରେ ସବୁ ହାର ମାନିଥାଏ। ମଣିଷ ଶାରୀରିକ ଭାବେ ଅକ୍ଷମ ହେଲେ ବି ମନୋବଳ ଦୃଢ଼ ଥିଲେ ସବୁ କିଛି ସମ୍ଭବ ବୋଲି ପ୍ରମାଣ କରି ଦେଖାଇଛନ୍ତି ଜଣେ ଦିବ୍ୟାଙ୍ଗ ଯୁବକ। ସାଇକେଲ ଯୋଗେ କେଦାରନାଥ ଯାତ୍ରା କରି ପ୍ରଭୁଙ୍କ ଦର୍ଶନ କରି ଗାଁକୁ ଫେରିଛନ୍ତି। ସେ ଫେରିବା ପରେ ଗ୍ରାମବାସୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ପଞ୍ଚାୟତ ଚେମେଣା ଗ୍ରାମର ଦନାର୍ଦ୍ଦନ ମହାନ୍ତଙ୍କ ପୁଅ କମଳା କାନ୍ତ ମହାନ୍ତ(୨୨) ୪୦ ପ୍ରତିଶତ ଦିବ୍ୟାଙ୍ଗ। କମଳାକାନ୍ତଙ୍କ ଡାହାଣ ହାତ ଜନ୍ମରୁ ପୋଲିଓରେ ଆକ୍ରାନ୍ତ। ସ୍ୱପ୍ନ ଥିଲା ସାଇକେଲରେ ଯାତ୍ରା କରି କେଦାରନାଥଙ୍କ ଦର୍ଶନ କରିବେ। ଏ ନେଇ ସେ ଗତ ମାର୍ଚ୍ଚ ୨୭ରେ ଚେମେଣାଠାରୁ ସାଇକେଲରେ ଯାତ୍ରା ଆରମ୍ଭ କରିଥିଲେ। ଦୀର୍ଘ ୨୧ଶହ କି.ମି.ର ଯାତ୍ରା କରିବା ପରେ ଉଖିମଠଠାରେ ପହଞ୍ଚିଥିଲେ। ସେଠାରୁ କେଦାରନାଥ ପର୍ଯ୍ୟନ୍ତ ୧୨୦ କି.ମି. ରାସ୍ତା ଡୋଲି ଯାତ୍ରାରେ ସାମିଲ ହୋଇ ଚାଲି ଚାଲି ଯାଇ ମେ ୯ ତାରିଖରେ କେଦାରନାଥରେ ପହଞ୍ଚିଥିଲେ। ୧୦ ତାରିଖରେ ଦର୍ଶନ କରି ୧୨ ତାରିଖରେ ଟ୍ରେନ୍ ଯୋଗେ ଟାଟାକୁ ଆସିଥିଲେ। ସେଠାରୁ ଯଶିପୁର ପର୍ଯ୍ୟନ୍ତ ବସରେ ଆସି ଯଶିପୁରଠାରୁ ସାଇକେଲ ଯୋଗେ ଆସି ଶୁକ୍ରବାର ଗ୍ରାମରେ ପହଞ୍ଚିଥିଲେ। ଏଭଳି କାର୍ଯ୍ୟକୁ ପ୍ରଶଂସା କରି ଗ୍ରାମବାସୀ ତାଙ୍କୁ ଗାଁ ମୁଣ୍ଡରୁ ବିରାଟ ପଚୁଆରେ ନେଇ ଗ୍ରାମ ପରିକ୍ରମା କରାଇଥିଲେ। ପରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକ, ସମ୍ମାନିତ ଅତିଥିଭାବରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିରେନ ପ୍ରସାଦ, ଅନୀଲ ଚାୱାଡ଼ା ଯୋଗଦେଇ ଯୁବକଙ୍କ ଅଦମ୍ୟ ସାହସକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରମେଶ ନାଏକ, ସାମାଜିକକର୍ମୀ ରବୀନ୍ଦ୍ର ମହାନ୍ତ, କେଶବ ମହାନ୍ତଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହୋଟେଲ ଭିତରୁ ପୋଲିସ କନ୍‌ଷ୍ଟେବଲଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

ବଲାଙ୍ଗୀର,୧୭।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ରେଲ୍‌ୱେ ଷ୍ଟେଶନ ନିକଟ ଏକ ହୋଟେଲ ରୁମ୍ ଭିତରୁ ହାତମୁହଁ ବନ୍ଧା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀର ପୋଲିସ ଟିମ୍ ଏ ସଂକ୍ରାନ୍ତରେ ଖବର ପାଇବା ପରେ ଛାନ୍‌ଭିନ୍ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତରୁ ମୃତବ୍ୟକ୍ତି ଜଣକ ସୋନପୁର ଜିଲା ରିଜର୍ଭ ପୋଲିସ କନ୍‌ଷ୍ଟେବଲ ଶଙ୍କରଭାନୁ ବେହେରା ବୋଲି ଜଣାପଡ଼ିଛି। ଗୁରୁବାର ସେ ସୋନପୁର ଜିଲା ଡୁଙ୍ଗୁରିପାଲି ନିକଟ ନିଜ ସିଆଲବାହାଲି ଗାଁରୁ ବଲାଙ୍ଗୀର ଯାଉଛି କହି ଆସିଥିବା ପରିବାର ଲୋକେ କହିଛନ୍ତି। ବଲାଙ୍ଗୀରର ଏହି ହୋଟେଲରେ ଶୁକ୍ରବାର ଏକ ମୃତଦେହ ପଡ଼ିଥିବା ହୋଟେଲ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହି ହୋଟେଲର ୩୧୨ ନମ୍ବର ରୁମ୍‌ଟି ଧାନବାଦ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ନାଁରେ ବୁକ୍ ହୋଇଥିଲା। ସେହି ରୁମ୍‌ରେ ଦୁଇଜଣ ବ୍ୟକ୍ତି ରହୁଥିଲେ। ସେହି ଦୁଇଜଣ କୁଆଡ଼େ ଫେରାର ହୋଇଯାଇଛନ୍ତି। ମୃତ ଶଙ୍କରଭାନୁଙ୍କ କାର୍‌ଟି ହୋଟେଲଠାରୁ ପ୍ରାୟ ୨ କିମି ଦୂର ଖୁଜେନପାଲି ରାସ୍ତାକଡ଼ରେ ଦୁର୍ଘଟଣାଗ୍ରସ୍ତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଛି। ଶଙ୍କରଭାନୁଙ୍କ ହାତଗୋଡ଼ ବନ୍ଧାଯାଇଥିବା ବେଳେ ମୁହଁରେ ସେଲୋଟେପ୍ ଲଗାଯାଇଥିବା ଦେଖାଯାଇଛି। କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି।

# ଠିକାଦାରଙ୍କ ଗାଡ଼ିରୁ ୮୫ ହଜାର ଟଙ୍କା ଜବତ

ଯାଜପୁର ଟାଉନ,୧୭।୫
(ପ୍ରଯକ୍ତା ପ୍ରୀୟଦର୍ଶନୀ ମହାନ୍ତି)

ଜଣେ ଠିକାଦାରଙ୍କ ଗାଡ଼ିରୁ ଶୁକ୍ରବାର ୮୫ ହଜାର ଟଙ୍କା ଜବତ କରିଛି ଫ୍ଲାଇଂ ସ୍କ୍ୱାଡ୍ ଟିମ୍। ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ମୋଟରଙ୍ଗାପାଳ ନିକଟରେ ଚେକିଂ ଚାଲୁଥିବା ବେଳେ ଏହି ଟଙ୍କା ଜବତ କରାଯାଇଛି। ଠିକାଦାର ନାରାୟଣ ବେହେରା ଆଖୁଆପଦା ଅଞ୍ଚଳରୁ ଆସୁଥିଲେ। ଫ୍ଲାଇଂ ସ୍କ୍ୱାଡ୍ ତାଙ୍କ ଗାଡ଼ ଯାଞ୍ଚ କରିବାକୁ ସେଥିରୁ ୮୫ ହଜାର ଟଙ୍କା ବାହାରିଥିଲା। ହେଲେ କୌଣସି ଦସ୍ତାବିଜ ଦେଖାଇ ନ ପାରିବାରୁ ଜବତ ଅର୍ଥ ରାଶିକୁ ଟ୍ରେଜେରିରେ ଜମା କରାଯାଇଥିବା ଏଫଏସଟି ମାଜିଷ୍ଟ୍ରେଟ୍ ପରେଶ ପଣ୍ଡା ସୂଚନା ଦେଇଛନ୍ତି।

# ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବାକୁ ଆସୁଥିଲେ: ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

ରାଉରକେଲା, ଲହୁଣୀପଡା,୧୭।୫
(ସଙ୍ଗୀତା ଜେନା/ ଦାଶରଥୀ ପଣ୍ଡା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ଚାନ୍ଦିପୋଷ ଥାନା ଅଞ୍ଚଳରେ ଶୁକ୍ରବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବାକୁ ଆସୁଥିବାବେଳେ ଦୁର୍ଘଟଣାରେ ଚାଲିଗଲା ୪ ଜଣଙ୍କ ଜୀବନ। ମୃତକମାନେ ହେଲେ ତପନ ଦାସ ମହାପାତ୍ର, ସରୋଜିନୀ ମହାପାତ୍ର, ଅମିତା ମହାନ୍ତି ଓ ଗଗନ ଚନ୍ଦ୍ର ମାହାଲି। ଏଥିସହ ୬ ଜଣ ଆହତ ହୋଇଛନ୍ତି। ଏନେଇ ଚାନ୍ଦିପୋଷ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ପରିଜନଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ବାଲେଶ୍ୱର ଭୋଗରାଇ ଅଞ୍ଚଳରୁ ୧୦ ଜଣ ବୋଲେରୋ ଯୋଗେ ରାଉରକେଲା ଆସୁଥିଲେ। ୧୪୩ ନଂ. ଜାତୀୟ ରାଜପଥ ଧାନଘରଠାରେ ଗାଡ଼ିଟି ଭାରସାମ୍ୟ ହରାଇ ପୋଲରେ ପିଟି ହୋଇଯାଇଥିଲା। ସମସ୍ତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ଜେପିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୪ ଜଣଙ୍କର ମୃତ୍ୟୁ ଘଟିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୁଃସ୍ଥାନସ୍ଥ କେତୁ ଯୁକ୍ତ ଶୁକ୍ର ବିଶେଷ ଭ୍ରମଣ ଓ ଖର୍ଚ୍ଚାନ୍ତ ହେତୁ ଅଶାନ୍ତ ରହିବେ। ପାରିବାରିକ ସମସ୍ୟା, ଯାନବାହନରେ କ୍ଷତିର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ବନ୍ଧୁମାନଙ୍କ ସଙ୍ଗଲାଭ, ପରାମର୍ଶ ଜନିତ କେତେକାଂଶରେ ମନକୁ ବୁଝାଇପାରନ୍ତି। ଲେଖାପଢ଼ା, ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମାଦି ଭିତରେ ଅଧିକାଂଶ ସମୟ କଟିପାରେ।

**ବୃଷ** ରାଶିରେ ଗୁର୍ବାଦିତ୍ୟ ଯୋଗ ପ୍ରଭାବରେ ଭଲମନ୍ଦର ମିଶ୍ରିତ ପ୍ରଭାବ ଅନୁଭବରେ ଆସିବ। ସମ୍ପର୍କୀୟଙ୍କ ଆଦରଣୀୟ ରହିବେ ଏବଂ ସାମୟିକ ଆଲୋଚନା ଅବସରରେ ସମସ୍ୟାର ସମାଧାନ କରିବେ। ସାଧାରଣ କଥାରେ ବିତର୍କ ହେତୁ ମନଟା ବିଗିଡ଼ିଯିବ। ବ୍ୟବସାୟ ଓ ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ।

**ମିଥୁନ** ଏକାଦଶସ୍ଥ ବୁଧ ଓ ଶୁକ୍ରଙ୍କ ସଂଯୋଗ ହେତୁ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ଘଟିବ। ପ୍ରତ୍ୟେକ କାମ ସମସ୍ୟାବହୁଳ ରହିବା ସହ ସମସ୍ୟା ଭିତରେ ଗତି କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବା ସାଙ୍ଗକୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବାରୁ ଖୁସି ରହିବେ। ପାରିବାରିକ ସମସ୍ୟା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ** ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ବନ୍ଧୁ ଓ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ହଡବଡ଼େଇ ଯାଇପାରନ୍ତି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବେ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭା ସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ବାଧା ଉପୁଜିବାର ଆଶଙ୍କା ରହିଛି।

**ସିଂହ** ରାଶ୍ୟାଧିପତି କର୍ମଭାବରେ ଶୁକ୍ରଙ୍କ ସହ ଅବସ୍ଥାନ କରି ବିଶିଷ୍ଟବ୍ୟକ୍ତିଙ୍କ ସୁନଜରରେ ଆସିପାରନ୍ତି। ରବି ପ୍ରଭାବଶାଳୀ ହୋଇ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପାଦିତ କରିବାରେ ସାହାଯ୍ୟ କରିବେ। ରାହୁ ପ୍ରଭାବରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା** ରାଶିର ଅଷ୍ଟମସ୍ଥ ବୁଧ ପ୍ରଭାବରେ ଆଶାଜନକ କାର୍ଯ୍ୟ ଓ ଜିନିଷପତ୍ର ପାଇବାରେ ସଫଳ ହେବେ। ବାରମ୍ବାର ପରିବାରର ବିଭିନ୍ନ ବ୍ୟତିକ୍ରମର ଚିନ୍ତା ମନକୁ ଆନ୍ଦୋଳିତ କରିବ। ସହକର୍ମୀ ଓ ପଡ଼ୋଶୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବୃଦ୍ଧି କରିପାରେ। ରାଜନୈତିକ, ସାମାଜିକ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା** ଶୁକ୍ରଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ ଠିକ୍ ରହିବ କିନ୍ତୁ କାମଗୁଡ଼ିକ ଡେରିରେ ହେଉଥିବାରୁ ମନ ଭଲ ରହିବ ନାହିଁ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜ ଲୋକମାନଙ୍କ ଚକ୍ଷୁଶୂଳ ହେବାକୁ ପଡ଼ିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅର୍ଥ ସଂକଟ ପୂର୍ବପରି ଲାଗି ରହିବା କାରଣରୁ କେତେକ କାମ ଅଟକି ରହିବ।

**ବିଛା** କର୍ମାଧିପତିଙ୍କ ସହିତ ଗୁରୁଙ୍କ ଦୃଷ୍ଟି ରାଶିପ୍ରତି ରହୁଥିବାରୁ ଅଭିଳାଷ ପୂରଣ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଶାସନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅଜଣା ବ୍ୟକ୍ତିଙ୍କ ପ୍ରତି ସତର୍କ ନ ରହିଲେ ସମସ୍ୟାର ସମ୍ମୁଖୀନ ହେବେ। ପରିବାରରେ ଛୋଟମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତ ହୋଇପାରନ୍ତି।

**ଧନୁ** ଷଷ୍ଠଭାଗସ୍ଥ ବୃହସ୍ପତି ଅଷ୍ଟମାଧିପତିଙ୍କ ଭାଗ୍ୟସ୍ଥ ହେତୁ ସମସ୍ୟା ମଧ୍ୟରେ କାମ ହାସଲ କରିବେ। ପାରିବାରିକ ଦିଗଟି କେତେକାଂଶରେ ଭଲ ରହିଲେ ମଧ୍ୟ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମନସ୍ତାପର କାରଣ ହେବ। ଶିଳ୍ପ, ବ୍ୟବସାୟ, ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ।

**ମକର** ଶନିଙ୍କ ଦୃଷ୍ଟିରେ ବୁଧ ଓ ଶୁକ୍ର ଥିବାରୁ ଭୁଲ୍ ବୁଝାମଣା ମଧ୍ୟରେ ଜୀବନଚର୍ଯ୍ୟା ଗତିଶୀଳ ହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ ଏବଂ ପ୍ରିୟବନ୍ଧୁଙ୍କ ସହ ସମ୍ପର୍କରେ ତିକ୍ତତା ମାନସିକ ଅଶାନ୍ତି ଆଣିପାରେ। ସରକାରୀ ସ୍ତରରୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**କୁମ୍ଭ** ସ୍ୱଗୃହୀ ଶନି ପ୍ରଭାବରେ କର୍ମକ୍ଷେତ୍ର, ପରିବାର, ଯାନବାହନ ଏବଂ ବନ୍ଧୁ ସମ୍ପର୍କ ଦୃଢ଼ୀଭୂତ ହେବ। ନିର୍ମାଣ, ପ୍ରଶାସନ, ଆଇନ, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟାକୁ ପ୍ରତିହତ କରିପାରିବେ। ଘଟଣାଚକ୍ରରେ ପଡ଼ି ମିଥ୍ୟା କହିବାକୁ ବାଧ୍ୟ ହେବେ ଓ ସମାଲୋଚିତ ହୋଇପାରନ୍ତି।

**ମୀନ** ସୁଖଭାବସ୍ଥ ବୁଧ ଓ ଶୁକ୍ର ହେତୁ ଆକର୍ଷଣୀୟ ମନଲୋଭା ପ୍ରତିଶ୍ରୁତି ଦେଇ ବନ୍ଧୁମାନଙ୍କୁ ମନେଇ ରଖିପାରିବେ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ପରାମର୍ଶରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଇନ, ପ୍ରଶାସନ ଓ ନିର୍ମାଣ କ୍ଷେତ୍ରରେ ସଫଳତା ପାଇବେ।

ଆଜି ମେ ୧୮ ତାରିଖ, ବିଶ୍ୱ ସଂଗ୍ରହାଳୟ ଦିବସ, ବୈଶାଖ ଶୁକ୍ଳ ଦଶମୀ ଯୁକ୍ତ ଏକାଦଶୀ, ଶନିବାର, ରାଶିନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୫ ମି. ଗତେ ଘ.୧୨।୦୯ ମଧ୍ୟେ, ଘ୦୨।୫୮ ଗତେ ଘ.୦୩।୩୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୮ମି ଗତେ ଘ.୧୦।୦୫ ମି. ମଧ୍ୟେ ରାହୁ କାଳ।

# ଧରିତ୍ରୀ
DHARITRI









# ବାରିପଦାରେ କଲରାପତରିଆ

## ଟ୍ରାଙ୍କୁଲାଇଜ୍ ଦ୍ୱାରା କାବୁକଲା ବନ ବିଭାଗ

**ବାରିପଦା, ୧୭।୫**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ବୁଢ଼ିଖମାରୀଠାରେ ଆତଙ୍କ ଖେଳାଇଥିବା ଏକ କଲରାପତରିଆ ବାଘକୁ ବନ ବିଭାଗ କାବୁ କରିଛି। ଟ୍ରାଙ୍କୁଲାଇଜ୍ ଦ୍ୱାରା ନିଶ୍ଚେତ ହେବା ପରେ ବିଭାଗୀୟ କର୍ମଚାରୀ ଯନ୍ତାରେ ପୂରାଇ ବାଘକୁ ନେଇଯାଇଥିଲେ। ସ୍ୱାଭାବିକ ଅବସ୍ଥାକୁ ଆସିବା ପରେ କଲରାପତରିଆକୁ ଘଞ୍ଚ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ପିସିସିଏଫ୍ ସୁଶାନ୍ତ ନନ୍ଦ ଟୁଇଟ୍(ଏକ୍ସ) ଯୋଗେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବାଘ ଧରାପଡ଼ିବା ପରେ ଆତଙ୍କିତ ସହର ବାସିନ୍ଦା ଆଶ୍ୱସ୍ତି ଲାଭ କରିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳୁ ଜଣେ ବ୍ୟକ୍ତି ତାଙ୍କ ପିଲାକୁ ଟ୍ୟୁଶନ ଛାଡ଼ିବାକୁ ଯାଉଥିବା ବେଳେ ବାଘକୁ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସମସ୍ତେ ଭୟଭୀତ ଥିବା ସୂଚନା ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ବାଘକୁ ଖୋଜିଥିଲେ। ବାଘଟି ଏକ ଅଟା ଫ୍ୟାକ୍ଟ୍ରି ଗୋଦାମ ଘରେ ପଶିଯାଇଥିବାରୁ ତାକୁ ଧରିବା ପାଇଁ ଜାଲ ଓ ଯନ୍ତା ଖଞ୍ଜାଯାଇଥିଲା। ପରେ ଟ୍ରାଙ୍କୁଲାଇଜ୍ ଦ୍ୱାରା ବାଘକୁ କାବୁ କରାଯାଇଥିଲା। ବାଘକୁ ଦେଖିବା ପାଇଁ ଦେଖଣାହାରିଙ୍କ ଭିଡ଼ ଜମିଥିଲା।



ଆତଙ୍କ ସୃଷ୍ଟି କରିଥିବା କଲରାପତରିଆ ବାଘ।

ତେବେ ଜଙ୍ଗଲରେ ମହାବଳ ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଲେ କଲରାପତରିଆ ବାଘଗୁଡ଼ିକ କୋର ଏରିଆରୁ ବାହାରି ଆସିଥାନ୍ତି। ଏହା ଶିମିଳିପାଳ ପାଇଁ ଶୁଭ ସଂକେତ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଥିବା ବେଳେ ଶିକାରୀ ଭୟରେ ବାଘ ଜନବସତିମୁହାଁ ହେଉଥିବା କୁହାଯାଉଛି।

# ଉପକାରାଗାରର କଏଦୀଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା, ୧୭।୫(ଜଗନ୍ନାଥ ଧଳ)**

ଡେରାବିଶ ବ୍ଲକ କେନ୍ଦ୍ରାପଡ଼ା ଜିଲା ଉପକାରାଗାରରେ ଗୁରୁବାର ବିଳମ୍ବିତ ରାତିରେ କଏଦୀ ରଞ୍ଜନ ମଲ୍ଲିକଙ୍କ ମୃତ୍ୟୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଥିବା ରାତି ୧ଟାରେ ଘୋଷଣା କରାଯାଇଛି। ରଞ୍ଜନଙ୍କ ଘର ରାଜକନିକା ଥାନା ବରୁଣାଡିହ ଗ୍ରାମରେ। ଶ୍ୱଶୁର ଘର ପଟ୍ଟାମୁଣ୍ଡାଇ ଥାନା ମାଳିପୁରରେ ରହି ବ୍ୟବସାୟ କରୁଥିଲେ। ମାର୍ଚ୍ଚମାସରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଥିଲେ। ମୃତ୍ୟୁ ସମ୍ପର୍କରେ ଜେଲର ଶଶିକାନ୍ତ ମହାଳିକଙ୍କୁ ପଚାରିବାରେ ରାତିରେ ରଞ୍ଜନଙ୍କର ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ସ୍ତ୍ରୀ ଗେହ୍ଲେଇ କହିଛନ୍ତି, ଗତ ବୁଧବାର ସ୍ୱାମୀ ରଞ୍ଜନଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଥିଲେ। ଜେଲରେ ତାଙ୍କୁ ମାଡ଼ ମାରି ଅଥବା ଅନ୍ୟ କୌଣସି କାରଣରୁ ମାରିଦେଇଛନ୍ତି। ଏ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସଦର ଥାନାରେ ଅଭିଯୋଗ ପତ୍ର ଦେଇଛନ୍ତି। ଏ ନେଇ ଆଇଆଇସି ସରୋଜକାନ୍ତ ସାହୁଙ୍କୁ ପଚାରିବାରେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆସିଥିବା ଲିଖିତପତ୍ର ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରଞ୍ଜନଙ୍କ ସ୍ତ୍ରୀ ଗେହ୍ଲେଇଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ମାମଲାର ପ୍ରାଥମିକ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।






# ବଟର ଚିକେନ୍ ଉଦ୍ଭାବକ କିଏ

## ମୋତି ମହଲ-ଦରିୟାଗଞ୍ଜ ଆଇନଗତ ଲଢ଼େଇ

**ବିଶ୍ୱରେ ଖ୍ୟାତି ଲାଭ କରିଥିବା ଭାରତର ସୁସ୍ୱାଦୁ ବ୍ୟଞ୍ଜନ 'ବଟର ଚିକେନ୍'ର ଉଦ୍ଭାବକ କିଏ। ଏହାକୁ ପ୍ରଥମେ କିଏ ପ୍ରସ୍ତୁତ କରିଥିଲେ। ଏହି ପ୍ରଶ୍ନକୁ ନେଇ ଦେଶର ଦୁଇଟି ଲୋକପ୍ରିୟ ରେଷ୍ଟୁରାଣ୍ଟ ଚେନ୍ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭଳି ବ୍ୟକ୍ତିଙ୍କୁ ଆତିଥ୍ୟ ପ୍ରଦାନ କରିଥିବା ଦିଲ୍ଲୀର ଲୋକପ୍ରିୟ ରେଷ୍ଟୁରାଣ୍ଟ ବ୍ରାଣ୍ଡ 'ମୋତି ମହଲ' ବଟର ଚିକେନ୍ ଉପରେ ସ୍ୱତ୍ୱାଧିକାର ଜାହିର କରିଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ 'ଦରିୟାଗଞ୍ଜ' ନିଜକୁ ଏହାର ଆଦ୍ୟ ଉଦ୍ଭାବକ ବୋଲି କହିଛି। ଦୁଇ ବ୍ରାଣ୍ଡ ମଧ୍ୟରେ ଆଇନଗତ ଲଢ଼େଇ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛି। ଉଭୟ ପକ୍ଷ ନିଜ ନିଜ ସପକ୍ଷରେ ଫଟୋ ଓ ଭିଡିଓ ପ୍ରମାଣ ଅଦାଲତରେ ଦାଖଲ କରିଛନ୍ତି। ହାଇକୋର୍ଟ ମେ' ୨୯ରେ ଏହା ଉପରେ ନିଷ୍ପତ୍ତି ନେଇପାରନ୍ତି। ଏହି ପ୍ରସଙ୍ଗ ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।**

**ନୂଆଦିଲ୍ଲୀ, ୧୭।୫**

ବଟର ଚିକେନ୍ ହେଉଛି ତନ୍ଦୁରରେ ରନ୍ଧାଯାଉଥିବା ଚିକେନ୍ ପିସ୍‌ଗୁଡ଼ିକୁ ଟମାଟୋ, କ୍ରିମ୍ ଓ ବଟର ସହ ମିଶ୍ରଣ କରି ପ୍ରସ୍ତୁତ କରାଯାଉଥିବା ଏକ ବ୍ୟଞ୍ଜନ। ଏହାକୁ 'ଟେଷ୍ଟ ଆଟଲାସ୍' ବିଶ୍ୱର ସର୍ବୋତ୍ତମ ଡିସ୍ ତାଲିକାର ୪୩ତମ ସ୍ଥାନରେ ରଖିଛି। ପ୍ରାୟ ୪ ଲକ୍ଷ ୟୁଜର୍ସ ଏହାକୁ ରେଟ୍ କରିଛନ୍ତି। ବଟର ଗାର୍ଲିକ୍ ନାନ୍ ବ୍ରେଡ୍ ପରେ ଭାରତୀୟ ଖାଦ୍ୟଗୁଡ଼ିକ ମଧ୍ୟରେ ଏହାର ର୍‍ୟାଙ୍କ ହେଉଛି ଦ୍ୱିତୀୟ। ରେଷ୍ଟୁରାଣ୍ଟ ଚେନ୍ ମୋତି ମହଲ ଦାବି କରିଛି ଯେ, ୧୯୩୦ ଦଶକରେ ପାକିସ୍ତାନର ପେଶାୱରରେ ରେଷ୍ଟୁରାଣ୍ଟ ପ୍ରତିଷ୍ଠାତା ଲାଲ ଗୁଜରାଲ ପ୍ରଥମେ ଏହି ଚିକେନ୍ ତରକାରି ପ୍ରସ୍ତୁତ କରିଥିଲେ। ପରେ ସେ ଦିଲ୍ଲୀକୁ ଚାଲିଆସିଥିଲେ। ଗୁଜରାଲ ପରିବାର ୨,୭୫୨ ପୃଷ୍ଠା ସମ୍ବଳିତ ନିଜ ଆବେଦନରେ ପ୍ରତିଦ୍ୱନ୍ଦ୍ୱୀ ଚେନ୍ ଦରିୟାଗଞ୍ଜକୁ ଅଭିଯୁକ୍ତ ଦର୍ଶାଇଛି। ଦରିୟାଗଞ୍ଜ ମିଛରେ ନିଜକୁ ବଟର ଚିକେନ୍‌ର ଉଦ୍ଭାବକ ବୋଲି ଦାବି କରୁଛି। ସେହିପରି ଡାଲ ମଖାନିକୁ ମଧ୍ୟ ନିଜର ଉତ୍ପାଦ ବୋଲି କହୁଛି। ମୋତି ମହଲ ୱେବ୍‌ସାଇଟ୍‌ରୁ ଏହି ବ୍ୟଞ୍ଜନଗୁଡ଼ିକର ନକଲ କରି ବିକ୍ରି କରୁଛି। ତେଣୁ ଦରିୟାଗଞ୍ଜଠାରୁ ଗୁଜରାଲ ପରିବାର ୨୪୦,୦୦୦ ଆମେରିକୀୟ ଡଲାର କ୍ଷତିପୂରଣ ଦାବି କରିଛି। ମୋତି ମହଲ ପରିଚାଳନା ନିର୍ଦ୍ଦେଶକ ମନୀଷ ଗୁଜରାଲ କହିଛନ୍ତି, କାହାର ଲିଗାସିକୁ ଅନ୍ୟ କେହି ଛଡ଼ାଇ ନେଇପାରିବେ ନାହିଁ। ପାକିସ୍ତାନରେ ମୋ' ଜେଜେବାପା ରହୁଥିବାବେଳେ ବଟର ଚିକେନ୍ ଉଦ୍ଭାବନ କରିଥିଲେ। ଅନ୍ୟପକ୍ଷେ ୨୦୧୯ରେ ଦିଲ୍ଲୀରେ ପ୍ରତିଷ୍ଠିତ ଦରିୟାଗଞ୍ଜ ଏହି ଅଭିଯୋଗକୁ ଖଣ୍ଡନ କରିଛି। ଦରିୟାଗଞ୍ଜର ପୂର୍ବତନ ମାଲିକ ସ୍ୱର୍ଗତ କୁନ୍ଦନ ଲାଲ ଜଗ୍ଗି ୧୯୪୭ରେ ଦିଲ୍ଲୀରେ ଗୁଜରାଲଙ୍କ ସହ ମିଶି ପାର୍ଟନରଶିପ୍‌ରେ ରେଷ୍ଟୁରାଣ୍ଟ ନିର୍ମାଣ କରିଥିଲେ। ସେହି ରେଷ୍ଟୁରାଣ୍ଟରେ ଏହି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିବାରୁ ଏହାର ସ୍ୱତ୍ୱାଧିକାର ନିଜ ପାଖରେ ଥିବା ଦରିୟାଗଞ୍ଜ ଦାବି କରିଛି। ଗତ ଜାନୁଆରୀରେ ସହଭାଗିତା ଦାବି ସପକ୍ଷରେ ଦରିୟାଗଞ୍ଜ ୧୯୪୯ରେ ପଞ୍ଜୀକୃତ ଏକ ହାତଲେଖା ପାର୍ଟନରଶିପ୍ ଦସ୍ତାବିଜ ହାଇକୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ ଦରିୟାଗଞ୍ଜ ୬୪୨ ପୃଷ୍ଠା ସମ୍ବଳିତ ଦସ୍ତାବିଜ ଅଦାଲତରେ ଦାଖଲ କରିଛି। ୧୯୩୦ ଦଶକରେ ଉଠାଯାଇଥିବା କେତେକ କଳାଧଳା ଫଟୋରେ ପେଶାୱରରେ ଦୁଇ ବନ୍ଧୁ ଥିବା ଏଥିରେ ଦେଖିବାକୁ ମିଳିଛି। ମୋତି ମହଲର ଦାବି କୋର୍ଟଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ଦରିୟାଗଞ୍ଜ ଏଥିରେ ଯୁକ୍ତି ବାଢ଼ିଛି। ପ୍ରକାଶ ଯେ, ୧୯୯୭ରେ ଗୁଜରାଲ ଏବଂ ୨୦୧୮ରେ ଜଗ୍ଗିଙ୍କ ପରଲୋକ ହୋଇସାରିଛି। ତେଣୁ ଆସନ୍ତା ୨୯ ତାରିଖରେ ଦିଲ୍ଲୀ ହାଇକୋର୍ଟ ନେବାକୁ ଥିବା ନିଷ୍ପତ୍ତି ଅପେକ୍ଷାରେ ଭାରତ ସମେତ ଅନେକ ଦେଶର ଖାଦ୍ୟପ୍ରେମୀ।



# ଭାଜପା କର୍ମୀଙ୍କୁ ହତ୍ୟା ମାମଲା: ତଦନ୍ତ ପାଇଁ ଏସ୍ଆଇଟି ଗଠନ

**ଭୁବନେଶ୍ୱର, ୧୭।୫**
**(ସତ୍ୟଜିତ୍ ରାଉତ)**

ଗଞ୍ଜାମ ଜିଲା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ସଂଘଟିତ ରାଜନୈତିକ ହିଂସା ଓ ଭାଜପା କର୍ମୀ ଦିଲୀପ ପାହାନ ହତ୍ୟା ମାମଲାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହି ଘଟଣାକୁ ଶୁକ୍ରବାର ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇବେଳେ ଗଞ୍ଜାମ ପୋଲିସ ସମ୍ପୃକ୍ତ ୯ଜଣଙ୍କୁ ଗିରଫ କରିଛି। ତେବେ ଏହି ଘଟଣାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଲାଗିରହିଥିବା ବେଳେ ମୃତ ଦିଲୀପଙ୍କ ପରିବାର ଲୋକେ ନ୍ୟାୟ ଦାବିରେ ଅଡ଼ି ବସିଛନ୍ତି। ଏଭଳି ସ୍ଥିତିରେ ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ପୋଲିସ ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍ଆଇଟି) ଗଠନ କରାଯାଇଛି। ପୋଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏସ୍ଆଇଟି ପୂରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବ। ଏହାସହ ଅଭିଯୁକ୍ତମାନଙ୍କ ବିରୋଧରେ ଉପଯୁକ୍ତ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯିବ। ହତ୍ୟା ମାମଲାର ଶୀଘ୍ର ବିଚାର କରାଯିବା ପାଇଁ ୩୦ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସ୍ଆଇଟି ଆବଶ୍ୟକ ସମୟରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜିଙ୍କୁ ମାମଲା ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିବ। ଅନ୍ୟପକ୍ଷରେ ପ୍ରାକ୍ ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ଅତିରିକ୍ତ ପୋଲିସ ଡିଜି (ମୁଖ୍ୟାଳୟ) ରାଧା କିଶନ ଶର୍ମା ଛତ୍ରପୁରରେ କ୍ୟାମ୍ପ କରି ଗଞ୍ଜାମ ଜିଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିବେ। ଏଥିପାଇଁ ରାଧା କିଶନ ମେ' ୧୭ରୁ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଛତ୍ରପୁରରେ ରହିବେ ବୋଲି ରାଜ୍ୟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଜେଡିକୁ ନ ଫେରିବାରୁ ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି: ସାବିତ୍ରୀ

**ଖଲ୍ଲିକୋଟ, ୧୭।୫**
**(ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ବୁଧବାର ରାତିରେ ପୋଷ୍ଟର ମାରିବାକୁ କେନ୍ଦ୍ରକରି ଭାଜପା କର୍ମୀ ଦିଲୀପ ପାହାନଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ପାଇଁ ବିଧାୟିକାଙ୍କ ସ୍ୱାମୀଙ୍କୁ ଦାୟୀ କରିଛନ୍ତି ଦିଲୀପଙ୍କ ପରିବାର ଲୋକେ। ଦିଲୀପ ବିଜେଡିକୁ ନ ଫେରିବାରୁ ତାଙ୍କୁ ହତ୍ୟା ☞ପୃଷ୍ଠା-୧୧

ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ବିଶ୍ୱ ଭବିଷ୍ୟତ ପ୍ରତି ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା



# ପୁରୁଣା ଆଇନର ନବୀକରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ୱାଧୀନତା ପୂର୍ବର ଅନେକ ଆଇନର ନବୀକରଣ ଲାଗି କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଏମ୍‌ଏଚ୍‌ଏ) ଏସବୁ ଆଇନର ଆଧୁନିକୀକରଣ ଓ ବ୍ୟବସ୍ଥିତ କରିବାର ପ୍ରସ୍ତାବ ଉପରେ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ ମହାନିର୍ଦ୍ଦେଶକଙ୍କଠାରୁ ସକ୍ରିୟ ଭାବରେ ତଥ୍ୟ ଚାହୁଁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପୁରାତନ ଆଇନ ଯଥା- ବିଦେଶୀ ପଞ୍ଜୀକରଣ ଆଇନ, ଅଫିସିଆଲ ସିକ୍ରେଟ୍ସ ଆକ୍ଟ ଏବଂ ବିସ୍ଫୋରକ ପଦାର୍ଥ ଅଧିନିୟମର ନବୀକରଣ କରିବାକୁ ଲକ୍ଷ୍ୟ ରଖିଛି ଏମ୍‌ଏଚ୍‌ଏ। ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ସରକାରଙ୍କ ପ୍ରାରମ୍ଭିକ ୧୦୦ ଦିନ ପାଇଁ ସଂସ୍କାର ଯୋଜନା ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ସଚିବମାନଙ୍କୁ ନିର୍ଦ୍ଦେଶ ଦେବା ପରେ ଏହି ପଦକ୍ଷେପ ତ୍ୱରାନ୍ୱିତ ହୋଇଛି। ସୂଚନାନୁସାରେ, ରେଜିଷ୍ଟ୍ରେଶନ ଅଫ୍ ଫରେନର୍ସ ଆକ୍ଟ, ପାସ୍‌ପୋର୍ଟ ଆକ୍ଟ ଏବଂ ଫରେନର୍ସ ଆକ୍ଟକୁ ମିଶାଇ ଗୋଟିଏ ଆଇନ କରିବାର ଏକ ପ୍ରସ୍ତବ ରହିଛି, ଯାହା ସାମୟିକ ଭାବରେ ଇମିଗ୍ରେଶନ ଏବଂ ଫରେନର୍ସ ବିଲ୍ ନାମରେ ନାମିତ । ଗୁପ୍ତଚର ତଥା ସମ୍ବେଦନଶୀଳ ତଥ୍ୟର ଅନଧିକୃତ ପରିଚାଳନା ଉପରେ ଓଏସ୍‌ଏ କାର୍ଯ୍ୟକରେ। ଏହା ଇଣ୍ଟେଲିଜେନ୍ସ ବ୍ୟୁରୋ, ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସମେତ ପ୍ରମୁଖ ଗୁପ୍ତଚର ତଥା ପ୍ରତିରକ୍ଷା ଏଜେନ୍ସିର ତଥ୍ୟ ଆଧାରରେ ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରାଯାଇଛି। ବିସ୍ଫୋରକ ପଦାର୍ଥ ସମ୍ବନ୍ଧୀୟ ଦୁଇଟି ଆଇନକୁ ମିଶ୍ରଣ କରିବାକୁ ଏମ୍‌ଏଚ୍‌ଏ ଲକ୍ଷ୍ୟ ରଖିଛି। ତେବେ ଏହି ଆଇନ ଉପରେ ଆଧାରିତ ଏକ ନୂତନ ପୋଲିସ ଆକ୍ଟ ସମେତ ରାଜ୍ୟ ଅଧୀନରେ ଥିବା ଆଇନଗୁଡ଼ିକର ନବୀକରଣକୁ ନେଇ ମନ୍ତ୍ରଣାଳୟ ମତାମତ ଲୋଡ଼ିଛି।

### ହଟିଲେ ସଚିବ

ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବାବୁମାନେ ଏକ ବିଦାୟ ଭୋଜି ଆୟୋଜନ କରିବେ ନା ଚୁପ୍‌ଚାପ୍ ସହକର୍ମୀଙ୍କୁ ବିଦାୟ ଦେବେ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଲେ। ଶେଷରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ବରିଷ୍ଠ ଯୁଗ୍ମ ସଚିବ ସୁନୀଲ କୁମାରଙ୍କ କେନ୍ଦ୍ରୀୟ ଡେପୁଟେଶନ କାର୍ଯ୍ୟକାଳ ଶେଷହେବା ନେଇ ରହିଥିବା ଅନିଶ୍ଚିତତା ଚୂଡ଼ାନ୍ତ ରିଲିଭିଂ ଅର୍ଡରରେ ଶେଷ ହୋଇଥିଲା। ତାଙ୍କ କାର୍ଯ୍ୟକାଳ ବଢ଼ାଇବା ପାଇଁ ମନ୍ତ୍ରଣାଳୟର ଉଦ୍ୟମ ସତ୍ତ୍ୱେ କୁମାର ତାଙ୍କ କାର୍ଯ୍ୟରୁ ମୁକ୍ତ ହୋଇଥିଲେ। ପ୍ରାରମ୍ଭରେ ୨ ବର୍ଷ ସମ୍ପ୍ରସାରଣ ପାଇଁ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଥିଲେ ବି ଏହାକୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପ୍ରତ୍ୟାଖ୍ୟାନ କରିଥିଲା । ସୂତ୍ରରୁ ପ୍ରକାଶ ଯେ, କୁମାରଙ୍କ ସରଳତା ଏବଂ ନମ୍ରତା ଯୋଗୁ ମନ୍ତ୍ରଣାଳୟରେ ତାଙ୍କର ବହୁ ପ୍ରଶଂସକ ରହିଥଲେ। ତାଙ୍କ ସାଥୀ ଏବଂ ସହକର୍ମୀମାନଙ୍କ ପାଇଁ ସେ ଏତେ ସ୍ୱତନ୍ତ୍ର ହେବାର କାରଣ ହେଲା, ସେ ପ୍ରତିକୂଳ ଓ ଅନୁକୂଳ ଏବଂ ଏହା ମଝିରେ ଥିବା ପ୍ରତ୍ୟେକ ବିଷୟରେ ଦକ୍ଷ ଥିଲେ । ସେ ପ୍ରତିକୂଳ ଅନୁସନ୍ଧାନ ଏବଂ ଉତ୍ପାଦନ ସମ୍ବନ୍ଧୀୟ ବିଷୟ, ପେଟ୍ରୋକେମିକାଲ୍ସ, ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ଦ୍ରବ୍ୟର ଆମଦାନୀ ଓ ରପ୍ତାନି, ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ଜୈବ ଇନ୍ଧନ, ସବୁଜ ହାଇଡ୍ରୋଜେନ୍ ଓ ଅକ୍ଷୟ ଶକ୍ତି ଇତ୍ୟାଦି ଉପରେ ଗୁରୁତ୍ୱ ଦେଉଥିଲେ। କିନ୍ତୁ ଅତ୍ୟଧିକ ଉତ୍ସର୍ଗୀକୃତ ତଥା ଲୋକପ୍ରିୟ ବାବୁଙ୍କର କିଛି ମୂଲ୍ୟ ରହେ ନାହିଁ, ସେଥିପାଇଁ କୁମାରଙ୍କୁ ଶେଷରେ ବିଦାୟ ନେବାକୁ ପଡ଼ିଲା।

### ଡାକ୍ତର–ବାବୁ ବିବାଦ

କେରଳର ବାବୁ ପରିସରରେ ଅଧିକ ଉତ୍ତେଜନା ରହିଛି। ନିକଟରେ ଘଟିଥିବା ଏକ ଘଟଣା ପ୍ରଶାସନିକ ପ୍ରାଧିକରଣ ଏବଂ ମେଡିକାଲ ଗାଇଡ୍‌ଲାଇନ ମଧ୍ୟରେ ଥିବା ଜଟିଳ ସନ୍ତୁଳନକୁ ସାମ୍ନାକୁ ଆଣିଛି। ଡାକ୍ତରଙ୍କ ଆନ୍ଦୋଳନର ଏକ ସମାଧାନ ବାଟ ବାହାର କରିବା ଲାଗି ମୁଖ୍ୟ ସଚିବ ଡ. ଭି. ବେଣୁଙ୍କୁ ଆଇଏଏସ୍ ସଂଘ ଡାକିଥିଲା। ଥିରୁଭାନନ୍ତପୁରମ ଜିଲା କଲେକ୍ଟର ଜେରୋମିକ୍ ଜର୍ଜଙ୍କ କାର୍ଯ୍ୟକଳାପକୁ କେନ୍ଦ୍ର କରି ଡାକ୍ତରମାନେ ଏହି ଆନ୍ଦୋଳନ କରିଥିଲେ। ୨୦୧୫ ବ୍ୟାଚ୍ ଏହି ଆଇଏଏସ୍ ଅଧିକାରୀ ଯେତେବେଳେ ତାଙ୍କ ନଖ ସଂକ୍ରମଣର ଚିକିତ୍ସା ପାଇଁ ଜଣେ ଡାକ୍ତରଙ୍କୁ ଡାକିଥିଲେ ସେତେବେଳେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସୂତ୍ରରୁ ସ୍ପଷ୍ଟ ଯେ କଲେକ୍ଟରଙ୍କ ଘରେ ଡାକ୍ତର ୧ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା ଏବଂ ସଂକ୍ରମଣର ଚିକିତ୍ସା ପରେ ଡାକ୍ତର ଜଣକ ହସ୍ପିଟାଲକୁ ଫେରିଥିଲେ। ସମ୍ପୂର୍ଣ୍ଣ ଘଟଣା ପ୍ରଶାସନିକ ଅଧିକାରର ଅପବ୍ୟବହାର ଉପରେ ଗମ୍ଭୀର ପ୍ରଶ୍ନ ଉଠାଇବା ସହ ଡାକ୍ତରଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା। ଆଇଏଏସ୍ ଆସୋସିଏସନ ସିଭିଲ ସର୍ଭିସ୍ ନିୟମକୁ ଦର୍ଶାଇ କଲେକ୍ଟରଙ୍କୁ ରକ୍ଷା କରିଥିଲା। ଏହି ନିୟମ ଡାକ୍ତରୀ ପରୀକ୍ଷା ପାଇଁ ସରକାରୀ କର୍ମଚାରୀଙ୍କ ଘରକୁ ଯାଇ ଦେଖାକରିବା, ମେଡିକାଲ ଅଧିକାରୀ ଚିକିତ୍ସା ସମୟ ଓ ଦେୟ ସ୍ଥିର କରିବାକୁ ଅନୁମତି ଦେଇଥାଏ। କଲେକ୍ଟରଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ସାର୍ବଜନୀନ କରିବାରେ ମେଡିକାଲ ଗାଇଡ୍‌ଲାଇନ ଉଲ୍ଲଂଘନକୁ ବାବୁମାନେ ନିନ୍ଦା କରିଛନ୍ତି। ଅପରପାର୍ଶ୍ୱରେ ଏହି ପ୍ରକାର ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ସ୍ୱାସ୍ଥ୍ୟ ସଚିବ କଲେକ୍ଟରଙ୍କ ସହ କଥା ହୋଇଥିଲେ ବୋଲି ରାଜ୍ୟ ମେଡିକାଲ ଅଫିସର୍ସ ଆସୋସିଏସନ ରିପୋର୍ଟ କରିଥିଲା । ତେବେ ବିବାଦ ବଢ଼ିବାରୁ ମୁଖ୍ୟ ସଚିବ ବେଣୁ କହିଛନ୍ତି , ଏ ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ସ୍ୱାସ୍ଥ୍ୟ ସଚିବଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟର ସମୀକ୍ଷା କରିବେ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 9 | | 6 | | | | |
| | 2 | | | | | | | 4 |
| | | 7 | 1 | | 4 | | | |
| | | | 7 | | | | 3 | 8 |
| 6 | | | | | 3 | | 2 | |
| | | | | 5 | | | | |
| 7 | | 4 | | | | | | 6 |
| | | | 4 | | | 5 | 8 | 7 |
| | 1 | 3 | 8 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 4 | 1 | 7 | 2 | 6 | 8 | 3 |
| 1 | 8 | 6 | 5 | 3 | 4 | 2 | 9 | 7 |
| 7 | 3 | 2 | 8 | 6 | 9 | 5 | 1 | 4 |
| 3 | 4 | 1 | 2 | 8 | 6 | 9 | 7 | 5 |
| 8 | 6 | 5 | 4 | 9 | 7 | 3 | 2 | 1 |
| 2 | 7 | 9 | 3 | 5 | 1 | 4 | 6 | 8 |
| 6 | 9 | 8 | 7 | 4 | 5 | 1 | 3 | 2 |
| 4 | 1 | 7 | 9 | 2 | 3 | 8 | 5 | 6 |
| 5 | 2 | 3 | 6 | 1 | 8 | 7 | 4 | 9 |

ଗତକାଲିର ଉତ୍ତର

# ଚବାହାର ଚୁକ୍ତିନାମା–କୂଟନୈତିକ ବିଜୟ



ପ୍ରକାଶ ତ୍ରିପାଠୀ

ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସହ ଇରାନର ପାରସ୍ପରିକ ସମ୍ପର୍କ ନିରନ୍ତର ଖରାପ ଥିବାବେଳେ ଭାରତ ସହ ସମ୍ପର୍କ ସର୍ବଦା ଭଲ ରହିଆସିଛି। ବିଭିନ୍ନ ସମୟରେ ଇରାନ ଉପରେ ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷକରି ଆମେରିକା ପକ୍ଷରୁ ପ୍ରତିବନ୍ଧକ ଲଗାଯାଇ ଅସୁଥିଲାବେଳେ ଭାରତ ସହିତ ଇରାନର ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ଅତୁଟ ରହିଛି । କେବେବି କୌଣସି ପ୍ରସଙ୍ଗରେ ଇରାନ ବିରୋଧରେ ଭାରତ ଯାଇନାହିଁ। ଏହି ଦୀର୍ଘକାଳୀନ ସୁସମ୍ପର୍କର ଆଉ ଏକ ମୂକସାକ୍ଷୀ ପାଲଟିଛି ଗତ ମେ ୧୩ ରେ ସ୍ୱାକ୍ଷରିତ ହୋଇଥିବା ଏକ ଐତିହାସିକ ଚୁକ୍ତିନାମା। ଏହି ଚୁକ୍ତିନାମା ଅନୁଯାୟୀ ଆଗାମୀ ୧୦ ବର୍ଷ ପାଇଁ ଦକ୍ଷିଣ -ପୂର୍ବ ଇରାନସ୍ଥିତ ଚବାହାର ବନ୍ଦରକୁ ଭାରତ ପରିଚାଳନା କରିବ। ଏଥିସହିତ ବିଦେଶରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହେବାକୁ ଯାଉଥିବା ପ୍ରଥମ ବନ୍ଦର ହେବାକୁ ଯାଉଛି ଇରାନର ଏହି ଗୁରୁତ୍ୱପୂର୍ଣ୍ଣ ବନ୍ଦର ଚବାହାର। ଏହାଦ୍ୱାରା ଅଫଗାନିସ୍ତାନ ଓ ମଧ୍ୟଏସିଆରେ ବ୍ୟାପାର କରିବା ନିମନ୍ତେ ଭାରତକୁ ଏକ ଅପୂର୍ବ ସୁଯୋଗ ମିଳିଗଲା। ଏହି ଚୁକ୍ତିନାମା ଅନୁଯାୟୀ ଭାରତୀୟ କମ୍ପାନୀ ଇଣ୍ଡିଆ ପୋର୍ଟ୍ସ ଗ୍ଲୋବାଲ ଲିମିଟେଡ ଚବାହାର ବନ୍ଦରରେ ୧୨୦ ନିୟୁତ ଟଙ୍କା ନିବେଶ କରିବ। ପ୍ରକାଶଯୋଗ୍ୟ ଯେ, ଚବାହାର ବନ୍ଦରର ବିକାଶ ନିମନ୍ତେ ବିଗତ ଦୁଇ ଦଶନ୍ଧି ଧରି ଉଭୟ ଦେଶ କାର୍ଯ୍ୟ କରିଆସୁଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ବିରୋଧ ସତ୍ତ୍ୱେ ଭାରତର ଏପରି ଚୁକ୍ତିନାମା ଓ ପଦକ୍ଷେପକୁ ଏକ କୂଟନୈତିକ ବିଜୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଅନ୍ତର୍ଜାତୀୟ ସ୍ତରରେ ଭାରତ ନିଜର ବାଣିଜ୍ୟ ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଛି ଓ ଏହା ହେଉଛି ପ୍ରଥମ ସଫଳତା। ଫଳରେ ଇରାନ ସମେତ ଆଫଗାନିସ୍ତାନ, ଆର୍ମେନିଆ, ଆଜାରବୈଜାନ, ରୁଷିଆ, ମଧ୍ୟଏସିଆ ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହ ଭାରତ ସିଧାସଳଖ ଯୋଡ଼ିହୋଇ ପାରିବ। ପାକିସ୍ତାନର ଗାଦର ବନ୍ଦର ଓ ଚାଇନାର ବିଆର୍‌ଆଇ ବନ୍ଦରକୁ ଏହାଦ୍ୱାରା ସିଧା ଟକ୍କର ଦେଇପାରିବ ଭାରତ। ୨୦୧୮ରେ ଚବାହାର ବନ୍ଦର ନିର୍ମାଣ ପାଇଁ ଇରାନ ସହ ଭାରତ ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ପାକିସ୍ତାନ ସହ ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିବା ପରେ ଭାରତ ମଧ୍ୟଏସିଆରେ ବ୍ୟାପାର ବିକାଶ ପାଇଁ ଏକ ବିକଳ୍ପ ରାସ୍ତା ଖୋଜୁଥିଲା ଓ ଚବାହାର ବନ୍ଦର ବିକାଶ ଆରମ୍ଭ ପରେ ଭାରତ ଏକ ସୁନ୍ଦର ବିକଳ୍ପ ପାଇଯାଇଥିଲା। ସେବେଠାରୁ ଭାରତ ଉପରେ ଆମେରିକା ନଜର ରଖିଥିଲା। ତେବେ ଚୁକ୍ତିନାମା ସ୍ୱାକ୍ଷରିତ ହେବାର ମାତ୍ର କିଛି




ଘଣ୍ଟା ମଧ୍ୟରେ ଆମେରିକା ନିଜର ଅସନ୍ତୋଷ ବ୍ୟକ୍ତକରି ପରୋକ୍ଷ ଧମକ ଦେଇଛି। ଆମେରିକା କହିଛି ଯେ, ଯଦି କୌଣସି ସଂସ୍ଥା ଇରାନ ସହ ବ୍ୟବସାୟିକ ଚୁକ୍ତି କରିବାକୁ ବିଚାର କରୁଛନ୍ତି, ତେବେ ଉକ୍ତ ସଂସ୍ଥା ସମ୍ଭାବ୍ୟ ପ୍ରତିବନ୍ଧକ ଉପରେ ଅବଗତ ରହିବା ଆବଶ୍ୟକ। ଆମେରିକାର ଚାପ ସତ୍ତ୍ୱେ ଇରାନ ସହ ସମ୍ପର୍କ ଅତୁଟ ରଖିବା ନିମନ୍ତେ ଭାରତର ନିଷ୍ପତ୍ତିକୁ ଏକ ଐତିହାସିକ ବିଜୟ ବୋଲି କୁହାଯାଉଛି। ଏହାଦ୍ୱାରା ଭାରତ ମହାସାଗରରେ ଭାରତ ନିଜର ସ୍ଥିତି ମଜଭୁତ କରିପାରିବ। ଭାରତ ସରକାରଙ୍କ ଲୁକ୍ ଇଷ୍ଟ ଯୋଜନା ପରିପ୍ରେକ୍ଷୀରେ ଏସୀୟ ଦେଶଗୁଡ଼ିକ ସହ ସମ୍ପର୍କ ମଜଭୁତ କରିବା ଓ ସାମୁଦ୍ରିକ କ୍ଷେତ୍ରରେ ଚାଇନାର ଦବଦବାକୁ ପ୍ରତିହତ କରିବା ନିମନ୍ତେ ଇରାନର ଏହି ବନ୍ଦର ପରିଚାଳନା ଚୁକ୍ତି ନିଶ୍ଚିତ ମହତ୍ତ୍ୱପୂର୍ଣ୍ଣ । କାରଣ ପୂର୍ବରୁ ପାକିସ୍ତାନର ଗାଦର ବନ୍ଦର ଓ ଶ୍ରୀଲଙ୍କାର ହାମ୍ବନତୋଟା ବନ୍ଦରର ପରିଚାଳନା ଦାୟିତ୍ୱ ନେଇ ଚାଇନା ଭାରତ ମହାସାଗରରେ ନିଜର ସ୍ଥିତିକୁ ମଜଭୁତ କରୁଥିଲା। ୨୦୧୮ରେ ଇରାନର ତତ୍କାଳୀନ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ସମୟରେ ଚବାହାର ବନ୍ଦର ବିକାଶ ସମ୍ବନ୍ଧରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଭାରତ ଯାହା ଚାହୁଁଥିଲା ତାହା ଆପେ ଆପେ ମିଳିଗଲା। ଏପରି ସୁଯୋଗକୁ ହାତଛଡ଼ା ନ କରି ପରବର୍ତ୍ତୀ ସମୟରେ ଭାରତର ବିଦେଶ ମନ୍ତ୍ରୀଙ୍କ ଇରାନ ଗସ୍ତ ସମୟରେ ଏହାକୁ ଚୂଡ଼ାନ୍ତ ରୂପରେଖ ଦେଇଥିଲା।

ସୂଚନାଯୋଗ୍ୟ ଯେ, ୨୦୧୬ରେ ଚବାହାର ବନ୍ଦରକୁ ଭାରତ ନିଜ ପାଇଁ ବ୍ୟବହାର କରିବା ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା, ଯାହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ସେଠାରେ ଏକ ଟର୍ମିନାଲ ନିର୍ମାଣ ନିମନ୍ତେ ଇରାନ, ଅଫଗାନିସ୍ତାନ ସହ ଭାରତ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରିଥିଲା । ଭାରତ ମହାସାଗରରେ ନିଜର ଆଧିପତ୍ୟ ବିସ୍ତାର ପାଇଁ ପାକିସ୍ତାନ ନିଜର କରାଚି ବନ୍ଦରକୁ ବ୍ୟବହାର କରିବାକୁ ଚାହୁଁଥିଲା। କେନ୍ଦ୍ରୀୟ ଏସୀୟରାଷ୍ଟ୍ରଗୁଡ଼ିକ ଭାରତ ମହାସାଗରରେ ପହଞ୍ଚିବାକୁ ହେଲେ କରାଚି ବନ୍ଦର ସର୍ବୋତ୍କୃଷ୍ଟ ବନ୍ଦର ବୋଲି ପାକିସ୍ତାନ ପକ୍ଷରୁ ପ୍ରଲୋଭନ ଦେଖାଯାଉଥିଲା । ହେଲେ ଇରାନର ଚବାହାର ବନ୍ଦର କରାଚି ବନ୍ଦର ଅପେକ୍ଷା ଅଧିକ ଗ୍ରହଣୀୟ ବୋଲି ସେହି ଦେଶଗୁଡ଼ିକୁ ଭାରତ ସଙ୍କେତ ଦେଇ ଆସୁଥିଲା। କାଜିକିସ୍ତାନ ଓ ଉଜବେକିସ୍ତାନ ଆଦି ଦେଶଗୁଡ଼ିକ ପ୍ରଚୁର ସଂସାଧନ ସମ୍ପନ୍ନ ଦେଶ ହେଲେ ମଧ୍ୟ ସାମୁଦ୍ରିକ ମାର୍ଗ ଅଭାବ ଯୋଗୁ ସେମାନେ ଭାରତ ମହାସାଗରୀୟ କ୍ଷେତ୍ର ଓ ଭାରତୀୟ ବଜାର କ୍ଷେତ୍ରକୁ ପ୍ରବେଶ କରିପାରୁ ନ ଥିଲେ। ସେଥିପାଇଁ ସେମାନେ ଚବାହାର ବନ୍ଦର ଉପଯୋଗ ପାଇଁ ପ୍ରବଳ ଉତ୍ସାହୀ ଥିଲେ। ଭାରତ ଦ୍ୱାରା ଏହି ବନ୍ଦରର ବିକାଶ ହେଲେ ତଥା ଏଠାରେ ଭାରତର ପ୍ରଭାବ ରହିବା ଦ୍ୱାରା ସେମାନେ ଭାରତ ସହ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିପାରିବେ। କେନ୍ଦ୍ରୀୟ ଏସିଆରେ ବାଣିଜ୍ୟ ରୁଚି ରଖୁଥିବା ଭାରତୀୟ ବ୍ୟାପାରୀ ଓ ନିବେଶକମାନଙ୍କ ପାଇଁ ଏହି ବନ୍ଦର ଖୁବ୍ ଉପଯୋଗୀ ସାବ୍ୟସ୍ତ ହେବ। ଚବାହାରକୁ ଇଣ୍ଟରନ୍ୟାଶନାଲ ନର୍ଥ ସାଉଥ ଟ୍ରାନ୍ସପୋର୍ଟ କରିଡର ସହ ଯୋଡ଼ିବା ମଧ୍ୟ ଯୋଜନା ରହିଛି, ଯାହାଦ୍ୱାରା ଇରାନ ଦେଇ ରୁଷ୍ ସହ ଯୋଗାଯୋଗ କରିବାର ରାସ୍ତା ସଫା ହୋଇଯିବ। ଇରାନର ସିସ୍ତାନ ଓ ବେଲୁଚିସ୍ତାନ ପ୍ରାନ୍ତରେ ଗଭୀର ସମୁଦ୍ରରେ ଅବସ୍ଥିତ ଏହି ଚବାହାର ବନ୍ଦରରେ ବହୁ ଓଜନପୂର୍ଣ୍ଣ ଜାହାଜ ସହଜ ଓ ସରଳ ଭାବେ ପହଞ୍ଚିପାରିବ ଓ ଏହାର ସୁଫଳ ଭବିଷ୍ୟତରେ ଭାରତ ନିଶ୍ଚିତ ପାଇବ।

ବିଗତ ଦୁଇ ଦଶନ୍ଧି ହେବ ଚାଇନା ଓ ଭାରତ କ୍ରମଶଃ ଯଥାକ୍ରମେ ବିଶ୍ୱର ଦ୍ୱିତୀୟ ଓ ପଞ୍ଚମ ବୃହତ ଆର୍ଥିକସମ୍ପନ୍ନ ଦେଶ ଭାବେ ଉଭା ହୋଇଛନ୍ତି। ବ୍ୟାପାର ଓ ସୁରକ୍ଷା କ୍ଷେତ୍ରରେ ନିଜର ପ୍ରଭାବ ବୃଦ୍ଧିପାଇଁ ଏହି ଦୁଇ ବୃହତ ଏସୀୟ ଦେଶ ଭାରତ ମହାସାଗର ଉପରେ ନିଜର ଦୃଷ୍ଟି କେନ୍ଦ୍ରିତ କରିଆସୁଛନ୍ତି। ଭାରତ ମହାସାଗର ଅଞ୍ଚଳରେ ୨୮ ରାଷ୍ଟ୍ର ଆସୁଛନ୍ତି, ଯେଉଁମାନେ କି ନିଜ ନିଜର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପ୍ରୟାସ କରୁଛନ୍ତି। ଏହି କ୍ଷେତ୍ରରେ ବିଶ୍ୱର ଅତ୍ୟଧିକ ମୂଲ୍ୟବାନ ପ୍ରାକୃତିକ ସଂସାଧନ ଯେପରିକି ବିଶ୍ୱର ୧୬.୮ ପ୍ରତିଶତ ତୈଳଭଣ୍ଡାର ଓ ପ୍ରାକୃତିକ ଗ୍ୟାସର ୨୭.୯ ପ୍ରତିଶତ ମହଜୁଦ ରହିଛି। ଭାରତ ମହାସାଗରରେ ନିଜର ଆଧିପତ୍ୟ ବୃଦ୍ଧି ପାଇଁ ଚାଇନା ସ୍ୱତନ୍ତ୍ର ସାମୁଦ୍ରିକ ରଣନୀତି ଷ୍ଟ୍ରିଂଗ ଅଫ୍ ପର୍ଲସକୁ କାର୍ଯ୍ୟକାରୀ କରୁଛି। ଏହାରି ଅଧୀନରେ ବାଂଲାଦେଶ, ମ୍ୟାନମାର, ପାକିସ୍ତାନ, ମାଳଦ୍ୱୀପ ଓ ତାଞ୍ଜାନିଆ ପରି ତଟୀୟ ଦକ୍ଷିଣ ଏସୀୟ ଓ ଆଫ୍ରିକୀୟ ଦେଶରେ ଥିବା ପୁରାତନ ବନ୍ଦରର ବିକାଶ ଓ ନୂତନ ବନ୍ଦର ପ୍ରତିଷ୍ଠା ନିମନ୍ତେ ବ୍ୟାପକ ଅର୍ଥ ବିନିଯୋଗ କରୁଛି। ଏହାକୁ ପ୍ରତିହତ କରିବା ପାଇଁ ଭାରତ ଅନୁରୂପ ପଦକ୍ଷେପ ନେବାକୁ ନିଜର ରଣନୀତି ପ୍ରସ୍ତୁତ କରୁଛି, ଯାହାର ସଦ୍ୟତମ ଉଦାହରଣ ହେଉଛି ଚବାହାର ବନ୍ଦରର ପରିଚାଳନା ଦାୟିତ୍ୱ ନେବା।

ମୋ: ୯୪୩୭୨୩୨୪୬୩

# ପରିଶୁଦ୍ଧ କୃଷିର ଆବଶ୍ୟକତା



ଡି. ଶୁଭମ୍

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ପାଇଁ ମାନବ ବିଭିନ୍ନ ନୂତନ ପଦ୍ଧତି ଆପଣାଉଛି। ତେବେ ଏହାରି ମଧ୍ୟରେ ଏହି ପଦ୍ଧତିଗୁଡ଼ିକ ପରିବେଶ ଉପରେ ହାନିକାରକ ପ୍ରଭାବ ପକାଇବା ସହ ପ୍ରକୃତି ଓ ମଣିଷ ଭିତରେ ଥିବା ସନ୍ତୁଳନରେ ବାଧା ସୃଷ୍ଟି କରୁଛି। ସମୟ ଥିଲା ଋତୁର ମାଧୁର୍ଯ୍ୟକୁ ଆମେ ଅନୁଭବ କରୁଥିଲେ କିନ୍ତୁ ଆଜି ଶ୍ରୀହୀନ ପରିବେଶ ଭିତରେ ଆମେ ଜଳବାୟୁ ପରିବର୍ତ୍ତନର ପ୍ରତ୍ୟେକଟି ସୋପାନରୁ ବେଶ୍ ପାଖରୁ ଦେଖୁଛେ। ଏହି ଉପକ୍ରମରେ କୃଷି କ୍ଷେତ୍ରରେ ଏବେ ଅନେକ ନୂତନ ଜ୍ଞାନ କୌଶଳ ଆପଣାଇ ଉତ୍ପାଦନ ବଢ଼ାଇବା ଦିଗରେ କାର୍ଯ୍ୟ କରାଯାଉଛି। ପାରମ୍ପରିକ କୃଷି ପଦ୍ଧତିକୁ ଛାଡ଼ି ଏବେ ଏହି ପ୍ରଯୁକ୍ତିବିଦ୍ୟାକୁ ସାଥ କରି ଚାଷୀମାନେ କିପରି ଚାଷ କରିପାରିବେ – ତାହା ହିଁ ଆମ ପାଇଁ ଆହ୍ୱାନ। ସ୍ମାର୍ଟ ଫାର୍ମିଂ ଅଧୀନରେ ଆମେ କିପରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରି ଚାଷ ଜମିର ଠିକ ପରିଚାଳନା କରିପାରିବା , ତାହା ପରିଶୁଦ୍ଧ କୃଷି ବା ପ୍ରିସିଜନ ଏଗ୍ରିକଲଚରର ମୁଖ୍ୟ ଉଦ୍ଦେଶ୍ୟ।

ସ୍ୱାଧୀନତା ପରେ ଭାରତର କୃଷି କ୍ଷେତ୍ରରେ ଉତ୍ପାଦକତା ହାରକୁ ଯଦି ଆମେ ଲକ୍ଷ୍ୟ କରିବା ତେବେ ଏହା ଆଶାତୀତ ଭାବେ ବୃଦ୍ଧି ପାଇଛି ସତ, କିନ୍ତୁ ଶିଳ୍ପ ବିପ୍ଳବର ପରେ ପରେ ଚାଷ ଜମିରେ ମାତ୍ରାଧିକ ରାସାୟନିକ ସାର, କୀଟନାଶକର ବ୍ୟବହାର ତଥା ବିଭିନ୍ନ ପ୍ରକାର କୃଷି ଉପକରଣର ବ୍ୟବହାର ଯୋଗୁ ଉତ୍ପାଦନ କମିବାରେ ଲାଗିଛି। ଏହି ଉପକ୍ରମରେ ଚାଷ ଜମିରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବକୁ ଚିରସବୁଜ କରିବା ଦିଗରେ ଆମ ସଭିଙ୍କର ଭୂମିକା ଜରୁରୀ। ଆଉ ଏହା କେବଳ ଆଧୁନିକ ଜ୍ଞାନ ଓ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟାରେ ସମ୍ଭବପର। ଏହାର ଏକ ଚରମ ନିଦର୍ଶନ ହିଁ ପରିଶୁଦ୍ଧ କୃଷି।

ପରିଶୁଦ୍ଧ କୃଷିର ଆରମ୍ଭ ପ୍ରାୟ ୧୯୮୦ରୁ ଯୁକ୍ତରାଷ୍ଟ୍ର ଆମେରିକାରୁ ଆରମ୍ଭ ହୋଇଥିଲା। ମୁଖ୍ୟତଃ ଚାଷ ଜମିରୁ ତଥ୍ୟ ସଂଗ୍ରହ ହେବା ପରେ ଆନାଲିଟିକ୍ସ ସଫ୍ଟୱେର୍ ଦ୍ୱାରା ସଂଗୃହିତ ତଥ୍ୟକୁ ଆଧାର କରି ପରିଶୁଦ୍ଧ କୃଷି ଚାଷୀମାନଙ୍କୁ ଏକ ବୃହତ୍ତର ଦିଗ ପାଇଁ ମାର୍ଗ ପ୍ରସ୍ତୁତ କରେ। ସାଧାରଣତଃ ଚାଷୀମାନଙ୍କୁ ଚାଷ ଜମିରେ ଉପଯୁକ୍ତ ଫସଲ ଚକ୍ର, ବିହନ ବୁଣିବାର ସମୟ, ଅମଳର ପ୍ରକୃଷ୍ଟ ସମୟ, ମୃତ୍ତିକା ପରିଚାଳନା ସମ୍ପର୍କରେ ମାର୍ଗଦର୍ଶନ ଦେଇଥାଏ। କୃଷି ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ସେନ୍‌ସର ତଥ୍ୟ ଏବଂ ସାଟେଲାଇଟ ଚିତ୍ରକୁ ସାଥ କରି ଚାଷୀ ମାନଙ୍କ ଜମିରେ ଉପଯୁକ୍ତ ସାର, ବିଷ ଓ କୀଟନାଶକ ପ୍ରୟୋଗ କରାଯାଇପାରିବ, ସେ ଦିଗରେ ସଚେତନ କରାଇଥାଏ। ମୋଟ ଉପରେ ପରିଶୁଦ୍ଧ କୃଷି ଚାଷୀମାନଙ୍କ ଜମିର ସମନ୍ୱିତ ପରିଚାଳନା ଦିଗରେ ସାହାଯ୍ୟ କରିଥାଏ। ଏହା ଚାଷୀଙ୍କୁ ସମ୍ବଳ ରକ୍ଷା କରି ଖର୍ଚ୍ଚ ହ୍ରାସ କରିବା ସହ ପରିବେଶ ପ୍ରଭାବକୁ ନିୟନ୍ତ୍ରଣ କରିଥାଏ।

ପୂର୍ବରୁ ସମୟ ଥିଲା ଲୋକମାନେ ପରିଶୁଦ୍ଧ କୃଷିର ବ୍ୟାପକତାକୁ ଅନୁଭବ କରିପାରୁ ନ ଥିଲେ।



କିନ୍ତୁ ଆଜିର କୃତ୍ରିମ ବୁଦ୍ଧିମତ୍ତା ବା ଏ.ଆଇ. ଯୁଗରେ ବିଭିନ୍ନ ମୋବାଇଲ ଆପ୍, ସ୍ମାର୍ଟ ସେନ୍‌ସର, ଡ୍ରୋନ୍ ପ୍ରଭୃତିର ବ୍ୟବହାର କୃଷି କ୍ଷେତ୍ରରେ ଆଣିଛି ଅନେକ ପରିବର୍ତ୍ତନ। ଚାଷ ଜମିର ମ୍ୟାପିଂ ଏବଂ ଠିକ ଚିତ୍ର ଉତ୍ତୋଳନ ପୂର୍ବକ ଚାଷ ଜମିର ସମସ୍ୟା କ୍ଷେତ୍ରକୁ ଚିହ୍ନଟ କରାଯାଇପାରୁଛି। ଏହା ଦ୍ୱାରା ଗୋଟିଏ ଋତୁରେ ଲଗାଯାଇଥିବା ଫସଲର ଅମଳ ସମ୍ଭାବନାକୁ ଆକଳନ କରାଯାଉଛି ; ତଦ୍ୱାରା ଚାଷୀଟିଏ ତଦନୁଯାୟୀ ପଦକ୍ଷେପ ମଧ୍ୟ ଗହଣ କରିପାରୁଛି। ଏହା ବ୍ୟତୀତ ମୋବାଇଲ ଆପ୍ ଦ୍ୱାରା ମୃତ୍ତିକାର ନମୁନା ସଂଗ୍ରହ ଏବଂ ବିଶ୍ଳେଷଣ କରାଯାଇପାରୁଛି। ଯାହାଫଳରେ ମୃତ୍ତିକାର ପ୍ରକାର, ଉର୍ବରତା, ଆର୍ଦ୍ରତା ବିଷୟରେ ତଥ୍ୟ ସଂଗ୍ରହ କରାଯାଇପାରୁଛି। ପାଣିପାଗ ନିରୀକ୍ଷଣ ଫଳରେ ରୋପଣ କରିବାର ସମୟ, ଫସଲ ଦେବା ପାଇଁ କେତେ ଜଳ ଏବଂ କେବେ ଅମଳ କରିବାର ନିଷ୍ପତ୍ତି ନେବାରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବ। ଜିପିଏସ୍-ସକ୍ଷମ ମୋବାଇଲ୍ ଆପ୍ ଚାଷ ଜମିରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କର ଅବସ୍ଥାନ ଏବଂ କାର୍ଯ୍ୟକଳାପକୁ ଟ୍ରାକ୍ କରିପାରିବ ଏବଂ ଏହି ତଥ୍ୟ କାର୍ଯ୍ୟ ପ୍ରବାହକୁ ଉଚିତ ସମୟରେ ଫଳପ୍ରଦ କରିଥାଏ।

ପରିଶୁଦ୍ଧ କୃଷିର ଅନ୍ୟ ଏକ ପ୍ରମୁଖ ଉପାଦାନ ରିମୋଟ ସେନ୍ସିଙ୍ଗ । ଏହା ଦ୍ୱାରା ଡାଟା ସେନ୍ସରଗୁଡ଼ିକ ସାହାଯ୍ୟରେ ଫସଲ ସ୍ୱାସ୍ଥ୍ୟର ଉପଯୁକ୍ତ ମୂଲ୍ୟାଙ୍କନ କରାଯାଇପାରେ। ଗ୍ଲୋବାଲ୍ ପୋଜିସନ୍ ସିଷ୍ଟମ୍ ବା ଜିପିଏସ୍ ମାଧ୍ୟମରେ ଚାଷ ଜମିର ଅବସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥାଏ। ଏହା ସହ ଜିପିଏସ୍ ଠିକ୍ ଅବସ୍ଥାନ ସୂଚନା ରହିବା ମାଟି ଏବଂ ଫସଲ ମାପକୁ ମ୍ୟାପ୍ କରିବାକୁ ଅନୁମତି ଦିଏ ; ଯଦ୍ୱାରା ଆମେ ନିର୍ଦ୍ଦିଷ୍ଟ ଜମିର ତଥ୍ୟ ଠିକ ଭାବେ ପାଇପାରୁ। ଏସବୁ ଉପାଦାନଗୁଡ଼ିକ ବ୍ୟବହାର ସାଧାରଣରେ ଖର୍ଚ୍ଚ ଅଧିକ ଲାଗିପାରେ କିନ୍ତୁ ସମୟକ୍ରମରେ ଆମକୁ ଏହା ଗ୍ରହଣ କରିବାକୁ ହେବ। କାରଣ ଠିକ ସମୟରେ ଠିକ କାର୍ଯ୍ୟକୁ ଠିକ ସ୍ଥାନରେ କରିବା ପରିଶୁଦ୍ଧ କୃଷିର ଉଦ୍ଦେଶ୍ୟ। ତେବେ ଆମେ କେତେ ଶୀଘ୍ର ଏହି ପ୍ରଯୁକ୍ତିବିଦ୍ୟାର କୌଶଳକୁ ଗ୍ରହଣ କରୁଛନ୍ତି ତାହା ହିଁ ପରିଶୁଦ୍ଧ କୃଷିର ସଫଳତା ହେବ। ଏହା ସହ ପଲିସି ମେକର ବା ସମାଜର ଗୁଣାତ୍ମକ ବ୍ୟକ୍ତି ବିଶେଷମାନେ ଏହାର ପ୍ରସାର ଦିଗରେ ପ୍ରଚେଷ୍ଟା କରିବା ଆବଶ୍ୟକ। ଯେଉଁ ଚାଷୀମାନେ ଅନ୍ତତଃ ଏହା କରିବାକୁ ସକ୍ଷମ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିବା ଦରକାର। ଏହା ସହ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତି ପୂର୍ବକ ପରିଶୁଦ୍ଧ କୃଷିର ସୁଯୋଗ ଉପରେ ସଚେତନ କରାଯିବା ଆବଶ୍ୟକ।

ତେବେ ପରିଶୁଦ୍ଧ କୃଷି ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପୂର୍ବକ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଚିରାଚରିତ ଧାରାଠାରୁ ଭିନ୍ନ ଏକ କୃଷି ପ୍ରଣାଳୀ ଯାହା ଫଳରେ ଫସଲ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ି ନ ଥାଏ। ଏ ଦିଗରେ ଚାଷୀମାନଙ୍କ ମଧ୍ୟରେ ଅଧିକ ସଚେତନତା ଆବଶ୍ୟକ ରହିଛି। ଏହାକୁ ଅଧିକରୁ ଅଧିକ ଗ୍ରହଣୀୟ କରିବା ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି। କେବଳ କର୍ମଶାଳା ନୁହେଁ ବରଂ ଚାଷ ଜମିରେ ଚାଷୀଙ୍କ ସାମ୍ନାରେ ଏହାର ଉପାଦେୟତାକୁ ବଖାଣିପାରିଲେ ଚାଷୀମାନେ ଆଗ୍ରହୀ ହେବେ।

ମୋ: ୯୪୩୮୪୬୭୦୭୯

## ଏଇ ଭାରତରେ

ଇଞ୍ଜିନିୟରିଂ ପରେ ବିହାରର ପ୍ରଭାତ କୁମାର ପାଖାପାଖି ୫୦୦ ଗ୍ରାମର ୨୫,୦୦୦ କୃଷକଙ୍କୁ ସଶକ୍ତ କରିପାରିଛନ୍ତି। କୃଷକମାନେ ପିଆଜ, ଛତୁ ଓ ମକା ଚାଷ କରି ଆୟ ଦୁଇଗୁଣ ବଢ଼ାଇପାରିଛନ୍ତି। ୨୦୧୫ରେ ଇଞ୍ଜିନିୟରିଂ ପରେ ସେ ଗୟା ଜିଲାର ତାଙ୍କ ସହରକୁ ଫେରି 'ସମ୍ଆର୍ଥ' ଏନ୍‌ଜିଓ ଗଠନ କରି ଚାଷୀମାନଙ୍କ ପାଇଁ କାମ କରିବା ଆରମ୍ଭ କରିଦେଇଥିଲେ। ଏବେ ତାଙ୍କ ସଂସ୍ଥା ବିହାରର ଗୟା, ଜେହାନାବାଦ, ଅରୱାଲ, ଔରଙ୍ଗାବାଦ, ନୱାଡ ଏବଂ ନାଳନ୍ଦା ଜିଲାରେ କାର୍ଯ୍ୟ କରୁଛି ଓ ସେଠାକାର କୃଷକମାନଙ୍କୁ ପିଆଜ, ମକା ଚାଷ ପାଇଁ ପ୍ରୋତ୍ସାହିତ କରୁଛି। କୃଷକମାନଙ୍କୁ ପ୍ରଶିକ୍ଷଣ ଦେବା ଲାଗି ସେ ମହାରାଷ୍ଟ୍ର ପଠାଉଛନ୍ତି। କମ୍ ମୂଲ୍ୟରେ ଷ୍ଟୋରେଜ ସୁବିଧା ମଧ୍ୟ ସେ ଯୋଗାଇ ଦେଉଛନ୍ତି। ଏବେ ଫାର୍ମରୁ ୬୦୦ କେଜି ଛତୁ ଦିନକୁ ବାହାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୮ ମେ ୧୯୭୫

- ବିଜୟୱାଡ଼ା ଓ ହାୱଡ଼ା ମଧ୍ୟରେ ଚଳାଚଳ ଆରମ୍ଭ କରିଥିବା 'ଇଷ୍ଟକୋଷ୍ଟ ଏକ୍ସପ୍ରେସ'ର ଯାତ୍ରାରମ୍ଭ ଦକ୍ଷିଣ କେନ୍ଦ୍ର ରେଳବାଇର ଜେନେରାଲ ମ୍ୟାନେଜର କେ.ଏସ୍. ରାଜନ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ।
- ଭାରତ ଓ ମଙ୍ଗୋଲିଆ ମଧ୍ୟରେ ସାଂସ୍କୃତିକ ସଂକ୍ରାନ୍ତୀୟ ଏକ ରାଜିନାମା ସ୍ୱାକ୍ଷରିତ।
- ପ୍ରଥମଥର ପାଇଁ ଜାପାନୀ ମହିଳା ଆରୋହଣକାରୀ ଦଳ ପୃଥିବୀର ଉଚ୍ଚତମ ଉତ୍ତୁଙ୍ଗ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାରେ ସାଫଲ୍ୟ ଅର୍ଜନ କରିଛନ୍ତି।

## ଚିରନ୍ତନୀ

ମଳୟହୀନ ଆବାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ପରେ ଦର ବଢ଼ିବ

ମହାଶୟ,

ଚଳିତ ସାଧାରଣ ନିର୍ବାଚନ ପରେ ଆମ ଦେଶ ଓ ସବୁ ରାଜ୍ୟରେ ଦରଦାମ ଆକାଶଛୁଆଁ ହେବା ସହିତ ଦୁର୍ନୀତି ବୃଦ୍ଧିପାଇବ। କାରଣ ସରକାରୀ ଦଳକୁ ବିପୁଳ ପରିମାଣର କଳାଟଙ୍କା ଦେଇଥିବା ଅସାଧୁ ବ୍ୟବସାୟୀ, କଣ୍ଟ୍ରାକ୍ଟର, ଖଣିମାଫିଆ, କମ୍ପାନୀମାଲିକ ଓ ଉଚ୍ଚପଦସ୍ଥ ଅମଲା ପ୍ରମୁଖ ବିନିଯୋଗ ରାଶିର ବହୁଗୁଣ ଅଧିକ ଅର୍ଥ ଆଦାୟ କରିବେ। ଏମାନଙ୍କୁ ଏ ଦିଗରେ ଦୁର୍ନୀତିଖୋର ସାଂସଦ ଓ ବିଧାୟକଗଣ ସାହାଯ୍ୟ କରିବେ। ବିଚରା ଦେଶର ପ୍ରାୟ ୧୪୫ କୋଟି ଲୋକ ଆସନ୍ନ ଶୋଷଣ ଓ ଆର୍ଥିକ ନିର୍ଯାତନାର ଶିକାର ହେବେ। ଆଳୁ କିଲୋ ୬୦ ଟଙ୍କା ହେବ ତ ତେଲ ଲିଟର ୨୦୦ ଟଙ୍କା। ରସୁଣ, ଅଦା କିଲୋ ୩୦୦ ଟଙ୍କା ହେବ ତ ପିଆଜ କିଲୋ ୧୫୦ ଟଙ୍କା। ନିତ୍ୟ ବ୍ୟବହାର୍ଯ୍ୟ ସମସ୍ତ ପଦାର୍ଥର ଦାମ ଅହେତୁକ ବୃଦ୍ଧି ପାଇବ। ଗରିବ ଖଟିଖିଆ ଲୋକେ ଅରଣ୍ୟ ରୋଦନ ଓ ବିଳାପ କରିବେ। ଦେଶର ଖଣିଜ ଓ ପ୍ରାକୃତିକ ସମ୍ପଦର ଲୁଣ୍ଠନ ବଢ଼ିଯିବ। ଏସବୁକୁ ବନ୍ଦ କରିବାକୁ ହେଲେ ଦେଶର ଜନସାଧାରଣଙ୍କୁ ଦଳୀୟ ଶୃଙ୍ଖଳରୁ ମୁକ୍ତ ହେବାକୁ ପଡିବ। ମୁଁ ଅମୁକ ଦଳର, ସିଏ ବିରୋଧୀ ଦଳର ଭାବନାକୁ ତ୍ୟାଗ କରିବାକୁ ପଡିବ। କାରଣ ଆଜିକାଲି ଦଳ କହିଲେ ପ୍ରତି ପଞ୍ଚାୟତର ୫/୬ଜଣ ସର୍ବଗିଳା ଦୁର୍ନୀତିଖୋର କୁଜିନେତା ନେତ୍ରୀଙ୍କୁ ବୁଝାଏ। ଏମାନଙ୍କ କଥାରେ ଆଦୌ ପ୍ରଭାବିତ ନ ହୋଇ ଭଲ ଲୋକଙ୍କୁ ଭୋଟ ଦିଅନ୍ତୁ ନଚେତ ନୋଟା ଚିହ୍ନରେ। କାରଣ ନୋଟା ଚିହ୍ନ ଜିତିଲେ ଦୁର୍ନୀତିଗ୍ରସ୍ତ ନେତା ନେତ୍ରୀଗଣଙ୍କ ଚୈତନ୍ୟ ଉଦୟ ହେବ।

-ରାଇଚରଣ ବିଶ୍ୱାଳ, ପୀରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ପରିବହନକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ୨୦ ଲକ୍ଷ ଜବତ

**ବଡ଼ବିଲ,୧୭।୫(ଦେବପ୍ରିୟ ରଣା)**


ଜବତ ଟଙ୍କା

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଶୁକ୍ରବାର କିରିବୁ ଓ ସାଧୁସିଂ ହଟିଂ ଛକରେ ଯାନବାହନ ତନଖି ବେଳେ ୨୦ ଲକ୍ଷ ଟଙ୍କା ଜବତ କରିଛି। ୩ ପରିବହନକାରୀ ସଂସ୍ଥାର କର୍ମଚାରୀଙ୍କ ନିକଟରୁ ଏହି ଟଙ୍କା ଜବତ ହୋଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ବଡ଼ବିଲ ପୋଲିସ କିରିବୁ ଓ ସାଧୁସିଂ ହଟିଂ ଛକରେ ଯାନବାହନ ତନଖି କରୁଥିଲା। ବଡ଼ବିଲରୁ ଭଦ୍ରାସାହି ଆଡ଼କୁ ଯାଉଥିବା ଏକ ବାଇକ୍‌କୁ ଅଟକାଇ ଯାଞ୍ଚ ବେଳେ ୭ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ସାଧୁସିଂ ହଟିଂ ଛକରେ ଠାକୁରାଣୀ ଅଭିମୁଖେ ଯାଉଥିବା ଏକ ବୋଲେରୋରେ ବସିଥିବା କର୍ମଚାରୀଙ୍କ ନିକଟରୁ ୮ ଲକ୍ଷ ଓ ଏକ ବାଇକ୍‌ରେ ଯାଉଥିବା କର୍ମଚାରୀଙ୍କ ନିକଟରୁ ୫ ଲକ୍ଷ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି। ଜବତ ଟଙ୍କା ୩ ପରିବହନକାରୀ ସଂସ୍ଥା ଭଦ୍ରାସାହି ଅଞ୍ଚଳର ତ୍ରିଶକ୍ତି ଟ୍ରାନ୍ସପୋର୍ଟ, ବଡ଼ବିଲ ଅଞ୍ଚଳର ରାଧାକୃଷ୍ଣ ଟ୍ରାନ୍ସପୋର୍ଟ ଏବଂ କେନ୍ଦୁଝରର ସ୍ୱପ୍ନେଶ୍ୱର ରୋଡ ଲାଇନ୍ସର ବୋଲି ଜଣାପଡ଼ିଛି। ପୋଲିସ ଜବତ ଟଙ୍କାକୁ କେନ୍ଦୁଝର ଜିଲା ମୁଖ୍ୟ କୋଷାଗାରକୁ ପଠାଇବା ସହ ଆୟକର ବିଭାଗକୁ ତଦନ୍ତ ନିମନ୍ତେ ସୂଚନା ଦେଇଛି। ତେବେ ତ୍ରିଶକ୍ତି ଟ୍ରାନ୍ସପୋର୍ଟର କର୍ମଚାରୀ ବଡ଼ବିଲ ଆକ୍ସିସ ବ୍ୟାଙ୍କରୁ ଟଙ୍କା ଉଠାଣ କରିଥିବା ବେଳେ ଅନ୍ୟ ଦୁଇ ପରିବହନକାରୀ ସଂସ୍ଥା କେଉଁ ବ୍ୟାଙ୍କରୁ ଟଙ୍କା ଉଠାଣ କରିଥିଲେ ତାହା ଜଣାପଡିନାହିଁ ବୋଲି ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି।

# ୧୦ ଯବାନଙ୍କ ନାମ ଉଲ୍ଲେଖକରି ମାଓବାଦୀ ମାରିଲେ ପୋଷ୍ଟର

**ମାଲକାନଗିରି,୧୭।୫ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଜଗଦଲପୁର ଜିଲାର ଉସ୍କରି ଗ୍ରାମ ନିକଟରେ ମାଓବାଦୀଙ୍କ ଦ୍ୱାରା ପୋଷ୍ଟର ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ ୧୦ ଜଣ ଡିଆର୍‌ଜି ଯବାନଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି। ମରାଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି ଯେ, ଗତ କିଛିଦିନ ହେବ ଡିଆର୍‌ଜି ଯବାନମାନେ ସର୍ଚ୍ଚ ଅପରେଶନ କରି ବହୁ ମାଓବାଦୀଙ୍କୁ ନିହତ କରିଛନ୍ତି। ମୁଖ୍ୟତଃ ପୋଷ୍ଟରରେ ଉଲ୍ଲେଖ ଥିବା ୧୦ ଜଣ ଯବାନ ଏହି ଅପରେଶନରେ ସାମିଲ ଥିବା ଦର୍ଶାଇ ସେମାନଙ୍କୁ ଟାର୍ଗେଟକରି ମାଓବାଦୀମାନେ ଯବାନମାନଙ୍କ ନାମ ଉଲ୍ଲେଖ କରି ସେମାନଙ୍କୁ ସତର୍କ ରହିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଖବର ପୋଲିସକୁ ମିଳିବା ପରେ ଡିଆର୍‌ଜି ଯବାନମାନେ ପୋଷ୍ଟର ଜବତକରିବା ସହ ଉସ୍କରି ଗ୍ରାମ ନିକଟ ଜଙ୍ଗଲ ଅଭିମୁଖେ ସର୍ଚ୍ଚ ଅପରେଶନ ପାଇଁ ବାହାରିଛନ୍ତି। ଯବାନମାନଙ୍କୁ ସତର୍କତା ଅବଲମ୍ବନକରି ସର୍ଚ୍ଚ ଅପରେଶନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ୧ ମାସ ମଧ୍ୟରେ ଛତିଶଗଡ଼ର ବିଭିନ୍ନ ଅଞ୍ଚଳରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ବହୁ ମାଓବାଦୀ ନିହତ ହୋଇଛନ୍ତି। ବହୁ ପରିମାଣର ମାଓବାଦୀ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ କରିବାରେ ଯବାନମାନେ ସଫଳ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାଓବାଦୀମାନେ ଏପରି ଏକ ପୋଷ୍ଟର ମାରି ଯବାନମାନଙ୍କୁ ଚେତାବନୀ ଦେଇଛନ୍ତି।

# ୫ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

## ଭାଜପା ସମର୍ଥକଙ୍କୁ ଆକ୍ରମଣ, ୨ ଗୁରୁତର

**ଟିଟିଲାଗଡ଼/ସଇଁତଲା,୧୭।୫ (ଶରତ ମିଶ୍ର /ରାଖାଲ ପ୍ରସାଦ ଶତପଥୀ)**


ଗୁରୁତର ଆହତ ହୋଇଥିବା ଲବେନ୍ଦ୍ର ବେହେରା।

ବଲାଙ୍ଗୀର ଜିଲା ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସଇଁତଲା ବ୍ଲକ୍ ଝୁର୍ଖାଉପେର ଗ୍ରାମ ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଭାଜପାର ୨ଜଣ ସମର୍ଥକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଶୁକ୍ରବାର ସଇଁତଲା ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହେନ୍ଦ୍ର ଭୋଇ, ଅମୃତ ଦଣ୍ଡସେନା, ଭୀମ ଦୋରା, ଅପନେ ପୁଟେଲ ଓ କୃଷ୍ଣ ଗହୀର।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ଗୁରୁବାର ରାତି ସମୟରେ ଭାଜପାର ବିଧାୟକ ପ୍ରାର୍ଥୀ ନବୀନ ଜୈନ ନିଜ ସମର୍ଥକଙ୍କ ସହ ସଇଁତଲା ବ୍ଲକ ଡୁଙ୍ଗୁରୀପାଲି ପଞ୍ଚାୟତର ଝୁର୍ଖାଉପେର ଗ୍ରାମରେ ହେଉଥିବା ଚନ୍ଦନଯାତ୍ରାରେ ଯୋଗଦେବାକୁ ଯାଇଥିଲେ। ସେଠାରୁ ସେ ସମର୍ଥକଙ୍କ ସହ ରାତି ପ୍ରାୟ ୯ଟା ସମୟରେ ଟିଟିଲାଗଡ଼ ଫେରୁଥିବା ବେଳେ ଝୁର୍ଖାଉପେର ଗ୍ରାମ ନିକଟସ୍ଥ ସୋଲାର ପ୍ଲାଣ୍ଟଠାରେ ୪-୫ଟି ଗାଡ଼ିରେ କେତେଜଣ ଦୁର୍ବୃତ୍ତ ଆସି ସେମାନଙ୍କ ରାସ୍ତା ଅବରୋଧ କରିଥିଲେ। ପରେ ଭାଜପା ସମର୍ଥକ ଡୋଳାମଣି ବସ୍ତିଆ ଓ ଲବେନ୍ଦ୍ର ବେହେରାଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଥିଲେ। ଏହାପରେ ଡୋଳାମଣି ଓ ଲବେନ୍ଦ୍ରଙ୍କୁ ଗାଡ଼ିରେ କିଛି ଦୂର ନେଇଯାଇ ରାସ୍ତାକଡ଼ରେ ଛାଡ଼ି ଦେଇ ଚାଲିଯାଇଥିଲେ। ବିଧାୟକ ପ୍ରାର୍ଥୀ ନବୀନ ଜୈନଙ୍କ ଡ୍ରାଇଭର କୌଣସିମତେ ଗାଡ଼ିକୁ ଫେରାଇନେଇ ଝୁର୍ଖାଉପେର ଗ୍ରାମର ଜଣଙ୍କ ଘରେ ନବୀନଙ୍କୁ ନେଇ ରଖିଥିଲେ। ନବୀନ ଫୋନ ଯୋଗେ ଘଟଣା ବିଷୟରେ ସଇଁତଲା ଥାନା ଅଧିକାରୀ ସୁଶାନ୍ତ ପଧାନ ଓ ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କୁ ଜଣାଇଥିଲେ। ଖବରପାଇ ଅଙ୍କିତା ସଇଁତଲା ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଡୋଳାମଣି ଏବଂ ଲବେନ୍ଦ୍ରଙ୍କୁ ଉଦ୍ଧାର କରି ତୁରନ୍ତ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଝୁର୍ଖାଉପେର ଗ୍ରାମକୁ ଏସ୍‌ଡିପିଓ ଯାଇ ନବୀନଙ୍କୁ ଉଦ୍ଧାରକରିଥିଲେ। ଏହି ଘଟଣାକୁ ନେଇ ଗୁରୁବାର ରାତିରେ ଭାଜପାର କର୍ମକର୍ତ୍ତାମାନେ ଟିଟିଲାଗଡ଼ ଥାନା ଘେରାଉ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏ ନେଇ ସଇଁତଲା ପୋଲିସ ନଂ.୨୨୨/୨୪ ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରିବା ସହ ତଦନ୍ତ ଚଳାଇଛି। ଏ ବିଷୟରେ ଟିଟିଲାଗଡ଼ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ନବୀନ ଜୈନଙ୍କୁ ପଚାରିବାରେ ବିଜେଡିକୁ ହାରିବାର ଭୟ ଘାରୁଥିବାରୁ ଦୁର୍ବୃତ୍ତଙ୍କ ଦ୍ୱାରା ଦଳର କର୍ମୀମାନଙ୍କୁ ଆକ୍ରମଣ କରାଯାଇଥିବା କହିଛନ୍ତି।

# ଇଡି ସ୍କାନରରେ ପାରାଦୀପ ବନ୍ଦରର ପୂର୍ବତନ ସିଇଏମ୍‌ଇ

## ଲାଞ୍ଚ ଅର୍ଥକୁ ରିଅଲ ଇଷ୍ଟେଟରେ ବିନିଯୋଗ ଅଭିଯୋଗ

**ପାରାଦୀପ,୧୭।୫(ଶରତ ରାଉତ)**

ପାରାଦୀପ ବନ୍ଦରର ପୂର୍ବତନ ଚିଫ୍ ଇଲେକ୍ଟ୍ରିକାଲ ଆଣ୍ଡ ମେକାନିକାଲ ଇଞ୍ଜିନିୟର(ସିଇଏମ୍‌ଇ) ସରୋଜ କୁମାର ଦାସଙ୍କୁ ସିବିଆଇ ୨୦୨୨ ଅଗଷ୍ଟ ୪ରେ ଗିରଫ କରିଥିଲା। ଉକ୍ତ ଘଟଣାରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶକ (ଇଡି)ତଦନ୍ତ ଆରମ୍ଭ କରିଛି। ସେତେବେଳେ ଦାସ ଯେଉଁ ଲାଞ୍ଚ ନେଇ ବିଭିନ୍ନ ରିଅଲ ଇଷ୍ଟେଟରେ ଟଙ୍କା ବିନିଯୋଗ କରିଥିଲେ, ତା'ଉପରେ ତଦନ୍ତ ଚାଲିଛି। ପ୍ରାଥମିକ ତଦନ୍ତରେ ଆୟ ବହିର୍ଭୁତ ବିପୁଳ ଅର୍ଥ କାରବାର ହୋଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି। ଇଡି ମନି ଲଣ୍ଡରିଂ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଉକ୍ତ କାରବାର ଉପରେ ତଦନ୍ତ କରୁଛି। ଉକ୍ତ ଲାଞ୍ଚ ଅର୍ଥରେ ଦାସ ୭୦ ଲକ୍ଷ ଟଙ୍କାର ଡୁପ୍ଲେକ୍ସ ଏବଂ ତାଙ୍କ ସ୍ତ୍ରୀ ଶ୍ରୀରେଖା ରାଉତଙ୍କୁ ୨୪.୫୫ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଛନ୍ତି। ଉକ୍ତ ଅର୍ଥ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ (ଓଏସ୍‌ଏଲ୍)କମ୍ପାନୀ ଅଧିକାରୀଙ୍କ ଠାରୁ ଗ୍ରହଣ କରିଥିଲେ। ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା ମେକାନିକାଲ କୋଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ (ଏମ୍‌ସିଏଚ୍‌ପି) ଖରାପ ଥିବା ବେଳେ ମୋବାଇଲ ହାରବର କ୍ରେନ ପରିଚାଳନା କ୍ଷେତ୍ରରେ ଓଏସ୍‌ଏଲ କମ୍ପାନୀକୁ ସିଇଏମଇ ଦାସ ଅହେତୁକ ଅନୁକମ୍ପା ଦେଇଥିଲେ। ପ୍ରତି ବଦଳରେ ତାଙ୍କୁ ଅର୍ଥ ମିଳିଥିଲା। ସେତେବେଳେ ସିବିଆଇ ରେଡ କରି ଦାସଙ୍କୁ ଗିରଫ କରିଥିଲେ। ଉକ୍ତ ମାମଲାର ଚାର୍ଜଶିଟ୍ ସିବିଆଇ ଇଡିକୁ ହସ୍ତାନ୍ତର କରିବା ପରେ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି।




# ଫାଇନାନ୍ସ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ରେମୁଣା,୧୭।୫(ରବୀନ୍ଦ୍ର ମହାକୁଡ଼)**

ବାଲେଶ୍ୱର ଜିଲାର ରେମୁଣା ଗୋଲେଇସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ କାର୍ଯ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଏହି ଅଗ୍ନିକାଣ୍ଡରେ କାର୍ଯ୍ୟାଳୟର ବହୁ ଦାମୀ ଆସବାବପତ୍ର ଓ ରେକର୍ଡ଼ପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି। କର୍ମଚାରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୁରୁବାର ରାତି ୮ଟା ବେଳେ ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଅଫିସ ବନ୍ଦ କରିଯାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ଅଫିସ ଭିତରେ ନିଆଁ ଓ ଧୂଆଁ ଦେଖି ସ୍ଥାନୀୟ ଲୋକେ କମ୍ପାନୀ କର୍ମଚାରୀଙ୍କ ସହ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କାର୍ଯ୍ୟାଳୟର ଏସି, କମ୍ପ୍ୟୁଟର, ବହୁ ଆସବାବପତ୍ର ସହ ଅଫିସ ଫାଇଲପତ୍ର ଜଳିଯାଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅନ୍ୟପକ୍ଷରେ ଫାଇନାନ୍ସ କମ୍ପାନୀ ସରକାରଙ୍କୁ ଟିକସ ଫାଙ୍କିବା ପାଇଁ ଅଗ୍ନିକାଣ୍ଡ ଘଟାଇଥିବା ସାଧାରଣରେ ଆଲୋଚନା ହେଉଛି। ଏନେଇ ଶିଳ୍ପାଞ୍ଚଳ ଥାନା ପୋଲିସ ତଦନ୍ତ ଜାରି ରଖିଛନ୍ତି।

# ବଜ୍ରପାତରେ ଶିଶୁକନ୍ୟା ମୃତ,୩ ଗୁରୁତର

**ବାଙ୍ଗିରିପୋଷି,୧୭।୫(ସଞ୍ଜୟ କୁମାର ଅଗ୍ରୱାଲା)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ସୋରିଷପାଳ ଗ୍ରାମ ପଞ୍ଚାୟତର ରଙ୍ଗାମାଟିଆ ଗ୍ରାମରେ ବଜ୍ରପାତ ଯୋଗୁ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତ ଶିଶୁକନ୍ୟା ଜଣକ ହେଲେ କାନ୍ଦ୍ରା ମାର୍ଣ୍ଡିଙ୍କ ସାନ ଝିଅ ଜୟସ୍ମିରାଣୀ ମାର୍ଣ୍ଡି (୬)। ଗୁରୁତର କାନ୍ଦ୍ରାଙ୍କ ବଡ଼ ଝିଅ ଜାସ୍ମିରାଣୀ (୧୦), ଶଙ୍କର ଟୁଡୁଙ୍କ ପୁଅ ଲୁକେଶ (୬) ଏବଂ ଅନନ୍ତ ମାର୍ଣ୍ଡି (୪୫)ଙ୍କୁ ଚିକିତ୍ସା ପାଇଁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣ ୫ଟାରେ କାଳବୈଶାଖୀ ଯୋଗୁ ବର୍ଷା ହେଉଥିଲା। ଏହି ସମୟରେ ମୃତ ଶିଶୁକନ୍ୟା ସମେତ ଗୁରୁତରମାନେ ଘର ଭିତରେ ଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସମସ୍ତେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିବା ବେଳେ ଡାକ୍ତର ଜୟସ୍ମିଙ୍କୁ ମୃତ ଘୋଷଣା କରିଥିଲେ। ବାଙ୍ଗିରିପୋଷି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମୃତ ଶିଶୁକନ୍ୟାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ସଂକ୍ଷେପରେ

### ପାଇପ୍ ବିଛାଯିବା ପରେ ଚାଷଜମି କ୍ଷତିଗ୍ରସ୍ତ

**ପଦ୍ମପୁର,୧୭।୫(ପ୍ରଦୀପ୍ତ ଦାଶ):** ରାଜ୍ୟ ସରକାରଙ୍କ ଉଠାଜଳସେଚନ ଯୋଜନାରେ ପଦ୍ମପୁର ବ୍ଲକ ଅନ୍ତର୍ଗତ ଦହିଗାଁ ପଞ୍ଚାୟତ ଦର୍ଲିଗୁଡା, ବୁବୁଡା ଓ ବ୍ରାହ୍ମଣଡିହି ଗାଁକୁ କୁମୁଡି ନଦୀରୁ ଚାଷୀଙ୍କ ଜମିକୁ ପାଣି ମାଡିବା ପାଇଁ ପାଇପ ବିଛା କାମ ସରିଯାଇଛି। ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ପକ୍ଷରୁ ଚାଷୀଙ୍କ ଜମିରେ ବେପରୱା ଭାବେ ଖୋଲି ପାଇପ ବିଛାଇଛନ୍ତି। ଯାହାକି ଚଳିତବର୍ଷ ଚାଷ କାର୍ଯ୍ୟରେ ବାଧା ହେବ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ପାଇପ ପକାଯିବା ପରେ ଜମିକୁ ସମତୁଲ କରାଯାଇନାହିଁ। ସେଥିପାଇଁ ଲଙ୍ଗଳ ମଧ୍ୟ କରାଯାଇ ପାରୁନାହିଁ। କେଉଁଠି ମାଟିର ପାହାଡ ତ କେଉଁଠି ଖାଲ ରହିଛି। ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଦୁଇ ବାଇକ୍ ସହ ବାଇକ୍ ଚୋର ଗିରଫ

**ବୌଦ୍ଧ,୧୭।୫(ଅଜିତ କୁମ୍ଭୀର ବାରିକ):** ବୌଦ୍ଧ ଜିଲା ପୁରୁଣାକଟକ ପୋଲିସ ବାଇକ୍ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଚୋର ଠାରୁ ଦୁଇଟି ଚୋରି ବାଇକ୍ ଜବତ କରିବା ସହିତ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ କିଛିଦିନ ତଳେ ଚାରିଛକ ହାଟରୁ ନିୟମିତ ମୋବାଇଲ ଚୋରିକୁ ନେଇ ପୋଲିସ ଚୋରକୁ ଧରିବା ପାଇଁ ପ୍ରୟାସ ଚଳାଇଥିଲା। ମାତ୍ର ପୋଲିସକୁ ଚକ୍‌ମା ଦେଖାଇବାକୁ ଯାଇ ଚୋର ଜଣେ ପୋଲିସ କର୍ମଚାରୀଙ୍କ ସ୍କୁଟି ଚୋରି କରିଥିଲା। ଏହି ଘଟଣା ପରେ ପୋଲିସ ଚୋରକୁ ଧରିବା ପାଇଁ ଜାଲ ବିଛାଇଥିଲା। ପାଟ୍ରୋଲିଂ ସମୟରେ ଏକ ଚୋରି ବାଇକ୍ ଧରା ପଡିଥିଲା। ଏହି ଘଟଣାରେ ପୋଲିସ କ୍ରୀଷ୍ଣା ଦାସ (୩୮)ନାମକ ଜଣେ ଅଭିଯୁକ୍ତଙ୍କୁ ଧରି ପଚରାଉଚରା ପରେ ବାଇକ୍ ଚୋରିର ପର୍ଦ୍ଦାଫାଶ ହୋଇଥିଲା। ଆଉ ଏକ ଚୋରି ସିଡି ଡିଲକ୍ସ ଧରାପଡିବା ସହିତ ପୋଲିସ କର୍ମଚାରୀଙ୍କ ସ୍କୁଟି ରାୟଗଡା ଅଞ୍ଚଳରେ ବିକ୍ରି କରାଯାଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ କ୍ରିଷ୍ଣାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଗିରଫ ଚୋରର ଘର ନୟାଗଡ଼ ଜିଲା ଇଟାମାଟି ଥାନା ଅନ୍ତର୍ଗତ ନାଗରପୁର ବୋଲି ସୂଚନା ମିଳିଛି। ଅଭିଯୁକ୍ତ ନାମରେ ଆହୁରି ଅନେକ ଅପରାଧିକ ମାମଲା ରହିଥିବା ପୋଲିସ ଜାଣିପାରିଥିବା ପୁରୁଣାକଟକ ପୋଲିସ ପକ୍ଷରୁ ସୂଚନା ମିଳିଛି ।

### ୩ ବାଲି ବୋଝେଇ ଗାଡ଼ି ଜବତ,୪ ଗିରଫ

**କୁଆଁରମୁଣ୍ଡା,୧୭।୫ (ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକି ନିକଟସ୍ଥ କୋଏଲ ନଦୀରୁ ବିନା ଟିପିରେ ବେଆଇନଭାବେ ୨ଟି ହାଇୱା ଓ ୧ଟି ଟିପରରେ ବାଲି ବୋଝେଇ କରି ଲୁଟେରାମାନେ ଚାଲାଣ କରୁଥିଲା ବେଳେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଗାଡିଗୁଡିକୁ ଜବତ କରିଛି।



ସାମୁହିକ ଭୋଟ୍ ବର୍ଜନ ପାଇଁ ନିଷ୍ପତ୍ତି ନେଇଥିବା ଗ୍ରାମବାସୀବୃନ୍ଦ ।

# ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

**ବରଗଡ଼,୧୭।୫ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ସସ୍ତୁପାଲି ଗ୍ରାମବାସୀ ଭୋଟ୍ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଗ୍ରାମବାସୀ ଏକତ୍ରିତ ହୋଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ଭୋଟ ଗ୍ରହଣ କେନ୍ଦ୍ର ଦୂରସ୍ଥାନରେ କରାଯାଇଥିବା ପ୍ରତିବାଦରେ ଏଭଳି ନିଷ୍ପତ୍ତି ନେଇଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ଗ୍ରାମରେ ୯୦୦ ଭୋଟର ଅଛନ୍ତି। ମାତ୍ର ଗ୍ରାମଠାରୁ ପ୍ରାୟ ୫ କି.ମି. ଦୂରରେ ଭୋଟ୍ ଗ୍ରହଣ କେନ୍ଦ୍ର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେଠାକୁ ଯିବା ରାସ୍ତା ମଧ୍ୟ ଶୋଚନୀୟ ହୋଇ ପଡ଼ିଥିବା ସେମାନେ କହିଛନ୍ତି। ତେବେ ଏ ନେଇ ପୂର୍ବରୁ ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରିଥିଲେ। କିନ୍ତୁ କିଛି ପଦକ୍ଷେପ ନିଆ ନ ଯାଇଥିବା ଅଭିଯୋଗ କରି ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ସମ୍ବଲପୁରୀ ଭାଷା ଯୁକ୍ତିସିଦ୍ଧ, ଶବ୍ଦ ଭଣ୍ଡାର

## ଭାଷାବିତ ପ୍ରଫେସର ହୃଦମଣି ପ୍ରଧାନଙ୍କ ଜୟନ୍ତୀ ପାଳିତ

**ଭେଡେନ,୧୭।୫(ସୁଦନ ମହାକୁର)**

ସମ୍ବଲପୁରୀ ଏକ ସ୍ୱୟଂସମ୍ପୂର୍ଣ୍ଣ ଏବଂ ସ୍ୱତନ୍ତ୍ର ଭାଷା ଅଟେ। ଅନ୍ୟ ଭାଷା ତୁଳନାରେ ଏହି ଭାଷାର ଶବ୍ଦ ଭଣ୍ଡାର ଓ ଉଚ୍ଚାରଣ ଶୈଳୀ ଅଧିକ ଧ୍ୱନିବିଜ୍ଞାନ ସମ୍ମତ ଅଟେ। ଦେଢ଼ କୋଟି ଲୋକଙ୍କ ଦ୍ୱାରା ଆଦୃତ ଓ ମାତୃଭାଷା ରୂପେ ବ୍ୟବହୃତ ସମ୍ବଲପୁରୀ ଭାଷା କେବଳ ସରକାରୀ ସ୍ୱୀକୃତି ଅପେକ୍ଷାରେ ରହିଛି। ଏହି ଭାଷାରେ ଉଚ୍ଚାଙ୍ଗ ସାହିତ୍ୟ ସର୍ଜନା କରିବା ତଥା ପ୍ରକୃଷ୍ଟ ଗବେଷଣା କରିବା ପାଇଁ ପ୍ରଶସ୍ତ କ୍ଷେତ୍ର ରହିଛି ବୋଲି ବାରମ୍ବାର ସ୍ମରଣ କରେଇ ଆସୁଥିଲେ ଖ୍ୟାତନାମା ଭାଷାବିତ ପ୍ରଫେସର ହୃଦମଣି ପ୍ରଧାନ। ଲୁ ନାଟ୍ୟ ଆଶ୍ରମ ମହୁଲପାଲିଠାରେ ତାଙ୍କ ୮୪ତମ ଜୟନ୍ତୀ ପାଳିତ ହୋଇଯାଇଛି । ଯାହାର ଆୟୋଜକ ଥିଲେ ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ଼ । ପରିଷଦ ଉପସଭାପତି ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତଥା ସାଧାରଣ ସମ୍ପାଦକ ଗବେଷକ ଉତ୍ପନ୍ନ କୁମାର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାରକ କବି ଶିବଶଙ୍କର ପୂଜାରୀ, ସମ୍ମାନିତ ଅତିଥି ଭାବେ କ୍ରାନ୍ତିକବି ହରିଲାଲ ସାହୁ ଓ ସଙ୍ଗଠକ ଦିଲୀପ କୁମାର ଦେବତା ଯୋଗଦେଇ ଭାଷାବିତ ହୃଦମଣି ପ୍ରଧାନଙ୍କ ନିରା ଜୀବନଶୈଳୀ ଓ ସମ୍ବଲପୁରୀ ଭାଷା ସାହିତ୍ୟର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ପ୍ରମୋଦ ପାଢ଼ୀ, ପ୍ର ପ୍ରଧାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଦ୍ୱାରା ସୃଷ୍ଟ ଗବେଷଣାଲବ୍ଧ ତଥ୍ୟ ଓ ସତ୍ୟକୁ ଆଲୋଚନା ମାଧ୍ୟମରେ ପରିପ୍ରକାଶ କରିଥିଲେ। ଜୟନ୍ତୀ ସଭା ଅବସରରେ କଥାକାର ତେଜରୁ ବାରିକଙ୍କୁ ଚଳିତବର୍ଷର ହୃଦମଣି ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ନାଟ୍ୟକାର ଅଶୋକ ବହିଦାର, ଅଧ୍ୟାପକ ବିଦ୍ୟାଧର ଦାଶ, ବରିଷ୍ଠ ସାମ୍ବାଦିକ ନିରୋଜ ପାଣି, କବି ପରମେଶ୍ୱର ବିଶି ତଥା ଅଞ୍ଚଳର ବହୁ ସାହିତ୍ୟିକ, କବି, ଲେଖକ ଓ ବୁଦ୍ଧିଜୀବୀ ସମାବେଶରେ ସାମିଲ ହୋଇଥିଲେ। ଶେଷରେ ସାହିତ୍ୟିକ ସୁବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମାନିତ କରାଯାଉଛି।

# ଭାଜପା ପାଇଁ ପ୍ରଚାର କଲେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ

**ସୋହେଲା,୧୭।୫(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାରେ ଶୁକ୍ରବାର ସନ୍ଧ୍ୟାରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ବିଜୟ ଶର୍ମା ଭାଜପା ପାଇଁ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ତାଙ୍କ ସହିତ ଭଟଲି ବିଧାନସଭା ବିଧାୟକ ପ୍ରାର୍ଥୀ ଇରାଶିସ ଆଚାର୍ଯ୍ୟ ଓ ବରଗଡର ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଉପସ୍ଥିତ ଥିଲେ। ସନ୍ଧ୍ୟା ୫ଟାରେ ସଡକପଥ ଯୋଗେ ଶର୍ମା ସୋହେଲା ପହଞ୍ଚିବା ପରେ ଡାକ ବଙ୍ଗଳା ପାଖ ଭାଜପା ଅଫିସରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶର୍ମା ସୋହେଲାର ଇଷ୍ଟ ଦେବୀ ମା' ଦୁର୍ଗା ମନ୍ଦିର ଯାଇ ପୂଜାଅର୍ଚ୍ଚନା କରିଥିଲେ। ଏହା ପରେ ଚାଲି ଚାଲି କୁମ୍ଭାରବନ୍ଧ ପଡାକୁ ଯାଇ ସେଠାରେ ଏକ ସଭାରେ ଯୋଗଦେଇଥିଲେ। ଏହି ସଭାରେ ବିଜେଡି ଯୁବ ନେତା ରମେଶ କୁମ୍ଭାର ତଥା ତାଙ୍କ ଶତାଧିକ ସମର୍ଥକ ବିଜେଡି ଦଳ ତ୍ୟାଗ କରି ଶର୍ମାଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ଆଚାର୍ଯ୍ୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଶର୍ମା କହିଛନ୍ତି ଯେ, ଲାଠି ଯୋଗେ ଶାସନ କରିବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ନେତାମାନେ ଝାଳ ବୁହାଇ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ଗରିବ ଦୁଃଖୀ ରଙ୍କି ତଥା ଚାଷୀଙ୍କ ସେବା କଲେ ଆମ ଦେଶ ଆହୁରି ମଜଭୁତ ହେବ। ଯଦି ରାଜ୍ୟ ଓ କେନ୍ଦ୍ର ଉଭୟ ଥିରେ ଭାଜପା ସରକାର ହୁଏ ତେବେ ବିକାଶ ଅଧିକ ଗତିଶୀଳ ହେବ ବୋଲି କହିଥିଲେ। ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଅନ୍ୟ ଭାଜପା ଶାସିତ ରାଜ୍ୟରେ ସରକାର ସହଜରେ ଗୁଣ୍ଡାଗର୍ଦ୍ଦି ଦମନ କରି ସୁଶାସନ ପ୍ରତିଷ୍ଠା କରି ପାରିଛି। ଲୋକେ ଓଡ଼ିଶାରେ ବି ସୁଯୋଗ ଦେଲେ ସୁଶାସନ ପ୍ରତିଷ୍ଠା ହେବ ବୋଲି ଶର୍ମା ଦମ୍ଭୋକ୍ତି ପ୍ରକାଶ କରିଥିଲେ। ସଭା ସମାପନ ପରେ କୁମ୍ଭାର ବନ୍ଧପଡାର ଘରକୁ ଘର ବୁଲି ପଦ୍ମ ଫୁଲରେ ଭୋଟ ଦେବା ପାଇଁ ଶର୍ମା ନିବେଦନ କରିଥିଲେ। ଏହା ପରେ ଦୈନିକ ବଜାର, ଥାନା ଛକ ଓ ମୁଖ୍ୟ ଛକ ଦେଇ ଚାଲି ଚାଲି ଭାଜପା ଅଫିସକୁ ଫେରିଥିଲେ। କାର୍ଯ୍ୟକ୍ରମ ପରେ ଭାଜପା ଶିବିର ଉତ୍ସାହିତ ହୋଇପଡ଼ିଛି।



# ବିଜେଡିରେ ମିଶିଲେ ୮୦ ଭାଜପା କର୍ମୀ

## ପ୍ରସ୍ତାବିତ ବୁଢ଼ି ଅଞ୍ଚଳରେ ଭାଜପାକୁ ଝଟକା

**ପଦ୍ମପୁର,୧୭।୫ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅନ୍ତର୍ଗତ ଧୁମାଭଟାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ପ୍ରାର୍ଥୀଙ୍କୁ ୩୨ଖଣ୍ଡ ଗ୍ରାମବାସୀ ବିରୋଧ କରୁଥିବା ବେଳେ ଶୁକ୍ରବାର ଲଖମରାର ୮୦ଜଣ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ନେତା ସୁଶାନ୍ତ ମିଶ୍ର, ପଦ୍ମପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସ୍ମିତାରଣୀ ସ୍ୱାଇଁ, ବିଧାୟକ ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରି ଉପଢୌକନ ପ୍ରଦାନ କରଯାଇଥିଲା।

# ପୋଲିସ ଉପସ୍ଥିତିରେ ଖୋଲିଲା ବାଡ଼



ପୋଲିସ ଉପସ୍ଥିତିରେ ରାସ୍ତାରୁ ବାଡ ଖୋଲା ଯାଉଛି।

## ଅମରପାଲି-ଗୁଦଗୁଦା ରାସ୍ତାରେ ବାଡ଼ ଦେଇ ଅବରୋଧ ଘଟଣା

**ଅମରପାଲି,୮।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି-ଗୁଦଗୁଦା ନିର୍ମାଣାଧିନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଥିଲେ। ଫଳରେ ୧୯ ଦିନ ହେଲା ଗୁଦଗୁଦା ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଗ୍ରାମର ଲୋକେ ବାହାରକୁ ଯିବାଆସିବା କରି ପାରୁ ନ ଥିଲେ। ତେବେ ଶୁକ୍ରବାର ପୋଲିସ ଉପସ୍ଥିତିରେ ଉକ୍ତ ବାଡକୁ ଖୋଲାଯାଇଛି। ସୂଚନା ଅନୁସାରେ ଅମରପାଲି ପୂର୍ତ୍ତ ବିଭାଗର ରାସ୍ତାରୁ ଗୁଦଗୁଦା ଗ୍ରାମକୁ ପ୍ରାୟ ୨ କିମି ଅଟେ। ଦୀର୍ଘ ଦିନର ଦାବି ପରେ ଉକ୍ତ ଗ୍ରାମକୁ ଏବେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ପାଇଁ ପୋଲ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ରହିଛି। ତେବେ ଗତ ୨୭ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଉକ୍ତ ରାସ୍ତାର ମଝିରେ ଏକ ବାଡ ଦେଇ ଅବରୋଧ କରିଥିଲେ। ସେମାନଙ୍କ ଦାବି ଅନୁସାରେ ଉକ୍ତ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି ଅଟେ। ତେଣୁ ସେମାନେ ବାଡ଼ ଦେଇଥିଲେ । କିଛି ବର୍ଷ ପୂର୍ବରୁ ମଧ୍ୟ ସେମାନେ ଏହି ରାସ୍ତାରେ ବାଡ଼ ଦେଇ ଅବରୋଧ କରିଥିଲେ। ମାତ୍ର ସେହି ସମୟରେ ଆଲୋଚନା କରି ରାସ୍ତା ଛାଡ଼ି ଦିଆଯାଇଥିଲା। ତେବେ ରାସ୍ତା ନିର୍ମାଣ ହେଉଥିବାବେଳେ ଗତ ମାର୍ଚ୍ଚ ୨୬ରେ ପୁଣି ରାସ୍ତା ଅବରୋଧ କରିଥିଲେ। ଏନେଇ ଗତ ମାର୍ଚ୍ଚ ୨୭ ରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ବିଭାଗ ତରଫରୁ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ଉକ୍ତ ରାସ୍ତାର ଜମି ଚିହ୍ନଟ କରିଥିଲେ। ତେବେ ସେହି ସମୟରେ ଗ୍ରାମବାସୀଙ୍କ ଆଲୋଚନାର ଦୁଇ ଦିନ ପରେ ରାସ୍ତା ଅବରୋଧ ହଟାଇ ଦିଆଯାଇଥିଲା। ମାତ୍ର ପୁଣି ଏପ୍ରିଲ ୨୮ରେ ସେହି ବ୍ୟକ୍ତିମାନେ ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ଫଳରେ ଉକ୍ତ ଗ୍ରାମକୁ କୌଣସି ଗାଡ଼ିମୋଟର ଯାତାୟାତ କରିପାରୁ ନ ଥିଲା। ଏପରିକି ଆମ୍ବୁଲାନ୍ସ ମଧ୍ୟ ଯାଇପାରୁ ନ ଥିଲା। ଉକ୍ତ ରାସ୍ତା ଦେଇ ଅମରପାଲି, ଗୌଡଗାଡ, ବହଳପଦର ଓ ବୀରମହାରାଜପୁର ଅଞ୍ଚଳର ଲୋକେ ଚାରମାଲ, ରେଢାଖୋଲ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। ରେଢ଼ାଖୋଲ ବ୍ଲକର ଗରଗଡବାହାଲ, କୁଆଖୋଲ, ବଦନତୈଲା, ଉଙ୍ଗାପଥର, ତେଲିଘଣା ଆଦି ଗ୍ରାମର ଲୋକେ ପ୍ରତ୍ୟେକ କାମ ପାଇଁ ବୀରମହାରାଜପୁର ବଜାର ଉପରେ ନିର୍ଭର କରନ୍ତି। ଯାତାୟତ ହୋଇ ପାରୁ ନ ଥିବାରୁ ସମସ୍ତେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଶୁକ୍ରବାର ବୀରମହାରାଜପୁର ଥାନା ଅଧିକାରୀ ଶୋଭକର ସେଟଙ୍କ ନିର୍ଦ୍ଦେଶକ୍ରମେ ହରିହର ଯୋର ଫାଣ୍ଡି ଅଧିକାରୀ ବିଭୁନ୍ଦ୍ର ବରାଳ ତାଙ୍କ ଟିମ୍‌ଙ୍କ ସହିତ ଯାଇ ରାସ୍ତା ଅବରୋଧ କରିଥିବା ବ୍ୟକ୍ତି ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ବାଡ ଖୋଲିଥିଲେ।

# ଭାଜପାର ବିଜୟ ସଂକଳ୍ପ ସମାବେଶ

**ଭେଡେନ,୧୭।୫(ସୁଦନ ମହାକୁର)**

ବରଗଡ଼ ଜିଲା ଅତାବିରା ନିର୍ବାଚନମଣ୍ଡଳୀ ଭେଡେନ ବ୍ଲକ ଅନ୍ତର୍ଗତ ରେମଣ୍ଡା ହାଇସ୍କୁଲ ପଡ଼ିଆରେ ଶୁକ୍ରବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶର ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଯୋଗଦେଇ ବରଗଡ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ ଅତାବିରା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦଙ୍କ ପାଇଁ ଭୋଟ ମାଗିଥିଲେ। ଶର୍ମା ତାଙ୍କ ରାଜ୍ୟରେ ଡବଲ ଇଞ୍ଜିନ ମୋଦି ସରକାର ହୋଇଥିବାରୁ କିପରି ଚାଷୀମାନେ ଧାନ ରେଟ୍ ୩୧୦୦, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ପିଲାଙ୍କୁ ପାଠ ପଢ଼ାରେ ସହାୟତା ଆଦି ଅନେକ ସରକାରୀ ଯୋଜନାରେ ଲୋକେ ଉପକୃତ ହୋଇଛନ୍ତି। ସେ ଉପରେ ମତ ରଖୀ ଏଥର ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ହେବା ନେଇ ଲୋକଙ୍କୁ କହିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ସମାବେଶରେ ଯୋଗଦେଇ ବିଜେଡି ଉପରେ ଖୁବ ବର୍ଷିଥିଲେ। ସେ ବିଜେଡି ସରକାରକୁ ଦୁର୍ନୀତି ଗସ୍ତ ସରକାର ବୋଲି କହିବା ସହ ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିଥିଲେ। ଏହି ଅବସରରେ ଅତାବିରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୋଇ, ରଞ୍ଜିତ ଭୋଇ, ମାମି ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ଅଜିତ ଦାସ, ଲୁହାଖଣ୍ଡି ସରପଞ୍ଚ ମୀରା ମହାକୁରଙ୍କ ଶତାଧିକ ସମର୍ଥକଙ୍କ ଗହଣରେ ଭାଜପାରେ ଯୋଗଦାନ କରିଥିଲେ। ଦଳ ପକ୍ଷରୁ ନବାଗତଙ୍କୁ ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମାବେଶରେ ବିଧାୟକ ପ୍ରାର୍ଥୀ ନିହାର ମହାନନ୍ଦ, ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସମେତ ସୁରେଶ୍ୱର ଶତପଥୀ, ଲକ୍ଷ୍ମୀ ରଥ, ଡି. ମୁରଲୀ କ୍ରୀଷ୍ଣା, ରଞ୍ଜନ ସେଟ, ବିପିନ ଭୋସାଗର, କୃଷ୍ଣଚନ୍ଦ୍ର ମହାନ୍ତି, ସୁଜାତା ପ୍ରଧାନ, ମିଳନ ସେଟ ପ୍ରମୁଖ ଉପସ୍ଥିତ ଥିଲେ।




ବିଜୟ ସଂକଳ୍ପ ସମାବେଶରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ଏବଂ ଅନ୍ୟମାନେ।

# ବୈଶାଖି ମେଳାର ଚୂଡ଼ାନ୍ତ ପ୍ରସ୍ତୁତି ଶେଷ



ନୃସିଂହନାଥ ମହାପ୍ରଭୁ।



ମନ୍ଦିର।

## ଆଜି ନୃସିଂହନାଥ ବୈଶାଖ ମେଳାର କଳସ ଯାତ୍ରା

**ପାଇକମାଳ,୧୭।୫(ବଡ ଶତପଥୀ)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ବୈଶାଖ ମେଳ ପାଇଁ ଚୂଡାନ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇ ସାରିଛି। ଶନିବାର ସନ୍ଧ୍ୟାରୁ ଏକାଦଶୀ ପଡୁଥିବାରୁ ଆଜିଠାରୁ ନୃସିଂହନାଥ ବୈଶାଖ ମେଳା ଆରମ୍ଭ ସହ କଳସ ଅଧିବେଶନ କରାଯିବ। ରବିବାର ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପଦ୍ମପୁର ଅତିରିକ୍ତ ଜିଲାପାଳ କୁନାଲ ମୋତିଲାଲ ଚୌହାନଙ୍କ ସହ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ମେଳା କମିଟି ସଦସ୍ୟମାନେ ମେଳା ପରିସର ବୁଲି ଦେଖିବା ସହ ବାଇପାସ ରୋଡ, ପ୍ରାର୍କିଂ ପ୍ଲେସ, ଉଠା ଦୋକାନ ସ୍ଥାନ ବୁଲି ଦେଖିଥିଲେ। ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ଚଳଚଞ୍ଚଳ ହୋଇ ପଡିଛି ନୃସିଂହନାଥ ପୀଠ। ମେଳା ପରିସରରେ ବିଭିନ୍ନ ପ୍ରକାର ଦୋକାନ ବଜାର ଦୋଳି ସର୍କସ ଆଦି ବସି ସାରିଲାଣି। ପ୍ରଶାସନ ତଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଚାଳ ଧାରରେ ବାଉଁଶରେ ତିଆରି ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ମନ୍ଦିର ପରିସରରେ ଯଜ୍ଞ ମଣ୍ଡପ କାର୍ଯ୍ୟ ଶେଷ ହୋଇଯାଇଛି। ଶୁକ୍ରବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ବୈଶାଖ ମେଳା ଅନୁଷ୍ଠିତ ହେବ। ପ୍ରଥମ ଦିନ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହେବ। ରବିବାର ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ନୃସିଂହ ବୀଜମନ୍ତ୍ର ଜପ କରାଯିବ। ୨୨ ତାରିଖରେ ନୃସିଂହନାଥ ମହାପ୍ରଭୁ ମାର୍ଜାର କେଶରୀଙ୍କ ଜନ୍ମଉତ୍ସବ ପାଳନ କାର୍ଯ୍ୟକ୍ରମ ରହିଛି ଓ କନ୍ଧ ସମାଜ ଦ୍ୱାରା ନୃସିଂହ ମହାପ୍ରଭୁଙ୍କୁ ପିଠ କନ୍ଦା ଭୋଗ ଅର୍ପଣ ଏବଂ ଧ୍ୱଜା ବନ୍ଧନ କରଯିବ। ୨୩ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ଅକ୍ଷୟ ତୃତୀୟାଠାରୁ ନୃସିଂହନାଥରେ ଅପରାହ୍ନ ୪ଟାରେ ନୃସିଂହ ମହାପ୍ରଭୁଙ୍କଠାରେ ଲାଗି ହେଉଥିବା ପଖାଳ ଭୋଗ ଆଜି ସମାପ୍ତ ହୋଇଛି।

## ସଂକ୍ଷେପରେ

### ଧରଣୀ ପୀଠରେ ପୋଢ଼ବଳି

ରୁପ୍ରାରୋଡ୍,୧୭।୫(ସଞ୍ଜୀବ ଦାସ)- ଗ୍ରାମବାସୀଙ୍କ ମଙ୍ଗଳ, ରୋଗବ୍ୟାଧିରୁ ମୁକ୍ତ, ମାଟି ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ନର୍ଲା ବ୍ଲକ୍ ଭୀମକେଲା ଗ୍ରାମ ଧରଣୀ ପୀଠରେ ଶୁକ୍ରବାର ପୋଢ଼ ବଳି ଅନୁଷ୍ଠିତ ହୋଇଯାଇଛି। ଗାଁ ଜାନୀ ଅକ୍ଷୟ ମାଝି, ଗାଁ ଗୌନ୍ତିଆ ବିଘ୍ନରାଜ ଭୋଇ, ଗାଁ ଝାକର, ଗଣା ଓ ଗ୍ରାମବାସୀ ନିର୍ଦ୍ଧାରିତ ତିଥି ଲଗ୍ନ ଅନୁସାରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ପୋଢ଼କୁ ପୂଜାର୍ଚ୍ଚନା ପରେ ଧରଣୀ ପୀଠରେ ବଳି ପକାଇଥିଲେ। ଏହି ସମୟରେ କଳାହାଣ୍ଡିର କନ୍ଧ ପୁରାଣ ଗାନ କରାଯାଇଥିଲା। ସେ ସମୟରେ କନ୍ଧ ଲୋକମାନେ ନିଶାନ, ଢାପ ବଜାଇ ନୃତ୍ୟ ପରିବେଷଣ କରିଥିଲେ। ପୋଢ଼ ବଳି ପର୍ବ ପ୍ରତି ୧୨ ବର୍ଷରେ ଥରେ ପାଳିତ ହେଉଥିବା ଗାଁର ବୟୋଜ୍ୟେଷ୍ଠ ଲୋକେ କହିଛନ୍ତି। ଏଥିରେ ଆନନ୍ଦ ମାଝି, ମୀନକେତନ ମାଝି, କୁବେର ମାଝି, ପୀତାମ୍ବର ମାଝି, ବୈକୁଣ୍ଠ ମାଝି, ବଂଶୀଧର ମାଝି, ଭାଗ୍ୟବନ୍ତ ମାଝିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ପୋଢ଼ବଳି ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକ ଯୋଗଦାନ କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକ ଗୁରୁତର

**ଖଡ଼ିଆଳ,୧୭।୫ (ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବାଳକ ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଡୁଆଝର ଗ୍ରାମର ଅଭିଯୋଗକାରୀ ହୀରାଧର ମେହେରଙ୍କ ପୁତୁରା କୁନାଲ ମେହେର (୧୬) କୌଣସି କାମ ପାଇଁ ଗୁରୁବାର ନିଜ ଘରର ସ୍ଲାବ ଉପରକୁ ଯାଇଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏବେ ସେ ରାୟପୁରସ୍ଥିତ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ହୀରାଧରଙ୍କ ଅଭିଯୋଗ ଅନୁଯାୟୀ ଘର ଉପରେ ଯାଇଥିବା ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍‌ତାରକୁ ସେଠାରୁ ସ୍ଥାନାନ୍ତର କରିବା ପାଇଁ ବିଭାଗକୁ ଅନେକ ଥର ଅଭିଯୋଗ କରିଛନ୍ତି। ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଛନ୍ତି। ହେଲେ ବିଭାଗ ପକ୍ଷରୁ ଦୃଷ୍ଟି ଦିଆ ନ ଯିବା ଯୋଗୁ ଏତେବଡ ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଧନେଶ୍ୱର ପୋଡ, ହେମନ୍ତ ତାଣ୍ଡି, କେଦାର ମେହେର, ଉଦ୍ଧବ ମେହେର ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଖଡ଼ିଆଳ ଥାନାରେ ୧୮୦/୨୪ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ପ୍ରକାଶ କରିଛନ୍ତି।

### ୩ ବାଲି ବୋଝେଇ ଗାଡ଼ି ଜବତ,୪ ଗିରଫ

**କୁଆଁରମୁଣ୍ଡା,୧୭।୫(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାକି ନିକଟସ୍ଥ କୋଏଲ ନଦୀରୁ ବିନା ଟିପିରେ ବେଆଇନଭାବେ ୨ଟି ହାଇୱା ଓ ୧ଟି ଟିପରରେ ବାଲି ବୋଝେଇ କରି ଲୁଟେରାମାନେ ଚାଲାଣ କରୁଥିଲା ବେଳେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଗାଡିଗୁଡିକୁ ଜବତ କରିଛି। ଏହି ସମୟରେ ଅନ୍ୟ ଏକ ବାଲି ବୋଝେଇ ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଫାଣ୍ଡି ପୋଲିସ ସୂଚନା ଦେଇଛି।



ନଦୀପଠାରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି ବଡ଼ମୁଲା ଗାଁର ୨ ମହିଳା।

# ବଡ଼ମୁଲାରେ ପାନୀୟଜଳ ସମସ୍ୟା ଉତ୍କଟ

ଖଡ଼ିଆଳ,୧୭।୫ (ସୁଜିତ କୁମାର ପ୍ରଧାନ)

**ସମାଧାନ ନ ହେଲେ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ**

ଖଡ଼ିଆଳ ବ୍ଲକ ବଡ଼ମୁଲା ଗାଁରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ପାଣି ମୁନ୍ଦାଏ ପାଇଁ ଗାଁର ମହିଳାମାନେ ୨କି.ମି. ଦୂର ନଦୀକୁ ଯାଇ ଚୁଆ ଖୋଳି ଜଳ ସଂଗ୍ରହକରି ଆଣୁଛନ୍ତି। ଆଉ କେତେଜଣ ମହିଳା ଗାଁ ନଳକୂପ ନିକଟରେ ଧାଡ଼ିରେ ଛିଡାହୋଇ ସଂଗ୍ରହ କରୁଛନ୍ତି। ଏହି ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ବଡ଼ମୁଲା ଗାଁର ଜନସଂଖ୍ୟା ୨୫୦୦ ହେବ। ଜିଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁ ନିକଟ ନାଳରୁ ବସୁଧା ଯୋଜନାରେ ପାଇପ୍ ଯୋଗେ ଜଳ ଯୋଗାଣ ପ୍ରକଳ୍ପ କରାଯାଇଛି। ହେଲେ ପ୍ରବଳ ଗ୍ରୀଷ୍ମପ୍ରବାହରେ ଜଳ ଯୋଗାଣ ପ୍ରକଳ୍ପ ଗଭୀର କୂପର ଜଳସ୍ତର ହ୍ରାସ ପାଇଛି। ଫଳରେ ଦୀର୍ଘ ୧ ମାସ ହେବ ଗାଁରେ ପାଇପ୍ ଯୋଗେ ଜଳ ଯୋଗାଣ ବନ୍ଦ ରହିଛି। ଗାଁରେ ନଳକୂପ ଥିଲେ ବି ସେଥିରୁ ଫ୍ଲୋରାଇଡ୍ ମିଶ୍ରିତ ପାଣି ବାହାରୁଛି। ପାଇପ୍ ପାଣି ବନ୍ଦହେବା ପରେ ବାଧହୋଇ ନଳକୂଅ ପାଣି ବ୍ୟବହାରକରି ଲୋକେ ନାନା ପ୍ରକାର ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ପାଣି ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଲେ ଖଡ଼ିଆଳ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗାଁ ମହିଳାମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଗଭୀର କୂପ ଜଳସ୍ତର ହ୍ରାସ ପାଉଥିବା ଘଟଣାକୁ ଖୋଦ ଖଡ଼ିଆଳ ବିଡିଓ ସ୍ୱୀକାର କରିବା ସହ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସ୍ଥାନୀୟ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ କୁସୁମ ଖୁଣ୍ଟିପଡ଼ାବାସୀ

ଭବାନୀପାଟଣା,୧୭।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖ୍ୟାଳୟରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଚିର୍କା ଗ୍ରାମର କୁସୁମ ଖୁଣ୍ଟିପଡ଼ାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରୁଛନ୍ତି। ଏହି ପଡ଼ାର ଘର ସଂଖ୍ୟା ୨୫ ଥିବାବେଳେ ଜନସଂଖ୍ୟା ପାଖାପାଖି ୧୨୫ ରହିଛି। ରାଜସ୍ୱ ଗ୍ରାମ ଚିର୍କାରୁ କିଛି ଭୂମିହୀନ ଖଟିଖିଆ ଏକ ନୂତନ ପଡ଼ା ବସାଇ କୁସୁମ ଖୁଣ୍ଟିପଡ଼ା ନାମକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୨ ବ୍ରାହ୍ମଣ ପରିବାରକୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଗଉଡ ଓ ଆଦିବାସୀ ପରିବାରର। ୧୯୯୪ମସିହାରୁ ଏହି ପଡ଼ା ଗଢିଉଠିଥିଲା। ଏତେବର୍ଷ ପରେ ମଧ୍ୟ ରାସ୍ତା, ପାନୀୟ ଜଳ, ବିଜୁଳି, ଶିକ୍ଷା ପାଇଁ ପଡ଼ାବାସୀଙ୍କୁ ସଂଘର୍ଷ କରିବାକୁ ପଡୁଛି।



ନଳକୂଅରୁ ଧଳା ପାଣି ବାହାରୁଛି।

ମୂଲ ଲାଗି ଜୀବନ ଅତିବାହିତ କରୁଥିବା ଏହି ଗ୍ରାମର ଅଧିବାସୀଙ୍କୁ ଗାଁରେ ବିଜୁଳି ଆଲୋକ ଦେଖିବା ପାଇଁ ସର୍ତ୍ତ ପାଳନ କରିବାକୁ ପଡ଼ିଥିଲା ବୋଲି ଗାଁ ଲୋକେ ପ୍ରକାଶ କରନ୍ତି। ପଡାବାସୀଙ୍କ ପାଇଁ ମାତ୍ର ଗୋଟିଏ ନଳକୂପ ଥିବାବେଳେ ସେଥିରୁ ବାହାରୁଥିବା ପାଣି ପିଇବା ଉପଯୋଗୀ ନୁହେଁ। ପୂର୍ବରୁ ନଳକୂପରୁ ଭଲ ପାଣି ବାହାରୁଥିବାବେଳେ ଏବେ ଧଳା ପାଣି ବାହାରୁଥିବା ଦେଖିବାକୁ ମିଳିଛି। ଫଳରେ ବାଧ ହୋଇ କିଛି ଲୋକ ଏହି ପାଣି ବ୍ୟବହାର କରୁଥିବାବେଳେ ଆଉ କିଛି ଲୋକ ଦେଢ଼କିମି ଦୂର ଚିର୍କା ଗ୍ରାମକୁ ଯାଇ ପାନୀୟ ଜଳ ଆଣୁଛନ୍ତି। ଗାଁରେ ପୋଖରୀଟିଏ ଥିବାବେଳେ ତାହା ଅବସ୍ଥା ନ କହିବା ଭଲ। ପଡାକୁ ମାଟିରାସ୍ତା ଯାଇଥିବା ବେଳେ ବର୍ଷା ଦିନରେ କାଦୁଅରେ ପୂର୍ଣ୍ଣ ହୋଇଯାଏ। ଗାଁରୁ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ଦେଢ଼ କିଲୋମିଟର ଦୂରରେ ଥିବାବେଳେ ବର୍ଷାଦିନେ କୁନିକୁନି ପିଲାଙ୍କୁ ହନ୍ତସନ୍ତ ହେବାକୁ ପଡିଥାଏ। ବର୍ଷା ଦିନରେ ଏହି ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଆସି ନ ଥାଏ। ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ଯାଏ ନେବାକୁ ପଡିଥାଏ ବୋଲି କହିଛନ୍ତି ପଡାବାସୀ। ଏ ନେଇ ବିଗତ ଦିନରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇନାହିଁ ବୋଲି ପଡ଼ାବାସୀ ଅଭିଯୋଗ କରିଛନ୍ତି। ସେପଟେ ନିର୍ବାଚନ ବେଳେ ଅନେକ ରାଜନେତା ଭୋଟ ଭିକ୍ଷା କରିବା ପାଇଁ ଆସନ୍ତି ଓ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ନିର୍ବାଚନ ସରିଗଲେ ସବୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଯାଏ ବୋଲି ଲୋକେ କହିଛନ୍ତି। ଏ ନେଇ ଜୟପାଟଣା ବିଡିଓ ଧର୍ମ ରାଜ ମାଝିଙ୍କୁ ଅବଗତ କରିବା ପରେ ସମ୍ପୃକ୍ତ ବିଭାଗକୁ ଘଟଣାସ୍ଥଳକୁ ପଠାଇବା ସହ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ବିରଞ୍ଚି ହତ୍ୟାକାରୀଙ୍କୁ କୋର୍ଟ ଚାଲାଣ

କେସିଙ୍ଗା,୧୭।୫(ତୁମେଶ୍ୱର ସାହୁ)



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ପରଲସିଙ୍ଗା ଗ୍ରାମପଞ୍ଚାୟତ ରଏନପଡ଼ାର ବିରଞ୍ଚି ନାଏକ (୩୨)ଙ୍କ ହତ୍ୟାକାରୀ ଜିତୁ ଗୌଡ଼ (୧୯)ଙ୍କୁ ପୋଲିସ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀକରି ଏସ୍‌ଡିପିଓ ବିନୋଦ ପାଟିଲ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଜିତୁ କିପରି ହତ୍ୟା କରିଥିଲେ ପୋଲିସ ଆଗରେ ତାହାର ଡେମୋ ଦେଖାଇଥିଲେ। ଏସ୍‌ଡିପିଓ ପାଟିଲଙ୍କ ସୂଚନାକ୍ରମେ, ମହୁଲପଡ଼ାର ଜିତୁ ଗୌଡ଼ ସିକ୍ୟୁରିଟି ଚାକିରି କରାଇଦେବା ପାଇଁ ବିରଞ୍ଚିଙ୍କଠାରୁ ଟଙ୍କା ନେଇଥିଲେ। ଏପରିସ୍ଥଳେ ଗତ ୧୨ତାରିଖରେ ଜିତୁ ବିରଞ୍ଚିଙ୍କୁ ଫୋନକରି ଡାକିଥିଲେ। ଦୁହିଁଙ୍କ ମଧ୍ୟରେ ବଚସା ହେବା ପରେ ଜିତୁ ଛୁରିରେ ଆକ୍ରମଣକରି ବିରଞ୍ଚିଙ୍କୁ ହତ୍ୟାକରିଥିଲେ। ପରେ ସେ ମୃତଦେହକୁ ଭମରମାଲ ତିନିକୋଣିଆ ଛକ ନିକଟକୁ ନେଇ ଫିଙ୍ଗିଦେଇଥିଲେ। ସେପଟେ ବିରଞ୍ଚି ଘରୁ ଯିବା ପରେ ତାଙ୍କ ସ୍ତ୍ରୀ ଲିଲି ନାଏକ ଫୋନ କରିଥିଲେ ମଧ୍ୟ ମୋବାଇଲ ସୁଇଚ ଅଫ୍ ଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ୧୩ ତାରିଖ ରାତିରେ ଭମରମାଲ ତିନିକୋଣିଆ ଛକ ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜାଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମୃତଦେହ ଚିହ୍ନଟକରି କେସିଙ୍ଗା ଥାନାକୁ ଫୋନକରି ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଉପସ୍ଥିତ ଥିଲେ।



ଅନୁଷ୍ଠାନର ସଦସ୍ୟଙ୍କ ସହ ନାଟକରେ ଅଭିନୟ କରିଥିବା କଳାକାର।

# ରିଷିଡ଼ା ବିରାଟପର୍ବ ପୂର୍ଣ୍ଣାହୁତି ସହ ଶେଷ

ରିଷିଡ଼ା,୧୭।୫(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କନ୍ଧପଡ଼ା ରାଧାକୃଷ୍ଣ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଚାଲିଥିବା ବିରାଟ ପର୍ବ ପୂର୍ଣ୍ଣାହୁତି ସହ ଶେଷ ହୋଇଛି। ଗୁରୁବାର ସପ୍ତମ ରଜନୀରେ ଅର୍ଜୁନଙ୍କ ଦଶନାମ ଓ ପଞ୍ଚୁପାଣ୍ଡବଙ୍କ ଅଭିଷେକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଠାରେ ଅକ୍ଷୟ ତୃତୀୟାଠାରୁ ୭ଦିନ ବ୍ୟାପୀ ମହାଭାରତ ପୁରାଣରୁ ସଂଗୃହୀତ ବିରାଟ ପର୍ବ ନାଟକ ରାତିରେ ମଞ୍ଚସ୍ଥ ହୋଇଥାଏ। ଶୁକ୍ରବାର ପୂର୍ଣ୍ଣାହୁତି ସହ ନଗର ସଂକୀର୍ତ୍ତନ ଓ କଳସ ଯାତ୍ରା ହୋଇଥିଲା। ନାଟକର ବିଭିନ୍ନ ଭୂମିକାରେ ବିରାଟ ରାଜା ଭୋଳାରାମ ଭୋଇ, ଯୁଧିଷ୍ଠିର ସଞ୍ଜୟ ଧରୁଆ, ଭୀମ ହେମାଦ୍ରି ଭୋଇ, କୀଚକ ହିମାନ ଭୋଇ, ଅର୍ଜୁନ କୈଳାଶ କୁମୁରା, ଡଗର ନେପାଳ ମାଝି, ମନ୍ତ୍ରୀ ତେଜରାଜ ଦଣ୍ଡସେନା ଅଭିନୟ କରିଥିଲେ। କର୍ତ୍ତା ଭାବରେ ଉର୍ମିଳା ଦଣ୍ଡସେନା, ଦିଲୀପ ଦଣ୍ଡସେନା ଏବଂ ପୁରାଣ ପଣ୍ଡା ଭାବେ ପଙ୍କଜ ଭୋଇ ଦାୟିତ୍ୱ ନିର୍ବାହ କରିଥିଲେ।

### ଭୋଟ ବର୍ଜନକଲେ ଡୁମୁନିଖୋଲ ଗ୍ରାମବାସୀ

ଥୁଆମୂଳ ରାମପୁର, ୧୭।୫(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ଡୁମୁନିଖୋଲ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତହୋଇ ଭୋଟ ବର୍ଜନ କରିଛନ୍ତି। ଗ୍ରାମରେ ୬୨ ପରିବାରରେ ୨୦୦ରୁ ଅଧିକ ଭୋଟର ରହିଛନ୍ତି। ଗ୍ରାମରେ ରାସ୍ତା, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି ଭଳି ସମସ୍ୟା ଲାଗିରହିଛି। ଏ ନେଇ ସରପଞ୍ଚଙ୍କଠାରୁ ଆରମ୍ଭକରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଆସୁଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ୱାର୍ଡମେମ୍ବର ସନୁ ମାଝି କହିଛନ୍ତି। ଗ୍ରାମର ମହିଳା ପୁରୁଷଙ୍କୁ ଭତ୍ତା ଟଙ୍କା ମଧ୍ୟ ଠିକ୍‌ଭାବେ ମିଳୁନାହିଁ। ଏପରି କି ଗାଁର ଉନ୍ନତି ପାଇଁ ଆସୁଥିବା କାମକୁ ମଧ୍ୟ ଅନ୍ୟ ଗାଁରେ କରାଯାଇ ଅର୍ଥ ହରିଲୁଟ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହିସବୁ ସମସ୍ୟା ନେଇ ସେମାନେ ଭୋଟ ବର୍ଜନ କରିଥିବା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପାଢ଼ୀଙ୍କୁ ପଚାରିବାରୁ ସରକାରଙ୍କ ସବୁ ଯୋଜନାର ଲାଭ ଡୁମୁନିଖୋଲ ଗ୍ରାମବାସୀ ନେଉଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ହୋମଯଜ୍ଞ



ମନ୍ଦିର ପ୍ରତିଷ୍ଠା ଅବସରରେ ହୋମଯଜ୍ଞ।

**ଲାଞ୍ଜିଗଡ଼,୧୭।୫(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରଠାରେ ତ୍ରିନାଥ ଠାକୁରଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ଦ୍ୱିତୀୟ ଦିନରେ ହୋମ ଓ ଯଜ୍ଞକର୍ମ ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ମଣ୍ଡଳା କରଣ, ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ ହୋଇଥିଲା। ଅପରାହ୍ନରେ ସଂକୀର୍ତ୍ତନ ମଣ୍ଡଳୀ ସହ ମହିଳାପୁରୁଷ ନିକଟସ୍ଥ କର୍ଲା ନଦୀରୁ କଳସରେ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ଏଥିରେ କର୍ତ୍ତା ଭାବେ ବିଘ୍ନରାଜ ସାହୁ ଓ ତାଙ୍କ ସ୍ତ୍ରୀ ସରୋଜା ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। କୈଳାସ ଚନ୍ଦ୍ର ଦାସ ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ମାୟାଧର ଶତପଥୀ, ଜିତେନ୍ଦ୍ର ପାଢ଼ୀ, ପ୍ରଶାନ୍ତ କୁମାର ଦାସ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ମନୋରଞ୍ଜନ ବିଶି, ସମ୍ପାଦକ ଧବଳେଶ୍ୱର ଠେଲା, କୋଷାଧ୍ୟକ୍ଷ ତ୍ରିଲୋଚନ ସେଠୀ, ଗାଁ ଗୌଡିଆ ପ୍ରଦୀପ ଘଡ଼େଇ, ବନ ଦଲେଇ, ତରୁଣ ଦାସ, ମାଧବ ଦଣ୍ଡସେନା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଘର ଉପରେ ଭାଙ୍ଗିପଡ଼ିଲା ତେନ୍ତୁଳିଗଛ

ଥୁଆମୂଳ ରାମପୁର,୧୬।୫(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ବାଗଡ଼ିଆଣି ପଞ୍ଚାୟତ କମରାଘାଟ ଗ୍ରାମର ଜଣଙ୍କ ଘର ଉପରେ ଶୁକ୍ରବାର ଏକ ତେନ୍ତୁଳିଗଛ ଭାଙ୍ଗିପଡିଛି। ଏଥିରେ ପରିବାର ଲୋକେ ବର୍ତ୍ତିଯାଇଥିଲେ ହେଁ ଘରର ଆସବାବପତ୍ର ନଷ୍ଟ ହୋଇଯାଇଛି। ସୂଚନାକ୍ରମେ ଗ୍ରାମର ନକୁଳ ମାଝିଙ୍କ ଘର ପଛପଟେ ଅନ୍ୟ ଜଣଙ୍କ ବାଡ଼ିରେ ବହୁ ପୁରାତନ ତେନ୍ତୁଳିଗଛ ଦୀର୍ଘଦିନ ଧରି ଶୁଖି ଭାଙ୍ଗିବା ଅବସ୍ଥାରେ ରହିଥିଲା। ଏହାକୁ କାଟିବା ପାଇଁ ନକୁଳ ଗଛ ମାଲିକଙ୍କୁ କହିଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ନକୁଳ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ଡାକି ଆଲୋଚନା କରିଥିଲେ। ସମାଧାନ ନ ହେବାରୁ ଶେଷରେ ବନ ବିଭାଗ, ତହସିଲ ଓ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ଅଳ୍ପଦିନ ଭିତରେ ନକୁଳଙ୍କ ଘର ଉପରେ ତେନ୍ତୁଳିଗଛ ଭାଙ୍ଗିପଡ଼ି ଘର ସହ ଜିନିଷପତ୍ର ନଷ୍ଟ ହୋଇଯାଇଛି।



ଘର ଉପରେ ଭାଙ୍ଗିପଡ଼ିଥିବା ତେନ୍ତୁଳିଗଛ।

**ବର୍ତ୍ତିଗଲେ ପରିବାର ଲୋକେ**

ଏହି ସମୟରେ ଘର ଭିତରେ ଥିବା ନକୁଳଙ୍କ ସମେତ ତାଙ୍କ ସ୍ତ୍ରୀ, ଝିଅ ଓ ୩ ପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗରିବ ଶ୍ରେଣୀର ଏହି ପରିବାର ବାସଶୂନ୍ୟ ହୋଇଯାଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ତହସିଲଦାର କବିରାଜ ପ୍ରଧାନଙ୍କୁ ପଚାରିବାରୁ ତୁରନ୍ତ ଆର୍‌ଆଇଙ୍କୁ ପଠାଇ ତଦନ୍ତ ପରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ୧୭ ଘଣ୍ଟା ପରେ ରାସ୍ତାରୋକୋ ହଟିଲା

**କାର୍ ଧକ୍କାରେ ଜଣେ ମୃତ, ୫ ଗୁରୁତର ଘଟଣା**

ଭବାନୀପାଟଣା/ଜୁନାଗଡ,୧୭।୫
(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମହିଚଲା ଛକ ୨୬ନମ୍ବର ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଥିଲା। ରାସ୍ତା ପାର୍ଶ୍ୱରେ ବସିଥିବା ସମୟରେ ଏକ କାର୍ (ନଂ.ଓଡି୦୧ଏଏକ୍ସ-୨୨୫୫) ମାଡିଆସିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫ଜଣ ଗୁରୁତର ହୋଇଥିଲେ। ମୃତ ଯୁବକ ଜଲତାମୁଣ୍ଡାର ଲୟ ମୁଣ୍ଡା(୩୪)। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସମ୍ପର୍କୀୟ ମୃତ ଦେହରଖି ରାତି ୮ଟାରୁ ମହିଚଲା ଛକ ୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସଫଳ ମିଳି ନ ଥିଲା। ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ପୋଲିସ ଉପସ୍ଥିତିରେ କାର୍ ମାଲିକଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ୧୭ଘଣ୍ଟା ଧରି ଏହି ରାସ୍ତାରୋକୋ ଯୋଗ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନାବାହନ ଅଟକି ରହିଥିଲା।




ଆନ୍ଦୋଳନ ଯୋଗୁ ରାସ୍ତାରେ ଗାଡିମୋଟର ଅଟକି ରହିଛି।

# ସୁନ୍ଦରଗଡ଼ବାସୀଙ୍କ ହକ୍ ପାଇଁ ଲଢ଼େଇ କରୁଛି: କୁସୁମ



**ପ୍ର: ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?**
**ଉ:** ମୋ ନିର୍ବାଚନୀ ପ୍ରସଙ୍ଗ ସୁନ୍ଦରଗଡ଼କୁ ସୁନ୍ଦର କରିବା। ଏହି ପ୍ରୟାସ ମୁଁ ଆରମ୍ଭ କରିଛି। ଦ୍ୱିତୀୟ ଥର ନିର୍ବାଚିତ ହେଲେ ମୋ ସୁନ୍ଦରଗଡ ବିଧାନସଭା ନିର୍ବାଚମଣ୍ଡଳୀକୁ ଶ୍ରେଷ୍ଠ ନିର୍ବାଚନମଣ୍ଡଳୀ କରିବାକୁ ସଙ୍କଳ୍ପବଦ୍ଧ।
**ପ୍ର: ଭୋଟରଙ୍କୁ ନିଜ ସପକ୍ଷରେ କ'ଣ କହିବାକୁ ପ୍ରାର୍ଥୀ ଚାହୁଁଛନ୍ତି?**
**ଉ:** ଆପଣମାନେ ମୋତେ ଥରେ ସୁଯୋଗ ଦେଲେ। ପ୍ରଥମ ୨ବର୍ଷ ମହାମାରୀ କରୋନା ସମୟରେ ଜଣେ ସେବିକା ଭାବେ ମୁଁ କାର୍ଯ୍ୟ କରିଛି। ବାକି ୩ ବର୍ଷରେ ପ୍ରତି ପଞ୍ଚାୟତ ଓ ପୌରାଞ୍ଚଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି ।
**ପ୍ର: ମତଦାତାଙ୍କୁ କ'ଣ ସବୁ ପ୍ରତିଶ୍ରୁତି ଦେବେ ?**
**ଉ:** ଦ୍ୱିତୀୟ ଥର ନିର୍ବାଚିତ ହେଲେ ପ୍ରତ୍ୟେକ ଘରକୁ ପାଣି, ପ୍ରତି ଗ୍ରାମରେ ପୋଖରୀ, ନଳକୂପ ନିର୍ମାଣ, ରାସ୍ତା ଓ ବିଜୁଳି, ସ୍ଥାନୀୟ ବେକାରୀଙ୍କୁ ନିଯୁକ୍ତି, ପ୍ରତି ବ୍ଲକରେ ଜିଲାସ୍ତରୀୟ ଖେଳ ପଡିଆ, ମହିଳାଙ୍କୁ ସ୍ୱାଭିମାନୀ କରିବାକୁ ଚେଷ୍ଟା ସହ ଶିକ୍ଷାର ଅଗ୍ରଗତି ।
**ପ୍ର:** ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ ବୋଲି ଭାବୁଛନ୍ତି ?
**ଉ:** ଗତ ୫ବର୍ଷରେ ୨ ବର୍ଷ କରୋନା ସମୟରେ ସୁନ୍ଦରଗଡବାସୀଙ୍କ ସେବା, ବିକାଶ କାର୍ଯ୍ୟ ଆରମ୍ଭ,ବିଭିନ୍ନ ପ୍ରସଙ୍ଗ ନେଇ ବିଧାନସଭାରେ ସୁନ୍ଦରଗଡବାସୀଙ୍କ ହକ ପାଇଁ ଲଢ଼େଇ।
**ପ୍ର: ଆପଣଙ୍କ ସହିତ କାହାର ପ୍ରତିଦ୍ୱନ୍ଦିତା ହେବ ବୋଲି ଭାବୁଛନ୍ତି ?**
ଉ: ଉଭୟ ବିଜେଡି ଓ କଂଗ୍ରେସ ସହିତ ଲଢେଇ ଅଛି।

## କୁସୁମଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

**ସୁନ୍ଦରଗଡ,୧୭।୫(ଜୟ ନାରାୟଣ ମେଣ୍ଡୁଲୀ):** ସୁନ୍ଦରଗଡ ସଦର ବିଧାୟିକା ତଥା ଭାଜପା ବିଧାୟକ ପ୍ରାର୍ଥୀ କୁସୁମ ଟେଟେଙ୍କ ନାମରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ଅଭିଯୋଗ ହୋଇଛି। ନାମାଙ୍କନ ପତ୍ର ଦାଖଲ ସମୟରେ ସେ ଦାଖଲ କରିଥିବା ସତ୍ୟପାଠରେ କୌଣସି ଅପରାଧିକ ମାମଲା ନ ଥିବା ଉଲ୍ଲେଖ କରିଥିଲେ। ମାତ୍ର ଏବେ ତାଙ୍କ ନାମରେ ବରଗଡ ଜିଲା ପାଇକମାଲ ଥାନାରେ କେଶ ନଂ. ୯/୨୨ ରେ ପଦମପୁର ସବ୍ ଡିଭିଜିଓନାଲ ଜୁଡିଶିଆଲ ମାଜିଷ୍ଟ୍ରେଟଙ୍କ ପାଖରେ ବିଚାରାଧୀନ ରହିଛି। ହେଲେ ତାହାକୁ ସେ ଉଲ୍ଲେଖ କରି ନାହାଁନ୍ତି। ଏହି ମାମଲାରେ ତାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡର ୧୪୩/୧୪୭/୨୯୪/୩୪୧/୩୨୩/୩୩୨/ ୩୫୩/୩୫୪ ଓ ୫୦୬ ଧାରା ରୁଜୁ କରାଯାଇଛି। ବିଜେଡି କର୍ମୀ ବାସୁଦେବ ପାଣ୍ଡେ ବିଧାୟିକାଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ସମ୍ବନ୍ଧୀୟ ଅଭିଯୋଗ ସୁନ୍ଦରଗଡ ଜିଲପାଳ ତଥା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିଛନ୍ତି। ବିଧାୟିକା କୁସୁମଙ୍କ ଓକିଲ ଉମାଶଙ୍କର ପଟେଲ କହିଛନ୍ତି, କୁସୁମଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ନ ଥିବା ଜିଲା ପୋଲିସ ପକ୍ଷରୁ ପ୍ରମାଣ ପତ୍ର ରହିଛି। ଯଦି ରହିଛି ତାହେଲେ ପାଇକମାଲ ଥାନା କିମ୍ବା କୋର୍ଟରୁ କୌଣସି ନୋଟିସ ଆସିନାହିଁ ବୋଲି ସେ କହିଛନ୍ତି।

# ଭାଜପା ପାଇଁ ଛତିଶଗଡ଼ ମନ୍ତ୍ରୀଙ୍କ ମାରାଥନ ପ୍ରଚାର



କୁଆଁରମୁଣ୍ଡା, ନୂଆଗାଁ,୧୭।୫
(ମହେନ୍ଦ୍ର କୁମାର ସାହୁ/ ବିଜୟ ତ୍ରିପାଠୀ)

**ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ**

ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀକୁ ପୁନର୍ବାର ନିଜ ଦଖଲକୁ ନେବା ପାଇଁ ଭାଜପା ସ୍ୱତନ୍ତ୍ର ରଣନୀତି ଜାରି ରଖିଛି। କେନ୍ଦ୍ରୀୟ ଲୋକାଭିମୁଖୀଯୋଜନାଗୁଡିକ ଓଡ଼ିଶାରେ ଥିବା ବିଜେଡି ସରକାର ଲାଗୁ ନ କରି ଅନେକ ଯୋଜନାକୁ ନିଜ ଯୋଜନା କହି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛି। ତେଣୁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଭାଜପା ସରକାର ଗଢିଲେ ସାଧାରଣ ଲୋକେ ଅନେକ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇପାରିବେ ବୋଲି ଶୁକ୍ରବାର କୁଆଁରମୁଣ୍ଡା ସରବେରଣୀ ଗ୍ରାମର ଲକ୍ଷ୍ମୀ ମଣ୍ଡପ ନିକଟରେ ଉପସ୍ଥିତ ମହିଳା ସମାବେଶରେ ଛତିଶଗଡ ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହା ସହ ବୀରମିତ୍ରପୁରର ଭାଜପା ବିଧାୟକ ପ୍ରାର୍ଥୀ ଶଙ୍କର ଓରାମଙ୍କ ପାଇଁ ମନ୍ତ୍ରୀ ବର୍ମା ଭୋଟ ଭିକ୍ଷା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଶଙ୍କର ଓରାମଙ୍କ ସ୍ତ୍ରୀ ଚାମେଲି ଓରାମ,ନାରୀ ନେତ୍ରୀ ରିନା ମେହେର,ଲକ୍ଷ୍ମୀନାରାୟଣ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ବର୍ମା ବୀରମିତ୍ରପୁର ପୌରାଞ୍ଚଳ ଯାଇ ସେଠାରେ ଅନୁଷ୍ଠିତ ବିଭିନ୍ନ ସଭାରେ ଯୋଗ ଦେଇ ଲୋକମାନଙ୍କୁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ।

## ଭୋଟ ବର୍ଜନକଲେ ତୁମୁନିଖୋଲ ଗ୍ରାମବାସୀ

ଥୁଆମୂଳ ରାମପୁର, ୧୭।୫(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ତୁମୁନିଖୋଲ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତହୋଇ ଭୋଟ ବର୍ଜନ କରିଛନ୍ତି।

## ୩ ବାଲି ବୋଝେଇ ଗାଡ଼ି ଜବତ,୪ ଗିରଫ

**କୁଆଁରମୁଣ୍ଡା,୧୭।୫(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଯମୁନାନାଳି ନିକଟସ୍ଥ କୋଏଲ ନଦୀରୁ ବିନା ଟିପିରେ ବେଆଇନଭାବେ ୨ଟି ହାଇୱା ଓ ୧ଟି ଟିପରରେ ବାଲି ବୋଝେଇ କରି ଲୁଟେରାମାନେ ଚାଲାଣ କରୁଥିଲା ବେଳେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଗାଡିଗୁଡିକୁ ଜବତ କରିଛି। ଏହି ସମୟରେ ଅନ୍ୟ ଏକ ବାଲି ବୋଝେଇ ଟ୍ରକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଫାଣ୍ଡି ପୋଲିସ ସୂଚନା ଦେଇଛି।


**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍୦ଏସ୍‌ଏକ୍ସଇ(ଡିଏସ୍‌ପିଏଲ୍)/୪/୨୦୨୪-ସେଲ୍/୧ ତାରିଖ: ୧୭।୦୫।୨୦୨୪

**ତା୨୯।୦୫।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୨୯।୦୫।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।
(PR-158) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ, ଗାର୍ଡେନ୍ ରିଚ୍
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-210
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ରିଲେ (Relay) ରୁମ୍‌ରେ ଏନର୍ଜି ପ୍ରଭାବଶାଳୀ 5 ଷ୍ଟାର୍ ରେଟେଡ୍ ଏୟାର କଣ୍ଡିଶନର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 28,14,055.39, EMD (₹): 56,300.00, ଶେଷ ହେବା ଅବଧି : LOA ଜାରି ହେବାର 06 (ଛଅ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 10.06.2024ରିଖ 1500 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-127/P/24-25


# ରାଜଗାଙ୍ଗପୁରରେ ଭାଜପାର ସଂକଳ୍ପ ସମାବେଶ

ରାଜଗାଙ୍ଗପୁର,୧୭।୫(ଅଶୋକ ପାଣି)



ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଜାମପାଲି ଖେଳପଡିଆରେ ଶୁକ୍ରବାର ଭାଜପାର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସହାଏ ଯୋଗଦେଇଥିଲେ। ତାଙ୍କ ବକ୍ତବ୍ୟରେ ଉପସ୍ଥିତ ଜନତା ଓ କର୍ମୀବୃନ୍ଦଙ୍କୁ କହିଥିଲେ ,ଦେଶରେ ତୃତୀୟ ଥର ପାଇଁ କେନ୍ଦ୍ରରେ ମୋଦି ସରକାର ହେବାକୁ ଯାଉଛି। ରାଜ୍ୟରେ ଭାଜପା ସରକାର ହେଲେ ପ୍ରଗତି ନିଶ୍ଚିତ ହେବ। ରାଜ୍ୟ ସରକାର ଜାଣିଶୁଣି କେନ୍ଦ୍ରର ଉଜ୍ଜ୍ୱଳା ଯୋଜନାକୁ ଓଡିଶାରେ ସଫଳ ହେବାକୁ ଦେଉନାହାନ୍ତି। ଛତିଶଗଡରେ ଡବଲ ଇଞ୍ଜିନ ସରକାର ଥିବାରୁ ପ୍ରଗତିର ଧାରା ଜାରି ରହିଛି। ଆଗାମୀ ୨୦ରେ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ଓ ବିଧାନସଭାର ପ୍ରାର୍ଥୀ ନରସିଂହ ମିଞ୍ଜଙ୍କୁ ପଦ୍ମଫୁଲରେ ୨ଥର ବଟନ ଟିପି ଜୟଯୁକ୍ତ କରାଇ ରାଜ୍ୟରେ ଏକ ପରିବର୍ତ୍ତନର ସରକାର ଆଣିବା ପାଇ ନିବେଦନ କରିଥିଲେ। ଏହି ସଭାରେ ରାୟପୁର (ଉତ୍ତର) ର ବିଧାୟକ ପୁରନ୍ଦର ମିଶ୍ର, ଛତିଶଗଡର ଜଙ୍ଗଲ ବିଭାଗ ମନ୍ତ୍ରୀ କେଦାର କଶ୍ୟପ, ଭାଜପା ପ୍ରାର୍ଥୀ ନରସିଂହ ମିଞ୍ଜ, ଯସୱନ୍ତ ନାଏକ, ରବି ଦେହୁରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ଗିରିଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ ଓ ଶେଷରେ ମହେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୁଏଲ, କୁସୁମଙ୍କ ପାଇଁ ଭୋଟ ମାଗିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ



ସୁନ୍ଦରଗଡ,୧୭।୫(ଜୟ ନାରାୟଣ ମେଣ୍ଡୁଲି)

ଆସନ୍ତା ୨୦ରେ ସୁନ୍ଦରଗଡରେ ଭୋଟଗ୍ରହଣ ହେବ। ଶନିବାର ପ୍ରଚାରର ଅନ୍ତିମ ଦିବସ ଥିବା ବେଳେ ପ୍ରାର୍ଥୀମାନେ ତାଙ୍କର ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ସୁନ୍ଦରଗଡ଼ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ଲୁଆବାହାଲ ପଡିଆଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ହେଭିୱେଟ ନେତାମାନଙ୍କ ସହ ପ୍ରଚାର ମଇଦାନରେ ଓହ୍ଲାଇ ଥିଲେ। ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ଏବଂ ସଦର ବିଧାନସଭା ପ୍ରାର୍ଥୀନୀ କୁସୁମ ଟେଟେଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହା ସହ ରାଜ୍ୟରୁ ନବୀନ ସରକାର ହଟାଇ ଓଡିଶାରେ ଡବଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ନିବେଦନ କରିଥିଲେ। ଏହି ସଭାରେ ବହୁଜନସମାଗମ ଦେଖିବାକୁ ମିଳିଥିଲା।

## ଭୀମ ଭୋଇ ଥିଲେ ନବ ଧର୍ମର ପ୍ରଚାରକ

ରାଉରକେଲା, ୧୭।୫(ଦିନେଶ ମିଶ୍ର)

ରାଉରକେଲା ଆଦର୍ଶ ଘରଠାରେ ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାରର ମାସିକ ସାହିତ୍ୟ ଆସର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ଆଲୋଚ୍ୟ ବିଷୟ ଭୀମଭୋଇଙ୍କ କୃତିତ୍ୱ ଜୀବନ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବରେ ମୁଖ୍ୟ ଆଲୋଚକ ଭାବେ ସାହିତ୍ୟିକ ତଥା କବି ରାଜୀବ ପାଣି ଯୋଗ ଦେଇ କହିଥିଲେ, ଭୀମଭୋଇ ଥିଲେ ନବ ଧର୍ମର ପ୍ରଚାରକ ଓ ସ୍ୱଭାବ ସିଦ୍ଧ କବି। ତତ୍କାଳୀନ ସମୟରେ ସାଂସ୍କୃତିକ ଅଭାବକୁ ସେ ପୂରଣ କରିଥିଲେ। ଭାରତୀୟ ଦର୍ଶନକୁ ସାମାଜିକ, ରାଜନୈତିକ ସହ ମିଳନ କରି ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ। ଅନୁଷ୍ଠାନର ଉପସଭାପତି ଡ.ସନାତନ ପ୍ରଧାନ ଉତ୍ସବରେ ଉପସ୍ଥିତ ରହି ଅନ୍ଧକବି ଭୀମଭୋଇଙ୍କ ଜୀବନି ଓ ସମାଜପ୍ରତି କରିଥିବା ମଙ୍ଗଳମୟୀ କାର୍ଯ୍ୟକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
10th/12th pass CARETAKERS of Disabled Children in School Hostel. Salary Rs.12000/-.
Autism Ashram
Hyderabad, Amruta
7798017027

**WANTED**
We Need for our Real Estate Marketing Office at Khandagiri, Bhubaneswar
1) Marketing Manager/Executive
2) Business Relationship Manager
3) Peon/Supervisor
Contact - 9861433014
ommhousinginfra@gmail.com

See Career Appointment on every Wednesday & Saturday

**WANTED**
Graduates from any field with Englilsh fluency for teaching in Schools in Kerala. B.Ed. not mandatory. Age limit 40 years, training & accommodation provided.
Call now : 7012772142, 8830687689



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି-୨, ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍: ୦୬୭୪-୨୫୪୩୮୬୮

**ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅବସରପ୍ରାପ୍ତ ପେଶାଦାର ବ୍ୟକ୍ତିବିଶେଷଙ୍କ ଠାରୁ ସରକାରୀ ବ୍ୟବସାୟ ସହାୟକ (GBF) ଭାବେ ତାଲିକାଭୁକ୍ତି ନିମନ୍ତେ ଦରଖାସ୍ତମାନ ଆହ୍ୱାନ**

ଯୋଗ୍ୟତା :
- କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ସ୍କେଲ ୧ରୁ ସ୍କେଲ ୫ ମଧ୍ୟରେ ଅବସର ନେଇଥିବା ଅଧିକାରୀ।
- ଗ୍ରେଡ 'ଏ' ଏବଂ 'ବି'ରେ ଅବସର ନେଇଥିବା ରାଜ୍ୟ ସରକାରଙ୍କ କର୍ମଚାରୀ।
- କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଅବସର ପ୍ରାପ୍ତ କିରାଣୀ।
- ଉପର ବର୍ଣ୍ଣିତ ଗ୍ରେଡ୍ କିମ୍ବା ସ୍କେଲର ମାନଦଣ୍ଡ ପୂରଣ କରୁଥିବା ଓ ସ୍ୱେଚ୍ଛାକୃତ ଅବସରପ୍ରାପ୍ତ କିମ୍ବା ଚାକିରିରୁ ଇସ୍ତଫା ଦେଇଥିବା କର୍ମଚାରୀ ଆବେଦନ କରିପାରିବେ।

କାର୍ଯ୍ୟ :
ସରକାରୀ ବ୍ୟବସାୟ ସହାୟକ(GBF)ଙ୍କର କାର୍ଯ୍ୟ ଚଳନ୍ତି ଆକାଉଣ୍ଟ ଏବଂ ସଞ୍ଚୟ ଆକାଉଣ୍ଟ (CASA) ରୂପେ ସରକାରୀ ବ୍ୟବସାୟ ଆଣିବା/ପ୍ରରୋଚିତ କରିବାରେ ସୀମିତ ଅଟେ। ସରକାରୀ ବ୍ୟବସାୟ ମଧ୍ୟରେ ରାଜ୍ୟ ସରକାର, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଅର୍ଦ୍ଧ ସରକାରୀ ସଂସ୍ଥା, ସରକାରୀ ଅନୁଦାନ ପ୍ରାପ୍ତ ସଂସ୍ଥା, ସରକାରୀ ପ୍ରଶାସନ ଅଧିନସ୍ଥ ଧାର୍ମିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ।

ନିଯୁକ୍ତି ସମୟସୀମା :
ନିଯୁକ୍ତି ଅବଧି ୨ବର୍ଷ ଯାହା କି କେନ୍ଦ୍ରୀୟ କାର୍ଯ୍ୟାଳୟ ଦ୍ୱାରା ବାର୍ଷିକ ନବୀକରଣ ସାପେକ୍ଷ। ସରକାରୀ ବ୍ୟବସାୟ ସହାୟକ ୬୫ ବର୍ଷରେ ପହଞ୍ଚିଲେ ଚୁକ୍ତିନାମା ସ୍ୱତଃ ବନ୍ଦ ହୋଇଯିବ।
ଆଗ୍ରହୀ ପେଶାଦାର ବ୍ୟକ୍ତିବିଶେଷଙ୍କୁ ପରାମର୍ଶ କି ସେମାନେ ପଦବୀ ସମ୍ପର୍କିତ ଅନୁସନ୍ଧାନ ନିମନ୍ତେ ୱେବସାଇଟ : www.iob.in ଦେଖନ୍ତୁ କିମ୍ବା ୮୦୫୦୩୫୮୯୧୧, ୯୯୩୭୧୪୮୦୨୧ରେ ଯୋଗାଯୋଗ କରନ୍ତୁ।
ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
ଭୁବନେଶ୍ୱର କ୍ଷେତ୍ର



**GOVERNMENT OF ODISHA**
**OFFICE OF THE DISTRICT ELECTION OFFICER, SUBARNAPUR**
**NOTICE**
Subarnapur, the 16.05.2024

**Subject: Dispersal of Polling Parties**
No. D-50: It is hereby notified for information of all concerned, more particularly the Polling Parties (Presiding Officer, Polling Officer No. 1, Polling Officer No. 2 & Polling Officer No. 3), Polling Security Personnel and Officers/Officials/Staff involved in the conduct of Simultaneous General Election - 2024, in respect of 64 Birmaharajpur AC (SC) and 65 - Sonepur AC (Gen.) in Subarnapur district, that the dispersal of Polling Parties and concerned Security Personnel for Poll is scheduled to take place on **19.05.2024 (Sunday) from 6 A.M. onwards.**
The detailed schedule for Dispersal of Polling Parties including Polling Security personnel in respect of 02 Assembly Constituencies of Subarnapur district is as follows:

| Sl. No. | Dispersal Location | Name of the AC | Distance from Strong Room |
|---|---|---|---|
| 1. | Birmaharajpur College | 64 - Birmaharajpur | 0 Km |
| 2. | Sonepur College | 65 - Sonepur | 0 Km |

All Polling Parties, Polling Security Personnel and all concerned are directed to assemble at their concerned **Dispersal Centre by 6 A.M. on 19.05.2024 (Sunday).**
Sd./- (Anya Das, IAS)
OIPR-12169/11/0002/2425 DC/District Election Officer, Subarnapur



**ODISHA STAFF SELECTION COMMISSION**
**Unit-II, Bhubaneswar-751001**
**No.: IIE07/2023-2107/OSSC** **Date: 17.05.2024**
**Subject: Notice regarding conduct of Preliminary Examination of Combined Graduate level Recruitment Examination - 2023.**
No. T-13: Pursuant to Advertisement No. 4004/OSSC, Dtd.07.10.2023 and subsequent corrigendum notices related to this advertisement, the Preliminary Examination of **Combined Graduate Level Recruitment Examination - 2023** will be held on **23.06.2024 (Sunday) through OMR mode** across the State as per the following programme.

**PROGRAMME**

| Date of Examination | Sitting | Remarks |
|---|---|---|
| 23.06.2024 (Sunday) | One Sitting | Syllabus as per Annexure - C of the Advertisement |

Candidates concerned are advised to download their admission letter from the official website of the Commission **www.ossc.gov.in** from **10.06.2024 onwards** using their **User Id & Password** to appear for the examination.
PwD candidates who had applied for taking assistance of a scribe in the Online Application and having disability not less than 40% of **permanent** nature may go through the Advisory Notice published vide No. 3453/OSSC Dated: 24.10.2019 available at the CANDIDATE'S CORNER on the website of the Commission. They may apply for taking permission of the Commission in the prescribed format along with the required documents and their **Admission Letter** and send the same only through e-mail to **orissassc@gmail.com** by **13.06.2024**. No other mode of communication will be entertained in this regard. Any application/request to avail scribe facility received after the said date will not be considered. **Under no circumstances a PwD candidate shall be allowed to use Scribe in the examination without prior permission from the Commission.**
**By order of the Commission**
OIPR-09005/11/0008/2425 **Sd./- Secretary**



**Government of Odisha**
**Higher Education Department**
**Important Notice for the Applicants seeking Admission into P.G. Courses at State Public Universities and Colleges participating under SAMS for the Academic Session 2024-25**

No. N-5: It is for information of all concerned that admission into P.G. Courses for the HEIs participating under SAMS shall be done through a Common PG Entrance Test (CPET-2024). Accordingly, the candidates are hereby instructed to fill-up the Common Application Form by visiting the SAMS P.G. portal as per the timeline mentioned below. Common Prospectus (CP) for CPET-2024 is available on the SAMS portal. Please refer to the CP before filling up the CAF. The key points of P.G. e-Admission for the Academic Year 2024-25 are as follows.
1. The M.A. program at Odia University, Puri and the Acharya(P.G) courses of Shree Jagannath Sanskrit University have been included under SAMS for P.G. admission from the current Academic Session 2024-25. No separate examination and admission will be done for Odia University, Puri from the current Academic Session.
2. In the current Academic Session, there will be 3 nos. of Phases for admission into P.G. Courses. That will be Phase-I, Phase-II &. Phase-III.
3. The Phase-I will consists of 4 rounds of selection. The reservation and weightage will be continued for 1st and 2nd rounds of selection. In the 3rd round, the dereservation of seats will be carried out in case of absence of the eligible applicants of a specific category. The 4th round will be the last round for Phase-I, which will be a SPOT admission.
4. Applicants who got selected and taken admission during the Phase-I admission process (for any of the rounds) in any subject at any Higher Education Institutions (HEIs) will not be eligible to participate in Phase-II and Phase-III admission processes, which will be available exclusively for left out students.
5. This implies, only the left out applicants who have not been admitted to any of the HEIs in Phase-I admission process will be allowed to participate in the Phase-II and Phase-III admission processes.
6. An applicant with Elective Papers which carries at least 24 credits at U.G. Level are eligible to apply for that subject to get admission into PG Courses. If an applicant enters incorrect details (not having at least 24 credits but mentioned the same), his/her candidature will be canceled during the admission and document verification process or even after the admission is completed.
7. This Academic Year, the applicants are required to upload the Residence, Income & Caste Certificates while filling up the CAF. Hence, applicants are advised to keep ready the required certificates in well advance before filling the CAF. If the applicants fail to upload the certificates during filling up the CAF, another chance will be given to upload the certificates during updation of graduation/equivalent marks, which will be mandatory. Without uploading the required certificates, they will be not able to submit the application.
8. Applicants who got a seat in a round are advised to do following options after publication round-wise selection:
Freeze: -If an applicant is satisfied with the allotted seat i.e. both the HEI and Subject, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and S/he has to pay the fees in online mode only and The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
Slide: - If an applicant has accepted the allotted seat but also wants for a better Subject as well as HEI in his/her higher preferences, S/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.
Float: - If an applicant has accepted the allotted seat and also wishes a better Subject in their higher choice of subjects in the same HEI, S/he can choose this option. After selecting the "Float" option, applicants have to pay the admission fees for that seat allocated. The required fees will be shown in the screen and S/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wait for the subsequent round of selection.
9. Whenever a seat is allocated, applicants are compulsorily required to choose one of the option - Freeze, Float or Slide - carefully. If the applicant will not choose any of the options that implies the applicant is rejecting the offered/allocated seat and S/he will be out of the counselling process for the subsequent rounds of that Phase.

**Timeline for Common P.G. Entrance Test( CPET-2024) & PG e-Admission for the session 2024-25 For State Public Universities and Colleges under SAMS**

Timeline for Common PG Entrance Test (CPET-2024) &. e-Admission for the Session 2024-25 for State Public Universities and Colleges with P.G. Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website **www.samsodisha.gov.in**.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website **www.samsodisha.gov.in** | 18 May 2024 (04.00 P.M.) |
| 2 | Last date of applying online CAF through **www.samsodisha.gov.in** | 27 May 2024 (11.45 P.M.) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 28 May 2024 (10.00 A.M. to 11.45 P.M.) |
| 4 | Submission of applicant's data to State Selection Board (SSB) by OCAC | 01 June 2024 |
| 5 | Availability of Hall Ticket on the website of the State Selection Board (SSB) i.e. **https://ssbodisha.ac.in** as well as on the SAMS website for downloading the Admit Card | 22 June 2024 (11.00 A.M. onwards) |
| 6 | Conduct of Entrance Examination (CPET-2024) | 03 July 2024 to 14 July 2024 |
| 7 | Handing over the entrance marks to OCAC by SSB, Odisha | 20 July 2024 |
| 8 | Updation of Graduation/Equivalent marks by the applicant | 12 July 2024 (10.00 A.M.) to 20 July 2024 (11.45 P.M.) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

**For more details Please Contact: e-Admission Helpline (Toll Free) Number 155335 / 1800-345-6770**

**N.B.:** To enroll into the P.G. Courses, the applicants must have completed their graduation/equivalent courses from an UGC recognized university. Candidates, whose final U.G. results are awaited (not published), can also apply on-line by filling up the Common Application Form (CAF) to appear CPET-2024. However, they must upload their marks prior to preparation of "subject wise and statewide provisional rank" within the timeline, failing which, their applications will not be considered.
**OIPR-11001/11/0003/2425** **Sd./- Deputy Director, PTC Section**



**ODISHA SALES TAX TRIBUNAL, CUTTACK**
File No.X-09/2024/985/Trl., dt.16.05.2024
**QUOTATION CALL NOTICE**
No.W-04 : Sealed Quotations / tender are invited from interested reputed Travel Agencies/ Tour Operators or Private individuals of Cuttack/ Bhubaneswar for providing 4 (Four) numbers of vehicles with model of Zest/ Tigor/ Swift Dzire / Xcent/ Etios (Petrol), which must conform to the terms and conditions as mentioned in the OM No:30464/F, Dtd.06.09.2019 and Letter NO. 29819/F, dtd.30.11.2022 of Govt. in Finance Department (Annexure-I) for Official use in Odisha Sales Tax Tribunal, Cuttack on monthly rate basis.
1. The Vehicle must be in Road worthy condition and shall not be more than three years old from the date of initial registration and must have valid registration certificate, insurance certificate, fitness certificate, Pollution certificate, valid contract carriage permit, proof of up-to-date tax payment and coverage etc. which are mandatory for plying of vehicle.
2. The Driver of the vehicle must have a valid commercial driving licence for driving light transport passenger vehicles and should be sufficiently experienced in driving light motor vehicle.
3. The Driver should be well behaved, gentle and docile in nature.
4. A sum of Rs.5000/- shall be deposited by the intending quotationer in shape of Account Payee Bank Draft drawn in favour of the Registrar, Odisha Sales Tax Tribunal, Cuttack and submitted along with the tender with sealed quotation as security deposit. The amount will be refunded to those whose quotations are not accepted.
5. The monthly rate of hire charges shall be quoted separately in the general bid information (excluding fuel and Lubricants).
6. The vehicle Zest/ Tigor/ Swift Dzire / Xcent/ Etios (Petrol) must achieve a fuel efficiency of 17Kms. per litre with A.C. and the maximum hire charges per month excluding taxes shall be Rs.26,000/-.
7. Details of the make and year of manufacture of the vehicle, Registration No., mileage (Kms covered per litre) and name of the Driver with Driving licence No. and period of validity should be specifically provided in the general bid information to be furnished with the quotation / tender.
8. It will be ensured through Service Providers of hired vehicles that the vehicles are kept under optimum running condition and avoid accidents attributable to lack of maintenance/upkeep. The hired vehicles cannot be used for any private/commercial purpose beyond office hours or during holidays.
9. Log books shall be maintained for the hired vehicles as in the case of Government vehicles, kilometre reading and POL drawn shall be necessarily recorded in relevant columns and verified regularly by an authorized officer before making payment.
10. GST registration and GeM registration are compulsory for any Service Provider to provide hired vehicles to Government offices through GeM or through open bidding.
11. The hiring may be discontinued immediately, when the vehicles are no longer required for offices.
12. The quotations completed in all respect should reach the undersigned on or before dtd. 30th May' 2024 by 2.00 P.M. and shall be opened on the same day at 4.00 P.M. in presence of the quotationers / authorised representatives.
13. The application form quotation / tender containing General bid information and terms and conditions for hiring of vehicles will be available with the Registrar, Odisha Sales Tax Tribunal, Cuttack on payment of Rs.100/- and terms and conditions are available in official Website of the Government of Odisha Sales Tax Tribunal, Cuttack. (www.ostt.nic.in).
14. This office reserves the right to cancel the bidding process at any stage without assigning any reason there of.
Sd./- Registrar
OIPR-05003/11/0003/2425 Odisha Sales Tax Tribunal, Cuttack

# ‘ରତ୍ନଭଣ୍ଡାର ଚାବି ନେଇଥିବା ବ୍ୟକ୍ତିଙ୍କୁ ଶାସ୍ତି ମିଳୁ’

ଲୋଇସିଂହା,୧୭।୫(ସୁଶାନ୍ତ ବାରିକ)



ପରିବର୍ତ୍ତନ ସମାବେଶରେ ମଞ୍ଚାସୀନ ଅତିଥି।

**ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଲୋଇସିଂହା ଗସ୍ତ**

■ **ବୁଢ଼ୀପଦରରେ ଭାଜପାର ପରିବର୍ତ୍ତନ ସମାବେଶ**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା ବ୍ଲକର ବୁଢ଼ୀପଦର ହାଇସ୍କୁଲ ଖେଳପଡିଆରେ ଶୁକ୍ରବାର ଭାଜପାର ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଉପରେ ବର୍ଷିବା ସହ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥ, ବଲାଙ୍ଗୀର ଇଷ୍ଟଦେବୀ ପାଟଣେଶ୍ୱରୀଙ୍କୁ ସ୍ମରଣ କରିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଏବଂ ବିଶିଷ୍ଟ ସଂଗ୍ରାମୀଙ୍କ ସ୍ମୃତିଚାରଣ କରି ଆସାମ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ଓଡିଶାର ପରିଚୟ ପ୍ରଭୁ ଜଗନ୍ନାଥ। ଓଡିଶାବାସୀ ମହାପ୍ରଭୁଙ୍କ ଆଶୀର୍ବାଦରୁ ଶାନ୍ତିରେ ରହୁଛନ୍ତି। ତେବେ ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାରର ଚାବି ଯିଏ ବି ଚୋରି କରିଛନ୍ତି, ତାଙ୍କୁ ଶାସ୍ତି ମିଳିବା ଆବଶ୍ୟକ। ୧୦ ଜୁନ ପୂର୍ବରୁ ଚାବି ନ ମିଳିଲେ ପରବର୍ତ୍ତୀ ସମୟରେ ପରିଣାମ ଯାହା ହେବ ବୁଝିବେ ବୋଲି ସେ ଚେତାବନୀ ଦେଇଥିଲେ। ଏହି ଅବସରରେ ସେ ଆହୁରି କହିଥିଲେ, ହିନ୍ଦୁମାନେ ସଂଘର୍ଷ କରି ରାମମନ୍ଦିର ପ୍ରତିଷ୍ଠା କରି ବଡ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ଆଗାମୀ ଦିନରେ ବାବା ବିଶ୍ୱନାଥ ଏବଂ କୃଷ୍ଣ ଜନ୍ମଭୂମିରେ ମନ୍ଦିର କରିବାର ଲକ୍ଷ୍ୟ ରହିଛି। ନରେନ୍ଦ୍ର ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲେ ଏହା ନିଶ୍ଚୟ କରାଯିବ। ଏଥର କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେଲେ ଧାନର ଏମଏସପି ୩୧ ଶହ ଟଙ୍କା ହେବା ସହ କଟନୀ ଛଟନୀରେ ଚାଷୀଙ୍କୁ ଆଶ୍ୱସ୍ତି ମିଳିବ। ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି ସେ କହିଥିଲେ। ଓଡିଶାରେ ସମ୍ପତ୍ତିର ଅଭାବ ନାହିଁ। କିନ୍ତୁ ଏଠାକାର ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ଦେବାକୁ ଚାହୁଁନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ବରିଷ୍ଠ ବିଜେଡି ନେତା ପାଣ୍ଡିଆନ ନବୀନ ବାବୁଙ୍କୁ ନିଜ ନିୟନ୍ତ୍ରଣରେ ରଖି ଓଡିଆଙ୍କ ଅଧିକାରକୁ ଛଡାଇ ନେଉଛନ୍ତି ବୋଲି ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କହିଥିଲେ।

ଓଡିଶାରେ ୧ଲକ୍ଷ ପଦବୀ ଖାଲି ପଡିଛି। ସ୍କୁଲରେ ଶିକ୍ଷକ ନାହାନ୍ତି। ନିଯୁକ୍ତି ମିଳୁ ନ ଥିବାରୁ ରାଜ୍ୟ ବାହାରକୁ ଶିକ୍ଷିତ ଯୁବକ ପଳାଇ ଯାଉଛନ୍ତି। ଭାଜପା ସରକାର ହେଲେ ବର୍ଷକରେ ୧ଲକ୍ଷ ନିଯୁକ୍ତି ଦିଆଯିବ। ୫ ବର୍ଷରେ ୩ ଲକ୍ଷ ବେକାର ନିଯୁକ୍ତି ପାଇବେ। ମହିଳାଙ୍କ ସମ୍ମାନ ଓ ସ୍ୱାଭିମାନ ପାଇଁ ସୁଭଦ୍ରା ଯୋଜନାରେ ୫୦ ହଜାର ଏବଂ ମାସକୁ ୧ ହଜାର ହାତ ଖର୍ଚ୍ଚ ଦିଆଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମା କହିଥିଲେ। ସଭାରେ ଉପସ୍ଥିତ ଥିବା ଏମପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ବିଗତ ୫ ବର୍ଷରେ କରିଥିବା ବିକାଶମୂଳକ କାମର ତଥ୍ୟ ରଖିବା ସହ ଭୋଟ ଭିକ୍ଷା କରିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ଛତିଶଗଡ଼ ଔରଙ୍ଗର ବିଧାୟକ ଗୁରୁକ୍ରିଷ୍ଣା ସାହେବ ବକ୍ତବ୍ୟ ରଖିଥିଲେ। କୃଷକ ମୋର୍ଚ୍ଚା ଜିଲା ସଭାପତି ମାଧବ ସାଏ ପଟେଲ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସୁନୀଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସଭାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଅପରାଧମୁକ୍ତ, ସବୁଜ ବଲାଙ୍ଗୀର ଆମର ଲକ୍ଷ୍ୟ: କଳିକେଶ

**୨୦୦୪ ନିର୍ବାଚନରେ ସଇଁତଲା ବିଧାୟକ, ୨୦୦୯ ଓ ୨୦୧୪ ନିର୍ବାଚନରେ ଲଗାତର ଦୁଇଥର ବଲାଙ୍ଗୀର ଲୋକ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇ ଚର୍ଚ୍ଚାରେ ରହିଆସିଥିବା ବଲାଙ୍ଗୀର ରାଜପରିବାର ସଦସ୍ୟ କଳିକେଶ ନାରାୟଣ ସିଂଦେଓ ୨୦୨୪ ନିର୍ବାଚନରେ ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ୨୦୧୯ ନିର୍ବାଚନରେ ଅଳ୍ପ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବା କଳିକେଶ ଏଥର କିନ୍ତୁ ନୂଆ ଉତ୍ସାହ ଓ ରଣନୀତି ନେଇ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ଅବସରରେ କଳିକେଶଙ୍କ ସହ ବଲାଙ୍ଗୀର ଜିଲା ପ୍ରତିନିଧି ବୀରେନ୍ଦ୍ର ଝାଙ୍କରଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର।**


କଳିକେଶ ନାରାୟଣ ସିଂଦେଓ।

**ପ୍ର: ଆପଣ ରାଜନୀତିକୁ କେମିତି ଆସିଲେ?**

**ଉ:** ମୋର ବୟସ ଯେତେବେଳେ ୮ ବର୍ଷ ହୋଇଥିଲା। ପରିବାର ସହ ଆମେ ଏକ ଗାଡ଼ିରେ ଭୁବନେଶ୍ୱରରୁ ବଲାଙ୍ଗୀର ଫେରୁଥିଲୁ। ରାତିରେ ସୋନପୁର ସାଗରପାଲି ପାଖରେ ଆମର ଗାଡ଼ି ଖରାପ ହୋଇଗଲା। ଆମ ପରିବାର ସେଦିନ ସେଇ ଗାଁର ଗୌନ୍ତିଆ ପାଖକୁ ଗଲୁ। ଗାଁର ଗୌନ୍ତିଆ ଆମକୁ ମନ୍ଦିରକୁ ନେଇଗଲେ। ଗାଁ ଲୋକଙ୍କୁ ଡାକିଦେଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ସେଇ ଗୌନ୍ତିଆ ମୋର ଅଜା ରାଜେନ୍ଦ୍ର ନାରାୟଣ ସିଂଦେଓ କିଭଳି ସବୁ ଜନକଲ୍ୟାଣକାରୀ କାମ କରିଥିଲେ କହିଲେ। କିଭଳି ସେଇ ଗାଁରେ ବନ୍ଧ କୋଡିଥିଲେ ଓ ଅନ୍ୟ ସବୁ କାମ କରିଥିଲେ କହିଲେ। ସେଦିନ ଲୋକଙ୍କ ମୁହଁରେ ମୋର ଅଜାଙ୍କ ଭଲ କାମ ଏବଂ ରାଜନୈତିକ ଜୀବନର ସଫଳତା ଶୁଣି ଖୁବ୍ ଭଲ ଲାଗିଥିଲା। ଏହା ମୋତେ ରାଜନୀତିକୁ ଆସିବାକୁ ପ୍ରେରିତ କରିଥିଲା। ରାଜନୀତିରେ ଗୋଟିଏ ଛୋଟ ପଦକ୍ଷେପ କିଭଳି ବହୁ ଲୋକଙ୍କ ଉପରେ ବଡ଼ ପ୍ରଭାବ ପକାଏ ସେଦିନ ମୁଁ ଅନୁଭବ କରିଥିଲି। ପରେ ଯେତେବେଳେ ମୁଁ ସେଣ୍ଟ ଷ୍ଟିଫେନ୍ କଲେଜରେ ଅର୍ଥନୀତିରେ ପାଠ ପଢ଼ିଲି ସେତେବେଳେ ରାଜନୀତିକୁ ଯିବି ବୋଲି ମାଇଣ୍ଡ ମେକ୍‌ଅପ୍ କରିଥିଲି।

**ପ୍ର: ଆପଣଙ୍କ ରାଜନୈତିକ ଯାତ୍ରାକୁ କିଭଳି ଦେଖୁଛନ୍ତି?**

**ଉ:** ମୁଁ କଲେଜରୁ ପାଶ୍ ଆଉଟ୍ ହେଲାବେଳକୁ ବିଜୁ ଜନତା ଦଳ ଗଠନ ହୋଇଥିଲା। ସେତେବେଳେ ମୁଁ ଦିଲ୍ଲୀରେ ବିଜେଡିର ତୁଙ୍ଗ ନେତା ନବୀନବାବୁ, ମୋର ବାପା ଅନଙ୍ଗ ଉଦୟ ସିଂଦେଓ ଏବଂ ପ୍ରସନ୍ନବାବୁଙ୍କ ସହ କାମ କରିବାର ସୁଯୋଗ ପାଇଥିଲି। ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍ ପରେ ମୁଁ ଆମେରିକା ଓ କାନାଡା ଭଳି ଦେଶର କିଛି କମ୍ପାନୀ ସହ କାର୍ଯ୍ୟ କରିଥିଲି। ପରେ ୨୦୦୪ରେ ନବୀନବାବୁ ମୋତେ ସଇଁତଲା ଆସନରୁ ବିଧାୟକ ଟିକଟ ଦେଇଥିଲେ। ମୁଁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲି। ୨୮ ବର୍ଷ ବୟସରେ ମୁଁ ବିଧାୟକ ହେଲି। ଓଡ଼ିଶାରେ ସର୍ବକନିଷ୍ଠ ବିଧାୟକ ଥିଲି। ୫ ବର୍ଷ ବିଧାୟକ ହେବା ପରେ ତୃଣମୂଳ ସ୍ତରରେ ମୁଁ କାମ କରିଥିଲି। ୧୦ ବର୍ଷ ଲୋକ ସଭା ଏମ୍‌ପି ହେବା ପରେ ସର୍ବଭାରତୀୟ ଏଭଳି କି ଆନ୍ତର୍ଜାତିକ ସ୍ତରରେ କାମ କରିବାର ସୁଯୋଗ ପାଇଲି। ଅନେକ କମିଟିରେ ମୁଁ ଦେଶ ବିଦେଶକୁ ଯାଇ ପାର୍ଲାମେଣ୍ଟାରି କମିଟିର ନେତୃତ୍ୱ ବି ନେଇଛି। ଏହା ମୋତେ ଅନେକ କିଛି ଶିଖିବାର ସୁଯୋଗ ଦେଲା।

**ପ୍ର: ରାଜନୀତିରେ ଆପଣଙ୍କର ଆଗକୁ କ’ଣ ଭିଜନ୍ ରହିଛି?**

**ଉ:** ଲୋକ ସଭା କ୍ଷେତ୍ର ପରିବର୍ତ୍ତେ ଏବେ ମୁଁ ବିଧାନସଭା ପ୍ରାର୍ଥୀ ହୋଇଛି। ପୁଣି ଥରେ ତୃଣମୂଳ ସ୍ତରରେ ଲୋକଙ୍କ ସହ କାମ କରିବାର ସୁଯୋଗ ମିଳିଛି। ଗତ ୧୦ ବର୍ଷରେ ବଲାଙ୍ଗୀରରେ ବିରୋଧୀ ଦଳର ବିଧାୟକ ରହିଛନ୍ତି। ବିକାଶ କାମ ଟିକେ ଧିମେଇ ଯାଇଛି। ବିଜେଡି ବିଧାୟକ ଭାବେ ନିର୍ବାଚିତ ହେଲେ ଆମେ ବିକାଶ କାମକୁ କ୍ଷିପ୍ରତର କରିବୁ। ଅପରାଧମୁକ୍ତ ଏବଂ ସବୁଜ ବଲାଙ୍ଗୀର ଗଢ଼ିବା ଦିଗରେ କାର୍ଯ୍ୟ କରିବୁ।

# ବିଜେଡି ସରକାରରେ ଜିଲାବାସୀ ପ୍ରତାରିତ ହୋଇଛନ୍ତି: ପ୍ରମୋଦ

ସୋନପୁର,୧୭।୫(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁରରେ ଭାଜପା ନେତା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଓଡ଼ିଶାରେ ଓ ସୁବର୍ଣ୍ଣପୁର ଜିଲାରେ ବିଜୁ ଜନତା ଦଳ କ୍ରମାଗତ ୨୫ ବର୍ଷ ଧରି କ୍ଷମତାରେ ଅଛି। ସୋନପୁର ବିଧାନସଭାରୁ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁରରୁ ପଦ୍ମନାଭ ବେହେରା ପ୍ରତିନିଧିତ୍ୱ କରି ଆସୁଛନ୍ତି। ହେଲେ ଏହି ନିରବିଚ୍ଛିନ୍ନ କ୍ଷମତାରୁ ସୁବର୍ଣ୍ଣପୁର ଜିଲାବାସୀଙ୍କୁ କୌଣସି ଲାଭ ମିଳିନି। କୃଷି, ଜଳସମ୍ପଦ ଓ ମାନବ ସମ୍ବଳ ଥିବା ସତ୍ତ୍ୱେ ବିକାଶର ବିଭିନ୍ନ ମାନଦଣ୍ଡରେ ସୁବର୍ଣ୍ଣପୁର ଜିଲା ପଛରେ ଅଛି। ଜମିକୁ ଜଳସେଚନର ସୁବିଧା ହୋଇପାରିନି, କୃଷକଙ୍କ ଆୟ ବଢିନାହିଁ। ଗୋଟିଏ ବି ଶୀତଳ ଭଣ୍ଡାର ତିଆରି ହେଲା ନାହିଁ। ବିଜେଡି ସରକାରରେ ଜିଲାବାସୀ ପ୍ରତାରିତ ହୋଇଛନ୍ତି ବୋଲି ଭାଜପା ଜିଲା ସଭାପତି ତଥା ସୋନପୁର ଭାଜପା ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ର ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମହାପାତ୍ର ଆହୁରି କହିଥିଲେ, କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନ ଯୋଜନାରେ ପର୍ଯ୍ୟାପ୍ତ ଅନୁଦାନ ସତ୍ତ୍ୱେ ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ମିଳିପାରିନି। ସର୍ବ ପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ସୋନପୁର କଲେଜକୁ ସ୍ୱୟଂସମ୍ପୂର୍ଣ୍ଣ ମାନ୍ୟତା ମିଳିଲା ନାହିଁ। ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ହୋଇ ପାରିଲାନି। ପରିବର୍ତ୍ତନ ପାଇଁ ଲୋକେ ମନ ବଳାଇଲେଣି ବୋଲି ମହାପାତ୍ର କହିଥିଲେ। ଛତିଶଗଡ ରାଜ୍ୟ ମେଡିକାଲ ପ୍ଲାଣ୍ଟ ବୋର୍ଡର ପ୍ରାକ୍ତନ ଅଧକ୍ଷ ତଥା ଭାଜପା ନେତା ଡ. ଜୟ ପ୍ରକାଶ ଶର୍ମା ସମ୍ମିଳନୀରେ ଯୋଗ ଦେଇ କହିଥିଲେ ଓଡିଆ ଅସ୍ମିତା ବିପଦରେ। ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଅନ୍ୟ ଜଣେ ରାଜ୍ୟକୁ ଶାସନ କରୁଛି। ଓଡିଶାରେ ଭାଜପା ସରକାର ଆସିଲେ ଛତିଶଗଡ ଭଳି ଚାଷୀଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପ୍ରଦାନ କରାଯିବ। ଦଳୀୟ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ଓଡ଼ିଶାରେ ଭାଜପା ପ୍ରଥମ ଥର ପାଇଁ ସରକାର ଗଠନ କରିବ ବୋଲି ଡ. ଶର୍ମା କହିଥିଲେ। ଏହି ସମ୍ମିଳନୀରେ ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ବିଶି, ଭାଜପା ଜିଲା ଉପସଭାପତି ନିରଞ୍ଜନ ତ୍ରିପାଠୀ ଓ ସୁରେଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଭାଜପା ପକ୍ଷରୁ ଏକ ମୋଟରସାଇକେଲ ରାଲି ସୁବର୍ଣ୍ଣପୁର ସହର ପରିକ୍ରମା କରିଥିଲା। ଭାଜପା ପ୍ରାର୍ଥୀ ପ୍ରମୋଦ ସହରର ବିଭିନ୍ନ ୱାର୍ଡ ବୁଲି ଭୋଟ ଭିକ୍ଷା କରିଥିଲେ।

# ନାରାୟଣପ୍ରସାଦରେ ନିର୍ବାଚନୀ ହିଂସା

ଘଣ୍ଟାପଡା,୧୭।୫(ପ୍ରଭାତ କୁମାର ସାହୁ)

**ଉଭୟ ପକ୍ଷରୁ ମାମଲା ରୁଜୁ**

ଶୁକ୍ରବାର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ଘଣ୍ଟାପଡା ଥାନା ଅନ୍ତର୍ଗତ ନାରାୟଣପ୍ରସାଦରେ ନିର୍ବାଚନୀ ହିଂସା ହୋଇଛି। ଏ ନେଇ ଭାଜପା ଓ ବିଜେଡି ପକ୍ଷରୁ ପୃଥକ ଭାବେ ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ନାରାୟଣପ୍ରସାଦ ପଞ୍ଚାୟତରେ ଭାଜପା ପକ୍ଷରୁ ପ୍ରଚାର ପରେ କର୍ମୀ ଓ ସମର୍ଥକମାନେ ଦୁର୍ଗାମନ୍ଦିର ନିକଟରେ ଭୋଜି ଖାଉଥିଲେ। ଏହି ସମୟରେ ନାରାୟଣପ୍ରସାଦ ଗାଁର ଭଗବାନ ବାଘଙ୍କ ସମେତ କେତେଜଣ ବିଜେଡି ସମର୍ଥକ ଭୋଜି ହେଉଥିବା ସ୍ଥାନକୁ ଆସି ଭାଜପା ସମର୍ଥକମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିରେ ଦ୍ୱାରୁ ଭୋଇ ଆହତ ହୋଇଛନ୍ତି। ବିଜେଡି ପକ୍ଷରୁ ମଧ ଗାଳିଗୁଲଜ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଘଣ୍ଟାପଡା ଥାନାରେ ପୃଥକ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି।

# ପଦଯାତ୍ରାରେ ସାମିଲ ହେଲେ ମହିଳା

ସୋନପୁର,୧୭।୫(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ସହରରେ ବିଜେଡିର ପ୍ରଚାର**

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ସରିବ। ଏଥିପାଇଁ ସବୁ ରାଜନୈତିକ ଦଳ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହି କ୍ରମରେ ବିଜୁ ଜନତା ଦଳ ସୁବର୍ଣ୍ଣପୁର ସହରରେ ଶୁକ୍ରବାର ପ୍ରଚାର ଅଭିଯାନକୁ ଜୋରଦାର କରିଛି। ସକାଳେ ମୋଟର ସାଇକେଲ ରାଲି କରି ଦଳ ଶକ୍ତି ପ୍ରଦର୍ଶନ କରିଥିଲା। ସନ୍ଧ୍ୟାରେ ବିଜେଡିର ମହିଳା ସମର୍ଥକ ପଦଯାତ୍ରା କରି ନିର୍ବାଚନୀ ବାତାବରଣକୁ ସରଗରମ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ବିଜେଡିର ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ମହିଳାମାନେ ଗୁଣ୍ଡିଚା ମନ୍ଦିରରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପଦଯାତ୍ରା ବଡବଜାର, ବିଜୁ ପଟ୍ଟନାୟକ ଛକ, ମଝିପଡା, ଘୋଡାଘାଟପଡା ପରିକ୍ରମା କରି କଚେରି ଛକ ସ୍ଥିତ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ମନ୍ତ୍ରୀ ପୂଜାରୀ ନିଜ ପାଇଁ ଭୋଟ ଭିକ୍ଷା କରିବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମର୍ଥନ ଲୋଡିଥିଲେ। ଏହି ପଦଯାତ୍ରାରେ ମନ୍ତ୍ରୀ ପୂଜାରୀଙ୍କ ସହଧର୍ମିଣୀ ବୀଣାପାଣି ପୂଜାରୀ, ଝିଅ ସିନ୍ଧୁନନ୍ଦିନୀ ନାୟକ, ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ମମତା ପୂଜାରୀ, ମହିଳା ବିଜେଡି ଟାଉନ ସଭାପତି ରୀତାଞ୍ଜଳି ପାତ୍ର, ଅଭିମନ୍ୟୁ କୁଶଳ, ପ୍ରାକ୍ତନ ପୌରାଧକ୍ଷ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର ଓ ଜିଲା ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ରଙ୍କ ସମେତ ଦଳୀୟ କାଉନସିଲର ଓ ନେତୃବୃନ୍ଦ ସାମିଲ ହୋଇଥିଲେ।


ମହିଳାମାନେ ପଦଯାତ୍ରା କରି ବିଜେଡି ସପକ୍ଷରେ ପ୍ରଚାର କରୁଛନ୍ତି।

# କେନ୍ଦୁପତ୍ର ଗୋଟାଳିଙ୍କ ପ୍ରାପ୍ୟ ବୃଦ୍ଧି କରାଯାଉ


ଲାଠୋର ଅଞ୍ଚଳର ଏକ ଫଡିରେ ଚଟା ହିସାବରେ କେନ୍ଦୁପତ୍ର ଶୁଖାଯାଇଛି।

ଲାଠୋର,୧୭।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ କେନ୍ଦୁପତ୍ର ବିଭାଗ ଅଧୀନ ଲାଠୋର ଅଞ୍ଚଳରେ କାର୍ଯ୍ୟରତ କେନ୍ଦୁପତ୍ର ଗୋଟାଳିଙ୍କ ପ୍ରାପ୍ୟ ବଢ଼ାଇବାକୁ ଦାବି ହେଉଛି। ଅଞ୍ଚଳର ଝଲିଆଲିଟି, ଚାଉଲଡିଆ, ଫୁଲଝର, ସାହଜପାଣି, ବାଗଡିଆ, ଫୁଲକିମୁଣ୍ଡା, କୁର୍ଲୁମାଲ, ପୁଟକେଲଦୁଆଁ, ବୁଢାଛାପର, ସୁନମୁଦି, ଛିଦବାହାଲି,ଭରୁଆମୁଣ୍ଡା, ରେଙ୍ଗାଲି, କୁଲିହାମୁଣ୍ଡା,ଖୁରିପାନି, ସାପମୁଣ୍ଡ, ତେଲେନପାଲି,ଆମବାହାଲି, ବେହେରାପାଣି, ବଲିଆବାହାଲ, ଅଣ୍ଡାଲମୁଣ୍ଡି, ପିଙ୍ଗଲମୁଣ୍ଡା,ବେନ୍ଦେର, ଭରୁଆମୁଣ୍ଡା,ବାଦିମାଲ ଏବଂ ଖର୍ଲି ଆଦି ଗ୍ରାମରେ କେନ୍ଦୁପତ୍ର ଫଡ଼ି ଘରମାନ ରହିଛି। ପ୍ରତିବର୍ଷ ଏପ୍ରିଲ ୨୫ରୁ ମେ ୨୫ ତାରିଖ ମଧ୍ୟରେ କେନ୍ଦୁପତ୍ର ତୋଳାଳିମାନେ ୨୨ ଗୋଟି ପତ୍ର ବନ୍ଧା ହୋଇଥିବା ଗୋଟେ ବିଡାକୁ ୧ ଟଙ୍କା ୬୦ ପଇସା ହିସାବରେ ସଂପୃକ୍ତ କେନ୍ଦୁପତ୍ର ଫଡିରେ ବିକ୍ରୟ କରିଥାନ୍ତି। ସେହି କ୍ରମରେ ଚଳିତବର୍ଷ ତୋଳାଳିମାନେ ନିଜ ନିଜର ପତ୍ର ବିକ୍ରୟ ଆରମ୍ଭ କରିଛନ୍ତି। ତୋଳାଳିମାନେ ଫଡ଼ିରେ ଦେଉଥିବା କେନ୍ଦୁପତ୍ରକୁ ଅନ୍ୟ ଗୋଟାଳି ଶ୍ରମିକମାନେ ଖରାରେ ଭଲ ଭାବେ ଶୁଖାଇ ତାକୁ ଫଡି ଘରେ ଭର୍ତ୍ତି କରିଥାନ୍ତି। ଗୋଟାଳିମାନଙ୍କୁ ୧ ଶହ ଚଟା କେନ୍ଦୁପତ୍ରକୁ ଖରାରେ ଶୁଖେଇ ଫଡ଼ି ଘରେ ଭର୍ତ୍ତି କଲେ ୬ ଶହରୁ ୭ ଶହ ଟଙ୍କା ପ୍ରାପ୍ୟ ପ୍ରଦାନ କରାଯାଉଛି। ଏହି କାମ କରିବାକୁ ହେଲେ ଦୁଇ ଜଣ ଶ୍ରମିକଙ୍କୁ ଦୁଇଦିନ ଲାଗିଥାଏ। ଯଦି ସେମାନଙ୍କ ପ୍ରାପ୍ୟକୁ ହିସାବ କରାଯାଏ ଦୈନିକ ସରକାରୀ ଧାର୍ଯ୍ୟ ମଜୁରି ଠାରୁ ଗୋଟାଳିମାନେ କମ ପ୍ରାପ୍ୟ ପାଉଛନ୍ତି। ଏନେଇ ଖପ୍ରାଖୋଲ କେନ୍ଦୁପତ୍ର ରେଞ୍ଜର ସତ୍ୟମଞ୍ଜରୀ ତାଣ୍ଡିଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ କେନ୍ଦୁପତ୍ର ଗୋଟାଳିମାନଙ୍କ ପ୍ରାପ୍ୟ ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଭଗବତ ପାରାୟଣ ଉତ୍ସବ ଉଦ୍‌ଯାପିତ

ରାଉରକେଲା,୧୭।୫(ଦିନେଶ ମିଶ୍ର): ବାସନ୍ତୀ କଲୋନୀ ସ୍ଥିତ କଳ୍ପତରୁ ଆଶ୍ରମ ପରିସରରେ ଶ୍ରୀମଦ୍ ଭାଗବତ ପାରାୟଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବାବାଜୀ ଶ୍ୟାମନନ୍ଦ ଦାସ ଉପସ୍ଥିତ ରହି ଭଗବତ ଚେତନା ଶକ୍ତିର ଆଧାର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଭାଗବତ ଚେତନା ହିଁ ଶୁଳଭ ଜୀବନର ମାର୍ଗ ହୋଇଥାଏ। ତେଣୁ ଏହି ସମାଜକୁ ସନ୍ତୁଳିତ ଓ ସଂସ୍କାରିତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଭଗବତ ପଠନ କରିବା ନିହାତି ଜରୁରୀ ବୋଲି ବାବା ଶ୍ୟାମନନ୍ଦଜୀ ମହାରାଜ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ପର୍ଶୁରାମ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏଥିରେ ବାସନ୍ତୀ କଲୋନୀ ତଥା ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଭାଗବତ ଶ୍ରବଣ କରିଥିଲେ। ପରେ ସାମୂହିକ ହରିନାମ ସଙ୍କୀର୍ତ୍ତନ ଜପ କରି ସଭାକୁ ଭଙ୍ଗ କରିଥିଲେ। କଳ୍ପତରୁ ଆଶ୍ରମର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଡମ୍ଫର ଧକ୍କାରେ ସାଇକେଲ ଚାଳକ ମୃତ

ରାଉରକେଲା,୧୭।୫(ଦିନେଶ ମିଶ୍ର): ଜାତୀୟ ରାଜପଥ ନଂ. ୧୪୩ରେ ଡମ୍ଫର ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୟ ତନ୍ତୀ(୩୪)। ସୂଚନାଯୋଗ୍ୟ, ଲାଠିକଟା ଅଞ୍ଚଳର ରାନିବରନା ଗ୍ରାମରେ ସଞ୍ଜୟ ପରିବାର ସହ ବାସ କରନ୍ତି। ସେ ଲାଠିକଟା ଓ ରାଉରକେଲା ଅଞ୍ଚଳରେ ଠିକା ଶ୍ରମିକ ଭାବେ କାମ କରି ନିଜର ପରିବାର ଭରଣପୋଷଣ କରନ୍ତି। ସଞ୍ଜୟ ଶୁକ୍ରବାର ସକାଳେ ନିଜ ସାଇକେଲ ଯୋଗେ କାମକୁ ଯାଉଥିବାବେଳେ ପଛପଟୁ ଏକ ଡମ୍ଫର ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ। ତାଙ୍କୁ ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଉଥିବାବେଳେ ମଝି ରାସ୍ତାରେ ପ୍ରାଣବାୟୁ ଉଡି ଯାଇଥିଲା।

### ଟିକେଟ ନ କରି ଧରାପଡ଼ିଲେ ୧୨୫ ଯାତ୍ରୀ

ରାଉରକେଲା, ୧୭।୫(ସଙ୍ଗୀତା ଜେନା): ରେଳବାଇ ସୁରକ୍ଷା ବଳ( ଆର୍‌ପିଏଫ୍) ଓ ରାଉରକେଲା ଷ୍ଟେଶନ ବାଣିଜ୍ୟକ ବିଭାଗ ପକ୍ଷରୁ ଶୁକ୍ରବାର ଏକ୍ସପ୍ରେସ ଟ୍ରେନରେ ଚଢ଼ାଉ କରାଯାଇଥିଲା। ଟିକେଟ ନ କରି ଯାତ୍ରା କରୁଥିବା ୧୨୫ ଜଣ ଯାତ୍ରୀ ଧରାପଡିଥିଲେ। ସେମାନଙ୍କ ଠାରୁ ଜରିମନା ଆଦାୟ କରାଯାଇଥିଲା। ସୂଚନାଯୋଗ୍ୟ, ଏଣିକି ଯାତ୍ରୀ ସୁବିଧାକୁ ଦୃଷ୍ଟିରେ ରଖି ଚଢ଼ାଉ କରାଯିବ ବୋଲି ଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।






ରାଉରକେଲା ବିମାନବନ୍ଦର ଏରୋଡ୍ରମ ପଡିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଉପସ୍ଥିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ୍ ଏବଂ ବିଧାୟକ ପ୍ରାର୍ଥୀ ଦିଲୀପ ରାୟ। ସଭାରେ ଉପସ୍ଥିତ ସମର୍ଥକ।

# ନଦୀଜଳ ସଂରକ୍ଷଣର ବିକଳ୍ପ ବ୍ୟବସ୍ଥା ଦାବି

ରାଉରକେଲା,୧୭।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ୩ ପ୍ରମୁଖ ନଦୀ ବ୍ରାହ୍ମଣୀ,କୋଏଲ ଓ ଶଙ୍ଖ ଉପରେ ଏହାର ପ୍ରଭାବ ପଡୁଥିବା ପରିଲକ୍ଷିତ ହେଉଛି। ଜିଲାରେ କମ୍ ବୃଷ୍ଟିପାତ ଯୋଗୁ ରାଉରକେଲା ଜଳସେଚନ ବିଭାଗ ଅଧୀନ ରୁକ୍ରା ଡ୍ୟାମ୍, ପୀତାମହୁଲ ଡ୍ୟାମ୍ ଓ କାଂଶବାହାଲ ଡ୍ୟାମ୍‌ରେ ଆବଶ୍ୟକ ମୁତାବକ ଜଳ ସଂରକ୍ଷଣ ହୋଇପାରୁନାହିଁ। ରୁକ୍ରା ଡ୍ୟାମ୍ ମାଧ୍ୟମରେ ୩.୮୦୦ ହେକ୍ଟର ଜମିକୁ ପାଣି ଚାଷ ପାଇଁ ପ୍ଲାବିତ ହୋଇଥାଏ। ଜଳସ୍ତର ୭୪ପରିବର୍ତ୍ତେ ବର୍ତ୍ତମାନ ୫୪ ପ୍ରତିଶତ ରହିଛି। ଏହି ଡ୍ୟାମ୍ ଉପରେ ରାଉରକେଲାର ବଣାଇଁ ଓ ଗୁରୁଣ୍ଡିଆ ବ୍ଲକର ୮୭୨୩ଜଣ ଚାଷୀ ନିର୍ଭର କରିଥାନ୍ତି। ୧୦ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମିରେ ଡାଲିଜାତୀୟ ଫସଲ ସହ ତୈଳଜାତ ଶସ୍ୟାଦି ଚାଷ କରିଥାନ୍ତି। ତେବେ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବଣାଇଁ ଓ ଗୁରୁଣ୍ଡିଆ ଅଞ୍ଚଳର ଶହଶହ ହେକ୍ଟର ଚାଷଜମି ଶୁଖିଲା ପଡିଥିବା ବେଳେ ନଦୀ ଗୁଡିକ ମଧ୍ୟ ଶୁଷ୍କ ହେବାକୁ ଲାଗିଛି। ସେହିଭଳି ପୀତାମହୁଲ ଡ୍ୟାମ୍ ଜଳଧାରଣ କ୍ଷମତା ୨୦୧୬.୩୦ ହେକ୍ଟର ରହିଥିବା ବେଳେ ପ୍ରବଳ ଗ୍ରୀଷ୍ମ ଯୋଗୁ ଜଳସ୍ତର ପୂର୍ବାପେକ୍ଷା ହ୍ରାସ ପାଇଛି। ପୀତାମହୁଲ ଡ୍ୟାମ୍ ଜଳ ମାଧ୍ୟମରେ ଲାଠିକଟା ଓ ରାଜଗାଙ୍ଗପୁର ବ୍ଲକ ଅଞ୍ଚଳର ୨୦୨୬ଚାଷୀ ଉଭୟ ରବି ଏବଂ ଖରିଫ ଋତୁରେ ଋତୁକାଳୀନ ପନିପରିବା ଚାଷ କରିଥାନ୍ତି। ହେଲେ ଗ୍ରୀଷ୍ମପ୍ରବାହ ଯୋଗୁ ଚାଷୀଙ୍କ ପାଇଁ ସମସ୍ୟା ହେଉଛି। କାଂଶବାହାଲ ଡ୍ୟାମ୍ ଜଳଧାରଣ କ୍ଷମତା ୨୮୪୫ ହେକ୍ଟର ମିଟର ଥିବା ବେଳେ ଏବେ ଜଳସ୍ତର ନିମ୍ନଗାମୀ ରହିଛି। ଡ୍ୟାମ୍‌ର ନିଷ୍କାସିତ ଜଳ ମାଧ୍ୟମରେ ୬୨୭୭ଚାଷୀ ଉଭୟ ରବି,ଖରିଫ ଋତୁରେ ଡାଲିଜାତୀୟ ଓ ତୈଳଜାତ ଫସଲ ଚାଷ କରିଥାନ୍ତି। ମାତ୍ର ପ୍ରବଳ ଖରାରେ ଚାଷଜମି ସମ୍ପୂର୍ଣ୍ଣ ଶୁଷ୍କ ପଡିଛି। ଅନ୍ୟପଟେ ଜିଲାରେ ଭୂତଳ ଜଳସ୍ତର ବୃଦ୍ଧି, ନଦୀ ଜଳସ୍ତର ବୃଦ୍ଧି, ପାନୀୟ ଜଳ ପ୍ରକଳ୍ପଗୁଡିକୁ ଆବଶ୍ୟକ ବିଶୁଦ୍ଧ ଜଳ ଯୋଗାଣ,ମତ୍ସ୍ୟଚାଷ ଓ ପଶୁପାଳନ କ୍ଷେତ୍ରର ବିକାଶ ପାଇଁ ଇବ୍ ନଦୀରେ ଭସମା ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଏବଂ ସପେଇ ନଦୀରେ ଫୁଲବାରୀ ଇନ୍‌ଷ୍ଟ୍ରିମ ଷ୍ଟୋରେଜ ପ୍ରକଳ୍ପ ପାଇଁ ୨୬୨.୫୦କୋଟି ଓ ୧୨୩.୭୫କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି ରାଜ୍ୟ ସରକାର। ଉକ୍ତ ୩ ନଦୀରେ ମଧ୍ୟ ନଦୀଗର୍ଭ ଷ୍ଟୋରେଜ ପ୍ରକଳ୍ପ ସ୍ଥାପନ ହେବା ଜରୁରୀ ହୋଇପଡ଼ିଛି। କାରଣ ପାନପୋଷ କୃଷି ଜିଲା ଅଞ୍ଚଳରେ ଲକ୍ଷାଧିକ ଚାଷୀ ଓ ସାଧାରଣ ଜନତା ଏହି ୩ଟି ନଦୀ ଉପରେ ହିଁ ନିର୍ଭର। ତେଣୁ ନଦୀ ଭୂଗର୍ଭ ଜଳ ଯେଉଁଭଳି ଅପଚୟ ନ ହୋଇ ସଂରକ୍ଷିତ ରହିବ ସେଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି। ଏନେଇ ରାଉରକେଲା ଜଳସେଚନ ବିଭାଜନ ରୁକ୍ରା ଡ୍ୟାମ୍‌ର ନିର୍ବାହୀ ଯନ୍ତ୍ରୀ ୱିଲିୟମ ଏକ୍କା କହିଛନ୍ତି, ରୁକ୍ରା ଡ୍ୟାମ୍‌ର ଜଳସ୍ତର ୭୫ ପ୍ରତିଶତ ରହିବା କଥା। ମାତ୍ର ବର୍ତ୍ତମାନ ୫୬ ପ୍ରତିଶତ ରହିଛି। ଚାଷ ସିଜନ ସରିଲାଣି। ତେଣୁ ଏହାର ପ୍ରଭାବ ଚାଷ ଉପରେ ପଡିବା କୌଣସି କାରଣ ନାହିଁ। ମାତ୍ର ଦିନକୁ ଦିନ ବୃଷ୍ଟିପାତ କମୁଥିବା ବେଳେ ରୌଦ୍ରତାପ ବଢି ଚାଲିଛି। ତେଣୁ ଡ୍ୟାମ୍‌ଗୁଡିକ ଉପରେ ଭରସା କରିବା ଠିକ୍ ନୁହେଁ। ଏଥିପାଇଁ ଆଗକୁ ବିକଳ୍ପ ବ୍ୟବସ୍ଥା ହେବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ।



ଗ୍ରୀଷ୍ମ ପ୍ରବାହରେ ଶୁଷ୍କ ହୋଇପଡ଼ିଥିବା ବ୍ରାହ୍ମଣୀ ନଦୀ।

## ଭୋଟର ସଚେତନତା କର୍ମଶାଳା ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କଳାକାର।

ରାଉରକେଲା,୧୭।୫(ଦିନେଶ ମିଶ୍ର)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବୁରୋ କ୍ଷେତ୍ର କାର୍ଯ୍ୟାଳୟ କେନ୍ଦୁଝରର ପକ୍ଷରୁ ରାଉରକେଲାଠାରେ ଭୋଟର ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଭୋଟର କିଭଳି ଅଧିକ ମତଦାନ କରିବେ ସେନେଇ ଶିବିର ଅନୁଷ୍ଠିତ ହୋଇଥିଲା। ଗତ ୩ ଦିନ ଧରି ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ମ୍ୟୁନସିପାଲ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପି.କେ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସେହିଭଳି କୋଏଲନଗର ସ୍ଥିତ ଏନ୍‌ଏସି ମାର୍କେଟରେ ସାମାଜିକ କର୍ମୀ ରମାକାନ୍ତ ନାୟକ ଚୁନାବ କା ପର୍ବ, ଦେଶ କି ଗର୍ବ ଶୀର୍ଷକକୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ଅବସରରେ ଭୋଟଦାନ ଅଧିକାର ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଠିକ ଉତ୍ତରଦାତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ କେନ୍ଦୁଝର ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥୀ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ କୁମାର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

## ଆମ୍ୱାଗାନ ମାର୍କେଟରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ସ୍ଥାପିତ

ରାଉରକେଲା,୧୭।୫(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଦୀପିକା ମହିଳା ସଂଘତି ଦ୍ୱାରା ଆମ୍ୱାଗାନ ମାର୍କେଟରେ ସାଧାରଣ ଲୋକଙ୍କ ହିତରେ ଏକ ବିଶୁଦ୍ଧ ଶୀତଳ ମୃଦୁ ଜଳ ପ୍ରକଳ୍ପ ଅବସ୍ଥାପିତ ହୋଇଯାଇଛି। ଏଥିପାଇଁ ଆରଏସପି ଭିତ୍ତିଭୂମୀ ସହାୟତା ପ୍ରଦାନ କରୁଛି। ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ସୋମା ଦେବ ଭୈମିକ ମଧୁରମ ନାମକ ଏହି ଶୀତଳ ମୃଦୁ ଜଳପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଉଦଘାଟନୀ ଅବସରରେ ଦୀପିକା ମହିଳା ସଂଘତି ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ଜୟଶ୍ରୀ ହୋତା, ନମ୍ରତା ବର୍ମାଙ୍କର ସମେତ ଟାଉନ ଇଞ୍ଜିନିୟରିଙ୍ଗ ବିଭାଗର ଜିଏମ ଇନଚାର୍ଜ ବି.କେ ଜୋଜୋ, ସହରସେବା ବିଭାଗର ଜିଏମ ଟି ଜି କାନେକର,ଦୀପିକା ମହିଳା ସଂଘତିର ସମ୍ପାଦିକା ନିଧି ସଂଘଲ ଏବଂ ଡିଏମଏସର ସଦସ୍ୟା ତଥା ଆରଏସପିର ବହୁ ବରିଷ୍ଠ ଅଧିକାରୀ,ସ୍ୱେଚ୍ଛାସେବୀ ଓ ଦୋକାନୀ ଉପସ୍ଥିତ ଥିଲେ। ପ୍ରକଳ୍ପ ଜଳ ବିଶୋଧନତା, ରକ୍ଷଣାବେକ୍ଷଣ ଦାୟିତ୍ୱ ସଂଘତିର ଉପରେ ନିର୍ଭରଶୀଳ। ପରିବେଶ ଓ ପର୍ଯ୍ୟାବରଣକୁ କ୍ଷତି ପହଁଚାଉ ଥିବା ଏକକ ପ୍ଲାଷ୍ଟିକ ବୋତଲ ଏବଂ କାଚ ବ୍ୟବହାର ହ୍ରାସ ପାଇଁ ଏହି ସୁବିଧା ବିଶେଷ ସହଯୋଗୀ ସାବ୍ୟସ୍ତ ହେବା ଆଶା କରାଯାଉଛି।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନେ।

### ବିଜେଡିର ନିର୍ବାଚନୀ ପ୍ରଚାର ବୈଠକ

ବଡ଼ଗାଁ,୧୭।୫(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସିଆମାଲ ଗ୍ରାମରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜୋନ ଛାତ୍ର ବିଜେଡି ସମ୍ପାଦକ ସଞ୍ଜୀବ କୁମାର୍ ବଞ୍ଛୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ବଡ଼ଗାଁ ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ର, ଜିଲା ସମ୍ପାଦକ ଅମିୟ ମୁଦୁଲି, ବିଜେଡି ତଳସରା ନିର୍ବାଚନ ମଣ୍ଡଳୀର ସାଧାରଣ ସମ୍ପାଦକ ଦୀପକ ଖୁଣ୍ଟିଆ, ରୂନଗା ପଞ୍ଚାୟତ ସଭାପତି ଜିତେନ୍ଦ୍ର ଖୁଣ୍ଟିଆ, ସକ୍ରିୟ କର୍ମୀ ଦୁର୍ଯ୍ୟୋଧନ ମହାକୁଡ, ଲଳିତ ବଞ୍ଛୁଆ, ଯୁଗେଶ୍ୱର ରାଉତ, ଆଗାପିତ କୁଜୁର ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ବିଜେଡି କର୍ମକର୍ତ୍ତାମାନେ ନବୀନ ସରକାରଙ୍କ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ନବୀନ ସରକାର ଆସିଲେ ଲୋକେ କଣ ସୁବିଧା, ସହଯୋଗ ପାଇବେ ସେନେଇ ଲୋକଙ୍କୁ ବୁଝାଇଥିଲେ।

## ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ସମାରୋହ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଉରକେଲା,୧୭।୫ (ଦିନେଶ ମିଶ୍ର)

ସେକ୍ଟର-୨୦ ସ୍ଥିତ ଭାରତ ବିକାଶ ପରିଷଦ ରାଉରକେଲା ଶାଖାର ଶପଥ ଗ୍ରହଣ ସମାରୋହ ସଭାପତି ଅଶୋକ କକ୍କଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମ୍ୟୁନସିପାଲ କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର କାର୍ଯ୍ୟ ପ୍ରଣାଳି ସହିତ ଭାରତ ବିକାଶ ପରିଷଦର ଲକ୍ଷ୍ୟ ସମ୍ବନ୍ଧରେ ଅତିଥି ପ୍ରଧାନ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ପୁରୁଷୋତ୍ତମ ଅଗ୍ରୱାଲ ଯୋଗଦେଇ ସଭାରେ ଉପସ୍ଥିତ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପରିଷଦର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଚେମ୍ବର ଅଫ କମର୍ସର ସଭାପତି ସୁନିଲ କୟାଲ ଉପସ୍ଥିତ ରହି ମାର୍ଗ ଦର୍ଶନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଗୋଦାବରୀଶ ଶପତଥୀ ଭାରତ ବିକାଶ ପରିଷଦର ଉଦ୍ଦେଶ୍ୟ ଓ କାର୍ଯ୍ୟ ପଦ୍ଧତି ଉପରେ ସର୍ବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ପରେ ଅର୍ଥ ସଚିବ ବୈଷ୍ଣବ ଚରଣ ମହାପାତ୍ର ଚଳିତ ବର୍ଷର ବଜେଟ ଉପସ୍ଥାପନା କରଥିଲେ। ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ସମ୍ପାଦକ ଅନୁପମ ଗୁପ୍ତାଙ୍କ ସହ ପରିଷଦର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଦଯାତ୍ରାରେ ସାମିଲ ହେଲେ ମହିଳା

ସୋନପୁର,୧୭।୫(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ସରିବ। ଏଥିପାଇଁ ସବୁ ରାଜନୈତିକ ଦଳ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହି କ୍ରମରେ ବିଜୁ ଜନତା ଦଳ ସୁବର୍ଣ୍ଣପୁର ସହରରେ ଶୁକ୍ରବାର ପ୍ରଚାର ଅଭିଯାନକୁ ଜୋରଦାର କରିଛି। ସକାଳେ ମୋଟର ସାଇକେଲ ରାଲି କରି ଦଳ ଶକ୍ତି ପ୍ରଦର୍ଶନ କରିଥିଲା। ସନ୍ଧ୍ୟାରେ ବିଜେଡିର ମହିଳା ସମର୍ଥକ ପଦଯାତ୍ରା କରି ନିର୍ବାଚନୀ ବାତାବରଣକୁ ସରଗରମ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ବିଜେଡିର ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ମହିଳାମାନେ ଗୁଣ୍ଡିଚା ମନ୍ଦିରରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପଦଯାତ୍ରା ବଡବଜାର, ବିଜୁପଟ୍ଟନାୟକ ଛକ, ମଝିପଡା, ଘୋଡାଘାଟପଡା ପରିକ୍ରମା କରି କଚେରି ଛକ ସ୍ଥିତ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା।



ସୁନ୍ଦରଗଡ଼ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଶୁକ୍ରବାର ରାଉରକେଲାରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ଏନ୍‌ଆଇଟି ରାଉରକେଲାରେ ରିସର୍ଚ୍ଚ ସ୍କଲାର ସପ୍ତାହ ଉଦ୍‌ଘାଟିତ

ରାଉରକେଲା,୧୭।୫(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ ମେ୧୭ରୁ ୧୯ ପର୍ଯ୍ୟନ୍ତ ୩ ଦିବସୀୟ ରିସର୍ଚ୍ଚ ସ୍କଲାର ସପ୍ତାହ(ଆର୍‌ଏସ୍‌ଡବ୍ଲ୍ୟୁ) ଉଦଘାଟିତ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ବୁର୍ଲାର କୁଳପତି ପ୍ରଫେସର୍ ବଂଶୀଧର ମାଝି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଆଇଟି ରାଉରକେଲାର ମାଟ ୧୯୩ ଜଣ ପିଏଚଡି ବିଦ୍ୟାର୍ଥୀ ଯୋଗଦେଇ ନିଜ ଗବେଷଣାକାର୍ଯ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଭର୍ଚୁଆଲ ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟଅତିଥି ମାଝି କହିଥିଲେ, ବିକାଶର ଭବିଷ୍ୟତରେ ସକାରତ୍ମକ ପରିବର୍ତ୍ତନ ଆଣିବା ପାଇଁ ଗବେଷକଙ୍କୁ ସେମାନଙ୍କର ଶିକ୍ଷାଗତ କାର୍ଯ୍ୟରେ ସଫଳତା କାମନା କରୁଛି। ଆର୍‌ଏସ୍‌ଡବ୍ଲ୍ୟୁ ଦାୟିତ୍ୱରେ ଥିବା ପ୍ରଫେସର ପ୍ରଦୀପ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଏକାଡେମିକ୍ ଡିନ୍ ତଥା ଆର୍‌ଏସ୍‌ଡବ୍ଲ୍ୟୁ କମିଟିର ଅଧ୍ୟକ୍ଷ ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ କହିଥିଲେ, ଗବେଷଣାକୁ ପେଶା ଭାବେ ବାଛିନେବା ଅର୍ଥ ହେଉଛି ସମସ୍ୟା ସମାଧାନ ପାଇଁ ଉତ୍ସର୍ଗୀକୃତ ଜୀବନକୁ ଗ୍ରହଣ କରିବା ଏବଂ ବୌଦ୍ଧିକ ଯାତ୍ରା ମାଧ୍ୟମରେ ବାସ୍ତବ ଦୁନିଆର ଜଟିଳତାକୁ ମୁକାବିଲା କରିବା ପାଇଁ ବ୍ୟଗ୍ର ରହିବା। ଆର୍‌ଏସ୍‌ଡବ୍ଲ୍ୟୁର ପ୍ରଥମ ଦୁଇ ଦିନରେ ମୌଳିକ ବିଜ୍ଞାନ, ମାନବିକତା ଓ ପରିଚାଳନା ଅଧ୍ୟୟନ କ୍ଷେତ୍ରରେ ସ୍କଲାର ମାନେ ପୋଷ୍ଟର ଉପସ୍ଥାପନା, ୩ୟ ଦିନରେ ମୌଖିକ ଉପସ୍ଥାପନା ତଥା ବିଜେତାଙ୍କ ପାଇଁ ପୁରସ୍କାର ବିତରଣ ଓ ସ୍ୱେଚ୍ଛାସେବୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କାର୍ଯ୍ୟକ୍ରମ ରହିଛି। ଏହାର ସମାପନ କାର୍ଯ୍ୟକ୍ରମରେ ରାଞ୍ଚି ଏନ୍‌ଆଇଏଏମ୍‌ଟିର ନିର୍ଦ୍ଦେଶକ ପାର୍ଥ ପ୍ରତୀମ ଚଟ୍ଟୋପଧ୍ୟାୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି।



ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।




ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚଡି ପଡିଆରେ ବିଜେଡି ପକ୍ଷରୁ ସାଧାରଣ ସଭା ଅବସରରେ ଭରନୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ(ବାମ) ବୌଦ୍ଧଜିଲା ଖଟଖଟିଆର ମୟୂର ନୃତ୍ୟ (ଡାହାଣ)।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ସଭାସ୍ଥଳ

ସମ୍ବଲପୁର,୧୭।୫(ଭବାନୀ ଶଙ୍କର ଭୋଇ)

ଶୁକ୍ରବାର ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚଡି ପଡିଆରେ ବିଜେଡି ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଗେଟରେ ଦୁଲ୍‌ଦୁଲି ବାଜାର ବ୍ୟବସ୍ଥା କରାଯାଇଥିଲା। ଏହାସହ ଯୋଡି ଶଙ୍ଖରେ ଶଙ୍ଖନାଦ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଗମନ ପୂର୍ବରୁ ମଞ୍ଚରେ ସମ୍ବଲପୁରୀ ହାସ୍ୟ କଳାକାର ଯୋଗେଶ ଜୋଜୋ ଏବଂ ସାଥୀ ହାସ୍ୟ ରସାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହାସହ ମଞ୍ଚରେ ସଂଗ୍ରାମ ଏବଂ ସାଥୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଲିଉଡରୁ ଆସିଥିବା କଳାକାରମାନେ ମଧ୍ୟ ଜନସାଧାରଣଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ଜରିଆରେ ବିଜେଡିର ପ୍ରଚାର କରିଥିଲେ। ସେହିପରି ଉତ୍ସବ ପରିସରରେ ବୌଦ୍ଧ ଜିଲା ଖଟଖଟିଆଞ୍ଚଳର ମୟୂର ନୃତ୍ୟ, ସମ୍ବଲପୁର ଭରନୀ କଳାପରିଷଦର ଭରନୀ ସମ୍ବଲପୁରୀ ନୃତ୍ୟ, ବରଗଡ ଜିଲାର ଝରା ନୃତ୍ୟ ପରିବେଶିତ ହୋଇଥିଲା। ସମ୍ବଲପୁର ଜିଲାର ଦୂରଦୁରାନ୍ତରୁ ମହିଳା ଏବଂ ପୁରୁଷମାନେ ନବୀନ ପଟ୍ଟନାୟକଙ୍କ ଭାଷଣ ଶୁଣିବା ପାଇଁ ପହଞ୍ଚି ଅପେକ୍ଷା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଭାସ୍ଥଳ ଦୁଲୁକି ଉଠିଥିବାବେଳେ ଅପେକ୍ଷାରତ ମହିଳା ଏବଂ ପୁରୁଷ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ।



ବରଗଡରୁ ଆସିଥିବା ଝର ନୃତ୍ୟ ଦଳ।

### ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କଲେ କଳାକାର

# ବିଭିନ୍ନ ଦଳର କର୍ମକର୍ତ୍ତା ବିଜେଡିରେ ସାମିଲ

ସମ୍ବଲପୁର,୧୭।୫(ପ୍ରମୋଦ ବହିଦାର)

ସମ୍ବଲପୁରର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ବିଜେଡିରେ ସାମିଲ ହୋଇଛନ୍ତି। ଶୁକ୍ରବାର ଭାଲୁପାଲିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳୀୟ ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମର କିଛି ସମୟ ପୂର୍ବରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଆଇସିପି କିଷାନ ମୋର୍ଚ୍ଚାର ରାଜ୍ୟ ସଭାପତି ପଣ୍ଡିତ ବିଶେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲା ସଭାପତି, ସମ୍ପାଦକ, ଉପସଭାପତି ଓ କୋଷାଧକ୍ଷଙ୍କ ସମେତ ଅନେକ ପଦାଧିକାରୀ ଓ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ବଜରଙ୍ଗ ଦଳର ପୂର୍ବତନ ଉପସଭାପତି ସେମନ୍ତ ସିଂଙ୍କ ନେତୃତ୍ୱରେ ସମ୍ବଲପୁରର ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା ତଥା ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଭାଜପାର ଅନେକ କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡି ଉପରେ ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଛନ୍ତି ବୋଲି କହିଥିଲେ। ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଜେଡିକୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଲେ ଯେ, ସମ୍ବଲପୁରରେ ଏବେ ଦୁଇଟି ଦଳ କାର୍ଯ୍ୟ କରୁଛି। ଗୋଟିଏ ଦଳ ଯିଏ କେବଳ ପ୍ରଚାର କରୁଛି ଓ ଅନ୍ୟଟି ବିଜେଡି ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିଚାଲିଛି। ତେଣୁ ବର୍ତ୍ତମାନ ପ୍ରଚାର ସର୍ବସ୍ୱ ବନାମ କର୍ମତତ୍ପର ବ୍ୟକ୍ତିଙ୍କୁ ଚିହ୍ନଟ କରିବାର ସମୟ ଆସିଛି। ସେ ଆହୁରି କହିଲେ, ସମ୍ବଲପୁରକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବିଶାଳ ପ୍ରକଳ୍ପର ପରିକଳ୍ପନା କରିଛନ୍ତି। ତେଣୁ ଚଳିତ ନିର୍ବାଚନରରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭୋଟରମାନଙ୍କୁ ନିବେଦନ କରିବାକୁ ପ୍ରଣବ ପ୍ରକାଶ ଉପସ୍ଥିତ ବିଜେଡି କର୍ମକର୍ତ୍ତା ଓ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

### ପ୍ରଚାର ସର୍ବସ୍ୱ ବନାମ କର୍ମତତ୍ପର ବ୍ୟକ୍ତିଙ୍କୁ ଚିହ୍ନିବାର ବେଳ ଆସିଛିଃ ପ୍ରଣବ ପ୍ରକାଶ




ବିଜେଡିରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ପ୍ରଣବ ପ୍ରକାଶ ଦାସ ସ୍ୱାଗତ କରୁଛନ୍ତି।

# କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ବେଜବରୁଆ ଭବନ ପରିଦର୍ଶନ

ସମ୍ବଲପୁର,୧୭।୫(ବି.ଶଙ୍କର)

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗର ରାଜ୍ୟ ମନ୍ତ୍ରୀ ତଥା ଡିବ୍ରୁଗଡ ଲୋକସଭା ସଦସ୍ୟ ରାମେଶ୍ୱର ତେଲି ଶୁକ୍ରବାର ସମ୍ବଲପୁର କଚେରୀଛକ ସ୍ଥିତ ବେଜବରୁଆ ଭବନ ପରିଦର୍ଶନ କରିଛନ୍ତି। ବେଜବରୁଆ ଭବନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଦୁଇଟି ଭବନ ମଧ୍ୟରୁ ଗୋଟିଏ ସାଧନା ଗୃହ ଜୀର୍ଣ୍ଣୋଦ୍ଧାର ପରେ ସମ୍ପ୍ରତି ତାହା ସୁନ୍ଦର ରୂପରେ ଛିଡ଼ା ହୋଇଥିବାରୁ ସେ ଅତ୍ୟନ୍ତ ପ୍ରୀତ ହୋଇଥିଲେ। ଏହି ଘରଟିରେ କବି ବେଜବରୁଆ ଲେଖାପଢ଼ା କରୁଥିଲେ। ତାଙ୍କ ଜୀବନର ସର୍ବଶ୍ରେଷ୍ଠ ରଚନାବଳୀ ଏହି ଘରେ ସୃଜନ ହୋଇଥିଲା। ତେଣୁ ଏହି ଘରେ ଆଜି ଛିଡ଼ା ହୋଇ ତାଙ୍କର ଅପୂର୍ବ ଅନୁଭୂତି ହୋଇଥିବା ମନ୍ତ୍ରୀ କହିଥିଲେ। ସାଧନା ଗୃହରେ ଥିବା ବେଜବରୁଆ ତଥା ତାଙ୍କ ପରିବାରବର୍ଗଙ୍କ ଫଟୋଚିତ୍ର ଓ ବେଜବରୁଆଙ୍କ ରଚିତ ପୁସ୍ତକ ମଧ୍ୟ ଦେଖି ମନ୍ତ୍ରୀ ପ୍ରଭାବିତ ହୋଇଥିଲେ। ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ଚାଲିଥିବା ବେଜବରୁଆଙ୍କ ବାସଗୃହ ବୁଲି ଦେଖିବା ବେଳେ କେନ୍ଦ୍ରମନ୍ତ୍ରୀ ବେଜବରୁଆ ସ୍ମୃତି ରକ୍ଷା ସମିତିର ଆବାହକ ଦୀପକ କୁମାର ପଣ୍ଡାଙ୍କଠାରୁ ଅନେକ ବିଷୟରେ ବୁଝିଥିଲେ। ଏହି ଅବସରରେ ଆବାହକ ପଣ୍ଡା ମନ୍ତ୍ରୀଙ୍କୁ ସ୍ମୃତି ସନ୍ତକ ସ୍ୱରୂପ ଏକ ପୁସ୍ତିକା ପ୍ରଦାନ କରିଥିଲେ। ୧୯୨୪ରେ ୨ ଏକର ୭୪ ଡିସିମିଲର ପ୍ରଶସ୍ତ ଭୂମି ମଧ୍ୟରେ ବେଜବରୁଆଙ୍କ ଦ୍ୱାରା ନିର୍ମିତ ୧୨ଟି ପ୍ରକୋଷ୍ଠ ବିଶିଷ୍ଟ ବାସଭବନକୁ ମନଭରି ମନ୍ତ୍ରୀ ଦେଖିଥିଲେ। ପ୍ରତ୍ୟେକ ଆସାମବାସୀଙ୍କ ପାଇଁ ବେଜବରୁଆ ଖୁବ ମହତ୍ତ୍ୱ ରଖନ୍ତି। ଅସମୀୟା ସ୍ୱାଭିମାନକୁ ଅକ୍ଷୁଣ୍ଣ ରଖିବାରେ ବେଜବରୁଆଙ୍କ ଅଗ୍ରଣୀ ଭୂମିକା ରହିଛି। ସେ ଆଧୁନିକ ଅସମୀୟା ସାହିତ୍ୟର ସଂସ୍ଥାପକ ଅଟନ୍ତି। ତାଙ୍କ ରଚିତ ଆସାମର ରାଜ୍ୟ ସଙ୍ଗୀତ ଗାନରୁ ଯେକୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ। ଏଭଳି ଜଣେ ବ୍ୟକ୍ତି ସମ୍ବଲପୁରରେ ସ୍ଥାୟୀ ବାସ ଓ ଏଠାରେ ଶ୍ରେଷ୍ଠତମ ରଚନା ସୃଷ୍ଟି କରିଥିବାରୁ ସମ୍ବଲପୁର ପ୍ରତି ଆସାମବାସୀଙ୍କ ଆକର୍ଷଣ ରହିଛି। ବେଜବରୁଆ ୧୦ ବର୍ଷ ପାଇଁ ସମ୍ବଲପୁର ମ୍ୟୁନିସିପାଲିଟିର କାଉନସିଲର ଥିଲେ। ପରିଦର୍ଶନର ପୂଲକ ଭରା ଅଭିଜ୍ଞତାକୁ ସେ ଆସାମ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ବର୍ଣ୍ଣନା କରିବେ ବୋଲି ମନ୍ତ୍ରୀ ତେଲି କହିଛନ୍ତି। ଇନଟାକର ଜୁନିଅର ଇଞ୍ଜିନିୟର ଅନୀଲ ତରାଇ ଓ ଅନ୍ୟମାନେ ଏ ପରିଦର୍ଶନ ବେଳେ ଉପସ୍ଥିତ ଥିଲେ। ଏଥିସହ ମନ୍ତ୍ରୀ ସମଲେଶ୍ୱରୀ ମନ୍ଦିର, ହୀରାକୁଦ ବନ୍ଧ ଓ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରିଛନ୍ତି।



ସମ୍ବଲପୁର କଚେରୀଛକସ୍ଥିତ ବେଜବରୁଆ ଭବନଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ବିଭାଗର ରାଜ୍ୟ ମନ୍ତ୍ରୀଙ୍କୁ ସ୍ମୃତି ସନ୍ତକ ଦିଆଯାଉଛି।

### ବେଜବରୁଆଙ୍କ ବିଷୟରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ବର୍ଣ୍ଣନା କରିବେ

# ହୀରାକୁଦଠାରେ ୫ ଦିନ ବ୍ୟାପି ଭାଗବତ କଥା



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ଭାଗବତ କଥାରେ ଯୋଗଦେଇଥିବା ଭକ୍ତମାନେ।

ସମ୍ବଲପୁର,୧୭।୫(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ୫ ଦିନ ଧରି ଭାଗବତ କଥା ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ହିଣ୍ଡାଲକୋ କମ୍ୟୁନିଟି ସେଣ୍ଟରଠାରେ ଗତ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ମୃତ୍ୟୁ ଉପରେ ବିଜୟ ଶୀର୍ଷକ ଭାଗବତ କଥା ଅନୁଷ୍ଠିତ ହୋଇଥିଲା। ଏହି ଭାଗବତ କଥାରେ ଶ୍ରୀପାଦ ସନ୍ଦିପନି ମୁନି ଦାସ ଭାଗବତ କଥା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ଶତାଧିକ ଭକ୍ତ ଯୋଗଦାନ କରି ଭାଗବତ କଥା ଶ୍ରବଣ କରିଥିଲେ। ବୁର୍ଲା ଇସ୍କନ ମନ୍ଦିରର ଶ୍ରୀପାଦ ଅମାୟୀ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୟ ସଖା ଦାସ, ଅସିତ କୃଷ୍ଣ ଦାସ ଓ ଅନ୍ୟାନ୍ୟ ଭକ୍ତ ବୃନ୍ଦ ମିଳିତ ସହଯୋଗ କରିଥିଲେ। ବୁର୍ଲା ଇସ୍କନ ଓ ଅନ୍ୟ ଭକ୍ତଙ୍କ ସହଯୋଗରେ ଭକ୍ତମାନଙ୍କୁ ପ୍ରତ୍ୟହ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ହିଣ୍ଡାଲକୋ କମ୍ପାନୀର ବିଶେଷ ସହାୟତା ପାଇଁ ବୁର୍ଲା ମନ୍ଦିର ପକ୍ଷରୁ ବିଶେଷ କୃତଜ୍ଞତା ଜ୍ଞାପନ କରାଯାଇଛି।

# ସ୍ୱାଧୀନ ପ୍ରାର୍ଥୀ ଲଙ୍କେଶ ରାବଣଙ୍କ ନିଆରା ପ୍ରଚାର

ସମ୍ବଲପୁର,୧୭।୫(ଭବାନୀ ଶଙ୍କର ଭୋଇ)

ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ପ୍ରଚାର ବଡ ଜାକଜମକରେ ହେଉଥିବା ବେଳେ ରେଙ୍ଗାଲୀ ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଲଙ୍କେଶ ରାବଣଙ୍କ ପ୍ରଚାର ନିଆରା ରହିଛି। ସେ ଘର ଘର ବୁଲି ଲୋକମାନଙ୍କୁ ଟଙ୍କାରେ ବିକ୍ରି ନ ହୋଇ ନିଜର ବହୁମୂଲ୍ୟ ଭୋଟକୁ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ଯିଏ ଅଞ୍ଚଳର ବିକାଶ କରିପାରିବ ସେଭଳି ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ସେ ସଚେତନ କରୁଛନ୍ତି । ତାଙ୍କର ପ୍ରଚାର କାର୍ଯ୍ୟରେ ତାଙ୍କର ସହଯୋଗୀମାନେ ମଧ୍ୟ ସାମିଲ ହେଉଛନ୍ତି। ତେବେ ପ୍ରଚାର ପାଇଁ ଅନ୍ୟ ପ୍ରାର୍ଥୀଙ୍କୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଲଙ୍କେଶ ଲୋକଙ୍କଠାରୁ ଟଙ୍କା, ଡାଲି, ପନିପରିବା ଓ ଚାଉଳ ମାଗି ନିଆରା ଢଙ୍ଗରେ ପ୍ରଚାର କରୁଛନ୍ତି। ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ନିଜ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଏହା ସହ ଭୋଟରମାନଙ୍କୁ ଯାହାର ଯେତିକି ସାମର୍ଥ୍ୟ ସାହାଯ୍ୟ ପାଇଁ କହିଥିଲେ। ଲୋକ ମଧ୍ୟ ତାଙ୍କୁ ଟଙ୍କା, ଚାଉଳ, ପନିପରିବା ଦେଉଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀର ମାଲତି ଗୁଣ୍ଡେରପୁର ଅଞ୍ଚଳରେ ବୁଲି ସେ ଏଭଳି ନିଆରା ଭାବେ ପ୍ରଚାର କରିଛନ୍ତି। ଲଙ୍କେଶ ପ୍ରଚାର ସମୟରେ କହୁଛନ୍ତି ମୋତେ ସମର୍ଥନ କରି ମତଦାନ ସହ ଅର୍ଥ ଦାନ ବି କରନ୍ତୁ। ଏପରିକି ଯିଏ ଆର୍ଥିକ ଭାବରେ ସହଯୋଗ କରିବାରେ ଅସମର୍ଥ ସେ ଯାହା ସମ୍ଭବ ସହଯୋଗ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତି। ମାଲତି ଗୁଣ୍ଡେରପୁରର ମହିଳାମାନଙ୍କଠାରୁ ପନିପରିବା ଦାନ ମଧ୍ୟ ଗ୍ରହଣ କରିଛନ୍ତି। ଲଙ୍କେଶ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଛନ୍ତି ଯେ, ମଦ, ମାଂସ ଦେଉଥିବା ନେତାଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ଭୋଟ ଦେବା ସମୟରେ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛନ୍ତୁ। ସେ ଅଞ୍ଚଳବାସୀଙ୍କୁ କହିଛନ୍ତି, ଆପଣଙ୍କ ସହଯୋଗରେ ମୋର ପ୍ରଚାର ଏବଂ ସହଯୋଗୀଙ୍କ ଆହାର ବ୍ୟବସ୍ଥା ହେବ ବୋଲି ଲଙ୍କେଶ କହିଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଅଧିକ ଲୋକ ଭୋଟ୍ କେନ୍ଦ୍ରକୁ ଯାଇ ମତଦାନ କଲେ ମୋର ଉଦ୍ଦେଶ୍ୟ ସଫଳ ହେବ ବୋଲି ରାବଣ କହିଛନ୍ତି।



ରେଙ୍ଗାଲୀର ସ୍ୱାଧୀନ ପ୍ରାର୍ଥୀ ଲଙ୍କେଶ ରାବଣ ମହିଳାଙ୍କ ଠାରୁ ପନିପରିବା ଗ୍ରହଣ କରୁଛନ୍ତି।

### ମତଦାନ ସହ ଅର୍ଥଦାନ କରି ସମର୍ଥନ କରିବାକୁ ଆହ୍ୱାନ

# କୁଚିଣ୍ଡାରେ ଛତିଶଗଡ଼ ଅର୍ଥମନ୍ତ୍ରୀଙ୍କ ପ୍ରଚାର

କୁଚିଣ୍ଡା,୧୭।୫(ବିରଞ୍ଚି ଦର୍ଶା)

ଓଡିଶାରେ ୨୫ବର୍ଷ ବିଜେଡି ଶାସନର ଅନ୍ତ ଘଟିବ। ରାଜ୍ୟରେ ଚାଲିଥିବା କୁଶାସନ ବିରୋଧରେ ଜନତା ପରିବର୍ତ୍ତନ ଆଡକୁ ମୁହାଁଇଲେଣି। ତେଣୁ ଓଡ଼ିଶାରେ ଭାଜପା ସରକାର ଗଠନରେ କୌଣସି ଦ୍ୱନ୍ଦ ନାହିଁ ବୋଲି ଛତିଶଗଡ଼ ଅର୍ଥମନ୍ତ୍ରୀ ଓମପ୍ରକାଶ ଚୌଧୁରୀ କହିଛନ୍ତି। ଶୁକ୍ରବାର ଭାଜପା ପକ୍ଷରୁ ହୋଇଥିବା ନିର୍ବାଚନ ପ୍ରଚାରର ମଙ୍ଗ ଧରିଛନ୍ତି ଛତିଶଗଡ଼ ଅର୍ଥମନ୍ତ୍ରୀ ଚୌଧୁରୀ। କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ସେ ସିଧାସଳଖ ବିଜେଡି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଛତିଶଗଡ଼ରେ ସରକାର ୩୧୦ଶହ ଟଙ୍କାରେ ଧାନ କିଣୁଥିବାବେଳେ ଓଡିଶାରେ କିନ୍ତୁ ଚାଷୀ ୨୧ ଟଙ୍କାରେ ବି ଧାନ ବିକ୍ରି କରିପାରୁ ନାହାନ୍ତି। ଓଡ଼ିଶାରେ କଣ ଓଡ଼ିଆ ଲୋକଙ୍କ ଅଭାବ ଅଛି ଯେ,ବିଜେଡି ଶାସନ ଭାରକୁ ଜଣେ ଅଣଓଡ଼ିଆ ଲୋକଙ୍କ ହାତରେ ଟେକି ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ ଭାଜପା ସରକାର ହେଲେ ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ହେବେ ଏବଂ ମହିଳାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଚୌଧୁରୀ କହିଛନ୍ତି। କୁଚିଣ୍ଡା ନିର୍ବାଚନମଣ୍ଡଳୀର ବାମରା ବ୍ଲକ ସୋଲବଗା ଓ କୁଚିଣ୍ଡା ବ୍ଲକ କୁନ୍ତରାଠାରେ ହାଇ ଭୋଲଟେଜ ନିର୍ବାଚନ ପ୍ରଚାର ହୋଇଛି। ପଦ୍ମଚରଣ ଗୁରୁଙ୍କ ସଭାପତିତ୍ୱରେ ସୋଲବଗାରେ ହୋଇଥିବା ବିଜୟ ସଂକଳ୍ପ ସମାବେଶରେ ଛତିଶଗଡ଼ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ, ଛତିଶଗଡ଼ ସାଂସଦ ପ୍ରାର୍ଥିନୀ ରୂପକୁମାରୀ ଚୌଧୁରୀ, ବିଧାୟକ ପ୍ରାର୍ଥୀ ରବି ନାରାୟଣ ନାଏକ, ମଣ୍ଡଳ ସଭାପତି ସୁନୀଲ ଦାଶ, ସଜ୍ଜନ ଖଣ୍ଡେଲୱାଲ, ସମାଜସେବୀ ସୁବୋଦିନୀ ପଟେଲ ଯୋଗଦେଇଥିଲେ। ସେହିପରି କୁଚିଣ୍ଡା ବ୍ଲକର କୁନ୍ତରାଠାରେ ହୋଇଥିବା ନିର୍ବାଚନୀ ସଭାରେ ମନ୍ତ୍ରୀ ଚୌଧୁରୀ, ସାଂସଦ ପ୍ରାର୍ଥିନୀ ରୂପକୁମାରୀ,ସିନେ ଅଭିନେତ୍ରୀ ବିଦ୍ୟୁସ୍ମିତା ମନ୍ତ୍ରୀ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ ପ୍ରମୁଖ ଯୋଗଦେଇ ଭାଜପା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ ଓ ଲୋକସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ଭୋଟରେ ଭୋଟ ଦେବାକୁ ନିବେଦନ କରିଥିଲେ। ସନ୍ଧ୍ୟାରେ ସିନେ ଅଭିନେତ୍ରୀ ବିଦ୍ୟୁସ୍ମିତା କୁଚିଣ୍ଡା ଏନଏସିରେ ନିର୍ବାଚନ ପ୍ରଚାର କରିଛନ୍ତି। ସେ ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଥାନକୁ ଯାଇ ନିର୍ବାଚନ ପ୍ରଚାର କରି ୱାର୍ଡ ନଂ.୮ ଘୋଷାଠାରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ।




କୁଚିଣ୍ଡା ନିର୍ବାଚନମଣ୍ଡଳୀର ନିର୍ବାଚନୀ ସଭାରେ ଛତିଶଗଡ଼ ଅର୍ଥମନ୍ତ୍ରୀ ଓମପ୍ରକାଶ ଚୌଧୁରୀ ଓ ଅନ୍ୟମାନେ ମଞ୍ଚାସୀନ।

## ସଂକ୍ଷେପରେ

### ଶିଶୁ ମୃତ୍ୟୁକୁ ନେଇ ସ୍କୁଲ ଜାଳିଦେଲେ ଲୋକେ

**ପାଟନା,୧୭।୫:** ବିହାରର ପାଟନା ସହରରେ ଥିବା ଏକ ସ୍କୁଲ ପରିସରରୁ ଶୁକ୍ରବାର ସକାଳେ ଜଣେ ଶିଶୁଙ୍କ ମୃତଦେହ ମିଳିବା ପରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ସମ୍ପୃକ୍ତ ସ୍କୁଲରେ ନିଆଁ ଲଗାଇଦେଇଛନ୍ତି।ଏହି ଘଟଣା ଦିଘା ଥାନା ଅନ୍ତର୍ଗତ ରାମଜିଚକଠାରେ ଘଟିଛି। ଖବର ଅନୁଯାୟୀ ୫ ବର୍ଷର ଶିଶୁ ଗୁରୁବାର ସ୍କୁଲ ସମୟ ପରେ ଟିଉଶନ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶୁକ୍ରବାର ଭୋର ସମୟରେ ଶିଶୁର ମୃତଦେହ ସ୍କୁଲ ପରିସରରେ ଥିବା ଏକ ଜଳାଶୟରୁ ମିଳିଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଭାଜପା ପ୍ରାର୍ଥୀ ଅଭିଜିତଙ୍କୁ ଇସିଙ୍କ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ,୧୭।୫:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଲକ୍ଷ୍ୟକରି ତମଲୁକ୍ ଆସନର ଭାଜପା ପ୍ରାର୍ଥୀ ଅଭିଜିତ ଗଙ୍ଗୋପାଧ୍ୟାୟ ଦେଇଥିବା ମନ୍ତବ୍ୟ ଉପରେ ନିର୍ବାଚନ କମିଶନ (ଇସି) ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଗତ ୧୫ ତାରିଖରେ ହଳଦିଆଠାରେ ଏକ ସାଧାରଣ ସଭାରେ ଅଭିଜିତ ମମତାଙ୍କୁ ଅପମାନିତ କଲା ଭଳି ମନ୍ତବ୍ୟ ଦେଇଥିଲେ। ଏନେଇ ତୃଣମୂଳ କଂଗ୍ରେସର ଅଭିଯୋଗ ଆଧାରରେ ଇସି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଅଭିଜିତଙ୍କ ଅଶୋଭନୀୟ ମନ୍ତବ୍ୟକୁ ଇସି ନିନ୍ଦା କରିବା ସହ ୨୦ ତାରିଖ ସୁଦ୍ଧା ନୋଟିସର ଜବାବ ରଖିବାକୁ କହିଛନ୍ତି।

### କପିଲ ସିବଲ ଏସ୍‌ସିବିଏ ଅଧ୍ୟକ୍ଷ ନିର୍ବାଚିତ

**ନୂଆଦିଲ୍ଲୀ,୧୭।୫ :** ବରିଷ୍ଠ ଆଇନଜୀବୀ କପିଲ ସିବଲ ଚତୁର୍ଥ ଥର ପାଇଁ ସୁପ୍ରିମକୋର୍ଟ ବାର୍‌ଆସୋସିଏଶନ (ଏସ୍‌ସିବିଏ)ର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସେ ୨୦୦୧ରେ ଏସ୍‌ସିବିଏର ଅଧ୍ୟକ୍ଷ ରହିଥିଲେ। ଏହା ପୂର୍ବରୁ ସେ ୯୦ ଦଶକରେ ଦୁଇଥର ଏହି ସଂଗଠନର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଏସ୍‌ସିବିଏର ଅଧ୍ୟକ୍ଷ ନିର୍ବାଚିତ ହୋଇଥିବାରୁ ସିବଲଙ୍କୁ ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଅଭିନନ୍ଦନ ଜଣାଇଛନ୍ତି। ସିଜେଆଇଙ୍କୁ ଧନ୍ୟବାଦ ଜଣାଇ ସିବଲ କହିଛନ୍ତି, ଆମ ତରଫରୁ ସମ୍ପୂର୍ଣ୍ଣ ସହଯୋଗ ରହିବ, ଏହା ଖଣ୍ଡପୀଠଙ୍କୁ ଆମର ପ୍ରତିଶ୍ରୁତି।

### ସୋରେନ୍‌ଙ୍କ ଜାମିନ ଆବେଦନ: ଇଡିକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୭।୫ (ପି.ଟି.):** ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ନିମନ୍ତେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତ ଏନେଇ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଜବାବ ମାଗିଛନ୍ତି। ସୋମବାର ସୁଦ୍ଧା ଜବାବ ଦାଖଲ କରିବାକୁ ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୋରେନଙ୍କୁ ଜାମିନରେ ଛଡ଼ାଗଲେ ସେ ଜୁନ୍ ୨ରେ ଆତ୍ମସମର୍ପଣ କରିବେ ବୋଲି ତାଙ୍କ ଓକିଲ କପିଲ ସିବଲ ଅଦାଲତଙ୍କୁ ଜଣାଇଥିଲେ।

# ବିଭବଙ୍କୁ ଖୋଜୁଛି ୮ ପୋଲିସ ଟିମ୍



କେଜ୍‌ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାର।

**ନୂଆଦିଲ୍ଲୀ,୧୭।୫**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହଯୋଗୀ ବିଭବ କୁମାରଙ୍କ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ରାଜ୍ୟ ସଭା ସଦସ୍ୟା ସ୍ୱାତୀ ମାଲିୱାଲ ଆଣିଥିବା ସଙ୍ଗିନ ଅଭିଯୋଗ ନିର୍ବାଚନ ବେଳେ ରାଜନୈତିକ ଝଡ଼ ସୃଷ୍ଟି କରିଛି। ଦିଲ୍ଲୀ ପୋଲିସ ଏବଂ ଫରେନ୍‌ସିକ୍ ଟିମ୍ ଶୁକ୍ରବାର ସିଲିଲ୍ ଲେନ୍‌ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନରେ ପହଞ୍ଚି ତନାଘନା ଚଳାଇଛି। ଅପରାଧର ସିନ୍ ରିକ୍ରିଏଟ୍ କରିବା ପାଇଁ ସ୍ୱାତୀଙ୍କୁ ମଧ୍ୟ ସେଠାକୁ ନିଆଯାଇଥିଲା। ଅନ୍ୟପକ୍ଷେ ବିଭବ ସ୍ୱାତୀଙ୍କ ବିରୋଧରେ ପାଲଟା ଆକ୍ରମଣ ଅଭିଯୋଗ ଆଣିଛନ୍ତି।

ଦିଲ୍ଲୀ ମହିଳା ଆୟୋଗର ପୂର୍ବତନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ତିସ୍ ହଜାରି କୋର୍ଟରେ ପହଞ୍ଚି ନିଜ ବୟାନ ରେକର୍ଡ କରାଇଛନ୍ତି। ତାଙ୍କ ବୟାନ ଆଧାରରେ ବିଭବଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ବିଭବଙ୍କୁ ନୋଟିସ କରିଥିବାବେଳେ ସେ ହାଜର ହୋଇ ନ ଥିଲେ। ତେଣୁ ଏନ୍‌ସିଡବ୍ଲ୍ୟୁ ଅଭିଯୁକ୍ତ ତାଙ୍କୁ ଦ୍ୱିତୀୟ ଥର ନୋଟିସ କରିଛନ୍ତି। ଦିଲ୍ଲୀ ପୋଲିସ ଅପରାହ୍ଣରେ ବିଭବଙ୍କ ଘରକୁ ଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ପାଇ ନ ଥିଲା। ତାଙ୍କୁ ଧରିବା ପାଇଁ ୮ଟି ଟିମ୍ ଗଠନ କରାଯାଇଛି। ବିଭବ ପଞ୍ଜାବକୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। କାଳେ ସେ ମହାରାଷ୍ଟ୍ରକୁ ଚାଲିଯାଇଥିବେ ମନେକରି ସେଠାକାର ପୋଲିସ ସହ ଦିଲ୍ଲୀ ପୋଲିସ ଯୋଗାଯୋଗ କରିଛି। କେଜ୍‌ରିୱାଲଙ୍କ ବାସଭବନରେ ପୋଲିସ ଅପରାହ୍ଣ ୪ଟା ୪୫ରୁ ରାତି ପର୍ଯ୍ୟନ୍ତ ତଦନ୍ତ ଚଳାଇଥିଲା। ସେଠାରେ ସ୍ୱାତୀ ତାଙ୍କ ସହ ଘଟିଥିବା ସବୁ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବତାଇଥିଲେ। ପୋଲିସ ଟିମ୍ ୮ ସିସିଟିଭି କ୍ୟାମେରାରୁ ଫୁଟେଜ୍ ସଂଗ୍ରହ କରିଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନର କେତେଜଣ ସୁରକ୍ଷା କର୍ମୀଙ୍କ ମଧ୍ୟ ବୟାନ ରେକର୍ଡ କରିଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଭେଟିବା ପାଇଁ ଗତ ୧୩ ତାରିଖରେ

### ସ୍ୱାତୀଙ୍କ ବୟାନ ରେକର୍ଡ, କେଜ୍‌ରିୱାଲଙ୍କ ଘରେ ତନାଘନା

ତାଙ୍କ ବାସଭବନକୁ ଯାଇଥିବାବେଳେ ଡ୍ରଇଂରୁମ୍‌ରେ ସୁରକ୍ଷା କର୍ମୀଙ୍କ ସହ ଯୁକ୍ତିତର୍କ ବେଳର ୫୨ ସେକେଣ୍ଡ ବିଶିଷ୍ଟ ଏକ ଭିଡିଓ କ୍ଲିପ୍ ଭାଇରାଲ ହେବାରେ ଲାଗିଛି। ସୁରକ୍ଷା କର୍ମୀମାନେ ତାଙ୍କୁ ସେଠାରୁ ଚାଲିଯିବା ପାଇଁ କହୁଥିବାବେଳେ ସ୍ୱାତୀ ପୋଲିସକୁ ଫୋନ୍ କରୁଥିବା ଏଥିରେ ଦେଖିବାକୁ ମିଳିଛି। ଏହି ଅଭାବନୀୟ ଘଟଣା ପରେ ସ୍ୱାତୀ ଟୁଇଟ୍ କରିଥିଲେ, ଜଣେ 'ପଲିଟିକାଲ ହିଟ୍‌ମ୍ୟାନ୍' (କେଜ୍‌ରିୱାଲ)ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଲୋକେ ଆକ୍ରମଣ କରିଛନ୍ତି।



ତିସ୍ ହଜାରି କୋର୍ଟରେ ବୟାନ ରେକର୍ଡ କରାଇବାକୁ ଯାଇଥିବା ଆପ୍‌ର ରାଜ୍ୟ ସଭା ସଦସ୍ୟା ସ୍ୱାତୀ ମାଲିୱାଲ।

### କହ୍ନେୟା କୁମାରଙ୍କୁ ଆକ୍ରମଣ



**ନୂଆଦିଲ୍ଲୀ,୧୭।୫**

ଉତ୍ତରପୂର୍ବ ଦିଲ୍ଲୀ ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ କହ୍ନେୟା କୁମାର ଶୁକ୍ରବାର ନିଜ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରୁଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଫୁଲମାଳ ପିନ୍ଧାଇବା ନାଁରେ କେତେଜଣ ତାଙ୍କ ପାଖକୁ ଆସି ମାଡ଼ ମାରିଥିଲେ। କହ୍ନେୟା କୁମାର ଭାଜପା ପ୍ରାର୍ଥୀ ମନୋଜ ତିୱାରୀଙ୍କ ବିରୋଧରେ ଲଢୁଛନ୍ତି। ଦୁର୍ବୃତ୍ତମାନେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ମହିଳା କାଉନସିଲର ଛାୟା ଗୌରବ ଶର୍ମାଙ୍କୁ ମଧ୍ୟ ଅସଦାଚରଣ କରିଛନ୍ତି। ସେମାନେ ଶର୍ମାଙ୍କ ଶାଲ୍ ଟାଣିନେବା ସହ ତାଙ୍କ ସ୍ୱାମୀଙ୍କୁ ଧମକ ଦେଇଥିଲେ। ସେମାନଙ୍କ ଆକ୍ରମଣରେ କେତେଜଣ ଆହତ ହୋଇଛନ୍ତି। କର୍ତାର ନଗର ଆପ୍ କାର୍ଯ୍ୟାଳୟ ନିକଟରେ ଏହି ଘଟଣା ଘଟିଥିବାବେଳେ ଶର୍ମା ଥାନାରେ ଅଭିଯୋଗ କରିଛନ୍ତି।

### ପୁଅ ରାହୁଲଙ୍କୁ ଦେଉଛି, ରାଏବରେଲିବାସୀ ବୁଝନ୍ତୁ: ସୋନିଆ

**ରାଏବରେଲି,୧୭।୫ (ପି.ଟି.)**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଶୁକ୍ରବାର ରାଏବରେଲିରେ ଏକ ସଭାକୁ ସମ୍ବୋଧିତ କରି ପୁଅ ରାହୁଲଙ୍କୁ ଆପଣମାନଙ୍କୁ ଦେଉଛି, ତାଙ୍କ କଥା ବୁଝିବେ ବୋଲି ଆବେଗଭରା ନିବେଦନ କରିଛନ୍ତି। ରାହୁଲ ଆପଣମାନଙ୍କୁ ଦୁଃଖୀ କରିବ ନାହିଁ ବୋଲି ସେ କହିଛନ୍ତି। ରାଏବରେଲିବାସୀ ତାଙ୍କୁ ୨୦ ବର୍ଷ ପାଇଁ ସେବା କରିବାର ସୁଯୋଗ ଦେଇଥିବାରୁ ସୋନିଆ ଧନ୍ୟବାଦ ଜଣାଇଛନ୍ତି। ସଭା ମଞ୍ଚରେ ସୋନିଆଙ୍କ ସହ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉପସ୍ଥିତ ଥିଲେ। ଇନ୍ଦିରା ଗାନ୍ଧୀ ଏବଂ ରାଏବରେଲି ଜନସାଧାରଣଙ୍କଠାରୁ ଯେଉଁ ଶିକ୍ଷା ପାଇଛି, ତାହା ମୁଁ ରାହୁଲ ଓ ପ୍ରିୟଙ୍କାଙ୍କୁ ଶିଖାଇଛି। ସମସ୍ତଙ୍କୁ ସମ୍ମାନ ଦେବା, ଦୁର୍ବଳଙ୍କୁ ସୁରକ୍ଷା ଦେବା, ଲୋକଙ୍କ ଅଧିକାର ପାଇଁ ଅନ୍ୟାୟ ବିରୋଧରେ ଲଢ଼ିବା ନିମନ୍ତେ ସେମାନଙ୍କୁ ଶିଖାଇଛି। ଭୟ କରନ୍ତୁ ନାହିଁ, ଆପଣମାନଙ୍କୁ ସଂଗ୍ରାମ ଓ ପରମ୍ପରାର ଚେର ବହୁତ ଗଭୀରରେ ବୋଲି ସୋନିଆ କହିଥିଲେ। ସୂଚନାଯୋଗ୍ୟ, ୨୦୦୪ରୁ କ୍ରମାଗତ ୪ ଥର ସୋନିଆ ରାଏବରେଲିରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ନିକଟରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି।

# ଅବକାରୀ ମାମଲାରେ ଆପ୍ ଅଭିଯୁକ୍ତ

**ନୂଆଦିଲ୍ଲୀ,୧୭।୫**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶୁକ୍ରବାର ଏକ ସ୍ୱତନ୍ତ୍ର ଅଦାଲତରେ ୨୦୦ ପୃଷ୍ଠା ସମ୍ବଳିତ ସାନି ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏବଂ ଏହାର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଦେଶରେ ଏକ ରାଜନୈତିକ ଦଳ ଓ ଜଣେ କାର୍ଯ୍ୟରତ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯିବାର ଏହା ହେଉଛି ପ୍ରଥମ ମାମଲା।

ଅଭିଯୋଜନ ପକ୍ଷ ଦାଖଲ କରିଥିବା ଅଭିଯୋଗ ଆଧାରରେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନ ନିୟମାନୁସାରେ ଉଭୟ ଆପ୍ ଏବଂ କେଜ୍‌ରିୱାଲଙ୍କ ବିରୋଧରେ ମାମଲା ଚାଲିବା ନେଇ ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି। ୫୫ ବର୍ଷୀୟ କେଜ୍‌ରିୱାଲଙ୍କୁ ଇଡି ଗତ ମାର୍ଚ୍ଚ ୨୧ରେ ତାଙ୍କ ସରକାରୀ ବାସଭବନରୁ ଗିରଫ କରିଥିଲା। ସେ ତିହାର ଜେଲରେ ଥିବାବେଳେ ସୁପ୍ରିମକୋର୍ଟ ତାଙ୍କୁ ଗତ ୯ ତାରିଖରେ ଜାମିନ ଦେଇଥିଲେ। ଉଚ୍ଛେଦ ହୋଇସାରିଥିବା ୨୦୨୧-୨୨ ଅବକାରୀ ଦୁର୍ନୀତି ମାମଲାରେ ଅଦ୍ୟାବଧି ଇଡି ୧୮ ଜଣଙ୍କୁ ଗିରଫ କରିସାରିଥିବାବେଳେ ଏହା ହେଉଛି ଅଷ୍ଟମ ଚାର୍ଜଶିଟ୍। ଗତ ସପ୍ତାହରେ କେନ୍ଦ୍ରୀୟ ଏଜେନ୍ସି ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତା ଓ ଅନ୍ୟ ୪ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହା ପୂର୍ବରୁ ଉକ୍ତ ମାମଲାରେ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କୁ ଇଡି 'ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା କିଙ୍ଗପିନ୍' ବୋଲି ଦର୍ଶାଇଥିଲା। କେଜ୍‌ରିୱାଲ ଏକ ସପ୍ତତାରକା ହୋଟେଲରେ ଅବସ୍ଥାନ କରିଥିଲେ, ଯାହାର ବିଲ୍ ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଆଂଶିକ ଭାବେ ପଇଠ କରିଥିବା ନେଇ ପ୍ରତ୍ୟକ୍ଷ ପ୍ରମାଣ ରହିଛି ବୋଲି ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଯୁକ୍ତି ବାଢ଼ିଥିଲେ। କେଜ୍‌ରିୱାଲ ଦିଲ୍ଲୀ ଏକ୍ସାଇଜ୍ ପଲିସି ପ୍ରଣୟନରେ ମୁଖ୍ୟ ଭୂମିକା ନେଇଥିଲେ ବୋଲି ରାଜୁ ଅଦାଲତରେ ଦର୍ଶାଇଥିଲେ। ପ୍ରକାଶ ଯେ, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ସୁପାରିସକ୍ରମେ ୨୦୨୨ ଅଗଷ୍ଟ ୧୭ରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଏଫ୍‌ଆଇଆର୍ କରାଯାଇଥିଲା। ସିବିଆଇ ଏଫ୍‌ଆଇଆର୍‌କୁ ଭିତ୍ତିକରି ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା। ସାନ ଚାର୍ଜଶିଟ୍ ଉପରେ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଆଗାମୀ ଦିନରେ ବିଚାର କରିବେ।

### କେଜ୍‌ରିୱାଲଙ୍କ ଆବେଦନର ରାୟ ସଂରକ୍ଷିତ

#### ଇଡି ଗିରଫଦାରିକୁ ଚ୍ୟାଲେଞ୍ଜ୍

**ନୂଆଦିଲ୍ଲୀ,୧୭।୫**

ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବକାରୀ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରିଥିଲା। କେଜ୍‌ରିୱାଲ କେନ୍ଦ୍ରୀୟ ଏଜେନ୍ସିର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ୨ ଜଣିଆ ଖଣ୍ଡପୀଠ ଶୁକ୍ରବାର ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି।

କେଜ୍‌ରିୱାଲଙ୍କ ଓକିଲ ଅଭିଷେକମନୁ ସିଂଘଭି ଏବଂ ଇଡି ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିବା କହିଛନ୍ତି। ଏଥିସହ ଅଭିଯୁକ୍ତ କେଜ୍‌ରିୱାଲ ଆଇନାନୁସାରେ ନିୟମିତ ଜାମିନ ପାଇଁ ମାମଲାର ଶୁଣାଣି ଚାଲିଥିବା



ତଳକୋର୍ଟରେ ଆବେଦନ କରିପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତ ୯ରେ ସୁପ୍ରିମକୋର୍ଟ ଲୋକ ସଭା ନିର୍ବାଚନ ଦୃଷ୍ଟିରୁ କେଜ୍‌ରିୱାଲଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଏଥିସହ ଜୁନ୍ ୨ରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସୋମବାର ଚତୁର୍ଥ ଥର ଆସ୍ଥା ଲୋଡ଼ିବେ ନେପାଳ ପ୍ରଧାନମନ୍ତ୍ରୀ

**କାଠମାଣ୍ଡୁ,୧୭।୫(ପି.ଟି.)**

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ' ତାଙ୍କ ୧୮ ମାସର କାର୍ଯ୍ୟକାଳ ମଧ୍ୟରେ ସୋମବାର ଚତୁର୍ଥ ଥର ପାଇଁ ଆସ୍ଥାଭୋଟ ଲୋଡ଼ିବାକୁ ଯାଉଛନ୍ତି। ସହଯୋଗୀ ଜନତା ସମାଜବାଦୀ ପାର୍ଟି ନେପାଳ ଦଳରେ ବିଭାଜନ ପରେ ଗତ ୧୩ ତାରିଖରେ ଉପେନ୍ଦ୍ର ଯାଦବଙ୍କ ଦଳ ପ୍ରଚଣ୍ଡଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଯାଦବ ମଧ୍ୟ ଉପପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ନେପାଳ ସମ୍ବିଧାନର ଅନୁଚ୍ଛେଦ ୧୦୦ର ଧାରା ୨ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କୁ ଆସ୍ଥାଭୋଟ ଲୋଡ଼ିବାକୁ ହେବ ବୋଲି ପ୍ରତିନିଧି ସଭାର ସହକାରୀ ବାଚସ୍ପତି ଦଶରଥ ଧମାଲ କହିଛନ୍ତି। ୨୭୫ ସଦସ୍ୟ ବିଶିଷ୍ଟ ଗୃହରେ ସରକାରଙ୍କୁ ଆସ୍ଥା ଭୋଟ ଜିତିବା ପାଇଁ ୧୩୮ ଭୋଟ ଆବଶ୍ୟକ। ଶାସକ ମେଣ୍ଟରେ ସିପିଏନ୍-ୟୁଏମ୍‌ଏଲ୍‌ର ୭୭ ସଦସ୍ୟ ରହିଥିବାବେଳେ ମାଓଇଷ୍ଟ ସେଣ୍ଟରର ୩୨, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ୨୧, ଜନତା ସମାଜବାଦୀ ପାର୍ଟିର ୭, ସିପିଏନ୍-ୟୁନିଫାଏଡ୍ ସୋସିଆଲିଷ୍ଟ ପାର୍ଟିର ୧୦ ସଦସ୍ୟ ରହିଛନ୍ତି।

# ସାମ୍ବିଧାନିକ ପୀଠଙ୍କ ରାୟ ଅନ୍ୟ ଖଣ୍ଡପୀଠ ପାଇଁ ମାନ୍ୟ

**ନୂଆଦିଲ୍ଲୀ,୧୭।୫ (ପି.ଟି.)**

ସାମ୍ବିଧାନିକ ପୀଠଙ୍କ ରାୟକୁ କମ୍ କ୍ଷମତା ବିଶିଷ୍ଟ ଖଣ୍ଡପୀଠଗୁଡ଼ିକ ଅନୁସରଣ କରିବା ଅନିବାର୍ଯ୍ୟ ବୋଲି ସୁପ୍ରିମକୋର୍ଟ ଏହାର ୨୦୨୨ ଏପ୍ରିଲର ଏକ ରାୟକୁ ମନେପକାଇଦେଇ କହିଛନ୍ତି। ହରିୟାଣାର ଏକ ଗାଁର ବାସିନ୍ଦା ମିଳିତ ଭାବେ ବ୍ୟବହାର କରୁଥିବା ଜମି ଉପରେ ଏହି ରାୟ ଦିଆଯାଇଥିଲା। ହରିୟାଣାର ଭୂମି ଆଇନ ଅନୁଯାୟୀ ପ୍ରକୃତ ମାଲିକମାନଙ୍କଠାରୁ ସେମାନଙ୍କ ଅନୁମୋଦିତ ସିଲିଂ ସୀମାରୁ ନିଆଯାଇଥିବା ଜମି ଉପରେ ପଞ୍ଚାୟତ ମାଲିକାନା ଜାହିର



କରିପାରିବ ନାହିଁ ବୋଲି ୨୦୨୨ ଏପ୍ରିଲ ୭ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ। ପଞ୍ଚାୟତ କେବଳ ଉକ୍ତ ଜମିର ପରିଚାଳନା ଓ ନିୟନ୍ତ୍ରଣ କରିପାରିବ ବୋଲି ଅଦାଲତ କହିଥିଲେ। ପୂର୍ବରୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ଣ୍ଣ ଖଣ୍ଡପୀଠ ହରିୟାଣା ଗ୍ରାମ ସାଧାରଣ ଜମି (ନିୟାମକ) ଆଇନ, ୧୯୬୧ର ଧାରା ୨(ଜି)ର ଉପଧାରା ୬ର ବୈଧତାକୁ ଅନୁଧ୍ୟାନ କରି ଦେଇଥିବା ରାୟ ବିରୋଧରେ ଏକାଧିକ ଅପିଲ୍ ଉପରେ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ଦେଇଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦିପ୍ ମେହେଟ୍ଟାଙ୍କ ଖଣ୍ଡପୀଠ ଗୁରୁବାର କହିଛନ୍ତି, ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ୧୯୬୬ରେ ଦେଇଥିବା ରାୟ ଆଧାରରେ ହାଇକୋର୍ଟ ତାଙ୍କ ରାୟ ଶୁଣାଇଥିଲେ। ୧୯୬୬ର ରାୟକୁ ହାଇକୋର୍ଟ ଭରସା କରିବା କାହିଁକି ଭୁଲ୍ ଥିଲା ସେ ନେଇ ସୁପ୍ରିମକୋର୍ଟ ସ୍ପଷ୍ଟ କରିବେ ବୋଲି ଆଶା କରାଯାଉଥିଲା। ସାମ୍ବିଧାନିକ ପୀଠଙ୍କ ଏକ ରାୟକୁ କମ୍ କ୍ଷମତାସମ୍ପନ୍ନ ଖଣ୍ଡପୀଠ ମାନିବା ବାଧ୍ୟତାମୂଳକ ଏହା ଦର୍ଶାଇବା ପାଇଁ କୌଣସି ଆଇନର ଆବଶ୍ୟକତା ନାହିଁ। ୧୯୬୬ର ଭଗତ ରାମ ମାମଲାର ରାୟ ୫ ଜଣିଆ ପୀଠ ଦେଇଥିଲେ। ଏହି ରାୟର ପାରାଗ୍ରାଫ୍ ୫ ଅନୁଯାୟୀ ସାମ୍ବିଧାନିକ ପୀଠର ରାୟକୁ ୨ ଜଣିଆ ଖଣ୍ଡପୀଠ ଅଣଦେଖା କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ଫୁରସତ୍

# ନିରାପଦ ଏଚ୍‌ଆଇଭି ଟିକା ପାଇଁ ମିଳିତ ଉଦ୍ୟମ ଦରକାର

### ଆଜି ବିଶ୍ୱ ଏଡ୍‌ସ ଟିକା ଦିବସ

**ସ**ମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ତଥା ଅନ୍ୟତମ ପ୍ରମୁଖ ରୋଗ ମଧ୍ୟରେ ଏଡ୍‌ସ (ଆକ୍ୟୁଆଡ ଇମ୍ୟୁନ ଡେଫିସିଏନ୍‌ସି ସଣ୍ଡ୍ରୋମ) ଅନ୍ୟତମ। ଏହାର ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ଚିକିତ୍ସା ପ୍ରଣାଳୀ ବାହାରି ନାହିଁ। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତି ବର୍ଷ ମେ' ୧୮ ତାରିଖରେ 'ବିଶ୍ୱ ଏଡ୍‌ସ ଟିକା ଦିବସ' ପାଳିତ ହୋଇଥାଏ। ଚଳିତବର୍ଷର ଏହି ଦିବସର ପ୍ରସଙ୍ଗ ରହିଛି ନିରାପଦ ଏଚ୍‌ଆଇଭି ଟିକା ପାଇଁ ମିଳିତ ଉଦ୍ୟମ ଦରକାର। ୧୯୯୭ ମସିହା ମେ' ୧୮ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ମୋର୍ଗାନ ଷ୍ଟେଟ୍ ୟୁନିଭର୍ସିଟିରେ ଭାଷଣ ଦେଉଥିବା ଅବସରରେ ଏଭଳି ପ୍ରସ୍ତାବ ଦେଇଥିଲେ। ପରେ



ତାହାକୁ ସମସ୍ତେ ସମର୍ଥନ କରିଥିଲେ। ଏଭଳି ବିଷୟରେ ଆଲୋଚନା ଆରମ୍ଭ ହେବା ପରେ ଏଚ୍‌ଆଇଭି ପ୍ରତିଷେଧକ ଟିକାର ଉଦ୍ଭାବନ ପାଇଁ ଚେଷ୍ଟା ମଧ୍ୟ ଆରମ୍ଭ କରାଯାଇଥିଲା। ପ୍ରତିବର୍ଷ ଏହି ଦିନରେ ସମଗ୍ର ବିଶ୍ୱରେ ବିଭିନ୍ନ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଡ୍‌ସ ରୋଗ ବିଷୟରେ ଲୋକମାନଙ୍କୁ ଆହୁରି ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କାରଣ ଆରମ୍ଭରୁ ଯଦି ଜଣେ ଏ ବିଷୟରେ ସତର୍କ ରୁହନ୍ତି ତେବେ ସେ ନିଜକୁ ଏଡ୍‌ସଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ତେଣୁ ଏହାର ଲକ୍ଷଣ ବିଷୟରେ ଜଣେ ଅବଗତ ହେବା ନିହାତି ଦରକାର। ଏଚ୍‌ଆଇଭି (ହ୍ୟୁମାନ ଇମ୍ୟୁନୋଡିଫିସିଏନ୍ସି ଭାଇରସ) ହେଉଛି ଏକ ଏଭଳି ଭୟଙ୍କର ଭୂତାଣୁ, ଯାହା ଶରୀରରେ ପ୍ରବେଶ କରିବା ପରେ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାରକୁ ଦୁର୍ବଳ କରିପକାଏ। ଅସୁରକ୍ଷିତ ଯୌନ ସମ୍ପର୍କ, ବିଶୋଧିତ ହୋଇ ନ ଥିବା ସିରିଞ୍ଜ ଦ୍ୱାରା ଏହି ରୋଗ ମୁଖ୍ୟତଃ ବ୍ୟାପିଥାଏ। ଏପରିକି ଗର୍ଭାବସ୍ଥାରେ ମା'ଠାରୁ ପିଲାଙ୍କୁ ଏହି ରୋଗ ସଂକ୍ରମିତ ହୋଇପାରେ। ଏହି ଭୂତାଣୁ ଶରୀରରେ ପ୍ରବେଶ କଲେ ଜ୍ୱର ହେବା ବ୍ୟତୀତ ଗଳାରେ ଯନ୍ତ୍ରଣା, ଥକାପଣ ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ବର୍ତ୍ତମାନ ଏହି ରୋଗରେ ଆକ୍ରାନ୍ତ ହୋଇ ଅନେକ ଲୋକ ଅକାଳ ମୃତ୍ୟୁର ଶିକାର ହେଉଛନ୍ତି। ଏଥିପାଇଁ ଟିକାର ବିକାଶ ହେଲେ ତାହା ଏଡ୍‌ସ ମୃତ୍ୟୁହାରରେ ଅଙ୍କୁଶ ଲଗାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି।

# କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଐଶ୍ୱର୍ଯ୍ୟାଙ୍କ ଜଲୱା

**ନୂଆଦିଲ୍ଲୀ**

ଚଳିତ ବର୍ଷ ଅନୁଷ୍ଠିତ ୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଜଲୱା ଦେଖାଇଛନ୍ତି। ୨୦ ବର୍ଷ ହେଲା ଐଶ୍ୱର୍ଯ୍ୟା ଏହି ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଚାଲିଆସୁଥିବାବେଳେ ଏଥର ତାଙ୍କ ସହ ଝିଅ ଆରାଧ୍ୟାଙ୍କୁ ଦେଖିବାକୁ ମିଳିଥିଲା। ଐଶ୍ୱର୍ଯ୍ୟାଙ୍କ ଡାହାଣ ହାତରେ ଆଘାତ ଲାଗିଥିବାରୁ ତାଙ୍କୁ ସହାୟତା ପାଇଁ ଆରାଧ୍ୟା ତାଙ୍କ ସହ ରହିଥିଲେ। ପାହାଚରୁ ଓହ୍ଲାଇଲା ବେଳେ ଆରାଧ୍ୟା ଆହତ ଐଶ୍ୱର୍ଯ୍ୟାଙ୍କ ହାତ ଧରି ନେଇଥିଲେ। ହାତକୁ ପ୍ଲାଷ୍ଟର କରିଥିବା ଐଶ୍ୱର୍ଯ୍ୟା ବ୍ଲାକ୍ ଓ ଗୋଲ୍ଡେନ୍ ଗାଉନ୍‌ରେ ରେଡ୍ କାର୍ପେଟରେ ଚାଲିଥିଲେ। ଗାଉନ୍‌ର ପଛରେ ଲମ୍ବା ଟ୍ରେଲ୍ ରହିଥିଲା। ଫାଲ୍ଗୁନି ଶେନ୍ ପିପକ୍ ସଂସ୍ଥା ଦ୍ୱାରା ଡିଜାଇନ ହୋଇଥିବା ଏହି ଡ୍ରେସ୍‌ରେ ଐଶ୍ୱର୍ଯ୍ୟା ବହୁତ ସୁନ୍ଦର ଦେଖାଯାଉଥିଲେ।



# ବରଗଡ଼ରେ ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ'

## ଦଳୀୟ ପ୍ରାର୍ଥୀଙ୍କ ପାଇଁ କଲେ ମାରାଥନ ପ୍ରଚାର

ବରଗଡ଼,୧୭।୫
(ପ୍ରେମାନନ୍ଦ ଖମାରୀ)


ବରଗଡ଼ ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳର ବରଗଡ଼ ଲୋକ ସଭା ଏବଂ ବିଧାନସଭା ଆସନ ପ୍ରାର୍ଥୀ ।

ସାଧାରଣ ନିର୍ବାଚନ ପାଇଁ ମତଦାନ ଦିବସ ଯେତିକି ପାଖେଇ ଆସୁଛି, ଅନୁରୂପ ଭାବେ ପ୍ରାର୍ଥୀଙ୍କ ପ୍ରଚାର ମଧ୍ୟ ଜୋର୍ ଧରିବାରେ ଲାଗିଛି। ବରଗଡ଼ ଜିଲାରେ ଆସନ୍ତା ୨୦ତାରିଖ ମତଦାନ ହେବ। ଶନିବାର ସନ୍ଧ୍ୟାରୁ ପ୍ରଚାର ଅବଧି ସରିବ। ଫଳରେ ଶୁକ୍ରବାର ଜିଲାର ସବୁ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର ଚାଲିଥିଲା। କେନ୍ଦ୍ରମନ୍ତ୍ରୀ ତଥା ଦଳର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ବରଗଡ଼ ଜିଲାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରିଥିଲେ। ଭଟଲି ନିର୍ବାଚନମଣ୍ଡଳୀର ବରତୁଣ୍ଡା ଗ୍ରାମରୁ ନିର୍ବାଚନ ପ୍ରଚାର ଆରମ୍ଭ କରି ପଦ୍ମପୁର ନିର୍ବାଚନମଣ୍ଡଳୀର ଝାରବନ୍ଧ ବ୍ଲକ ଅନ୍ତର୍ଗତ ଡୁଙ୍ଗୁରିପାଲି ଏବଂ ବିଜେପୁର ନିର୍ବାଚନମଣ୍ଡଳୀର ଗାଇସିଲେଟରେ ପ୍ରଚାର ସାରିବା ପରେ ସନ୍ଧ୍ୟାରେ ବରଗଡ଼ ସହରରେ ଧର୍ମେନ୍ଦ୍ରଙ୍କ ରୋଡ୍ ଶୋ' ହୋଇଥିଲା। ସ୍ଥାନୀୟ ଭଜନାଶ୍ରମରୁ ରୋଡ୍ ଶୋ'ରେ ବାହାରି ସେ ଲେଙ୍ଗୁ ମିଶ୍ର ଛକ, ଥାନାଛକ, ଏସ୍‌ପି ଅଫିସ ଛକ ଦେଇ ଗାନ୍ଧୀଛକରେ ପହଞ୍ଚିଥିଲେ। ତାଙ୍କ ସହିତ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମାଙ୍କ ସମେତ ଦଳର ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ, ବରଗଡ଼ ବିଧାନସଭା ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସହରବାସୀଙ୍କୁ ଭୋଟ୍ ନିବେଦନ କରିଥିଲେ। ରୋଡ୍ ଶୋ' ଚାଲିଥିବା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଜନତାଙ୍କ ଭିଡ଼ ଲାଗିଥିଲା। ଅନେକ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ।

# 'ନିର୍ବାଚନ ବେଳେ ଓଡ଼ିଶା ଆସନ୍ତି ପଲିଟିକାଲ ଟୁରିଷ୍ଟ'

## ଭାଜପାକୁ ସମାଲୋଚନା କଲେ ନବୀନ

ଭୁବନେଶ୍ୱର, ୧୭।୫
(ଅସମାପିକା ସାହୁ)



ନିର୍ବାଚନୀ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ଭାଜପାର ବହୁ କେନ୍ଦ୍ରୀୟ ନେତା ଓଡ଼ିଶାକୁ ବାରମ୍ବାର ଆସୁଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କଡ଼ା ସମାଲୋଚନା କରିଛନ୍ତି। ଭାଜପାର କେନ୍ଦ୍ରୀୟ ନେତାଙ୍କୁ ପଲିଟିକାଲ ଟୁରିଷ୍ଟ ବା ରାଜନୈତିକ ପର୍ଯ୍ୟଟକ କହି ନବୀନ ଆକ୍ଷେପ କରିଛନ୍ତି। ଜାତୀୟ ଖବର ସରବରାହ ସଂସ୍ଥା 'ପିଟିଆଇ'କୁ ନବୀନ ସାକ୍ଷାତ୍‌କାର ଦେଇ ଏଭଳି ମନ୍ତବ୍ୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବହୁ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶା ଆସି ନିର୍ବାଚନ ପ୍ରଚାର ଜାରି ରଖିଥିବାବେଳେ ଓଡ଼ିଶାରେ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ତେଣୁ ସାକ୍ଷାତ୍‌କାରରେ ନବୀନ ଏହାର କଡ଼ା ଜବାବ ଦେଇ କହିଛନ୍ତି, ନିର୍ବାଚନ ବେଳେ ଓଡ଼ିଶାକୁ ପଲିଟିକାଲ ଟୁରିଷ୍ଟ ଆସନ୍ତି। କେତେଜଣ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ କେବଳ ନିର୍ବାଚନ ସମୟରେ ପଲିଟିକାଲ ଟୁରିଷ୍ଟ ଭଳି ଓଡ଼ିଶା ଆସନ୍ତି, ପରେ ସେମାନେ ଦେଖାଯାଆନ୍ତି ନାହିଁ। ଓଡ଼ିଶାବାସୀଙ୍କ ଉପରେ ଭାଜପା କେନ୍ଦ୍ରୀୟ ନେତାଙ୍କ ବକ୍ତବ୍ୟର କୌଣସି ପ୍ରଭାବ ପଡ଼ିବ ନାହିଁ। ଦୁର୍ଭାଗ୍ୟର ବିଷୟ ଏହି ନେତାମାନଙ୍କ ମଧ୍ୟରୁ ଅଧିକାଂଶ ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ। କିନ୍ତୁ ଏଥିରେ ମୁଁ ବିଶ୍ୱାସ କରେ ନାହିଁ। ଭାଜପାର ଏଭଳି ଭାଷାକୁ ରାଜ୍ୟବାସୀ ପସନ୍ଦ କରନ୍ତି ନାହିଁ କି ପ୍ରଶ୍ରୟ ମଧ୍ୟ ଦିଅନ୍ତିନି ବୋଲି ନବୀନ କହିଛନ୍ତି।

# ଦିଲୀପଙ୍କ ହତ୍ୟାକାଣ୍ଡର କାରଣ ପୁରୁଣା

ଖଲ୍ଲିକୋଟରୁ ସୁନୀତ ମିଶ୍ର, ୧୭।୫


ମୃତ ଦିଲୀପ ପାହାନଙ୍କ ଘର।


ମୃତ ଦିଲୀପ ପାହାନଙ୍କ ବାପା ଓ ପରିବାର ସଦସ୍ୟ।

ଆସିକା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଖଲ୍ଲିକୋଟ ବିଧାନସଭା ନିର୍ବାଚନମଣ୍ଡଳୀର ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ଲୁଙ୍ଗର ଗାଁରେ ବୁଧବାର ରାତିରେ ଘଟିଥିବା ଭାଜପା ନେତା ଦିଲୀପ କୁମାର ପାହାନ (୩୨) ହତ୍ୟାକାଣ୍ଡ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଦିଲୀପଙ୍କ ହତ୍ୟା ପଛରେ ପୋଷ୍ଟର ମରା ଘଟଣା ମୁଖ୍ୟ କାରଣ ବୋଲି କୁହାଯାଉଥିଲେ ମଧ୍ୟ ଏହା ବାସ୍ତବରେ ପୂର୍ବ ଶତ୍ରୁତାରୁ ହୋଇଥିବା ଧରିତ୍ରୀ ଟିମ୍ ସ୍ଥାନୀୟ ଅଞ୍ଚଳ ଗସ୍ତ କରିବା ପରେ ଜଣାପଡିଛି। ହତ୍ୟାକାଣ୍ଡ ବାବଦରେ ସ୍ଥାନୀୟ ଅଞ୍ଚଳର ଲୋକମାନେ କିଛି କହିବାକୁ ରାଜି ନ ଥିବାବେଳେ ଏ ସମ୍ପର୍କରେ ଅଧିକ ଜାଣିବା ଲାଗି ଶୁକ୍ରବାର ଆମେ ଦିଲୀପଙ୍କ ଘରକୁ ଯାଇଥିଲୁ। ଗତ ପଞ୍ଚାୟତ ନିର୍ବାଚନରେ ହୋଇଥିବା ରାଜନୈତିକ ଲଢ଼େଇ ଏବେ ଆକ୍ରୋଶମୂଳକ ହତ୍ୟାକାଣ୍ଡର ରୂପ ନେଇଛି।

ଗତ ପଞ୍ଚାୟତ ନିର୍ବାଚନ ସମୟରେ ଦିଲୀପ ବିଜେଡିର ଆଗଧାଡ଼ର କର୍ମୀ ଥିଲେ। ସେ ବିଜେଡିରୁ ସମିତି ସଭ୍ୟ ପ୍ରାର୍ଥୀ ହୋଇଥିଲେ। ତାଙ୍କ ସମେତ ବିଜେଡିରେ ଥିବା ଅନ୍ୟ ଜଣେ ରାଜୁ ତରେଇ ମଧ୍ୟ ସମିତି ସଭ୍ୟ ପ୍ରାର୍ଥୀ ହୋଇଥିଲେ। ଦୁଇ ବିଜେଡି ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ହୋଇଥିବା ଲଢ଼େଇରେ ଦିଲୀପ ୩୧୪ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ ବୋଲି ତାଙ୍କ ବାପା ରାମ ପାହାନ କହିଛନ୍ତି। ସେ କହିଛନ୍ତି ଯେ, ସେତେବେଳେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସ୍ୱାମୀ ଦୈତାରୀ ବେହେରା ନିର୍ଦ୍ଦିଷ୍ଟ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମର୍ଥନ ନ କରି ଯିଏ ଜିତିବ ତାଙ୍କର ହେବ ବୋଲି କହିଥିଲେ। ଏହାପରେ ଦିଲୀପ ତାଙ୍କ ପରାଜୟକୁ ନେଇ ଏକ କେସ୍ କରିଥିଲେ। ତେବେ ଉକ୍ତ କେସ୍ ଉପରେ ରହିତାଦେଶ ଆଣି ବିଜୟୀ ପ୍ରାର୍ଥୀ ତାଙ୍କ ସମିତିସଭ୍ୟ ପଦ ବଜାୟ ରଖିଛନ୍ତି। ହେଲେ ଏହାର କିଛିଦିନ ପରେ ଦିଲୀପ ଭାଜପାରେ ଯୋଗଦେଇଥିଲେ। ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଥିବା ତଥା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମର୍ଥନରେ କାମ କରୁଥିଲେ। ଗତ ୧୫ ତାରିଖରେ ବିଜେଡିର କେତେଜଣ କର୍ମୀ ଦିଲୀପଙ୍କ ଘର ନିକଟ ଏକ ସ୍ଥାନରେ ଦଳୀୟ ପୋଷ୍ଟର ଲଗାଇବାକୁ ଆସିଥିଲେ। ଏହାକୁ ଦିଲୀପ, ତାଙ୍କ ଭାଇ ଜିତେନ୍ଦ୍ର, ଶଳା ବାପୁଜୀ ପ୍ରଧାନ ବିରୋଧ କରିଥିଲେ। ଏହା ପରେ ବିଜେଡିର ପୋଷ୍ଟର ମାରିବାକୁ ଆସିଥିବା କର୍ମୀମାନେ ବାହାରୁ କେତେଜଣଙ୍କୁ ସେଠାକୁ ଡକାଇଥିଲେ। ଏହାପରେ ଘଟଣାସ୍ଥଳରେ ହିଂସା ସୃଷ୍ଟି ହୋଇ ଦିଲୀପଙ୍କ ମୃତ୍ୟୁ ହୋଇଥିଲା। ଯେଉଁମାନେ ହତ୍ୟାକାଣ୍ଡ ଘଟାଇଛନ୍ତି ସେମାନଙ୍କ ମଧ୍ୟରୁ ୯ ଜଣ ଗିରଫ ହୋଇଥିବାବେଳେ ଆଉ କେତେଜଣ ଅଭିଯୁକ୍ତ ଧରାପଡି ନ ଥିବା ଦିଲୀପଙ୍କ ବାପା ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଦିଲୀପଙ୍କ ଘର ପାଖ ଲୋକ କିଛି ଜାଣି ନ ଥିବା କହୁଥିବାବେଳେ ସେ ଜଣେ ଭଲ ପିଲା ବୋଲି ପ୍ରାୟ ସମସ୍ତେ ମତ ରଖୁଛନ୍ତି। ଅନ୍ୟପଟେ ଉକ୍ତ ପଞ୍ଚାୟତରେ ଆଗରୁ ଏମିତି କେବେ ରାଜନୈତିକ ହିଂସା ହୋଇ ନ ଥିବା ଲାକେ କହିଛନ୍ତି। ଏହି ପ୍ରାକ୍ ନିର୍ବାଚନୀ ହିଂସାକାଣ୍ଡ ପରେ ପୋଲିସ ଡିଜି ଅରୁଣ ଷଡଙ୍ଗୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଡିଜି ଆର୍.କେ.ଶର୍ମାଙ୍କୁ ଛତ୍ରପୁର ପଠାଯାଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଛତ୍ରପୁରରେ ସେ ରହି ଜିଲାର ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହାସହ ଖଲ୍ଲିକୋଟ ହିଂସାକାଣ୍ଡର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଛି। ସାଇଣ୍ଟିଫିକ୍, ଫୋରେନସିକ୍ ଏବଂ ଡିଜିଟାଲ ତଥ୍ୟ ଆଧାରରେ ଏସ୍‌ଆଇଟି ତଦନ୍ତ କରିବା ସହ ଆସନ୍ତା ୩୦ ଦିନ ଭିତରେ ଚାର୍ଜଶିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପୋଲିସ ଡିଜିଙ୍କ ଏଭଳି ନିର୍ଦ୍ଦେଶ ପରେ ଆର୍.କେ.ଶର୍ମା ଅପରାହ୍ଣ ପ୍ରାୟ ୪.୩୦ରେ ଖଲ୍ଲିକୋଟ ଥାନାରେ ପହଞ୍ଚି ସ୍ଥାନୀୟ ଆଇଆଇସି ନରେଶ ସାହୁଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଶନିବାର ଏକ ଟିମ୍ ଖଲ୍ଲିକୋଟରେ ପହଞ୍ଚି ଦିଲୀପଙ୍କ ହତ୍ୟାକାଣ୍ଡର କାରଣ ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ଖଲ୍ଲିକୋଟ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଏନ୍ଏସିରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ ଦେଖିବାକୁ ମିଳିଛି।

ଏହି ହତ୍ୟାକାଣ୍ଡ ରାଜ୍ୟ ରାଜନୀତିରେ ଯେତିକି ପ୍ରଭାବ ପକାଇଛି ଖଲ୍ଲିକୋଟର ସାଧାରଣ ଲୋକଙ୍କ ମନରେ ମଧ୍ୟ ସେତିକି ଭୟ ସୃଷ୍ଟି କରିଛି। ଯେଉଁଥି ପାଇଁ ସାଧାରଣ ଲୋକମାନେ ବିଶେଷ କିଛି ମତଦେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଚଳିତ ନିର୍ବାଚନରେ କେଉଁମାନେ ପ୍ରାର୍ଥୀ ହୋଇଛନ୍ତି ବୋଲି ପଚାରିଲେ ବି ଜାଣି ନ ଥିବା କହି ରାଜନୀତି ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଛନ୍ତି। ହତ୍ୟାକାଣ୍ଡ ପରେ ଭାଜପାର ସେଭଳି କୌଣସି ବଡନେତା ମଧ୍ୟ ଯାଇ ଦିଲୀପଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇନାହାନ୍ତି। କେବଳ ନିଜର ରାଜନୈତିକ ଲଢ଼େଇର ବ୍ୟସ୍ତତା ମଧ୍ୟରେ ସାମାଜିକ ଗଣମାଧ୍ୟମରେ ସମବେଦନା ଜଣାଇବାକୁ ଉପଯୁକ୍ତ ମନେକରିଛନ୍ତି।

ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳରେ ଥିବା ଜଣେ ଗୋଇନ୍ଦା ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ୨୦୧୯ ନିର୍ବାଚନରେ ବିଜେଡିର ଗଡ଼ କୁହାଯାଉଥିବା ଏହି ଖଲ୍ଲିକୋଟ ଆସନରେ ବିଜେଡି ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ ଭାଜପା ପ୍ରାର୍ଥୀ ଭାରତୀ ବେହେରାଙ୍କୁ ୪୧ ହଜାର ୫୪୫ ଖଣ୍ଡ ଭୋଟରେ ପରାଜିତ କରିଥିଲେ। ଏଥର ସେଭଳି ପରିସ୍ଥିତି ନାହିଁ। ଜିତିବା ହାରିବା ବ୍ୟବଧାନ ୪ରୁ ୫ ହଜାର ରହିବ। ଏହା ସାଙ୍ଗକୁ ଦିଲୀପ ହତ୍ୟା ଘଟଣା ସ୍ଥାନୀୟ ଅଞ୍ଚଳର ନିର୍ବାଚନ ଉପରେ ବିଶେଷ ପ୍ରଭାବ ପକାଇବ ବୋଲି ଅନୁମାନ କରାଯାଉଛି। ଏପରି ସ୍ଥିତିରେ ଦିଲୀପଙ୍କ ପରିବାରବର୍ଗ ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନ ପୋଲିସ ବିଭାଗର ତଦନ୍ତ ଉପରେ ସେମାନଙ୍କ ଭରସା ନ ଥିବାବେଳେ ସ୍ଥାନୀୟ ବିଧାୟିକାଙ୍କ ସ୍ୱାମୀ ଏବଂ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତ ଥିବା କଥା କହିଛନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିବା ଜଣାପଡିଛି। ଏହାସହ ଗଞ୍ଜାମ ଜିଲାରେ ବାକିଥିବା ୮ ଆସନରେ ଆସନ୍ତା ୨୦ ତାରିଖ ନିର୍ବାଚନ ହେବାକୁ ଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨୦ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବ ବୋଲି ଜଣାପଡିଛି। ଖଲ୍ଲିକୋଟ ବିଧାନସଭା ଆସନ ଖଲ୍ଲିକୋଟ ବ୍ଲକର ୨୯ ପଞ୍ଚାୟତ, ଖଲ୍ଲିକୋଟ ଏନ୍ଏସିର ୧୨ ୱାର୍ଡ, ପୁରୁଷୋତ୍ତମପୁର ବ୍ଲକର ୧୫ ପଞ୍ଚାୟତ, ପୁରୁଷୋତ୍ତମପୁର ଏନ୍ଏସିର ୧୪ ୱାର୍ଡକୁ ନେଇ ଗଠିତ। ତେବେ ଏକ ରାଜନୈତିକ ହତ୍ୟାକାଣ୍ଡ ପରେ ନୀରବଥିବା ସ୍ଥାନୀୟ ଭୋଟରଙ୍କ ଆଭିମୁଖ୍ୟ କ'ଣ ରହିବ ତାହା ଆସନ୍ତା ୨୦ ତାରିଖ ସୁଦ୍ଧା ଏକ ପ୍ରକାର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

# ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କଲେ: ସିଇଓ

## ଖଲ୍ଲିକୋଟ ହିଂସାକୁ ନେଇ ନିର୍ବାଚନ ଆୟୋଗଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)

୨୦୨୪ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଏବଂ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଓ ଏହା ଅଧୀନରେ ଥିବା ୨୮ଟି ବିଧାନସଭା କ୍ଷେତ୍ରରେ ଉତ୍ସାହଜନକ ମତଦାନ ହୋଇଛି। ମତଦାନ ହାର ୭୫.୬୮ ପ୍ରତିଶତ ହୋଇଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି। ଶୁକ୍ରବାର ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆୟୋଜିତ ବୈଠକରେ ସେ ଏହି ସୂଚନା ଦେଇଛନ୍ତି। ସେହିପରି ସ୍ୱାଭିମାନ ଅଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ କିପରି ସବୁବର୍ଗର ମତଦାତା ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିଲେ ସେସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଅବଗତ କରାଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲା ଖଲ୍ଲିକୋଟଠାରେ ହୋଇଥିବା ପ୍ରାକ୍‌ନିର୍ବାଚନୀ ହିଂସା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତା ପ୍ରକଟ କରିଥିଲେ। ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବଂ କୌଣସି ପ୍ରକାରର ଆଇନଶୃଙ୍ଖଳା ପରିସ୍ଥିତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ଏହି ବିଷୟରେ ଭାରତ ନିର୍ବାଚନ ଆୟୋଗ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିବା ସେ ଜଣାଇଥିଲେ। ହିଂସା ଦୂରକରି ଶାନ୍ତିଶୃଙ୍ଖଳା ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବା ପାଇଁ ସେ ଅନୁରୋଧ କରିଥିଲେ। ଏଥିସହ ସେ ସମସ୍ତ ସଖୀ ବୁଥ୍‌ରେ ମହିଳା ପୋଲିଂ ଏଜେଣ୍ଟ ଦେବା, ସମସ୍ତ ପୋଲିଂ ଏଜେଣ୍ଟମାନଙ୍କୁ 'ପରିଚୟ ପତ୍ର' ପ୍ରଦାନ କରିବା ପାଇଁ ରାଜନୈତିକ ଦଳମାନଙ୍କୁ କହିଥିଲେ। ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

# ବିଜୟ ମହାପାତ୍ର ଭାଜପାରୁ ବହିଷ୍କୃତ

## ଶାରଦା ପ୍ରଧାନ, ରାକେଶ ମଲ୍ଲିକ ବି ବିଦାହେଲେ

ଭୁବନେଶ୍ୱର, ୧୭।୫
(ଅସମାପିକା ସାହୁ)



ବରିଷ୍ଠ ନେତା ବିଜୟ ମହାପାତ୍ର ଭାରତୀୟ ଜନତା ପାର୍ଟି(ଭାଜପା)ରୁ ବହିଷ୍କୃତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଓ ଅନୁଶାସନ ଭଙ୍ଗ ଅଭିଯୋଗରେ ବିଜୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ବିଜୟଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଶୁକ୍ରବାର ପ୍ରେସ୍‌ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଏହାକୁ ନେଇ ବିଜୟ ଭାଜପାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାଜପା ଲୋକହସା ନିଷ୍ପତ୍ତି ନେଉଛି। ୫ ବର୍ଷ ପରେ ଦଳ ବିରୋଧୀ କାମ କରିଛି ବୋଲି କିପରି ମନେପଡ଼ିଲା ? ଭାଜପାରେ କ'ଣ ଚାଲିଛି ଏକଥା ସମସ୍ତେ ଜାଣନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଗଲା ବୋଲି କୁହାଯାଇଛି। ମୁଁ ତ' ଦଳରେ ନାହିଁ। ମୋତେ କିପରି ବହିଷ୍କାର କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜୟ ମହାପାତ୍ର ରାଜ୍ୟ ରାଜ୍ୟନୀତିର ଜଣେ ପୁରୁଖା ନେତା। ବିଜେଡି ଗଠନ ବେଳେ ବିଜୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ହେଲେ ବିଜେଡି ସହ ସମ୍ପର୍କ ତିକ୍ତତା ପରେ ସେ ଭାଜପାରେ ମିଶିଥିଲେ। ତେବେ ଚଳିତ ବିଧାନସଭା ନିର୍ବାଚନରେ କେନ୍ଦ୍ରାପଡ଼ା ପାଟକୁରା ଆସନରୁ ବିଜୟଙ୍କ ପୁଅ ଅରବିନ୍ଦ ମହାପାତ୍ର ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଅରବିନ୍ଦ କିଛିଦିନ ତଳେ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ବିଜେଡିରେ ମିଶିଥିଲେ। ଏଥିସହ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଅନ୍ୟପକ୍ଷରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ଶାରଦା ପ୍ରଧାନ ଓ ଏସ୍‌ସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାକେଶ ମଲ୍ଲିକଙ୍କୁ ମଧ୍ୟ ଭାଜପା ବିଦା କରିଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କୁ ବହିଷ୍କାର କରାଯାଇଛି। ମାହାଙ୍ଗାର ଶାରଦା ପ୍ରଧାନ ଓ ସୋରର ରାକେଶ ମଲ୍ଲିକ ଟିକେଟ ନ ପାଇବାରୁ ଚଳିତ ନିର୍ବାଚନରେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

# ଆମ ପାଇଁ କିଏ କିଛି ନାଇଁ କରୁନ୍

## ଚିହ୍ନକୁ ଦେଖି ଭୋଟ ଦେଉଛୁ, ଏଥର ବି ଦେବୁ

ରେଙ୍ଗାଲିରୁ ଅନିଲ ଦାସ,୧୭।୫

ଭୋଟ ପାଇବାର୍ ଲାଗି ନେତା ଆସୁଛନ୍। ଆମ ପାଇଁ କିଏ କିଛି ନାଇଁ କରୁନ୍। ସ୍ଥାନୀୟ ଭାଷାରେ ଏଭଳି କ୍ଷୋଭ ପ୍ରକାଶ କରିଛନ୍ତି ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀର କେତେଜଣ ଭୋଟର। ନେତାମାନେ ଆସୁଛନ୍ତି, ଭୋଟ ପାଇଲା ପରେ ଚାଲିଯାଉଛନ୍ତି। ଆମର ଯାହା ସମସ୍ୟା, ତାହା ସମାଧାନ ହୋଇପାରୁନି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଧାନର ଅଭାବୀ ବିକ୍ରି ଭଳି ପୁଳା ପୁଳା ସମସ୍ୟା ରହିଛି। ହେଲେ ତାହା ସମାଧାନ ହୋଇପାରୁନି। ଭୋଟ ଦେବାକୁ ତ ହେବ। ଭୋଟ ଦେବୁ। ପ୍ରାର୍ଥୀ କିଏ ଆମେ ଜାଣିନୁ। ଚିହ୍ନକୁ ଦେଖି ଭୋଟ ଦେଉଛୁ, ଏଥର ବି ଦେବୁ ବୋଲି ଶୁକ୍ରବାର ଭୋଟରମାନେ ମତ ଦେଇଛନ୍ତି।

ଆମରା ଗ୍ରାମର ଯୁବ ଭୋଟର ଅଙ୍କିତ ପ୍ରଧାନ କହିଛନ୍ତି, ସେ ଯେଉଁ ଦଳର ପ୍ରାର୍ଥୀ ହୁଅନ୍ତୁ ନା କାହିଁକି ଯୁବକମାନଙ୍କ ପାଇଁ ସେଭଳି କିଛି ହେଉନାହିଁ। ଶିକ୍ଷା ସରିବା ପରେ ନିଯୁକ୍ତି ନାହିଁ। ଯେଉଁମାନେ ନିଯୁକ୍ତି କଥା କହୁଛନ୍ତି, ନିର୍ବାଚନ ପରେ ତାହା ପାଣିରଗାର ହୋଇଯାଉଛି। ଆମ ପାଇଁ ଯିଏ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ଆମେ ତାଙ୍କୁ ଭୋଟ ଦେବୁ। ଆମ ଅଞ୍ଚଳରେ ସ୍କୁଲ, କଲେଜ, ରାସ୍ତାଘାଟ, ପାନୀୟ ଜଳର ବହୁ ସମସ୍ୟା ରହିଛି। ପାଣି ମୁନ୍ଦେ ପାଇଁ ୨ କିଲୋମିଟର ଯିବାକୁ ପଡୁଛି। ମୌଳିକ ସମସ୍ୟା ପ୍ରତି ନେତାମାନେ ଧ୍ୟାନଦେଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

ସେହିପରି ସ୍ୱର୍ଣ୍ଣନାରାୟଣ ଧୀର କହିଛନ୍ତି, ମୁଁ ଜଣେ ଚାଷୀ, ଚାଷ କଲେ ଘର ଚଳେ। ଧାନ ବିକି ପାରୁନାହିଁ। ଧାର କରଜ କରି ଋଣରେ ବୁଡ଼ିଯାଉଛି। କେହି ଆମ କଥା ଶୁଣିବାକୁ ନାହିଁ। ଭୋଟ ଦେବି କି ନାହିଁ ଏ କଥା ଭାବୁଛି।

ଧନୁପାଲିର ସୁଜାତା ମୁଣ୍ଡା କହିଛନ୍ତି ଯେ ମହିଳାମାନଙ୍କ ପାଇଁ ଆମ ଗାଁରେ ଶୌଚାଳୟ ନାହିଁ। ପିଇବା ପାଣି ସମସ୍ୟା ରହିଛି। ଆମମାନଙ୍କୁ ରୋଜଗାର ମିଳୁନାହିଁ। ଘର ଚଳାଇବା କଷ୍ଟ ହେଉଛି। ନିର୍ବାଚନରେ କିଏ ପ୍ରାର୍ଥୀ ହୋଇଛନ୍ତି ଆମେ କହିପାରିବୁ ନାହିଁ। ରାଜ୍ୟରେ ନେତା ହୋଇଛନ୍ତି ନବୀନ ଓ ଦେଶରେ ମୋଦି ବୋଲି ଆମେ ଜାଣିଛୁ। ଯିଏ ଆମ ପାଇଁ କାମ କରିବେ ଆମେ ତାଙ୍କୁ ଭୋଟ ଦେବୁ। ବର୍ତ୍ତମାନର ବିଧାୟକ ଆମ ପାଇଁ କିଛି କରିନାହାନ୍ତି। ରତ୍ନ ମୁଣ୍ଡା କହିଛନ୍ତି, ସମସ୍ୟା ତ କହିଲେ ସରିବନି। ଆମ ପାଇଁ କିଏ କିଛି କରିନାହାନ୍ତି। ଆମେ ଗରିବ ଲୋକ। ମୂଲ ଲାଗିଲେ ଚଳୁଛୁ। ନିର୍ବାଚନ ଆସିଲେ ଘରକୁ ଆସି ଭୋଟ ମାଗୁଛନ୍ତି। ଆମର ଯାହାକୁ ଇଚ୍ଛା ହେବ ତାକୁ ଭୋଟ ଦେବୁ।

# ମୋଦି ଦେଲେ ଚାଉଳ, ନବୀନ ଦେଲେ ବ୍ୟାଗ୍: ହିମନ୍ତ

କବିସୂର୍ଯ୍ୟନଗର, ୧୭।୫
(କୃପାସିନ୍ଧୁ ସ୍ୱାଇଁ)


ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଉଛି।

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଭାଜପା ସଂକଳ୍ପ ସମାବେଶରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଯୋଗଦେଇ ବିଜେଡି ସରକାର ଉପରେ ବର୍ଷିଛନ୍ତି। ସେ ଜନସଭାକୁ ଉଦ୍‌ବୋଧନ ଦେଇ କହିଛନ୍ତି, ଗରିବମାନଙ୍କୁ କେନ୍ଦ୍ର ସରକାର ମାଗଣା ଚାଉଳ ଦେଉଛନ୍ତି, କିନ୍ତୁ ଓଡ଼ିଶାରେ ବିଜେଡି ସରକାର ମାଗଣାରେ ୨ଟି ଅଖାବ୍ୟାଗ୍ ଦେଲେ। ରାଜ୍ୟ ସରକାର ଚାହିଁଥିଲେ ଡାଲି, ନଚେତ ଲୁଣ ଦେଇପାରିଥାନ୍ତେ। କିନ୍ତୁ ଦୁଇଟି ଅଖାବ୍ୟାଗ୍ ଦେଇ ଓଡ଼ିଶାବାସୀଙ୍କୁ ଅପମାନିତ କରିଛନ୍ତି। ଆଉ ସେହି ବ୍ୟାଗ୍ ମଧ୍ୟ ଓଡ଼ିଶାରେ ତିଆରି ନୁହେଁ, ବରଂ ତାମିଲନାଡ଼ୁରୁ ଆସିଛି ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିଲେ ସୁଭଦ୍ରା ଯୋଜନା ଲାଗୁ କରାଯିବ। ଯେଉଁଥିରେ ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଦିଆଯିବ। ଦୁଇବର୍ଷରେ ମହିଳାମାନେ ବ୍ୟାଙ୍କରୁ ଯେଉଁ ସମୟରେ ବି ଉଠାଇପାରିବେ। ସେହିପରି ବର୍ଷକୁ ଦୁଇ ଲକ୍ଷ କର୍ମନିଯୁକ୍ତି, ଧାନ କୁଇଣ୍ଟାଲ ପିଛା ୩୧୦୦ଟଙ୍କା, ରତ୍ନଭଣ୍ଡାର ଚାବି ଉଦ୍ଧାର, ଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଭକ୍ତଙ୍କ ଲାଗି ଖୋଲିଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଓଡ଼ିଶାକୁ ବିକାଶରେ ନମ୍ବର ୱାନ କରିବା ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ। ଭାଜପା ଏମ୍‌ପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ଓ ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକଙ୍କୁ ଦୁଇଟି ପଦ୍ମଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ।

ସେହିପରି ଆସିକା ଏମପି ପ୍ରାର୍ଥୀ ଅନୀତା ଶୁଭଦର୍ଶନୀ କହିଛନ୍ତି, ଦୀର୍ଘ ୨୪ ବର୍ଷ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶା ଲୋକ ସ୍ନେହ, ଶ୍ରଦ୍ଧା, ସମର୍ଥନ ଦେଲେ। କିନ୍ତୁ ତା' ପ୍ରତି ବଦଳରେ ମିଳିଲା ଦାଦନ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଶିକ୍ଷା । ରିମୋଟ୍ କଣ୍ଟ୍ରୋଲରେ ସରକାର ଚାଲିଛି ବୋଲି କହିଥିଲେ। ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକ କହିଥିଲେ ଏଭଳି ଦୁର୍ନୀତିଗ୍ରସ୍ତ, ପିସିଖିଆ ସରକାରକୁ ଉପାଡ଼ି ଫୋପାଡ଼ିବାର ସମୟ ଆସିଛି। ଏହି ସମାବେଶରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ବରିଷ୍ଠ ନେତା ସୀତାରାମ ପାଣିଗ୍ରାହୀ, ଯୁବନେତା ରାମପ୍ରସାଦ ମହାରଣା, ଆସିକା ଲୋକସଭା ମଣ୍ଡଳୀ ସଂଯୋଜକ ଜୟନ୍ତୀ ପଡ଼ିଆରୀ, କବିସୂର୍ଯ୍ୟନଗର ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପୀତାମ୍ବର ସେଠୀ, ଜଗନ୍ନାଥ ସେଠୀ, ଗିରିଶ ଚନ୍ଦ୍ର ପୋଲାଇଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗାଁ, ସହରରୁ ଯୁବକଙ୍କ ପଳାୟନ ରୋକିବା ଆମର ପ୍ରାଥମିକତା: ସମରେନ୍ଦ୍ର

**୨୦୧୯ ନିର୍ବାଚନରେ ଯୁବନେତା ସମରେନ୍ଦ୍ର ମିଶ୍ର କଂଗ୍ରେସରୁ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ହୋଇଥିଲେ। ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ବିପୁଳ ସଂଖ୍ୟାରେ ଭୋଟ୍ ପାଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜଣେ ଉଚ୍ଚଶିକ୍ଷିତ, ସଫଳ ଯୁବ ଶିଳ୍ପୋଦ୍ୟୋଗୀ ଭାବେ ସେ ରାଜ୍ୟ ଏବଂ ଦେଶରେ ପରିଚିତ। ୨୦୨୪ରେ ତାଙ୍କ ପିତା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ନିର୍ବାଚନ ରାଜନୀତିରୁ ଓହରି ଯିବା ଘୋଷଣା କରିବା ପରେ ତାଙ୍କ ସ୍ଥାନରେ କଂଗ୍ରେସ ତାଙ୍କୁ ପ୍ରାର୍ଥୀ କରି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରିଛି। ଏକ ଭିନ୍ନ ଢଙ୍ଗରେ ଏବଂ ନୂଆ ବିଚାରଧାରା ନେଇ ସେ ଏବେ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି ଅବସରରେ ସମରେନ୍ଦ୍ରଙ୍କ ସହ ବଲାଙ୍ଗୀର ଜିଲା ପ୍ରତିନିଧି ବୀରେନ୍ଦ୍ର ଝାଙ୍କରଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର।**


ସମରେନ୍ଦ୍ର ମିଶ୍ର

**⇨ଜଣେ ସଫଳ ଶିଳ୍ପୋଦ୍ୟୋଗୀ ହେବା ପରେ ଆପଣ ରାଜନୀତିକୁ କାହିଁକି ଆସିଲେ?**
➤ମୋ ପୂର୍ବରୁ ଆମ ପରିବାରରେ ଦୁଇ ପିଢ଼ି ମୋର ଜେଜେ ଏବଂ ବାପା ରାଜନୀତି ସହ ଓତପ୍ରୋତ ଭାବେ ଜଡିତ। ୨୦୦୪ ମସିହାରୁ ମୁଁ ବାପାଙ୍କ ନିର୍ବାଚନର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଆସିଛି। ତାଙ୍କ ଠାରୁ ସାଧାରଣ ଲୋକଙ୍କ ପାଇଁ କାମ କରିବା ଏବଂ ବିଶେଷକରି ବଲାଙ୍ଗୀର ଭଳି ଅନଗ୍ରସର ଅଞ୍ଚଳର ଉନ୍ନତି କରିବା ପାଇଁ କିଭଳି କାମ କରାଯାଏ ତାହା ଶିଖିଛି। ଗୋଟିଏ ଅଞ୍ଚଳର ସାମୂହିକ ଉନ୍ନତି କରିବାକୁ ହେଲେ ରାଜନୀତି ଏକ ପ୍ରମୁଖ ଜରିଆ। ଲୋକଙ୍କୁ ନେଇ ଏବଂ ଲୋକଙ୍କ ସହ ରହି ଆମେ ଅନେକ କିଛି ହାସଲ କରିପାରିବା ଏଇ ବିଶ୍ୱାସ ମୋର ଦୃଢ଼ତର ହେବାରେ ଲାଗିଛି।

**⇨ଏଥର ନିର୍ବାଚନରେ ଆପଣ କେଉଁ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଉଛନ୍ତି?**
➤ଦୀର୍ଘବର୍ଷର ଅପାରଗ ସରକାର ଏବଂ ସ୍ଥାନୀୟ ସ୍ଥାଣୁ ନେତୃତ୍ୱ ବଲାଙ୍ଗୀର ଭଳି ଏକ ବୃହତ୍ ଅଞ୍ଚଳକୁ କେବଳ ଅନଗ୍ରସର କରି ରଖିନାହାନ୍ତି ବରଂ ଏଠାକାର ଅନେକ ପ୍ରତିଭାବାନ୍ ଏବଂ ଉଦ୍ୟମୀ ଯୁବକଙ୍କୁ କ୍ରମାଗତ ଅବହେଳା କରି ସେମାନଙ୍କୁ ମାନସିକ ଚାପଗ୍ରସ୍ତ କରି ଏଠାରୁ ପଳାୟନ କରିବାକୁ ବାଧ କରିଛନ୍ତି। ଏହି ପ୍ରକ୍ରିୟା ଦଶନ୍ଧି ଦଶନ୍ଧି ଧରି ଚାଲିବା ଫଳରେ ଆମ ଗାଁ ଓ ସହରଗୁଡିକ ଖାଲି ହୋଇଯାଉଛି। ଶିକ୍ଷା ଏବଂ ରୋଜଗାର ପାଇଁ ଉଦ୍ୟମୀ ଯୁବକମାନେ ଗାଁ ଓ ସହର ଛାଡି ପଳାୟନ କରୁଛନ୍ତି। ଏହା ମୋତେ ବ୍ୟଥିତ କରିଛି। ଆର୍ଥିକ ବିକାଶ ସହ ସ୍ଥାନୀୟ ଯୁବଶକ୍ତି ଏବଂ ସାମର୍ଥ୍ୟର ସଫଳ ବିନିଯୋଗ ଏଠି ହୋଇପାରିଲେ ଆମ ଅଞ୍ଚଳର ଅନଗ୍ରସରତା ଦୂର ହେବ। ଆମ ଉଦ୍ୟମୀ ଯୁବବର୍ଗ କିଭଳି ଏଠି ରହି ଆମ ଅଞ୍ଚଳକୁ ସମୃଦ୍ଧ କରିବେ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଲାଭବାନ୍ ହେବେ ସେ ଦିଗରେ ମୁଁ ଅଧିକ ଗୁରୁତ୍ୱ ଦେଉଛି।

**⇨କେଉଁ ପ୍ରସଙ୍ଗ ନେଇ ଆପଣ ଲୋକଙ୍କ ପାଖକୁ ଯାଉଛନ୍ତି ?**
➤ଓଡ଼ିଶାରେ ୨୪ ବର୍ଷ ଧରି ଏକ ସରକାର କ୍ଷମତାରେ ରହିଆସିଛନ୍ତି। କେନ୍ଦ୍ରରେ ମଧ୍ୟ ଗତ ୧୦ ବର୍ଷ ହେଲା ଏକ ସରକାର ରହିଛି। ରାଜନୈତିକ ସ୍ଥିରତା ସତ୍ତ୍ୱେ ବଲାଙ୍ଗୀର ଭଳି ପଛୁଆ ଜିଲାର ଆଶାନୁରୂପକ ବିକାଶ ହୋଇନାହିଁ। ୨୦୧୪ ପୂର୍ବରୁ ବଲାଙ୍ଗୀରରେ ଏକ ନିର୍ଦ୍ଦିଷ୍ଟ ପରିବାରର ବ୍ୟକ୍ତିମାନେ ପ୍ରାୟ ୨୫ ବର୍ଷ ଧରି କ୍ଷମତାରେ ଥିଲେ। ସେମାନେ କିଛି ଆଖିଦୃଶିଆ କାମ କରିପାରିଲେ ନାହିଁ। ଏଣୁ ୨୦୧୪ରେ ଲୋକେ କ୍ଷମତା ପରିବର୍ତ୍ତନ କଲେ। ଏହାପରେ ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀରରେ ମେଡିକାଲ କଲେଜ, ଲୋୟର ସୁକ୍‌ତେଲ, ଭୀମଡୁଙ୍ଗୁରି ଭଳି ଅନେକ ବଡ ପ୍ରକଳ୍ପ କରିବାରେ ସଫଳ ହେଲେ। ସେଇ ବିକାଶଧାରାକୁ ଆଗକୁ ନେବା ହିଁ ଆମର ଲକ୍ଷ୍ୟ। ଏହା ଆମେ ଲୋକଙ୍କୁ ବୁଝାଉଛୁ।

**⇨ନିର୍ବାଚନ ଜିତିବା ପାଇଁ ଆପଣ କେତେ ଆଶାବାଦୀ?**
➤ଲୋକେ ଆମ ବିଧାୟକଙ୍କ ବିକାଶମୂଳକ କାମକୁ ପସନ୍ଦ କରିଛନ୍ତି। ତାଙ୍କ ମାର୍ଗଦର୍ଶନରେ ମୁଁ ବି କାମ କରିବି। ଏହା ଲୋକେ ଗ୍ରହଣ କରୁଛନ୍ତି ଏବଂ ଆମ ଉପରେ ବିଶ୍ୱାସ ରଖିଛନ୍ତି। ଆମେ ବିଜୟୀ ହେବୁ, ସଫଳ ହେବୁ ଏଇ ଆଶା ରଖିଛୁ।

# ଏମ୍‌ବିକେ, ଆଶାକର୍ମୀଙ୍କୁ ଧମକ ଦେଉଛନ୍ତି ଭାଜପା ନେତା

## ସିଇଓଙ୍କ ନିକଟରେ ଫେରାଦହେଲା ବିଜେଡି

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)

ସମ୍ବଲପୁରରେ ଭାଜପା ନେତା ମହିଳାଙ୍କୁ ଡରାଇବା, ଖରାପ ଭାଷାରେ ଗାଳିଗୁଲଜ କରିବା ଓ ଧମକଚମକ ଦେଉଥିବା ଅଭିଯୋଗ ନେଇ ସିଇଓଙ୍କୁ ଫେରାଦ ହୋଇଛି ବିଜେଡି। ଦଳର ବରିଷ୍ଠ ନେତ୍ରୀ ସୁଲତା ଦେଓ, ମଧୁସ୍ମିତା ନାୟକ, ଈପ୍‌ସିତା ସାହୁ, ମିହିର ରାୟ, ପ୍ରିୟବ୍ରତ ମାଝି ପ୍ରମୁଖ ଶୁକ୍ରବାର ସିଇଓଙ୍କ କାର୍ଯ୍ୟାଳୟକୁ ଯାଇ ସମ୍ବଲପୁର ଜିଲାର ପୂର୍ବତନ ଏମ୍‌ପିଙ୍କ ନୋମିନି ତଥା ଭାଜପା ନେତା ନରେଶ ସିଂ ଠାକୁର ଓରଫ ପପୁନ୍ ସିଂ ବାମରା ବ୍ଲକର ଏମ୍‌ବିକେ, ଆଶା, ଅଙ୍ଗନୱାଡ଼ି କର୍ମୀଙ୍କୁ ଡରାଇବା ଓ ଧମକାଇବା ସହିତ ଫୋନରେ ଅଶ୍ଳୀଳ ଭାଷାରେ ଗାଳି କରୁଥିବା ଅଭିଯୋଗ କରିଥିଲେ। ଏପରିକି ନରେଶ ନିଜ ସହଯୋଗୀଙ୍କୁ ଧରି ମୋଟରସାଇକେଲରେ ମାରଣାସ୍ତ୍ର ଧରି ମହିଳାଙ୍କ ଘର ଆଗରେ ବୁଲିବା ସହ ତାଙ୍କ ଜାତିକୁ ନେଇ ଖରାପ ମନ୍ତବ୍ୟ ଦେଉଛନ୍ତି। ଏପରିକି ଭାଜପାକୁ ସମର୍ଥନ ନ କଲେ ଜୀବନରୁ ମାରିବାକୁ ଧମକ ଦେଉଛନ୍ତି। ସ୍ଥିତି ଏପରି ହୋଇଛି ଭୟରେ ଏମବିକେ, ଏସ୍‌ଏଚ୍‌ଜି ମହିଳାମାନେ ଘରୁ ବାହାରି ପାରୁନାହାନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏଥିସହ ୩ ମିନିଟ୍ ୨୧ ସେକେଣ୍ଡର ଏକ ଅଡିଓ ରେକର୍ଡିଂକୁ ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରି ସମ୍ପୃକ୍ତ ମହିଳାଙ୍କ ସୁରକ୍ଷା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।


CLASSIFIED DISPLAY
MORE SPACE • SAME PRICE
TARIFF + GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 3,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍‌କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୨୭, ସେକ୍ଟର ୫, ନୋଏଡ଼ା
9810432170
7606841840


# ବରପୁତ୍ରଙ୍କୁ ଅପମାନ କରିଛନ୍ତି ପାଣ୍ଡିଆନ୍: ଭାଜପା

ଭୁବନେଶ୍ୱର, ୧୭।୫ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଐତିହ୍ୟ ଅନନ୍ୟ। ଏବିଷୟରେ ଅବଗତ ହେବାର ଆବଶ୍ୟକତା ରହିଛି। ଯେଉଁମାନେ ସ୍ୱଭାବ କବି ଓ ସନ୍ଥ କବି ଭିତରେ କେତେ ଫରକ ଅଛି ଜାଣିନାହାନ୍ତି, ସେମାନଙ୍କଠାରୁ ଆଶା ରଖିବା ବୃଥା। କାର୍ତ୍ତିକ ପାଣ୍ଡିଆନ ସଭାରେ ସେମାନଙ୍କ ବିଷୟରେ ଯାହା କହିଛନ୍ତି, ତାହା ଓଡ଼ିଶାର ବରପୁତ୍ରଙ୍କ ପାଇଁ ଅପମାନ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସେ କହିଛନ୍ତି, ନିର୍ବାଚନ ଯେତେ ପାଖେଇ ଆସୁଛି ବିଜେଡି କେବଳ ଭାଜପା ନେତା ଓ କର୍ମୀଙ୍କୁ ଆକ୍ରମଣ କରୁଛି ତା’ନୁହେଁ, ଭୋଟରଙ୍କୁ ମଧ୍ୟ ଭୟଭୀତ କରୁଛି। ଗତ କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଭାଜପା ନେତା ଓ କର୍ମୀମାନଙ୍କୁ ଯେଉଁଭଳି ଆକ୍ରମଣ କରାଯାଉଛି ସେଥିରୁ ବିଜେଡିର ଗୁଣ୍ଡାଗର୍ଦ୍ଦି ସ୍ପଷ୍ଟ ପ୍ରମାଣିତ ହେଉଛି। ଏଥିରୁ ଜଣାପଡୁଛି, ବିଜେଡିକୁ ହାରିବା ଭୟ ଘାରିଛି। ଟିଟିଲାଗଡ଼ ଡୁଙ୍ଗୁରିପାଲି ପଞ୍ଚାୟତର ଡେଣ୍ଡିପାଲି ଗାଁରେ ନିର୍ବାଚନ ହିଂସା ହେଉ ଅବା ଭୁବନେଶ୍ୱର କ୍ୟାପିଟାଲ ଥାନା ଅଧୀନ ୟୁନିଟ୍-୬ରେ ଭାଜପା କର୍ମୀଙ୍କୁ ଆକ୍ରମଣ ହେଉ, ଖଲ୍ଲିକୋଟ ରାଜନୈତିକ ହିଂସା - ସବୁଠି ବିଜେଡି କର୍ମୀମାନେ ନିରାଶ ଓ ହତାଶ ହୋଇ ଗଣ୍ଡଗୋଳ ଆରମ୍ଭ କରିଦେଇଛନ୍ତି। ନିଜ ସରକାରରେ ବିଜେଡି ଗଣତନ୍ତ୍ର ବ୍ୟବସ୍ଥାକୁ ନଷ୍ଟ କରିଛି। ଏହି ଗଣ୍ଡଗୋଳ କିଏ ଆରମ୍ଭ କରିଛି, ତାହାର ତଦନ୍ତ କରିବା ଆବଶ୍ୟକ। ଯେଉଁମାନେ ହିଂସାକୁ ଆପଣାଇଛନ୍ତି ତାହାକୁ ଭାଜପା ନିନ୍ଦା କରୁଛି। ନିର୍ବାଚନରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଅଧିକ ସିସିଟିଭି କ୍ୟାମେରା, ପାରାମିଲିଟାରୀ, ମିଲିଟାରୀ ଫୋର୍ସର ଆବଶ୍ୟକତା ରହିଛି। ଗଣତନ୍ତ୍ରରେ ହାରିବା ଜିତିବା ଲାଗିରହିଛି। କିନ୍ତୁ ହାରିବା ଭୟରେ ହିଂସାକୁ ଆପଣାଇବା ଭଳି ହୀନ ମାନସିକତା ରହିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

# ଆଜି ଆସିବେ ସଚିନ ପାଇଲଟ

ଭୁବନେଶ୍ୱର, ୧୭।୫ (ଅସମାପିକା ସାହୁ)


ସଚିନ ପାଇଲଟ

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ସାଧାରଣ ସମ୍ପାଦକ ସଚିନ ପାଇଲଟ ନିର୍ବାଚନୀ ପ୍ରଚାର ପାଇଁ ଶନିବାର ଓଡ଼ିଶା ଆସୁଛନ୍ତି। ବାଲେଶ୍ୱରର ଦୁଇଟି ସ୍ଥାନରେ ସାଧାରଣ ସଭାରେ ଯୋଗଦେବେ। ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କ ପାଇଁ ନିର୍ବାଚନୀ ପ୍ରଚାର ମଧ୍ୟ କରିପାରନ୍ତି। ସଚିନ ପ୍ରଥମେ ଅପରାହ୍ନ ସାଢ଼େ ୧୨ଟାରେ ବାଲେଶ୍ୱର ପୋଲିସ ଗ୍ରାଉଣ୍ଡରେ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ଏହାପରେ ଅପରାହ୍ନ ୨ଟା ୪୫ରେ ଭୋଗରାଇ ଥାନା ଛକ ନିକଟରେ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେବେ। ସନ୍ଧ୍ୟା ୬ଟାରେ ଭୁବନେଶ୍ୱର କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରିବେ ବୋଲି ସୂଚନା ଦିଆଯାଇଛି।


Classified Everyday
0674-2580101, 2549949


REAL ESTATE
SALE

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932. D-322

Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9437631769. D-307

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

G+3 sale at Balianta, Bhubaneswar @ 1.4 Crores negotiable. Contact: 9937460565. D-249

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your body, Mind at Saikrupa Spa with best therapies. 8984068077.** D-306

Monalisa massage Club:All types Body massage with hiprofile smart lady rooms service available. 9708545108. D-295

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

AFFIDAVIT

I, Udayasingh Tamsoy, S/o Late Lage Tamsoy resident of Nandankanan Zoologicalpark, P.O.- Barang, Dist.- Khordha, Odisha declare by this affidavit No.-2161 dated13.05.2024 before the Executive Magistrate, Sadar, Cuttack that the correct spelling of my name is Udayasing Tamsoy. In service records it has been spelled as Udayasingh Tamsoy. Both Udayasingh Tamsoy and Udayasing Tamsoy are one and same person. So I declare that my name will be treated as Udayasing Tamsoy for all purposes. D-75332

I, Prabhat Kumar Parida, S/o- Late Mayadhar Parida, resident of ward No.-18, Palasuni, GGP Colony, P.S.- Rasulgarh, Dist.- Khorda, PIN-751025, Odisha declare by this affidavit No.- 134 dtd. 13.03.2024 that now onwards I shall be known as **Pravat Kumar Parida** for all future purposes. D-314

I, Sulata Samanta, W/o. Late Sanjib Ranjan Bose, D/o- Jnanendra Chandra Samanta, R/o. At/P.O./ PS.- Indupur, Dist.- Kendrapada, Odisha declare by this affidavit No.- 2595 dt.04.04.2024 that now onwards I shall be known as Sulata Samanta for all future purposes. D-316

“By virtue of the affidavit sworn before Notary Public, Bhubaneswar on 10th May 2024, I Liliprabha Panda, W/o Bibhuti Bhusan Panda, (with address Baramunda, Bhubaneswar, 751003) declare that I have changed my name from Lily Prabha Panda to LILIPRABHA PANDA. Henceforth, I shall be known as LILIPRABHA PANDA for all Purposes.” D-323

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

୧୨ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଡଃ ପଦ୍ମିନୀ ମିଶ୍ର
ଆବିର୍ଭାବ - ୦୧.୦୨.୧୯୪୫
ତିରୋଧାନ - ୦୨.୦୫.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୫୫୫୮

ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଉପଲକ୍ଷେ

ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ (ବାବୁ ଭାଇ)
(ବରିଷ୍ଠ ଆଇନଜୀବୀ)
କୁଆଁସ, ଭଦ୍ରକ
ଆବିର୍ଭାବ: ୧୬।୦୫।୧୯୫୬
ତିରୋଧାନ: ୩୦।୦୪।୨୦୨୩
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଆପଣଙ୍କର ଶୋକସନ୍ତପ୍ତ:
ରାୟ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୩୧୭


# ଭାଜପାରେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ସାହୁ

## ନାପ୍ ଲୋକ ସଭା, ବିଧାୟକ ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତା ବି ମିଶିଲେ

ଭୁବନେଶ୍ୱର, ୧୭।୫ (ଅସମାପିକା ସାହୁ)

ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତଥା ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀର ପ୍ରୀତିରଞ୍ଜନ ସାହୁ ନିଜ ଶତାଧିକ ସମର୍ଥକଙ୍କ ସହ ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ଏନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସଭାପତି ମନମୋହନ ସାମଲ ତାଙ୍କୁ ବିଧିବଦ୍ଧ ଭାବେ ଦଳରେ ସାମିଲ କରିଥିଲେ। ଏହି ଅବସରରେ ସାମଲ କହିଲେ, ଦୀର୍ଘ ୨୫ ବର୍ଷର ଭ୍ରଷ୍ଟାଚାରୀ, ଦୁର୍ନୀତିଖୋର ଓ ବ୍ୟଭିଚାରୀ ବିଜେଡି ସରକାରର ଅନ୍ତ ହେବା ନିହାତି ଆବଶ୍ୟକ। ନୂତନ ଓଡ଼ିଶା ଗଠନ ପାଇଁ ରାଜ୍ୟ ରାଜନୀତିରେ ପରିବର୍ତ୍ତନ ଆସିବ ଏବଂ ଓଡ଼ିଶାରେ ଭାଜପା ସରକାର ଗଠନ ହେବ। ଦୁଇ ଥର ପଦ୍ମ, ଦୁଇ ଗୁଣା ବିକାଶ। ଓଡ଼ିଶାରେ ବିକାଶକୁ ଶିଖରରେ ପହଞ୍ଚାଇବା ପାଇଁ ଭାଜପା ଏକମାତ୍ର ବିକଳ୍ପ। ଓଡ଼ିଶାବାସୀ ପରିବର୍ତ୍ତନ ମୁହାଁ ହେଲେଣି। ଏଥିପାଇଁ ଭାଜପା ହାତ ମୁଠାକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି ପରିବାରରେ ଯୋଗଦେଉଛନ୍ତି। କେନ୍ଦ୍ରରେ ମୋଦି ସରକାର ଓ ଓଡ଼ିଶାରେ ଭାଜପା ସରକାର ଗଠନ ଦିଗରେ ଆପଣମାନଙ୍କ ଯୋଗଦାନ ସହାୟକ ହେବ ବୋଲି ମନମୋହନ କହିଥିଲେ। ଏହି ମିଶ୍ରଣ ପର୍ବରେ ପ୍ରୀତିରଞ୍ଜନଙ୍କ ସହ ବିଜେଡି ଜିଲା ସମ୍ପାଦକ ଧନେଶ୍ୱର ବାରିକ, ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର ମାଝୀ, ଶରତ ଜେନା, ଗୋଳେଇପୁର ଗ୍ରାମ ପଞ୍ଚାୟତ ୱାର୍ଡ ମେମ୍ବର ଝୁନୁଲତା ପୃଷ୍ଟି ପ୍ରମୁଖ ଭାଜପାରେ ଯୋଗଦେଇଥିଲେ। ସେହିପରି ନ୍ୟାଶନାଲ ଆପ୍‌ନି ପାର୍ଟି (ନାପ୍)ର ଓଡ଼ିଶାର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରକାନ୍ତ ଦାସ, ବିଧାୟକ ପ୍ରାର୍ଥୀ ସୁଜାତା ରାୟ, ନିଆଳି ବିଧାୟକ ପ୍ରାର୍ଥୀ ଭରତ କୁମାର ମଲ୍ଲିକ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ଦିଲୀପ ଦାସ, ବାଲିକୁଦା ବିଧାୟକ ପ୍ରାର୍ଥୀ ରମେଶ ଦାସ ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଏଥିସହ ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀର ଅଧ୍ୟାପକ ନିରଦ ବରଣ ଖଣ୍ଟିଆ ମଧ୍ୟ ଭାଜପାରେ ମିଶିଛନ୍ତି। ଏହି ମିଶ୍ରଣ ପର୍ବରେ କୋରେଇ ବିଧାୟକ ପ୍ରାର୍ଥୀ ତଥା ଅଭିନେତା ଆକାଶ ଦାସ ନାୟକ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ମହିଳାମୋର୍ଚ୍ଚା ରାଷ୍ଟ୍ରୀୟ ସାମାଜିକ ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିରୁ ଯାଇ ଭାଜପାରେ ମିଶିଲେ, ୧୦ ମିନିଟ୍‌ରେ ଫେରିଲେ


ଭାଜପାର ମିଶ୍ରଣ ପର୍ବ।


ବିଜେଡିର ମିଶ୍ରଣ ପର୍ବ।

କେନ୍ଦୁଝର, ୧୭।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ନେତା, କର୍ମୀ କେତେବେଳେ କେଉଁ ଦଳରେ ମିଶୁଛନ୍ତି, ଛାଡୁଛନ୍ତି ଜଣାପଡୁନାହିଁ। ଏଭଳି ଏକ ରୋଚକ ଘଟଣା ଶୁକ୍ରବାର ଦେଖିବାକୁ ମିଳିଛି। ବିଜେଡିର କିଛି ଅସନ୍ତୁଷ୍ଟ ନେତା ଓ କର୍ମୀ ଭାଜପାରେ ଯୋଗ ଦେବାର ୧୦ ମିନିଟ୍ ପରେ ପୁଣି ଘର ବାହୁଡ଼ା କରିଥିବା ନେଇ ଆଲୋଚନାର ବିଷୟ ହୋଇଛି।

ପ୍ରକାଶ ଯେ, କେନ୍ଦୁଝର ଭାଜପା ଜିଲା କାର୍ଯ୍ୟାଳୟରେ କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଏବଂ ରାଜସ୍ଥାନରୁ ରାଜ୍ୟ ସଭା ସଦସ୍ୟ ହୋଇଥିବା ଚୁନିଲାଲ ଗୋରାସିଆ, ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ସଦର ଭାଜପା ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ ଓ ସାମାଜିକକର୍ମୀ ତଥା ଶିଳ୍ପପତି ମୃତ୍ୟୁଞ୍ଜୟ ସାହୁ, ଯୁବନେତା ଅକ୍ଷୟ ବେହେରା ଏବଂ ସାମାଜିକକର୍ମୀ ଦେବରାଜ କାରୁଆଙ୍କ ସମେତ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। କେନ୍ଦ୍ର ମନ୍ତ୍ରୀ ଓ ସଦର ବିଧାୟକ ପ୍ରାର୍ଥୀ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ତେବେ ମିଶ୍ରଣ ପର୍ବ ଶେଷ ହେବାର ୧୦ ମିନିଟ୍ ପରେ ଅସନ୍ତୁଷ୍ଟ ବିଜେଡି ନେତା ଓ କର୍ମୀମାନେ ପୁଣି ଥରେ ବିଜେଡିକୁ ଫେରିଥିଲେ। ଏକ ମିଶ୍ରଣ ସଭାରେ ସେମାନେ ବିଜେଡି ଟୋପି ଓ ଉତ୍ତରୀୟ ପିନ୍ଧିଥିବା ଫଟୋ ଭାଇରାଲ ହେଉଛି। ନିଜର ଭୁଲକୁ ବୁଝି ସେମାନେ ପୁଣି ଦଳକୁ ଫେରିଥିଲେ ବୋଲି ସାମାଜିକ ଗଣମାଧ୍ୟମରେ କହିଛନ୍ତି। ସେମାନଙ୍କ ଦୁଇ ଦଳରେ ମିଶ୍ରଣ ସମୟର ଫଟୋ ଭାଇରାଲ ହେଉଛି। କେତେ ଜଣ ଫେରିଛନ୍ତି ଠିକ୍ ଭବେ ଜଣାପଡ଼ି ନ ଥିଲେ ହେଁ ଏଭଳି ଘଟଣା ରାଜନୀତିରେ ସମ୍ଭବ ବୋଲି କୁହାଯାଉଛି। ବିଜେଡି ରାଜ୍ୟ ଯୁବ ନେତା ସୌମ୍ୟ ଶଙ୍କର ଚକ୍ରଙ୍କ ଉଦ୍ୟମରେ ଅସନ୍ତୁଷ୍ଟମାନେ ଫେରିଥିବା ବିଜେଡିର ନେତାମାନେ କହିଛନ୍ତି। ତେବେ ମୋବାଇଲ ସୁଇଚ୍ ଅଫ ଥିବାରୁ ଅଞ୍ଜନଙ୍କ ମତାମତ ମିଳିପାରିନାହିଁ।

# ସର୍ବୋଚ୍ଚ ସ୍ତରରେ ସୁନା ଦର

## ୮୬,୦୦୦ ଉପରେ ରୁପା ମୂଲ୍ୟ

ନୂଆଦିଲ୍ଲୀ,୧୭।୫

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଦରବୃଦ୍ଧି କାରଣରୁ (କ୍ରମାଗତ ଭାବେ) ଘରୋଇ ବଜାରରେ (କ୍ରମାଗତ ଭାବେ) ଉଭୟ ସୁନା ଓ ରୁପା ଦର ବୃଦ୍ଧି ପାଉଛି। ଏପରିକି ଶୁକ୍ରବାର ନୂଆଦିଲ୍ଲୀରେ ୨୨କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୦୫ ଟଙ୍କା ଏବଂ ୨୪ କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୮୮୦ ଟଙ୍କା ବଢ଼ି ଥିଲାବେଳେ ପ୍ରତି କି.ଗ୍ରା. ରୁପା ମୂଲ୍ୟ ଉପରେ ୧୬୪୦ଟଙ୍କା ବଢ଼ିଛି।

ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀରେ ଶୁକ୍ରବାର ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୭୫,୧୨୭ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୬୮,୮୧୦.୬୦ ଟଙ୍କା ରହିଛି। ସେହିଭଳି ରୁପା ଦର ପ୍ରତି କି.ଗ୍ରା. ପିଛା ୮୬,୪୦୦ ଟଙ୍କାରେ କାରବାର ହେଉଛି ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏପରିକି ମୁମ୍ବାଇ, ଚେନ୍ନାଇ ଓ କୋଲକାତା ଭଳି ପ୍ରମୁଖ ମହାନଗରରେ ମଧ୍ୟ ସୁନା ଓ ରୁପା ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଉପରୋକ୍ତ ମହାନଗରରେ ସୁନା ଦର ୨୪କ୍ୟାରେଟ ପ୍ରତି ୧୦ ଗ୍ରାମ ପିଛା ଯଥାକ୍ରମେ ୭୫,୦୫୪ ଟଙ୍କା, ୭୫,୫୬୮ ଟଙ୍କା ଏବଂ ୭୫୨୧୦ ଟଙ୍କା ଥିଲାବେଳେ ରୁପା ମୂଲ୍ୟ ପ୍ରତି କି.ଗ୍ରା. ପିଛା ୮୬,୪୦୦ ଟଙ୍କା, ୮୬,୪୯୦ ଟଙ୍କା ଏବଂ ୮୬,୪୦୦ ଟଙ୍କାରେ କାରବାର ହେଉଛି।

ଅପରପକ୍ଷରେ ଭୁବନେଶ୍ୱର (ଓଡ଼ିଶା ର ସୁନା ମୂଲ୍ୟ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୪,୭୯୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୬୭,୬୦୦ ଟଙ୍କା ରହିଛି। ସେହିଭଳି ୧୮ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୫୬,୦୯୦ ଟଙ୍କା ଏବଂ ରୁପା ଦର ପ୍ରତି କିଲୋଗ୍ରାମ ପିଛା ୮୯, ୦୦୦ ଟଙ୍କାରେ କାରବାର ହେଉଛି ବୋଲି ସ୍ୱାଇଲ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।



| ଅଳଙ୍କାର ପ୍ରତିଷ୍ଠାନ | ୨୪ କ୍ୟାରେଟ ମୂଲ୍ୟ | ୨୨ କ୍ୟାରେଟ ମୂଲ୍ୟ |
|---|---|---|
| ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ | ୭୩,୭୫୦ | ୬୭,୬୦୦ |
| ଲାଲ୍‌ଚାନ୍ଦ ଜୁଏଲର୍ସ | ୭୩,୭୪୫ | ୬୭,୬୦୦ |

ଶୁକ୍ରବାର ଭୁବନେଶ୍ୱରର ସୁନା ଦର

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୭।୫

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୫୩ (୨୫୩.୩୧) ପଏଣ୍ଟ ବଢ଼ି ୭୩,୯୧୭ (୭୩,୯୧୭.୦୩) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୨(୬୨.୨୫) ପଏଣ୍ଟ ବୃଦ୍ଧି ଘଟି ୨୨,୬୬୬(୨୨,୬୬୬.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

## ଭି-ମାର୍ଟର ନୂତନ ଟି-ଶାର୍ଟ ରେଞ୍ଜ

ନୂଆଦିଲ୍ଲୀ,୧୭।୫




ଦେଶର ପ୍ରମୁଖ ଫ୍ୟାଶନ ରିଟେଲର ଭି-ମାର୍ଟ (ଭି-ମାର୍ଟ ରିଟେଲ ଲିମିଟେଡ୍)ର ନୂତନ ଟି-ଶାର୍ଟ ରେଞ୍ଜ ନିକଟରେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୧୦୦୦ରୁ ଅଧିକ ପ୍ରକାର ନୂତନ ଟି-ଶାର୍ଟ ବର୍ଗମାଳା ପୁରୁଷ, ମହିଳା ଓ ଶିଶୁମାନଙ୍କ ପାଇଁ ଡିଜାଇନ କରାଯାଇଛି। ସେହିଭଳି ଆକର୍ଷଣୀୟ କଲର ଓ ଡିଜାଇନ ସାଙ୍ଗକୁ ମନଲୋଭା ସଂଗ୍ରହ ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ଭି-ମାର୍ଟ ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି ଚଳିତ ଗ୍ରୀଷ୍ମଋତୁକୁ ଆଖି ଆଗରେ ରଖି ବ୍ରାଣ୍ଡ୍ ପକ୍ଷରୁ ଆକର୍ଷଣୀୟ ସମର କଲେକ୍ସନ ଦେଶର ସମସ୍ତ ଭି-ମାର୍ଟ ଏକ୍ସକ୍ଲୁସିଭ ଆଉଟଲେଟରେ ଉପଲବ୍ଧ ହେଉଛି। ଅପରପକ୍ଷରେ ସମର କଲେକ୍ସନର ସ୍ୱତନ୍ତ୍ର ଟି-ଶାର୍ଟ ଉପରେ ଆକର୍ଷଣୀୟ ରିହାତି ଆକାରରେ ଗୋଟିଏ କ୍ରୟ ଉପରେ ଆଉ ଗୋଟିଏ ମାଗଣା ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି।

## ଓସ୍‌ମେ ମହିଳା ଶିଳ୍ପୋଦ୍ୟୋଗୀ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,୧୭।୫

ରାଜ୍ୟର ପ୍ରମୁଖ ଶିଳ୍ପ ସଂଘ ତଥା କଟକ ଖପୁରିଆ ଶିଳ୍ପାଞ୍ଚଳଠାରେ ଥିବା ଓଡ଼ିଶା ଆସମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ ବା ଓସ୍‌ମେ)ର ଓଡ଼ିଶା ମହିଳା ଶିଳ୍ପୋଦ୍ୟୋଗୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ନିକଟରେ ସଂଘର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଓସ୍‌ମେ ଓଡ଼ିଶା ମହିଳା ଶିଳ୍ପୋଦ୍ୟୋଗୀ ସଂଘର କେନ୍ଦ୍ରୀୟ ସ୍ୱତନ୍ତ୍ର ସଂଘ ୨୦୨୪-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ନିକଟରେ ଆୟୋଜିତ ହୋଇଯାଇଛି। ଓସ୍‌ମେର କେନ୍ଦ୍ରୀୟ ଅର୍ଥ ସଚିବ ଆଦିକନ୍ଦ ରାଉତ ଓ ଉପାଧ୍ୟକ୍ଷ ରଣଜିତ୍ କୁମାର ସାହୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲାବେଳେ ସଂଘର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଅତିରିକ୍ତ ସଚିବ ଅଭିଳାଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶିଳ୍ପୋଦ୍ୟୋଗୀ ଶାଖାର ନୂତନ କର୍ମକର୍ତ୍ତା ଜ୍ୟୋତିର୍ମୟୀ ମହାନ୍ତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ଉପାଧ୍ୟକ୍ଷ ଭାବେ ଅମ୍ରିତା ପାତ୍ର, ସମ୍ପାଦକ ଅନ୍ୱେଷା ରାଉତ, ଯୁଗ୍ମ ସମ୍ପାଦକ ସୋନାଲି ଶତପଥୀ, ସଙ୍ଗଠନ ସମ୍ପାଦକ ବିଜୟିନୀ ମିଶ୍ର, କାର୍ଯ୍ୟନିର୍ବାହୀ ସମ୍ପାଦକ କଳ୍ପନା ଧଳ, କୋଷାଧ୍ୟକ୍ଷ ସଙ୍ଗୀତା ଦାସ ଏବଂ ସଂଘର ପଲିସି ଆଫେୟାର୍ସ ବୁଝିବା ପାଇଁ ସୁରେଖା ରାଉତରାୟ ପ୍ରମୁଖ ନିର୍ବାଚିତ ହୋଇଥିଲେ। କଟକ ଜିଲା ମହିଳା ସଂଘ ପାଇଁ ରୀନା ବେହେରା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। କେନ୍ଦ୍ରୀୟ ପରିଚାଳନା ସମିତିକୁ ସଭ୍ୟ ଭାବେ ଚନ୍ଦନା ଦାସ, ରଶ୍ମିତା ପ୍ରସାଦ, ଶିବାନୀ ପଣ୍ଡା, ବନଜା ବେହେରା, ଗାୟତ୍ରୀ ପଟ୍ଟନାୟକ, ପ୍ରଭାତୀ ନାୟକ ଓ କବିତା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ନିର୍ବାଚନ ଅଧିକାରୀ ଆଦିକନ୍ଦ ରାଉତ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଇଥିଲେ।

## ଓଡ଼ିଶାରେ ୱଣ୍ଡେର୍ଲା ଆମ୍ୟୁଜ୍‌ମେଣ୍ଟ ପାର୍କ

### ୨୪ରେ ଖୋଲିବ ପାର୍କ

ଭୁବନେଶ୍ୱର,୧୭।୫ (ଅନୁରାଧା ମହାରଣା)




ଭାରତର ସର୍ବବୃହତ୍ ପାର୍କ ଚେନ୍ କୁହାଯାଉଥିବା ୱଣ୍ଡେର୍ଲା ହଲିଡେଜ୍ ପକ୍ଷରୁ ଓଡ଼ିଶାରେ ୱଣ୍ଡେର୍ଲା ଆମ୍ୟୁଜ୍‌ମେଣ୍ଟ ପାର୍କ ନିର୍ମାଣ ହୋଇଛି। ଭୁବନେଶ୍ୱରଠାରୁ ୨୨.୫ କି.ମି. ଦୂର କୁମ୍ଭାରବସ୍ତରେ ଏହି ପାର୍କ ଆସନ୍ତା ୨୪ରେ ଖୋଲାଯିବ। କୋଚି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ପରେ ଚତୁର୍ଥ ପାର୍କ ଭାବେ ୱଣ୍ଡେର୍ଲାର ପାର୍କ ପ୍ରସ୍ତୁତ ହୋଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍କ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ପରିଚାଳନା ନିର୍ଦ୍ଦେଶକ ଅରୁଣ କେ ଚିଟ୍ଟିଲାପିଲିଙ୍କ ସୂଚନାନୁସାରେ, ୨୦୦୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୯୦ବର୍ଷ ଅବଧିର ଲିଜ୍ ମିଳିବା ପରେ ୱାଣ୍ଡେର୍ଲା ଓଡ଼ିଶା ପକ୍ଷରୁ ପ୍ରାୟ ୧୯୦ କୋଟି ଟଙ୍କା ନିବେଶରେ ଏହି ପାର୍କ ନିର୍ମାଣ କରାଯାଇଛି। ୱଣ୍ଡେର୍ଲା ଭୁବନେଶ୍ୱର ୨୧ରୁ ଅଧିକ ପ୍ରମୋଦଦାୟକ ଡ୍ରାଏ ଆଣ୍ଡ ୱେଟ ରାଇଡ୍ ଉପଲବ୍ଧ ହେବ। ହାଇ ସ୍ପିଡ୍ କୋଷ୍ଟରଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଆମୋଦ ପ୍ରଦାନ କରିବ। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାକୃତିକ ବୈଭବ ପ୍ରତି ସମ୍ମାନ ଜଣାଇବାକୁ ଡିଜାଇନ କରାଯାଇଥିବା ୱଣ୍ଡେର୍ଲା ଭୁବନେଶ୍ୱର ୫୦ ଏକର ପରିମିତ ଅଞ୍ଚଳରେ ପ୍ରସ୍ତୁତ କରାଯାଇଛି।

## ଓସିପିଏଲ୍ ପକ୍ଷରୁ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୧୭।୫

ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)ର ମନୋହରପୁର ୟୁନିଟ୍ ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିମୋନୋକୋନିଓସିସ୍ ଉପରେ ଏକ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପ୍ଲାଣ୍ଟ ପରିସରରେ ଆୟୋଜିତ ହୋଇଥିଲା। ଏପରିକି ଡିଜିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ-୨ ଅଧୀନରେ ଓସିପିଏଲ୍‌ର ମନୋହରପୁର କୋଇଲା ଖଣି ପ୍ରକଳ୍ପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ କର୍ମଚାରୀ ଅଂଶଗ୍ରହଣ କରିଥିଲାବେଳେ ସେମାନଙ୍କ ମଧ୍ୟରୁ ୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର ଏବଂ ଖଣି ସୁରକ୍ଷା ଉପନିର୍ଦ୍ଦେଶକ ଉଲିମେଲା ଶିବଶଙ୍କର, ପ୍ରକଳ୍ପ ମୁଖ୍ୟ ଏଲ୍.ଆର୍.ସି . ରେଡ୍ଡି, ମାନବ ସମ୍ବଳ ମ୍ୟାନେଜର ବିଜୟ କୁମାର ସାହୁ, ଖଣି ଏଜେଣ୍ଟ ପ୍ରବୀଣ ରଞ୍ଜନ, ଖଣି ମ୍ୟାନେଜର ସୁଧାଂଶୁ ସିହ୍ନା ଓ ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ସେହିଭଳି ଓସିପିଏଲ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ରାଜେଶ ମାର୍ସେଲ ବାଜଙ୍କ ନେତୃତ୍ୱରେ ଓସିପିଏଲ୍‌ର ଡାକ୍ତରୀ ଦଳ ନିମୋନୋକୋନିଓସିସ୍- ଏକ ଧୂଳି ସମ୍ବନ୍ଧୀୟ ଫୁସ୍‌ଫୁସ୍ ରୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏପରିକି ନିମୋନୋକୋନିସିସ୍‌ର କାରଣ, ଲକ୍ଷଣ, ବିଭିନ୍ନ ପର୍ଯ୍ୟାୟ ଚିକିତ୍ସା ଏବଂ ପ୍ରତିରୋଧ ପଦକ୍ଷେପ ଆଦି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଉପସ୍ଥିତ ଲୋକଙ୍କୁ ପ୍ରଶିକ୍ଷିତ କରାଯିବା ସହ ସଚେତନତା ସୃଷ୍ଟି ମଧ୍ୟ କରାଯାଇଥିଲା। ଅପରପକ୍ଷରେ ଖଣି ସୁରକ୍ଷା (ମାଇନ୍ସ ସେଫ୍ଟି)ର ନିର୍ଦ୍ଦେଶକ ତଥା ଡେପୁଟି ଡାଇରେକ୍ଟର ନିମୋନୋକୋନିଓସିସ୍ ଭଳି ବୃତ୍ତିଗତ ରୋଗକୁ ରୋକିବା ପାଇଁ ଆଇନଗତ ଆବଶ୍ୟକତା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି କର୍ମକ୍ଷେତ୍ରରେ ଧୂଳି ନିୟନ୍ତ୍ରଣ ପଦକ୍ଷେପ ସହ ଖଣିରେ ନିୟମିତ ବାୟୁବାହୀ ଧୂଳି ସର୍ବେକ୍ଷଣ ଓ ସମସ୍ତ ଶ୍ରମିକ ଏବଂ ସୁପରଭାଇଜରଙ୍କ ଧୂଳି ମାସ୍କର ବାରମ୍ବାର ବ୍ୟବହାର ସହ ଖଣି ମାଲିକଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆଦି ଉପରେ ଜୋର ଦେଇଥିଲେ।

## ରାଜ୍ୟ ଖବର

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାରିନେଲେ ମହାପାତ୍ରେ,**
**ଚାହିଁଥିଲେ ଜଳକା।**

କିଛି ବ୍ୟକ୍ତି ଜଣକୁ ଭକୁଆ ବନେଇ ସମସ୍ତ ସୁବିଧା ସୁଯୋଗ କୌଶଳ କରି ହାତେଇ ନେବାରେ ସିଦ୍ଧହସ୍ତ ହୋଇଥାନ୍ତି। ଚାଲାକ ଚତୁର ଲୋକ ନିଜ ସୁବିଧା କରିନେବା ଓ ସାଦାସିଧା ସରଳ ଲୋକ ଅନେଇ ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ମୁଁ କାଟିଲି ଖଣ୍ଡିଖଣ୍ଡିକା,**
**ମଝି ଖଣ୍ଡି କଲି ଭଜା,**
**ତୁ ମତେ କହୁ ବିଟପୀ ନାରୀ,**
**ପରାସ କରି ନ ଯା।**

ବିଶ୍ୱାସ ଓ ଭରସା ଉପରେ ପ୍ରତିଷ୍ଠିତ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣଙ୍କୁ ଅବିଶ୍ୱାସ କରିବା ଆରମ୍ଭ କରିଦିଏ ସେତେବେଳେ ତୁଟିଯାଏ ଭରସା, ବେଶିଦିନ ରହିପାରେ ନାହିଁ ଆଗର ସେ ସମ୍ପର୍କ। ସେହିପରି ସ୍ତ୍ରୀର ଚରିତ୍ର ଉପରେ ସ୍ୱାମୀ ଯଦି ସନ୍ଦେହ କରିବସେ ତା'ହେଲେ ସ୍ତ୍ରୀର ବିବଶତା ବହୁ ପରିମାଣରେ ବଢ଼ିଯାଇଥାଏ ଓ ଏହାକୁ ସହ୍ୟ କରିବା ତା'ପକ୍ଷେ ଅସମ୍ଭବ ହୋଇପଡ଼ିଥାଏ। ଏପରି ସ୍ଥିତିରେ ପ୍ରବାସୀ ସ୍ୱାମୀକୁ ଘରେ ରହିବା ନେଇ ସ୍ତ୍ରୀ ପ୍ରବର୍ତ୍ତାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କାର୍ଯ୍ୟରତ ମତଦାତାଙ୍କୁ ସଙ୍କଳ୍ପ ପାଠ କରାଇଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୭।୫
(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ସାଧାରଣ ନିର୍ବାଚନରେ ନିଶ୍ଚିତ ମତଦାନ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ମତଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସଙ୍କଳ୍ପ ପାଠ କରାଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ କାର୍ଯ୍ୟରତ ଭୁବନେଶ୍ୱର ଭୋଟରଙ୍କୁ ଭାରତର ନାଗରିକ ଭାବେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖିବା, ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖି ନିର୍ଭୀକ ଭାବେ ଜାତି, ଧର୍ମ, ବର୍ଣ୍ଣ , ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ଆସନ୍ତା ମେ ୨୫ରେ ନିଶ୍ଚିତ ମତଦାନ କରିବାକୁ ସଂକଳ୍ପ କରାଇଥିଲେ। ସେହିପରି କାର୍ଯ୍ୟରତ ଅନ୍ୟ ବିଭିନ୍ନ ଜିଲା ଅନ୍ତର୍ଗତ ନିର୍ବାଚନମଣ୍ଡଳୀର ମତଦାତାମାନେ ଆସନ୍ତା ୨୦ ତାରିଖ ଏବଂ ଜୁନ ୧ରେ ନିଜ ମତଦାନ କେନ୍ଦ୍ରରେ ନିଶ୍ଚିତ ଭାବେ ମତଦାନ ସାବ୍ୟସ୍ତ କରିବାକୁ ମଧ୍ୟ ସେ ସଂକଳ୍ପ କରାଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ବିଭାଗ, ନିର୍ଦ୍ଦେଶାଳୟ, ନିଗମ, ସରକାରୀ ସଂସ୍ଥା ଓ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କୁ ଏ ସମ୍ପର୍କରେ ସଚେତନ କରାଯିବା ସହ ଚଳିତ ସାଧାରଣ ନିର୍ବାଚନରେ ମତଦାତାମାନେ ନିଶ୍ଚିତ ମତଦାନ କରିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ମତଦାତାମାନେ ଭୋଟର ହେଲ୍ପଲାଇନ ଆପ୍ (ଭିଏଚ୍‌ଏ) ଡାଉନଲୋଡ୍ କରି କିମ୍ବା ଭୋଟର୍ସ ସର୍ଭିସ ପୋର୍ଟାଲ (ଭିଏସ୍‌ପି) ବ୍ୟବହାର କରି ନିଜ ଭୋଟର ତାଲିକାରେ ନାମ ତଥା ବୁଥ୍ ସମ୍ବନ୍ଧୀୟ ସୂଚନା ପାଇପାରିବେ ବୋଲି ଅବଗତ କରାଯାଇଛି। ଏହି ସଂକଳ୍ପ କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜୀ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ମତଦାତାଙ୍କ ସଂକଳ୍ପ ପାଠ କରିଥିଲେ।

## ସିବିଏସ୍‌ଇ ୧୦ମ ପରୀକ୍ଷାରେ ଆରିନ୍‌ଙ୍କ କୃତିତ୍ୱ

ଭୁବନେଶ୍ୱର,୧୭।୫

ଚଳିତବର୍ଷର ସିବିଏସ୍‌ଇ ୧୦ମ ପରୀକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଛନ୍ତି ମେଧାବୀ ଓଡ଼ିଆ ଛାତ୍ର ଆରିନ୍ ରଥ। ଅମିତ କୁମାର ରଥ ଏବଂ ମୋନାଲି ଷଡ଼ଙ୍ଗୀଙ୍କ ପୁଅ ଆରିନ ମୁମ୍ବାଇର ଆର୍‌ଏନ୍ ପୋଦାର ସ୍କୁଲର ଛାତ୍ର। ସେ ଏହି ପରୀକ୍ଷାରେ ଗଣିତ, ବିଜ୍ଞାନ ଏବଂ ଆଇଟି ବିଷୟରେ ୧୦୦ରୁ ୧୦୦ ମାର୍କ ପାଇଥିବାବେଳେ ହିନ୍ଦୀରେ ୯୮, ଏସ୍‌ଏସ୍‌ଟିରେ ୯୮ ଏବଂ ଇଂଲିଶରେ ୯୨ ମାର୍କ ହାସଲ କରିଛନ୍ତି। ଆରିନ ଭଲ ପଢ଼ିବା ସହ ପିଆନୋ ବଜାଇବା, ରୁବିକ୍ସ କ୍ୟୁବ୍ ସମାଧାନ କରିବା ଏବଂ ଆପ୍ ଡେଭଲପ୍ କରିବାରେ ତାଙ୍କର ବିଶେଷ ରୁଚି ରହିଛି।



ଆରିନ୍ ରଥ

## ବାଇକ ଦୁର୍ଘଟଣାରେ ଜଣେ ମୃତ

ବ୍ରାହ୍ମଣୀଗାଁ,୧୭।୫
(ମନୋରଞ୍ଜନ ରଣା)

ଗଜପତି କନ୍ଧମାଳ ଜିଲା ସୀମାନ୍ତ ତିଆରିଗାଁ ନିକଟରେ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସେହି ଗାଁର ଦିବାନି ପାତ୍ର (୨୦)। ଗୁରୁତର ଜଣକ ହେଲେ ଶକ୍ତି ପାତ୍ର (୧୯)। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରୁଛି।

ପ୍ରଥମ ପୃଷ୍ଠାରୁ...

### ୨୫ ବର୍ଷ ଶାସନରେ ...

ସୂର୍ଯ୍ୟମନ୍ଦିରର ସୁନ୍ଦର ଛବିକୁ ରଖି ବିଶ୍ୱରେ ଓଡ଼ିଶାର ମାନଗୌରବ ଶିଖର ଧ୍ୱଜାକୁ ଉଡାଇଥିଲେ। ମାତ୍ର ନବୀନ ସରକାର ଓଡ଼ିଶାର ଶାସନକାଳକୁ ଜଣେ ତାମିଲ ହାତରେ ଟେକି ଦେଇ ଓଡ଼ିଆ ବାସୀଙ୍କ ଅଧିକାରକୁ କ୍ଷୁଣ୍ଣ କରୁଛନ୍ତି। ସମଗ୍ର ବିଶ୍ୱରେ ପ୍ରଭୁ ଜଗନ୍ନାଥଙ୍କ ମହିମାର ଗାଥା ହେଉଛି। ମାତ୍ର ବର୍ଷ ବର୍ଷ ଧରି ଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବିର ଗୁମର ଖୋଲୁ ନାହିଁ। ମାତ୍ର ଭାଜପା ଆସିଲେ ଯାଞ୍ଚ ରିପୋର୍ଟ ଏକମାସ ମଧ୍ୟରେ ସାର୍ବଜନୀନ କରାଯିବ। ୨୫ବର୍ଷର ବିଜେଡି ସରକାର ଶାସନରେ ରାଜ୍ୟର ବିକାଶଧାରା ୫୦ବର୍ଷ ତଳକୁ ଖସି ଯାଇଛି। ଓଡ଼ିଶାର ପଶ୍ଚିମ କ୍ଷେତ୍ର ପାଇଁ ସର୍ବଦା ରାଜ୍ୟ ସରକାର ବୈମାତୃକ ମନୋଭାବ ଦେଖାଇ ଆସୁଛନ୍ତି। ଡବଲ ଇଞ୍ଜିନ ସରକାର ଆସିଲେ ସବୁକାମ ଦେଡବର୍ଷରେ ହେବ ଓ କୁଇଣ୍ଟାଲ ପିଛା ଧାନ ୩୧ ଶହ ଟଙ୍କାରେ କିଣାଯିବ ବୋଲି ଶାହା କହିଥିଲେ। ୱାନ ନେଶନ ୱାନ ରାଶନ କାର୍ଡରେ ଦେଶର ସମସ୍ତ ସ୍ଥାନରେ ଚାଉଳ ଦିଆଯାଉଛି। ମାତ୍ର ନବୀନ ସରକାର ଏହି ଯୋଜନାକୁ ରାଜ୍ୟରେ ଚାଲୁ କରୁନାହାନ୍ତି। ବୀରମିତ୍ରପୁର ଲାଇମ୍ସଜୋନ ମାଇନ୍ସ ବନ୍ଦ ରହିଥିଲା । ୨୦୧୪ରେ ଭାଜପା ଚାଲୁ କଲା। ରଘୁନାଥପାଲିରେ ବିଶାଳ ଫର୍ଟିଲାଇଜର ପ୍ଲାଣ୍ଟ ଥିଲା। ତାହାକୁ ୨୫ କୋଟିରେ ରାଜ୍ୟ ସରକାର ବିକ୍ରି କରିଦେଲେ। ଜିଲାରେ ମେଡିକାଲ କଲେଜ ଡିମାଣ୍ଡ ଥିଲା ନବୀନବାବୁ ୨୦୨୩ରେ ଶିଳାନ୍ୟାସ କଲେ, ମାତ୍ର ଏଯାଏ ତାହାକୁ ଚାଲୁ କଲେନାହିଁ। ମାତ୍ର ମୋଦୀ ସରକାର ଆସିଲେ ଚାଲୁ ହେବ। ଜିଲାରେ ଜାତୀୟ ରାଜପଥ,ରେଳ ଭିତ୍ତିଭୂମି ସୁଦୃଢ଼ ହୋଇଛି। ୭ଶହ କୋଟି ଟଙ୍କାରେ ୨୪କି.ମି ବୀରମିତ୍ରପୁର-ବ୍ରାହ୍ମଣୀ ବାଇପାସ ନିର୍ମାଣ, ୫୫୦କରୋଡ ୪୭ କିମି ଜାତୀୟ ରାଜପଥ ନିର୍ମାଣ, ୨୨ଶହ କୋଟି ରାୟପୁର-ଝାରସୁଗୁଡା ୩୧୦କିମି ରାସ୍ତା ନିର୍ମାଣ, ରାଉରକେଲା ପର୍ଯ୍ୟନ୍ତ ବନ୍ଦେ ଭାରତ ସମ୍ପ୍ରସାରଣ କରି ବହୁ ବିକାଶମୂଳକ କାର୍ଯ୍ୟ ସମ୍ପାଦନ ହୋଇସାରିଛି। ଡବଲ ଇଞ୍ଜିନ ସରକାର ଆସିଲେ ରାଜ୍ୟର ବିକାଶ ଧାରା ବେଗଗାମୀ ହେବା ସହ ଭାରତ ବିଶ୍ୱର ତୃତୀୟ ଶକ୍ତିଶାଳୀ ଦେଶ ହେବା ସୁନିଶ୍ଚିତ ବୋଲି ଶାହା ଦୃଢୋକ୍ତି ପ୍ରକାଶ କରିଥିଲେ। ଅପରାହ୍ନ ୪ଟାରେ ନିଜ ସ୍ୱତନ୍ତ୍ର ବିମାନ ଯୋଗେ ଶାହା ରାଉରକେଲା ଛାଡ଼ିଥିଲେ। ଆୟୋଜିତ ସମାବେଶରେ ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ,ରାଉରକେଲା ବିଧାନସଭା ବିଧାୟକ ପ୍ରାର୍ଥୀ ଦିଲୀପ ରାୟ, ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ଶଙ୍କର ଓରାମ, ରଘୁନାଥପାଲି ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ, ଲତିକା ପଟ୍ଟନାୟକ,ଧୀରେନ ସେନାପତି,ସୁକେଶୀ ଓରାମ, ପୂର୍ଣ୍ଣିମା କେରକେଟା,ପୂର୍ଣ୍ଣମା ଦାସ, ଜଗବନ୍ଧୁ ବେହେରା,ତ୍ରିବେଣୀ ମାଝୀ, ପ୍ରବୋଧ ତିର୍କୀ,ମେଘନାଦ ନାୟକ,ମୋନାଲିସା କୁଜୁର,ସୁବ୍ରତ ପଟ୍ଟନାୟକ,ଶଶାଙ୍କ ଜେନା ଓ ଅରୁଣ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ। ଏ ଅବସରରେ କଂଗ୍ରେସ ନେତା ପ୍ରଭାତ ମହାପାତ୍ର ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ଏଥିସହ ହକି ତାରକା ପ୍ରବୋଧ ତିର୍କୀ ମଧ୍ୟ ଭାଜପାରେ ସାମିଲ ହୋଇଥିଲେ।

### ବିଜେଡିକୁ ନ ଫେରିବାରୁ...

କରାଯାଇଥିବା ଅଭିଯୋଗ କରିଛନ୍ତି ସ୍ତ୍ରୀ ସାବିତ୍ରୀ। ସେ କହିଛନ୍ତି ବିଧାୟିକାଙ୍କ ସ୍ୱାମୀ ଦୈତାରୀ ବେହେରା ଓ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଗତ ୪ ଦିନ ତଳେ ଆମ ଘରକୁ ଆସିଥିଲେ। ଭାଜପା ଛାଡ଼ି ପୁଣି ବିଜେଡିକୁ ଫେରି ଆସିବା ପାଇଁ ଆମ ପରିବାରକୁ କହିଥିଲେ। କିନ୍ତୁ ସ୍ୱାମୀ ଓ ଶ୍ୱଶୁର ବିଜେଡିକୁ ଫେରିବା ପାଇଁ ମନା କରିଦେଇଥିଲେ। ତା' ପରେ ଏଭଳି ଘଟଣା ଘଟିଲା। ତେଣୁ ବିଜେଡିକୁ ନ ଫେରିବାରୁ ମୋ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ସାବିତ୍ରୀ ଅଭିଯୋଗ କରିଛନ୍ତି। ବାପା ରାମ ପାହାନ ମଧ୍ୟ ପୁଅର ହତ୍ୟା ପାଇଁ ଦୈତାରୀଙ୍କୁ ଦାୟୀ କରିଛନ୍ତି। ତେବେ ଦୈତାରୀ ବେହେରା ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତାଙ୍କ କହିବା ଅନୁଯାୟୀ ରାମ ପାହାନଙ୍କ ପରିବାର ବିଜେଡିରେ ଦୀର୍ଘ ବର୍ଷ ଧରି ଥିଲେ ଏବଂ ତାଙ୍କର ଆମ ଦଳ ପ୍ରତି ଯଥେଷ୍ଟ ଅବଦାନ ରହିଛି। ତାଙ୍କ ପରିବାରରେ ଏଭଳି ଅଘଟଣ ଘଟିଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏକ ଖବରଦାତା ସମ୍ମିଳନୀ କରି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦିଲ୍ଲୀପ ପାହାନ ହତ୍ୟା ଘଟଣା ପୋଲିସର ଅବହେଳା ଯୋଗୁ ଘଟିଲା ବୋଲି କହିଛନ୍ତି। ସେ କହିଛନ୍ତି, ଗତ କିଛି ଦିନ ତଳେ ତାଙ୍କୁ ବିଭିନ୍ନ ପ୍ରକାର ଧମକ ମିଳିଥିଲା। ଦିଲୀପଙ୍କ ପରିବାର ପକ୍ଷରୁ ଖଲ୍ଲିକୋଟ ଥାନାରେ ଏ ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲା। ତେଣୁ ହତ୍ୟାକାରୀଙ୍କୁ ଘଟଣା ଘଟାଇବା ପାଇଁ ସହଜ ହୋଇଯାଇଥିଲା। ଗଣତନ୍ତ୍ର ରାଷ୍ଟ୍ରରେ ପୋଲିସ ବିରୋଧୀ ଏବଂ ଶାସକ ଦଳକୁ ସମାନ ଦୃଷ୍ଟିରେ ଦେଖିବା କଥା। କିନ୍ତୁ ପୋଲିସ ଏଥିରେ ପକ୍ଷପାତିତା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଥାନାର ଦୁଇ ଜଣ କନଷ୍ଟେବଳ ସବୁବେଳେ ଅପରାଧୀଙ୍କ ଯୋଗସୂତ୍ରରେ ରହୁଛନ୍ତି ବୋଲି ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଦୁଇ କନଷ୍ଟେବଳଙ୍କୁ ଏଠାରୁ ବଦଳି କରିବାକୁ ଏସ୍‌ପିଙ୍କୁ ଆମେ ଅଭିଯୋଗ କରିଛୁ ଏବଂ ଏସ୍‌ପି ଖୁବଶୀଘ୍ର ସେମାନଙ୍କୁ ଅନ୍ୟତ୍ର ବଦଳି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ସେଠୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ପରେ ଶୁକ୍ରବାର ସନ୍ଧ୍ୟାରେ ଖଲ୍ଲିକୋଟ ଥାନାରେ ପୋଲିସ ଏଡିଜି ଆର. କେ. ଶର୍ମା, ଆଇଜି ଜୟନାରାୟଣ ପଙ୍କଜ ପହଞ୍ଚି ଆଇଆଇସି ନରେଶ କୁମାର ସାହୁଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଶୁକ୍ରବାର ସକାଳେ ଖଲ୍ଲିକୋଟ ପୋଲିସ ଫୋର୍ସ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ଫ୍ଲାଗମାର୍ଚ୍ଚ କରିଛି।

# ନିଃସଙ୍ଗ

## ଗଳ୍ପ

### ସୁଦର୍ଶନ ମହାପାତ୍ର

ଅନେକ ଦିନରୁ ଏଠି ରାଜତ୍ୱ କରୁଥିବା ନିରବତାକୁ ଭାଙ୍ଗିବାକୁ ପୁଅବୋହୂ ଆସିଥିଲେ ନା ଏଇ ଘରର କୋଣ ଅନୁକୋଣରେ ଛାଡ଼ିଯାଇଥିବା ସ୍ମୃତିକୁ ଗୋଟେଇବାକୁ କିଛି ଦିନ ପାଇଁ ଆସିଥିଲେ? ଏମିତି ସବୁ ଭାବନା ନେଇ ଆନମନା ହୋଇ ପଡୁଥିଲେ ପ୍ରବୀର ବାବୁ। ଏଇ କେତେଦିନ ଧରି ହୃଦୟର ଯେଉଁ ଅଞ୍ଚଳରେ ଖୁସିର ଗଜଲ ଅନୁରଣିତ ହେଉଥିଲା, ଏବେ ତା'ରି ପାଖାପାଖି କ୍ଷୀଣ ସ୍ୱରରେ ଦୁଃଖର ସାହାନାଇ ବାଜିଲା ଭଳି ଲାଗୁଛି। ସେମାନେ ବୋଧହୁଏ ଫେରିଯିବେ ଏବେ କେବେ! ଅମିତ ଦୁଃଖରେ ମ୍ରିୟମାଣ ହୋଇପଡୁଥିଲେ ସେ।

ତଥାପି ପ୍ରବୀର ବାବୁଙ୍କ ପାଖରେ ଏଇ କେତେ ଦିନ ହେବ ସମୟ ନ ଥିଲା। ବିକ୍ଷିପ୍ତ ହୋଇ ପଡ଼ିଥିବା ଘରର ଆସବାବପତ୍ର ସବୁକୁ ପୁଅବୋହୂଙ୍କ ସହ ମିଶି ସଜାଡୁଥିଲେ। ଅନେକ ଦିନରୁ ଖାଲି ପଡ଼ିଥିବା କୁଣ୍ଡରେ ବୋହୂ ଇଚ୍ଛା ଅନୁସାରେ ଫୁଲଗଛ ଲଗାଇଥିଲେ। ଟିକି ନାତୁଣୀ ଆଉ ନାତି ପାଇଁ କେତେ ସବୁ ଖେଳନା କିଣି ଆଣିଥିଲେ ବଜାରରେ ନିଜେ ବୁଲିବୁଲି।

ଏଠାରେ ଜନ୍ମ ପରେ ବାପା ମା'ଙ୍କ ସହ ବିଦେଶ ଯାଇଥିବା ନାତି ଦୀର୍ଘ ତିନି ବର୍ଷ ପରେ ଏ ଘରକୁ ଫେରିଥିଲା। ରାତିରେ ଜହ୍ନକୁ ସଫେଦ ଜ୍ୟୋତ୍ସ୍ନାଲୋକ ମାଗିବାକୁ ଜେଜେଙ୍କ ପାଖରେ ଅଳି କରୁଥିଲା। ସେ ଚାହୁଁଥିଲା ଯେମିତି ଅନ୍ଧାରକୁ ହାଲୁକା ଏବଂ ଫିକା କରିଦେବ। ହାତ ଧରାଧରି ହୋଇ ଫୁଲ ଓ ଫଗୁଣ ଆସିଛନ୍ତି ବୋଲି ଲାଗୁଥିଲା। ଯେହେତୁ ସେମାନେ ଆସିଛନ୍ତି କେଇ ବର୍ଷ ପରେ, ଏଠିକା ମାଟି ଛୁଇଁ ନ ଥିବା କୁନି ନାତୁଣୀର ହସରେ ସକାଳ ଆସୁଥିଲା, ଫୁଲ ବି ଫୁଟୁଥିଲା। ସେ ଫୁଲର ବାସ୍ନାରେ ମହକିତ ହେଉଥିଲା ଘର ଓ ଜୀବନ।

ସେମାନେ ସମସ୍ତେ ଖୁବ୍ ଖୁସି ଜଣାପଡୁଥିଲେ। ଚେଷ୍ଟା କରୁଥିଲେ କିଛି ମଧୁର ମୁହୂର୍ତ୍ତର ମିଠାମିଠା ସ୍ମୃତି ତିଆରିବା ପାଇଁ। ଯୋଉ ସ୍ମୃତି ସାହାରାରେ ଜିଉଥିବା ଜଣେ ପରମଆତ୍ମୀୟଙ୍କ ଶୁଖିଲା ଓଠରେ ହସର ଅର୍କେଷ୍ଟ୍ରା ତୋଳିବାକୁ। ବୋଧହୁଏ ଚେଷ୍ଟା କରୁଥିଲେ ଏକ ସୁରକ୍ଷିତ ଭବିଷ୍ୟତର ଆଶା ଓ ବିଶ୍ୱାସ, ସ୍ନେହ ଓ ଶୁଭେଚ୍ଛାରେ ବାନ୍ଧି ହେବା ପାଇଁ।

ପୁଅବୋହୂ ଆସିବାର ମାସଟିଏ ହୋଇଗଲାଣି। ପତ୍ନୀ ଆଜି ଥିଲେ କେତେ ଖୁସି ହେଉଥା'ନ୍ତେ! ନା ନା ଭଲ ହୋଇଛି ସେ ନାହାନ୍ତି। ଏଇ ଅଳ୍ପ ଦିନର ଖୁସି ପରେ ପୁଣି ଭାଙ୍ଗିପଡ଼ିଥାନ୍ତେ। ସେଇଥିପାଇଁ ତ ପୁଅକୁ କେବେ ଫେରିବ ବୋଲି ପଚାରି ପାରିନାହାନ୍ତି ଏଯାଏଁ! ଏଥର ସେମାନଙ୍କର ବିଦାୟ ନେବାର ସମୟ ଉପନୀତ। ସେଇଥିପାଇଁ ତ ଯାଇଛନ୍ତି ନାତି ନାତୁଣୀଙ୍କ ସାଙ୍ଗରେ ଆଉଥରେ ଅଜା ଆଈଙ୍କୁ ଦେଖାକରି ଆସିବାକୁ।

ଆଉ କିଛିଦିନ ବଞ୍ଚିପାରୁଥିବେ ବାପା ନାମକ ବ୍ୟକ୍ତି ଆଉ ସେତକ ସ୍ମୃତି ଆଗନ୍ତୁକମାନଙ୍କର ଦାନ ବୋଲି ସଚରାଚରଙ୍କୁ ଜ୍ଞାତ କରାଇବେ। ସେମାନେ ଅନବରତ ଚେଷ୍ଟା କରୁଥିଲେ କେଇ ବର୍ଷ ହେବ ନିଃସଙ୍ଗ ଜୀବନ ବୋଲି ମନେକରୁଥିଲେ। ସ୍ତ୍ରୀଙ୍କ ମୃତ୍ୟୁର ଗୋଟିଏ ଘଣ୍ଟା ପରେ ହୃଦ୍‌ଘାତରେ ପରଲୋକ ଗମନ କଲେ। ଏକାକୀ ଜୀବନ କଟାଇବା ନିର୍ବାସନ ଦଣ୍ଡ ନୁହେଁ କି? ଭଲ ହୋଇଛି ଚାଲିଯାଇଛନ୍ତି। ନଚେତ୍ ତାଙ୍କ ପରି ଦୁର୍ବିଷହ ଜୀବନ କଟାଇବାକୁ ବାଧ୍ୟ ହୋଇଥାନ୍ତେ।

ମାତୃହୀନ ବାର ବର୍ଷର ପୁଅକୁ କେମିତି ସଂସାରରେ ଠିଆ କରେଇଛନ୍ତି କେବଳ ସେ ହିଁ ଜାଣିଛନ୍ତି। ପ୍ରାୟ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ବାହାଘର ପରେ ପୁଅବୋହୂ ଦୁହେଁ ଯାଇଥିଲେ ପାଶ୍ଚାତ୍ୟ ଦେଶର ଆମନ୍ତ୍ରଣରେ। କହି ଯାଇଥିଲେ ସେମାନେ ସେମାନଙ୍କ କ୍ଷେତ୍ରରେ ବିଶେଷ ଜ୍ଞାନ ଆହରଣ କରିବାକୁ ଯାଉଛନ୍ତି। ହେଲେ ଯୁଗଟିଏ ବିତିଗଲାଣି

ପ୍ରବୀର ବାବୁଙ୍କର ମନେପଡ଼ିଲା ବନ୍ଧୁ ପ୍ରକାଶଙ୍କ କଥା। କେତେ ଅସହାୟ ସତରେ ଥିଲେ ସେ! ଯେଉଁ ପୁଅର ବିଦେଶ ଯାତ୍ରାକୁ ନେଇ ନିଜକୁ ଗୌରବାନ୍ୱିତ ମନେକରୁଥିଲେ, ଶେଷକୁ ସେଇ ଗୌରବକୁ ନିଜ ପାଇଁ ଅଭିଶାପ ଭଳି ଲାଗୁଛି। ଆଜିକାଲିର ପିଲା ଥରେ ବନ୍ଧନରୁ ମୁକ୍ତ ହୋଇଗଲେ ଆଉ କ'ଣ ସମ୍ଭବ ବାନ୍ଧି ରଖିବାକୁ? ସେମାନେ ନିଜ ଛୋଟିଆ ସଂସାରକୁ ସୁଖଶାନ୍ତିର ସ୍ୱର୍ଗ ବୋଲି ଭାବନ୍ତି। ଭୁଲିଯାଆନ୍ତି ପରିବାରର ଅନ୍ୟ ସଦସ୍ୟମାନଙ୍କୁ!



ଗାଡ଼ି ଆସିବାର ଶବ୍ଦ ଶୁଭିଲା। ପ୍ରବୀର ବାବୁ ଦୌଡ଼ିଗଲେ ଦୁଆରମୁହଁକୁ। ଆହା... ପରୀ ମୋର ଶୋଇପଡ଼ିଲାଣି...! କୋଳକୁ ନେବାକୁ ଚାହୁଁଥିଲେ ସେ। ହେଲେ 'ଝିଅକୁ ବିଛଣାରେ ଶୁଆଇଦେବି' ବୋଲି କହି ବୋହୂ ନେଇଗଲା ନିଜ ରୁମ୍‌କୁ। ନାତି ସହ କିଛି ସମୟ ବିତାଇବାକୁ ଚାହୁଁଥିଲେ ସେ। ''ବାପା ସେ ଦିନସାରା ସେଠି ଦୌଡ଼ାଦୌଡ଼ି କରି ଆଜି ହାଲିଆ ହୋଇପଡ଼ିଛି। ସେ ଖାଇକରି ଆସିଛି, ଶୋଇପଡୁ ଏବେ'' କହିଲା ପୁଅ। ପ୍ରବୀର ବାବୁ କୁନାକୁ ନେଇ ନିଜ ରୁମ୍‌କୁ ଚାଲିଗଲେ ଆଉ କିଛି ନ କହି।

ବାଥ୍‌ରୁମ୍‌ରୁ ଧୁଆଧୋଇ ହୋଇ ବୋହୂ ଫେରିଲା ଏବଂ ଛାତ ଉପରକୁ ବୁଲିବା ପାଇଁ ଯାଇଥିବା ପୁଅ ଫେରି ଝିଅକୁ ଖଟ ଉପରେ ପାଇଲେ ନାହିଁ ତ, ଯାଇ ଦେଖିଲେ ବାପାଙ୍କ ରୁମ୍‌ରେ ଝୁଲଣାରେ ନିଶ୍ଚିନ୍ତରେ ଶୋଇଛି ଝିଅ। ଆଉ ବାପା ଝୁଲାଉଛନ୍ତି ତାକୁ କେଉଁ ଏକ ନାନାବାୟା ଗୀତ ଗାଇ ଗାଇ। ସେ ଗୁଣୁଗୁଣୁ ଗୀତ ବୁଝି ତ ହେଉ ନଥିଲା, କିନ୍ତୁ ଖୁବ୍ ମିଠା ଲାଗୁଥିଲା ଶୁଣିବାକୁ...! ପୁଅବୋହୂ ଦୁହିଁଙ୍କ ଆଖିରେ ଲୁହ ଭରି ଆସୁଥିଲା।

''ତୁମେ ଦୁହେଁ ନଥିଲ ତ! ପରୀ କାନ୍ଦିଲା ଭଳି ଶୁଭିଲା। କାଳେ ଏକୁଟିଆ ଅଛି ବୋଲି ଭାବି ଡରିବ! ସେଇଥିପାଇଁ ନେଇ ଆସିଥିଲି ମୋ' ପାଖକୁ। କୁନା ତ ଶୋଇପଡ଼ିଲାଣି। ତୁ ଛୋଟ ଥିଲା ବେଳେ ତୋ' ବୋଉ ମୋତେ ଏମିତି ଜଗେଇ ଦେଇଯାଏ।'' ବାପାଙ୍କ ମୁହଁରେ ଥିଲା ହସ।

ସକାଳେ ପୁଅବୋହୂ କବାଟ ଖୋଲିଲେ ତ ଦେଖିଲେ ବାପା ବସିଛନ୍ତି ଡାଇନିଂ ଟେବୁଲ ପାଖରେ। ପାଖରେ ପ୍ଲାଷ୍ଟିକ୍ ବ୍ୟାଟ୍ ଓ ବଲ୍‌ଟିଏ! ''କୁନା ଉଠିଲେ ଆମେ କ୍ରିକେଟ ଖେଳିବୁ ତ... ସେଇଥିପାଇଁ... ଆଜି ମର୍ଣ୍ଣିଂ ୱାକ୍‌ରେ ଯାଇନି...!'' ବଡ଼ ଆଗ୍ରହରେ ଥଙ୍ଗ ଥଙ୍ଗ ହୋଇ କହିଲେ ବାପା।

ପୁଅବୋହୂ ପରସ୍ପରକୁ ଚାହିଁଲେ କେବଳ। ଦୁହେଁ ଅନୁଭବ କରିପାରୁଥିଲେ ଏତେଦିନ ଧରି ସମୟକୁ ଏକାକୀ କାଟିବାକୁ ସଂଘର୍ଷ କରିଥିବା ଜଣେ ମଣିଷର ଆବେଗକୁ। ବାପାଙ୍କ ହାତ ଧରି ଠିଆ କରେଇଦେଲା ପୁଅ ଆଉ ଭିଡ଼ି ଧରିଲା ଛାତିରେ।

''ବାପା! କ୍ଷମା କରିଦିଅନ୍ତୁ ଆମକୁ। ତିନି ବର୍ଷ ପର୍ଯ୍ୟନ୍ତ ସେଠାରେ ରହିବାକୁ ଆମେ ବାଧ ଥିଲୁ। ସେଇ ସର୍ତ୍ତରେ ଆମକୁ ସେ ଶିଖିବାକୁ ସୁବିଧା ଦେଇଥିଲେ। ସେ ସମୟ କଟିଯାଇଛି ବାପା। ଏବେ ଏଇଠି ଆପଣଙ୍କ ସାଙ୍ଗରେ ରହିବୁ। ନିଜେ ଗୋଟିଏ ସଫ୍ଟୱେର କମ୍ପାନୀ ଖୋଲିବାକୁ ଯାଉଛୁ ଆମେ। ଆଶୀର୍ବାଦ ଦିଅନ୍ତୁ।''

ଏଥର ବାପାଙ୍କ ଆଖିରୁ ଝରିପଡୁଥିଲା ଅମାନିଆ ଲୁହ।

''ତୁମେମାନେ ମୋ' ପାଖରେ ରହିବ ଏଥର! ସତ କହୁଛୁ?'' ବାପାଙ୍କ ଛାତିରୁ କୋହ ଉଠୁଥିଲା ଯେମିତି!

–''ଜେଜେ, ଆସ ଖେଳିବା ପରା...!''

ନାତି ପଛେ ପଛେ ଏଥର ଦୌଡୁଥିଲେ ଜେଜେ। ପୁଅବୋହୂଙ୍କ ଆଖିରେ ଥିଲା ଖୁସିର ଲୁହ।

ମୋ: ୯୪୩୮୧୭୫୫୪୨

## ପୁସ୍ତକ ପରିଚୟ

### ସାରଳା ମହାଭାରତରେ ସେକାଳର ଶବ୍ଦ ଓ ତାହାର ବିନ୍ୟାସଭଙ୍ଗୀ




**ଲେଖକ:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୦୦/-

ସାରଳା ମହାଭାରତରେ ତତ୍କାଳୀନ ଶବ୍ଦ ଓ ତା'ର ବିନ୍ୟାସକୁ ନେଇ ଆଲୋଚ୍ୟ ସମାଲୋଚନା ଗ୍ରନ୍ଥଟି ଲେଖକ ଡ. ପଟ୍ଟନାୟକଙ୍କର ଏକ ଗବେଷଣାଧର୍ମୀ ରଚନା। ଭାରତ ସରକାରଙ୍କ ସିସିଆର୍‌ଟି (ସାଂସ୍କୃତିକ ସ୍ରୋତ ଓ ପ୍ରଶିକ୍ଷଣ କେନ୍ଦ୍ର) ତରଫରୁ ଦୁଇ ବର୍ଷ ପାଇଁ ଲେଖକଙ୍କୁ ମିଳିଥିବା ବୃତ୍ତି ସହାୟତାରେ ଏପରି ଏକ ଜାତୀୟ କାର୍ଯ୍ୟକୁ ସେ ରୂପ ଦେବାକୁ ସକ୍ଷମ ହୋଇଛନ୍ତି। ଗ୍ରନ୍ଥରେ ଅବଲମ୍ବନ ଭାବେ ସେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ ତଥା ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ ମହାଭାରତକୁ ନେଇଛନ୍ତି ଓ 'ଅ'ରୁ 'ହ' କ୍ରମରେ ଚୟିତ ଶବ୍ଦଗୁଡ଼ିକର ଉଦ୍ଧୃତି-ଆଧାରିତ ପଦମାନ ପ୍ରଦାନ କରି ତା'ର ବିନ୍ୟାସଧର୍ମକୁ ବିଶ୍ଳେଷଣ କରିଛନ୍ତି। ଡ. ନଟବର ଶତପଥୀ କହିଛନ୍ତି, ''ମୁଖ୍ୟତଃ ଶବ୍ଦାର୍ଥ ନିରୂପଣ ଏହାର ଉଦ୍ଦେଶ୍ୟ। କିନ୍ତୁ ଏକ ଆଦର୍ଶ ଶବ୍ଦାର୍ଥ ନିର୍ଣ୍ଣୟ-ପ୍ରସଙ୍ଗ ଓ ବ୍ୟବହାର ସଂକେତିତ ହେବା ଆବଶ୍ୟକ। x x ଆଭିଧାନିକ ବ୍ୟବସ୍ଥାରେ ପାଠକ ପାଇଁ ଏଇ କେତୋଟି ଲକ୍ଷଣଯୁକ୍ତ ଅର୍ଥ ନିରୂପଣ ଯଥେଷ୍ଟ ନୁହେଁ। x x ଡ. ପଟ୍ଟନାୟକ ମହାଭାରତରୁ ଶବ୍ଦ ସଂଗ୍ରହ କରିବାବେଳେ ଆଉଟିକେ ସଚେତନ ହୋଇଥିଲେ ପ୍ରସ୍ତୁତ ଶବ୍ଦକୋଷରେ ଅନେକାନେକ ଅର୍ଧତତ୍ସମ ଶବ୍ଦ ତାଲିକାଭୁକ୍ତ ହୋଇପାରିଥା'ନ୍ତା।'' ଡ. ଶତପଥୀ 'କ'ଣ ହୋଇପାରିଥାନ୍ତା'- ତହିଁରେ ତାଙ୍କ ମତାମତକୁ ସୀମିତ ରଖିଛନ୍ତି। କିନ୍ତୁ ଗ୍ରନ୍ଥଟିରେ 'କ'ଣ ହୋଇପାରିଛି' ସେକଥା ପ୍ରାୟ କହିନାହାନ୍ତି। ପ୍ରଥମତଃ ଆଲୋଚ୍ୟ ଗ୍ରନ୍ଥଟି ଏକ 'ଶବ୍ଦକୋଷ' ନୁହେଁ, ସାରଳାଙ୍କ ସମକାଳୀନ ଶବ୍ଦର କେତୋଟି ନମୁନା ପ୍ରଦାନ ପୂର୍ବକ ତା'ର ବିନ୍ୟାସକୁ ଦେଖାଇଦେବା ଏହାର ଉଦ୍ଦେଶ୍ୟ। ମନେହୁଏ, ଏକ କ୍ଷୁଦ୍ର ପ୍ରକଳ୍ପରେ ସୀମିତ ସଂଖ୍ୟକ ଶବ୍ଦ ଚୟନ କରି ଡ. ପଟ୍ଟନାୟକ ସେସବୁର ବିନ୍ୟାସକୁ ଖୁବ୍ ଚମତ୍କାର ଭାବେ ଦର୍ଶାଇବାକୁ ଆଲୋଚ୍ୟ ସମୀକ୍ଷାଗ୍ରନ୍ଥରେ ସମର୍ଥ ହୋଇଛନ୍ତି, ଯାହା ପରବର୍ତ୍ତୀ ଗବେଷକଙ୍କ ପାଇଁ ପଥ ପ୍ରଦର୍ଶକ ହୋଇପାରିବ।

### ପୀଠକୁ ପ୍ରଣତି




**ଲେଖିକା:** ସ୍ନିଗ୍ଧା ସାମନ୍ତରାୟ
**ପ୍ରକାଶକ:** ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ କବିତା ପୁସ୍ତକଟି ଓଡ଼ିଶାର ବିଭିନ୍ନ ଧାର୍ମିକ ତଥା ଆଧ୍ୟାତ୍ମିକ ପୀଠର ଗୌରବ ପ୍ରକଟନ ପାଇଁ ଉଦ୍ଦିଷ୍ଟ ମନେହୁଏ। ଏହି କାରଣରୁ ଏଥିରେ କବିତ୍ୱ ଅପେକ୍ଷା ଇତିହାସ ବା କିମ୍ବଦନ୍ତୀର ବିବରଣୀ ପ୍ରଦାନ ମୁଖ୍ୟ ହୋଇଉଠିଛି। ଯେଉଁସବୁ ପ୍ରସିଦ୍ଧ ପୀଠ ସମ୍ପର୍କରେ କବିତାଗୁଡ଼ିକ ରଚିତ, ସେଗୁଡ଼ିକ ହେଲା- ବୁଢ଼ୀ ଠାକୁରାଣୀ, ଶ୍ରୀକ୍ଷେତ୍ର, କପିଳାସ, ରାମଚଣ୍ଡୀ, ଖାଡ଼େଶ୍ୱର, ଅଲାରନାଥ, ଝଙ୍କଡ଼, ମହେନ୍ଦ୍ରଗିରି, ପାଟଖଣ୍ଡା ଠାକୁରାଣୀ, ଫୁଲବାଣୀର ଜଗନ୍ନାଥ ମନ୍ଦିର, ସ୍ୱର୍ଣ୍ଣ ତ୍ରିଭୁଜ, ଅର୍କକ୍ଷେତ୍ର, ଶୈବକ୍ଷେତ୍ର, ମା' ବରୁଣେଇ, କଳାହାଣ୍ଡିର ମାଣିକେଶ୍ୱରୀ, ଗୁପ୍ତେଶ୍ୱର ଶୈବପୀଠ, କେଲିଆ ଶୈବପୀଠ, ବିରଜା, ହରିଶଙ୍କର ମନ୍ଦିର, ତାରିଣୀ ପୀଠ, ବାବା ଭୁଷଣ୍ଡେଶ୍ୱର, କ୍ଷୀରଚୋରା ଗୋପୀନାଥ, ଭଦ୍ରକର ଭଦ୍ରକାଳୀ, ଭୀମେଶ୍ୱର ପୀଠ, ମାଲକାନଗିରିର ପ୍ରମୁଖ ଦେବଦେବୀ, ଯାଜପୁରର ବରାହ ମନ୍ଦିର, ମଝି ଘରିଆଣୀ, ସମଲେଶ୍ୱରୀ, ଦେବକୁଣ୍ଡ, ମଣିକ୍ଷେତ୍ର ଓ କଟକଚଣ୍ଡୀ। ଏପରି ଏକ ଗ୍ରନ୍ଥ ବିଷୟବସ୍ତୁ ଦୃଷ୍ଟିରୁ ଗଦ୍ୟରେ ରଚିତ ହୋଇଥିଲେ ଅଧିକ ପାଠକାଦୃତି ପାଇପାରିଥା'ନ୍ତା। ତେବେ କବିତାରେ 'ପୀଠ ବର୍ଣ୍ଣନା' ରାଧାନାଥ ରାୟଙ୍କଠୁଁ ଆରମ୍ଭ କରି ବହୁ ଯଶସ୍ୱୀ କବିଙ୍କ ଦ୍ୱାରା କରାଯାଇଛି। ସେ ଦୃଷ୍ଟିରୁ ସ୍ନିଗ୍ଧାଙ୍କ ଉଦ୍ୟମ ମନ୍ଦ ନୁହେଁ, କିନ୍ତୁ କବିତାଗୁଡ଼ିକରେ ପୀଠର ମାହାତ୍ମ୍ୟ ସାଙ୍ଗକୁ କବିତ୍ୱର ଉତ୍କର୍ଷ ପ୍ରତିପାଦିତ ହୋଇପାରିଥିଲେ ବହିଟି ଆହୁରି ସର୍ବାଙ୍ଗ ସୁନ୍ଦର ହୋଇପାରିଥା'ନ୍ତା।

## କାଳକାଳକୁ

''ଲଗାତର ଭାବେ ତୁମକୁ 'ଆଉ ଜଣେ' କରିଦେବାକୁ ଚାହୁଁଥିବା ଜଗତ ତୁମ ପାଇଁ ଏକ ବିଶିଷ୍ଟ ପ୍ରାପ୍ତି।''
– ରାଲ୍‌ଫ ୱାଲ୍‌ଡୋ ଇମର୍‌ସନ୍



**ରାଲ୍‌ଫ ୱାଲ୍‌ଡୋ ଇମର୍‌ସନ୍‌ଙ୍କ** ଜନ୍ମ ୨୫ ମେ ୧୮୦୩ରେ ଆମେରିକାର ବୋଷ୍ଟନ୍‌ରେ ଓ ପରଲୋକ କାନ୍‌କାର୍ଡରେ, ୨୭ ଏପ୍ରିଲ ୧୮୮୨ରେ। ଏକାଧାରରେ କବି, ନିବନ୍ଧକାର, ଅଧ୍ୟାପକ ଓ ଦାର୍ଶନିକ ଏହି ଲେଖକ ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଉତ୍ତରଣବାଦୀ କାବ୍ୟ ଆନ୍ଦୋଳନର ଅନ୍ୟତମ ପୁରୋଧା ଥିଲେ। ଫ୍ରେଡ୍‌ରିକ୍ ନୀତ୍‌ସେ ତାଙ୍କୁ ଆମେରିକାର ଲେଖକଙ୍କ ମଧ୍ୟରେ ସବୁଠୁଁ ପ୍ରତିଭାଶାଳୀ ବିବେଚନା କରନ୍ତି ଓ ୱାଲ୍‌ଟ ହ୍ୱିଟ୍‌ମ୍ୟାନ୍ ତାଙ୍କୁ ନିଜର 'ଗୁରୁ' ମାନନ୍ତି। ତାଙ୍କ ନିବନ୍ଧର ପ୍ରଥମ ଭାଗ ୧୮୪୧ରେ ଓ ଦ୍ୱିତୀୟ ଭାଗ ୧୮୪୪ରେ ପ୍ରକାଶିତ, ଯହିଁରେ ସାମିଲ ତାଙ୍କର ପ୍ରସିଦ୍ଧ ପ୍ରବନ୍ଧ 'ଆତ୍ମନିର୍ଭରତା', 'ଦ ଓଭର୍ ସୋଲ୍', 'ସର୍କଲ୍ସ', 'ଦ ପୋଏଟ୍' ଓ 'ଏକ୍ସପିରିୟନ୍ସ'। ୱାଲ୍‌ଡୋ କହନ୍ତି: ''ଜୀବନର ଲକ୍ଷ୍ୟ ସୁଖୀ ହେବା ନୁହେଁ; ଲକ୍ଷ୍ୟ ଅନ୍ୟ ପାଇଁ ପ୍ରୟୋଜନୀୟ ହେବା, ଶ୍ରଦ୍ଧାସ୍ପଦ ହେବା, ସହୃଦୟୀ ହେବା ଓ ସର୍ବୋପରି ବ୍ୟତିକ୍ରମୀ ହେବା।''

## କବିତା

### କଲରେଇ ଫୁଲ

**ଡ. ହରିଶ୍ଚନ୍ଦ୍ର ବେହେରା**

ଦୁଇ କାଖରେ
ଆକାଶ ଆଉ ପୃଥିବୀକୁ
କାଖେଇ ନେଇପାରେ
ଆମ କାହାଣୀ
କଅଁଳ ପିଲାମନକୁ ନେଇପାରେ
ସାତ ସମୁଦ୍ର ତେର ନଈ ସେପାରିକୁ
ସାତ ତାଳ ପାଣି ଆଉ ପଙ୍କତଳେ ଥିବା
ଗୋଟେ ଫରୁଆ ପାଖକୁ

କମ୍ ମାୟାବୀ ନୁହେଁ ସେ ମାଲ୍ୟାଣୀ
ଦିନରେ ମେଣ୍ଢା
ରାତିରେ ଭେଣ୍ଡା କରିଦିଏ
ଯୁଆନ ଟୋକାକୁ
ସବୁଠି ନାଗ ମଥାର ମଣି ପରି
ଚକ ଚକ କରେ ସର୍ତ୍ତଟିଏ
ଲଙ୍ଘିଲେ ବରଣ କରିବାକୁ ପଡ଼େ
ନାନା ଦୁଃଖ ଦହନ
ଏଡେନ ବଗିଚାର ନିଷିଦ୍ଧ
ଆପେଲ ହେଉ କି
କଲରେଇ ଭାଇର
ମିଠା ଫଳଟିଏ ହେଉ
ମନର କେଉଁ ଅନ୍ଧାରି ଗହନରେ
ଭିଡ଼ିମୋଡ଼ି ହୁଏ ସରୀସୃପଟିଏ

ଭାଇର ଫଳ ରଖିବା
ଗୋଟେ ମିଛ ବାହାନା କେବଳ

ଭଉଣୀ କେମିତି ଜାଣନ୍ତା ଭାଇର ସର୍ତ୍ତ
ସୁଆଦିଆ ଫଳ କଢ଼େଇନିଏ
ଦୁର୍ଘଟଣାକୁ ବାଟ
ସ୍ୱର୍ଗ ପାଲଟିଯାଏ ନର୍କପୁରୀ
ବେଦୀରେ ବସେ ବର ବେଶରେ ଭାଇ
ମଙ୍ଗୁଳା ହୁଏ କଲରେଇ ଫୁଲ
ହଳଦୀମାଖି ଗାଧୋଇଯାଏ ନଈକୁ
ଧର୍ମକୁ ସାକ୍ଷୀ ରଖି ଡାକେ ମା' ମଙ୍ଗଳାଙ୍କୁ
ମଳଖୁ ପାଲଟିଯାଏ ଡଙ୍ଗା
ନାଆରେ ବସି ଚାଲିଯାଏ କଲରେଇ
କାହିଁ କେତେଦୂର

ପଛରୁ ରହିରହି ଶୁଭେ
ବେଦୀର ବର ତ ବୁଢ଼ା ହୋଇଲା
ହଳଦୀ କାଠୁଆ ଫିମ୍ପି ମାରିଲା
ତୁମେ ଥିଲ ମାଆ, ହେବ ମୋର ଶାଶୁ
ହେବି ମୁଁ ତୁମରି ବୋହୂ
ଭାଇ ହୋଇ ହେବେ ପତି ଦେବତା ଲୋ
ଏ ଛାର ଜୀବନ ଯାଉ
କାଆ କାଆ କରେ କାଉ
କଥା ମୋ' ସରିଲା ଫୁଲ ଗଛ ମଲା
ଯାଉଛିଲୋ ବୋଉ ଭୁଲିଯିବୁ ମୋତେ
ନ ଦିଶିଲା ଡଙ୍ଗା ଆଉ।

ମୋ: ୯୪୩୭୮୧୩୭୦୮

### ଭ୍ରମଭ୍ରମଣ

**ଅୟସ୍କାନ୍ତ**

ସଭିଏଁ କହିଲେ,
ଏ 'ଦୂରତ୍ୱର ଭ୍ରମ'
ପାଖେ ଥିଲେ 'ସମୀପଦୃଷ୍ଟି'
ଦୂରେ ଥିଲେ 'ଦୂରଦୃଷ୍ଟି'
'ଛାଇ ଆଲୁଅ'ର ପଶାଖେଳ ଭିତରେ
ପାଗଳ ହେଇଯାଏ ମୁଁ
ତମଠି ଦୃଷ୍ଟିଛାୟା ମୋ'ଠି 'ଦୃଷ୍ଟିଛାୟା'
ଆଉ ଖୋଜିହୁଏନା 'ସାତବର୍ଣ୍ଣର ସକାଳ'

ଅଭିଶାପର ଉଷ୍ମ
ଓ ଅନୁତାପର ଆର୍ଦ୍ର ମନକୁ
ଇନ୍ଦ୍ରଧନୁ ଇଚ୍ଛା ଆଉ
ଭୁଲେଇପାରେନି
'ଗୋଧୂଳି'ର ଧୂଳିରେ
ଗୋଳି ହେବା ଛଡ଼ା
ଆଉ ଉପାୟ କାହିଁ?
ବେଳେବେଳେ ଘୃଣାଲାଗେ
ସବୁ ଆବର୍ତ୍ତନ ପରିଭ୍ରମଣ
ଧିକ୍ ମୋ' 'ଭ୍ରମଭ୍ରମଣ'।

ମୋ: ୮୭୬୩୩୯୩୧୧୬

### ଅଭିମାନର ଚାରି ରଙ୍ଗ

**ମିନାକ୍ଷୀ ଦ୍ୱିବେଦୀ**

ଅଭିମାନ
ପିଲାଦିନ ବାଲିଘର
ତୁ ତୁ ମେ ମେ,
କଟି ମିଟିର ଧୂଳିଖେଳ
ମିଛିମିଛିକା ରାଗ ରୁଷା
ସରଳ ଆତ୍ମୀୟତାଭରା
ନାକ ଟେକାଟେକି
କଥା କଟାକଟି, ଅଭିଯୋଗ
ଦୋଷ ଲଦାଲଦି।

ଅଭିମାନ
ମା'ର ପଣତ ତଳେ
କୁମ୍ଭୀରକାନ୍ଦଣା,
ବାପାଙ୍କ ବିଶ୍ୱାସ,
ବଡ଼ବଡ଼ ଆକଟ ଆଖି
ଅନଶନର ପ୍ରହସନ,
ମୁହଁ ଗେରେଗେରେ
ଭାଇ ଭଉଣୀ କଳହ କନ୍ଦଳ
ଚିଡ଼ାଚିଡ଼ି ପେନ୍-ପେନ୍‌ସିଲ
ଟଣାଓଟରା ଖେଳ।

ଅଭିମାନ
କୁଆଁରୀ ବୟସ
ଅଳପ ହସ, ଅଳପ ଲାଜ
ଯୌବନର ବିକଶିତ ବିବର୍ତ୍ତନ
ଆଶା ଅସୁମାରି ସ୍ୱପ୍ନର ମିଳନ
ଚିଠି ଦିଆନିଆ ଲୁଚାଛପା ପ୍ରେମ
ନାକ ଫୁଲାଫୁଲି, ନାକ ସୁଁ ସୁଁ
ଅଭିମାନ ଅକୁହା ବେଦନା।

ଅଭିମାନ
ସରୁ ଡୋରରେ ବନ୍ଧା
ନୂଆ ସମ୍ପର୍କ, ନୂଆ ମୋଡ଼
ସ୍ୱପ୍ନରେ ଉକୁଟୁଥିବା
ଅଭିମାନର ରଙ୍ଗିନ ଛିଟା
ଶୀତଳ ଯୁଦ୍ଧ,
ଜୀବନର ହାର୍‌ଜିତ୍
ଅଭିଯୋଗ, ସ୍ୱାଭିମାନ,
ସମର୍ପଣ ଭାବ
ଟିକେ ସ୍ନେହ ମିଠା କଥା
ମଧୁସ୍ପର୍ଶୀ ପ୍ରୀତି
ପ୍ରତିଶ୍ରୁତି, ପ୍ରଗଳ୍ଭତାର ନିତ୍ୟ
ନୂତନ ଗୀତି।

ମୋ: ୭୯୭୮୦୮୨୮୩୪

## ନାକଫୁଲ

**ଲଘୁଗଳ୍ପ**

### ସୁନନ୍ଦା ମହାନ୍ତି

କାନ ଫୋଡ଼ିବାକୁ ଅଳି କରିବା ବଦଳରେ ନାକ ଫୋଡ଼ିବାକୁ ନିଜ ମାଆ ପାଖେ ଅଳି କଲାବେଳେ ମାଆ ପଚାରିଥିଲା ସବୁ ଝିଅପିଲା କାନ ଫୋଡ଼ି ଝୁମୁକା ନାଇବାକୁ ଅଳି କଲାବେଳେ ତୁ ନାକ ଫୋଡ଼ିବାକୁ ଅଳି କରୁଛୁ ଯେ ଝିଅ? ମାଆ ଝୁମୁକା କିଣିବାକୁ ପଇସା କୋଉଠୁ ପାଇବା, ବରଂ ନାକଚଣା ବା ନାକନୋଥଟିଏ କିଣି ପିନ୍ଧିହେବ। ମାଆ ବୁଝିଯାଇଥିଲା ଝିଅ ତା'ର ବଡ଼ ହୋଇଗଲାଣି ଏ ଭିତରେ। ହାତକୁ ଦି' ହାତ କରିଦେଲେ ଭୟ ନାହିଁ। ବାପା ନଥିଲା ଝିଅ କୁଆଡ଼େ ଘିଅ ସଙ୍ଗେ ସମାନ। ଦେଲା ନାରୀ ହେଲା ପାରି କରି ନିଶ୍ଚିନ୍ତରେ ରହିବ ବୋଲି ମାଆ ହରିଆ ସଙ୍ଗେ ବାହା କରିଦେଲା ବେଳେ ନାକରେ ମାଡ଼ିଦେଇଥିଲା ସୁନା ନାକଫୁଲଟିଏ। ଖୁସିରେ ଓଢ଼ଣା ଭିତରେ ନିଜ ମୁହଁକୁ ସୁନା ନାକଫୁଲଟି କେତେ ମାନୁଛି ଦେଖୁ ଦେଖୁ ମାଆ ତାକୁ କୋଳରେ ଧରି କେତେ ଗେଲ କରିଥିଲା, ବୋବ ପରେ ବୋବ ଦେଇଚାଲିଥିଲା ବେଳେ କହିଥିଲା କାନିରେ ମରଦକୁ ବାନ୍ଧି ରଖି ସଂସାରରେ ଚାଲିବୁ ମାଆ। ତୋଳାକନିଆଁ ହୋଇ ଆସିବା ପରେ ହରିଆକୁ କାନିରେ ବାନ୍ଧୁ ବାନ୍ଧୁ ଆଉ ମାଆ ମୁହଁ ଦେଖିନି ଅଳସୀ। ମାଆ ଚାଲିଯିବା ଖବରରେ ସେ କାନ୍ଦି କାନ୍ଦି ଆଉଁଶି ପକେଇଥିଲା ସେଇ ନାକଫୁଲଟିକି ଯୋଉଟା ମାଆର ସ୍ମୃତି ହୋଇ ରହିଛି ସତ, କିନ୍ତୁ ହରିଆ ଓ ତା' ଭିତରେ ପାଚେରି ହୋଇଯାଇଛି ଯେମିତି।

କାନିରେ ବାନ୍ଧିବା ଆଗରୁ ହରିଆ ମଦ ସଙ୍ଗେ ବାନ୍ଧି ହୋଇଯାଇଥିଲା। ଭୋଇ ତା'ର ନଡ଼ିଆ ପଇଡ଼ ତୋଳେ। ପ୍ରଥମେ ପ୍ରଥମେ ବାବୁଘରମାନଙ୍କରୁ ନଡ଼ିଆ ପଇଡ଼ ତୋଳି ପଇସା ଓ ତା' ଭାଗ ନଡ଼ିଆ ପଇଡ଼ ଆଣେ। ସେଇ ଥରେ କି ଦି'ଥର ପିଇଛି ଅଳସୀ। ଭାରି ମିଠା ସେ ପଇଡ଼ ଠିକ୍ ତା' ନାକଫୁଲ ପରି। କିନ୍ତୁ ତା' ପରକୁ ପର ନଡ଼ିଆ ପଇଡ଼ ନଆଣି ପଇସା ସବୁକୁ ମଦ ପାଣିରେ ଉଡ଼େଇ ଦେଇ ଘରକୁ ଟୁଲୁଟୁଲୁ ଅବସ୍ଥାରେ ଫେରେ ହରିଆ। ତଥାପି ଅଳସୀ ପାଦ ମକଚେ, ପିଠି ଅଣ୍ଟାରେ ତେଲ ମାରି ମୋଡ଼ିଦିଏ। ମାଆ କଥା ମନେପଡ଼େ। ସ୍ୱାମୀ ପରି ଦରବ ଭାଗ୍ୟରେ ଥିଲେ ମିଳେ କିନ୍ତୁ ହରିଆ ଯୋଉଦିନ ତାକୁ ନାକଫୁଲ ମାଗିବସିଲା, ଦେଇ ନ ଥିଲା ସେ, ବରଂ କହିଥିଲା ସୁକାନ୍ତି ନାନୀ ମୋ' ଲାଗି କାମ ବୁଝିଛି। କାମକୁ ବାବୁ ଘରକୁ ଗଲେ ଯାହା ଦରମା ଆଣିବି ତୋର ଅଧା ମୋର ଅଧା। ନାକଫୁଲ କିନ୍ତୁ ଦେଇପାରିବିନି। ସେଦିନ ଜବରଦସ୍ତ ଭିଡ଼ିଦେଇଥିଲା ହରିଆ ଯେ କେତେ ରକତ ବୋହିଗଲା, ଘା' ମଧ୍ୟ ହେଲା। ସୁକାନ୍ତି ନାନୀ ବଣତୁଳସୀ ରସ ମକଚି ଲଗେଇ ଦେଇଥିଲା। କହିଛି ଏଇ ପହିଲାରୁ ବାବୁଘରକୁ ନେଇଯିବ। ସୁଖରେ ସଂସାର ବସେଇବ ସିଏ। ହରିଆକୁ ନେହୁରା ହେବ, ମଦପାଣି ନ ଛୁଇଁବାକୁ ଗୋଡ଼ତଳେ ପଡ଼ି କହିବ। ହେଲେ ହରିଆ ଏବେ ତା' ଚରିତ୍ରରେ କଳଙ୍କ ବୋଳିବାକୁ ବସିଲାଣି। ତା'ର ପିଲାଛୁଆ ନ ହେବାର କାରଣ ତା'ଠି ଦୋଷ ଅଛି କହି ମଦ ପିଇ ବହେ ଲେଖାଏଁ ଛେଚୁଛି। ବୁଝିପାରେନି ଅଳସୀ ସନ୍ଧ୍ୟାରୁ ମଦନିଶାରେ ସକାଳ ପାହିବା ଯାଏଁ ଶୋଉଥିବା ପୁରୁଷଟା ବାପ କେମିତି ହୁଅନ୍ତା ଯେ! ସେଦିନ କୋଉଠୁ କିଛି ପଇଡ଼ ନଡ଼ିଆ ତୋଳିବାର ନଥିଲା ହାରିଆର। ବାକିରେ ନିଶା ଟୋପେ ଦେବାକୁ ମନା କଲା ପଦନା। ପୁଣି କହିଲା କାହିଁ ତୋ' ଯୁଆନ ସ୍ତ୍ରୀ ପରା ଅଛି, ତା' ବଦଳେ ପିଉନୁ ଯେତେ ପିଇବୁ। ଶଳା ତୋରି ଯୋଗୁଁ ମତେ ମଦ ଦେଉନି ବାକି କହି ସେଦିନ ଝିଙ୍କି ନେଲା ନାକରୁ ସୁନାଫୁଲଟିକୁ ହରିଆ। କହୁଥିଲା ଆକୁ ପିନ୍ଧି ସୁନ୍ଦରୀ ସାଜିଛୁ। କନିଆଁ ପରି ଦିଶୁଛୁ



ଲୋକଙ୍କ ଆଖିକୁ। ବଦମାସ ମାଇକିନା କହି ନାକଫୁଲ ଝିଙ୍କି ନେଲା ବେଳେ ଧାର ଧାର ରକ୍ତ ବୋହିଯାଇଥିଲା ଅଳସୀର। ଜରୁଆ ଦେହରେ ତା'ର ଖଇଫୁଟା ତାତି ସାଙ୍ଗକୁ ହରିଆ ମାଡ଼ରେ ଆଖିବୁଜି ଦେଲା ଅଳସୀ।

ବାବୁଘର ମାଆ ସୁକାନ୍ତି ସଙ୍ଗେ ନୂଆ ଭୁଆସୁଣୀଟିକୁ ଦେଖି ପଚାରିଲେ ଅଳସୀ କ'ଣ ମନା କଲାକି କାମକୁ ଆସିବନି ବୋଲି? ନାହିଁ ମାଆ ମନା କାହିଁ କରିବ। ତା'ର ପରା ଦଶ ଗଲାଣି। ଚମକିପଡ଼ି ବାବୁଘର ମାଆ କହିଲେ ଏଁ ଦଶ ଗଲାଣି! ତେବେ ଏ କିଏ? ଏ ତା'ର ସଉତୁଣୀ ମାଆ। ହରିଆ ପରା କନ୍ୟାସୁନାରେ ନାକଫୁଲ ଦେଇ ଆକୁ ଆଣିଛି। ବାବୁଘର ମାଆ କହିଲେ କେଡ଼େ ସୁନ୍ଦର, କେଡ଼େ ସୁଧାର ଅଳସୀ ଏମିତି କେମିତି ଚାଲିଗଲା? ସବୁ ସେଇ ନାକଫୁଲ ମାଆ, କହି ଆସୁଥିବା ସୁକାନ୍ତି ଜିଭ କାମୁଡ଼ି ପକେଇ କହୁଥିଲା ଯିଏ ଯେତିକି ଦିନକୁ ଆସିଛି ମାଆ। ଜନମ ମରଣ କ'ଣ କହିହେବ? ନୂଆ ଭୁଆସୁଣୀ ଲତିକା କହୁଥିଲା ମାଆ ମତେ ସବୁ କାମ ଆସିବ। ଲତିକା ଦଶ ବରଷ ହେଲାଣି କାମ କରୁଛି ତାଙ୍କ ଘରେ। ପିଲାପିଲି ନାହିଁ ସତ ହେଲେ ତା' ନାକରେ ସେଇ ସୁନା ନାକଫୁଲଟା ଦେଖିଲେ ବାବୁଆଣୀଙ୍କର ଅଳସୀ କଥା ଖୁବ୍ ମନେପଡ଼େ।

ମୋ: ୯୦୪୦୯୭୭୩୨୭

# 'ଅବସର ନିଷ୍ପତ୍ତି ସ୍ୱତଃପ୍ରବୃତ୍ତ ଥିଲା'

ନୂଆଦିଲ୍ଲୀ, ୧୭।୫ (ପି.ଟି.)

ଖେଳିବା ସମୟରୁ ଭାରତୀୟ ଫୁଟ୍‌ବଲରେ ଲିଭିଂ ଲିଜେଣ୍ଡର ମାନ୍ୟତା ପାଉଥିବା ସୁନୀଲ ଛେତ୍ରୀଙ୍କ ଅବସର ଘୋଷଣାକୁ ନେଇ ଚର୍ଚ୍ଚା ଜାରି ରହିଛି। ଆସନ୍ତା ଜୁନ୍ ୬ରେ କୁଏଟ୍ ବିପକ୍ଷରେ ଫିଫା ବିଶ୍ୱକପ କ୍ୱାଲିଫାୟର ଖେଳିବା ପରେ ସେ ଅବସର ନେବେ ବୋଲି ପ୍ରକାଶ କରି ସାରିଛନ୍ତି। ଏଥିସହ ତାଙ୍କ ୧୯ ବର୍ଷ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ୯୪ ଗୋଲ ସହ ସେ ଭାରତର ଟପ୍ ସ୍କୋରର ମଧ୍ୟ ରହିଛନ୍ତି। ତେବେ ଏହି ନିଷ୍ପତ୍ତି ସ୍ୱତଃପ୍ରବୃତ୍ତ ଥିଲା। ଘରୋଇ ସର୍କିଟରେ ନିଜ ନୈତିକ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବା ପରେ ସେ ବିଶ୍ରାମ ନେବା ଲାଗି ପୂର୍ବରୁ ନିଷ୍ପତ୍ତି ନେଇଥିଲେ ବୋଲି ପ୍ରକାଶ କରିଛନ୍ତି। ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବା ରେକର୍ଡ ସହ ସେ ଅନ୍ତର୍ଜାତୀୟ ଫୁଟ୍‌ବଲରୁ ଅବସର ନେଉଛନ୍ତି। ''ଅବସର ନିଷ୍ପତ୍ତି ଶାରୀରିକ ସମ୍ବନ୍ଧୀୟ ନୁହେଁ, ମୁଁ ଏବେ ମଧ୍ୟ ଫିଟ୍ ଅଛି। ରନିଂ, ଚେଜିଂ, ଡିଫେଣ୍ଡିଂ ଏବଂ କଠିନ ପରିଶ୍ରମ ମୋ ପାଇଁ କଷ୍ଟସାଧ୍ୟ ନୁହେଁ। ମାନସିକ ଦୃଷ୍ଟିକୋଣ ହେଉଛି ଏହାର କାରଣ'' ବୋଲି ଶୁକ୍ରବାର ଏକ ଭର୍ଚୁଆଲ ଇଣ୍ଟରାକ୍ସନ ଅବସରରେ ଛେତ୍ରୀ ପ୍ରକାଶ କରିଛନ୍ତି। ତେବେ ସେ ମେଣ୍ଟାଲ ହେଲ୍‌ଥ ସମ୍ପର୍କରେ ବିସ୍ତୃତଭାବେ କିଛି କହି ନ ଥିଲେ। ବିଭିନ୍ନ କ୍ରୀଡ଼ା ଶୃଙ୍ଖଳାରେ ପେସାଦାର ଖେଳାଳିଙ୍କ ପାଇଁ ଏହା ଏବେ ବଡ଼ ଚିନ୍ତାର କାରଣ ପାଲଟିଛି। ''ମୁଁ ମୋ ସହ ଲଢ଼େଇ କରୁଛି। ସାମଗ୍ରିକ ଦୃଷ୍ଟିକୋଣରୁ ଚିନ୍ତା କରିବାକୁ ଚେଷ୍ଟା କରୁଛି। ଏହା ସ୍ୱତଃପ୍ରବୃତ୍ତ ଆସିଛି। ବେଙ୍ଗାଲୁରୁ ଏଫ୍‌ସି ସହିତ ମୁଁ ଆଉ ଏକ ବର୍ଷ ଅଛି। ଘରୋଇ ଫୁଟ୍‌ବଲ ମୁଁ ଆଉ କେତେବର୍ଷ ଖେଳପାରିବି ଜାଣିନାହିଁ। ଏହାପରେ ସମ୍ପୂର୍ଣ୍ଣ ବିଶ୍ରାମ ନେବି'' ବୋଲି ସେ କହିଛନ୍ତି।

ପ୍ଲେଇଂ କ୍ୟାରିୟର ପରେ କୋଚିଂ ଦେବାକୁ ପସନ୍ଦ କରିବେ କି ବୋଲି ପ୍ରଶ୍ନର ଉତ୍ତରରେ ଛେତ୍ରୀ କହିଲେ ଯେ, ''ମୁଁ କେବେ ନା ବୋଲି କହିବିନି। ବିଶ୍ରାମ ସମୟରେ ମୁଁ ଏ ସମ୍ପର୍କରେ ଚିନ୍ତା କରିବି। ତେବେ ଭବିଷ୍ୟତ ସମ୍ପର୍କରେ ମୁଁ ଏବେ ବିଶେଷ କିଛି ଭାବିନାହିଁ''। ଇଣ୍ଡିଆନ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ସହ ଛେତ୍ରୀଙ୍କ ଚୁକ୍ତି ମିଆଦ ଆସନ୍ତା ବର୍ଷ ଶେଷ ହେବ। ବାଇଚୁଙ୍ଗ ଭୂଟିଆଙ୍କ ପରେ ସେ ଭାରତୀୟ ଫୁଟ୍‌ବଲର ମଙ୍ଗ ସମ୍ଭାଳିଥିଲେ। ଅବସର ଘୋଷଣା କରିବା ପୂର୍ବରୁ ସେ ଭାରତୀୟ ଦଳର କୋଚ୍ ଇଗର ଷ୍ଟିମାକ୍‌ଙ୍କ ସହ ଆଲୋଚନା କରିଥିଲେ ବୋଲି ପ୍ରକାଶ କରିଛନ୍ତି। ''ମୁଁ ଯେତେବେଳେ ଷ୍ଟିମାକ୍‌ଙ୍କ ନିକଟକୁ ଯାଇ ଅବସର ନିଷ୍ପତ୍ତି ସମ୍ପର୍କରେ କହିଥିଲି ସେ ଏହାକୁ ହୃଦୟଙ୍ଗମ କରିଥିଲେ। ଭାରତର ତାରକା କ୍ରିକେଟର ବିରାଟ କୋହଲିଙ୍କ ସହ ମଧ୍ୟ ଆଲୋଚନା କରିଥିଲି। ସେ ମୋର କ୍ଲୋଜ୍ ଫ୍ରେଣ୍ଡ। ମୋତେ ସେ ଭଲଭାବେ ବୁଝିଛନ୍ତି'' ବୋଲି ଛେତ୍ରୀ ପ୍ରକାଶ କରିଛନ୍ତି।

## କୋହଲିଙ୍କ ପରାମର୍ଶ ନେଇଥିଲେ ଛେତ୍ରୀ

ଆଇକନିକ ଭାରତୀୟ ଫୁଟ୍‌ବଲ ଅଧିନାୟକ ସୁନୀଲ ଛେତ୍ରୀ ଖେଳରୁ ଅବସର ନେବା ନିଷ୍ପତ୍ତି ନେବା ପୂର୍ବରୁ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ପରାମର୍ଶ ନେଇଥିଲେ। ଏଥିରୁ ଦୁଇ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ରହିଥିବା ବନ୍ଧୁତ୍ୱର ନିବିଡ଼ତା କେତେ ତାହା ସୂଚାଇ ଦିଏ। ୩୯ ବର୍ଷୀୟ ଛେତ୍ରୀ ଭାରତୀୟ ଖେଳାଳି ହିସାବରେ ସର୍ବାଧିକ ୧୫୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ୯୪ଗୋଲ ସହ ସେ ଦେଶର ଟପ୍ ସ୍କୋରର ମଧ୍ୟ ରହିଛନ୍ତି। ଜୁନ୍ ୬ରେ କୋଲକାତାଠାରେ କୁଏଟ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାଇଂ ମ୍ୟାଚ ଖେଳିବା ପରେ ତାଙ୍କ କ୍ୟାରିୟରର ଅନ୍ତ ଘଟିବ। ଛେତ୍ରୀ ଗୁରୁବାର ତାଙ୍କ ଅବସର ନିଷ୍ପତ୍ତି ଘୋଷଣା କରିଥିଲେ। ଛେତ୍ରୀ କହିଥିଲେ ସେ ଶାରୀରିକ ଦୃଷ୍ଟିରୁ ଖେଳିବା ଲାଗି ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ମାନସିକ ଦୃଷ୍ଟିକୋଣରୁ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସହଜାତ ପ୍ରବୃତ୍ତି। ନିଷ୍ପତ୍ତିକୁ ସାର୍ବଜନୀନ କରିବା ପୂର୍ବରୁ ମନକୁ ସୁଦୃଢ଼ କରିବା ଲାଗି ସେ ତାଙ୍କର ସବୁଠାରୁ ଅନ୍ତରଙ୍ଗ ବନ୍ଧୁ କୋହଲିଙ୍କ ପରାମର୍ଶ ନେବା ଉଚିତ ମଣିଥିଲେ। ଛେତ୍ରୀ ବର୍ତ୍ତମାନ ବିଶ୍ୱକପ୍ କ୍ୱାଲିଫାୟର୍ସ ପାଇଁ ଭୁବନେଶ୍ୱରରେ ଚାଲିଥିବା ଜାତୀୟ କ୍ୟାମ୍ପରେ ଅଭ୍ୟାସ ଚଳାଇଛନ୍ତି। ଏକ ଅନ୍‌ଲାଇନ ମିଡିଆ ବାର୍ତ୍ତାଳାପ ବେଳେ ସେ ଏକଥା ପ୍ରକାଶ କରିଛନ୍ତି। ଖେଳରେ ଉତ୍‌ଥାନ ଓ ପତନ ରହିଛି। ଆମ୍ଭେ ଏକଥା ଭଲରୂପେ ଜାଣୁ। ଅନ୍ୟମାନେ ମଧ୍ୟ ସେକଥା ବୁଝିପାରୁଥିବେ। କୋହଲିଙ୍କ ସହିତ ତାଙ୍କର ବର୍ଷ ବର୍ଷ ଧରି ଭାବର ଆଦାନପ୍ରଦାନ ଚାଲିଛି।


ଏକ ହାଲ୍‌କା ମୁହୂର୍ତ୍ତରେ ବିରାଟ କୋହଲିଙ୍କ ସହ ସୁନୀଲ ଛେତ୍ରୀ।

**ଡୋପ୍ ଅପରାଧ**

## ଆଥଲେଟ୍ ଓ କୋଚ୍‌ଙ୍କୁ ସମାନ ଦଣ୍ଡ

**ନୂଆଦିଲ୍ଲୀ, ୧୭।୫ (ପି.ଟି.):** ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଶୁକ୍ରବାର ଏକ ବୈପ୍ଳବିକ ନୀତି ଘୋଷଣା କରିଛନ୍ତି। କୌଣସି ଇଭେଣ୍ଟ ବେଳେ ଡୋପ୍ ଟେଷ୍ଟରେ ବିଫଳ ହେଲେ ସମ୍ପୃକ୍ତ ଆଥଲେଟଙ୍କ ସହ ତାଙ୍କ କୋଚ୍ ସମପରିମାଣରେ ଦାୟୀ ରହିବେ ଏବଂ ଦଣ୍ଡିତ ହେବ। ଏହାଦ୍ୱାରା କ୍ରୀଡ଼ା ଡୋପିଙ୍ଗକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ ବୋଲି ସାଧାରଣରେ ଏକ ବାର୍ତ୍ତା ଯିବ। ଏଠାରେ ଏଏଫ୍‌ଆଇ କାର୍ଯ୍ୟନିର୍ବାହୀ ପରିଷଦର ଏକ ବୈଠକ ପରେ ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲ ଏହା ପ୍ରକାଶ କରିଛନ୍ତି। ଏନ୍‌ଆଇଏସ୍ ଡିପ୍ଲୋମାଧାରୀଙ୍କ ସମେତ ସମସ୍ତ କୋଚ୍‌ଙ୍କୁ ଏଏଫ୍‌ଆଇରେ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ପଡ଼ିବ। ଡୋପ୍ ଫର୍ମ ପୂରଣ କରିବାକୁ ଆସିବା ବେଳେ ଆଥଲେଟମାନଙ୍କୁ ସେମାନଙ୍କ କୋଚ୍‌ଙ୍କ ନାମ ଘୋଷଣା କରିବାକୁ ପଡ଼ିବ। ଏହାଦ୍ୱାରା ଆଥଲେଟଙ୍କ ପ୍ରକୃତ କୋଚ୍ କିଏ ତାହା ସ୍ପଷ୍ଟ ହୋଇଯିବ। କାରଣ କୌଣସି ଆଥଲେଟ ସଫଳତା ହାସଲ କଲେ ବେଳେ ବେଳେ ଏକାଧିକ କୋଚ୍ ଆର୍ଥିକ ପୁରସ୍କାର ଦାବି କରୁଛନ୍ତି। ଏଏଫ୍‌ଆଇ ୬ ମାସ ହେଲା ଏହି ନୂଆ ନିୟମ ଉପରେ ବିଭିନ୍ନ ଏଜେନ୍ସି ସହ ବିଚାର ଆଲୋଚନା ଚଳାଇଥିଲା। ବିଭିନ୍ନ ସ୍ତରରେ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଜଣେ ଆଥଲେଟ ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ କୋଚଙ୍କୁ କୌଣସି ଦଳ ସହିତ ଷ୍ଟାଡିୟମ ପ୍ରବେଶରେ ବାରଣ ରହିବ। ଆର୍ମି, ନାଭି ଓ ଏୟାର ଫୋର୍ସଙ୍କୁ ଏବିଷୟରେ ଅବଗତ କରାଇ ଦିଆଯିବ। ଏହାଛଡ଼ା ଏହି କୋଚ୍‌ମାନଙ୍କୁ ସେମାନଙ୍କ ସରକାରୀ ପଦବୀରୁ ହଟାଇବା ଲାଗି ଏଏଫ୍‌ଆଇ ଯୁକ୍ତି ଉପସ୍ଥାପନ କରିବ।

**ଫୁଟ୍‌ବଲ ମ୍ୟାଚ ଫିକ୍ସିଂ**

## ଦଳର ଅଧିନାୟକ ଓ ଦୁଇ ଖେଳାଳି ଗିରଫ

**ସିଡ୍‌ନୀ, ୧୭।୫ (ଏପି):** ଅଷ୍ଟ୍ରେଲିଆରେ ଫୁଟ୍‌ବଲ ମ୍ୟାଚ ଫିକ୍ସିଂରେ ସମ୍ପୃକ୍ତ ଥିବା ଅଭିଯୋଗରେ ଏ-ଲିଗ୍ କ୍ଲବ ମାର୍କାଥର ଏଫ୍‌ସିର ଅଧିନାୟକ ଏବଂ ଦୁଇ ଯୁବ ଖେଳାଳିଙ୍କ ଗିରଫ ଘଟଣା ଅଷ୍ଟ୍ରେଲିଆନ ପ୍ରଫେସନାଲ ଫୁଟ୍‌ବଲ ମହଲରେ ଚହଳ ସୃଷ୍ଟି କରିଛି। ମ୍ୟାଚରେ ଜାଣିଶୁଣି ୟଲୋ କାର୍ଡ ପାଇବା ଲାଗି ଏହି ଖେଳାଳି ତ୍ରୟଙ୍କୁ ସାଉଥ ଆମେରିକାନ ଗ୍ୟାମ୍ବଲିଂ ସଂସ୍ଥା ୧୦,୦୦୦ ଅଷ୍ଟ୍ରେଲୀୟ ଡଲାର(୬,୬୦୦ ଆମେରିକୀୟ ଡଲାର) ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଖେଳାଳିମାନଙ୍କୁ ଚିହ୍ନଟ କରାଯାଇଛି। ମ୍ୟାଚ ଫିକ୍ସିଂ ସ୍କିମ୍‌ରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ମାକାର୍ଥର ଦଳର ଅଧିନାୟକ ଉଲିସେସ୍ ଡାଭିଲା ଏବଂ ତାଙ୍କର ଦୁଇ ସାଥୀ ଖେଳାଳି କିରିନ ବାକସ ଓ କ୍ଲେଟନ ଲୁଇସ୍। ଅଭିଯୁକ୍ତ ସମସ୍ତ ୩ ଖେଳାଳିଙ୍କୁ ଶୁକ୍ରବାର ଜାମିନ ମିଳିଛି। ଡାଭିଲାଙ୍କୁ କିନ୍ତୁ ଜୁନ୍ ୨୪ରେ କୋର୍ଟରେ ହାଜର ହେବାକୁ ପଡ଼ିବ। ମ୍ୟାଚ ଫିକ୍ସିଂ ସ୍କିମ୍‌ରେ ଆଉ ଜଣେ ଖେଳାଳି ସାମିଲ ଥିବା ସନ୍ଦେହ କରାଯାଉଛି। ତାଙ୍କୁ ଜେରା କରିବା ଲାଗି କର୍ତ୍ତୃପକ୍ଷ ଖୋଜାଖୋଜି କରୁଛନ୍ତି। ତାଙ୍କୁ ନ୍ୟୁ ସାଉଥ ୱେଲ୍ସକୁ ଫେରିବା ଲାଗି କୁହାଯାଇଛି। ଯଦି ସେ ନ ଆସନ୍ତି ତେବେ ତାଙ୍କୁ ପ୍ରତ୍ୟର୍ପଣ କରାଯାଇ ଅଣାଯିବ ବୋଲି ଧମକ ଦିଆଯାଇଛି। ତଦନ୍ତ ବେଳେ ଜଣାପଡ଼ିଛି ଯେ ଗତବର୍ଷ ନଭେମ୍ବର ୨୪ ଓ ଡିସେମ୍ବର ୯ରେ ମ୍ୟାଚ ବେଳେ ୟଲୋ କାର୍ଡରେ ଜାଲିଆତି ହୋଇଛି। ଏପ୍ରିଲ ୨୦ ଓ ମେ' ୪ରେ ଉଦ୍ୟମ କରି ସେମାନେ ବିଫଳ ହୋଇଛନ୍ତି। ନଭେମ୍ବର ୨୪ରେ ମେଲବୋର୍ନ ଭିକ୍ଟୋରି ବିପକ୍ଷ ୧-୧ ଡ୍ର ମ୍ୟାଚ ଏବଂ ଡିସେମ୍ବର ୯ରେ ସିଡ୍‌ନୀ ଏଫ୍‌ସି ବିପକ୍ଷ ୨-୦ ବିଜୟ ମ୍ୟାଚରେ ମାର୍କାଥର ଭଲ ଖେଳି ନ ଥିଲା। ମାତ୍ର ଡିସେମ୍ବର ୯ରେ ସିଡ୍‌ନୀ ବିପକ୍ଷ ମ୍ୟାଚରେ ଏହି ୩ ଖେଳାଳିଙ୍କୁ ୟଲୋ କାର୍ଡ ମିଳିଥିଲା।

# ବାଲେଶ୍ୱର ଚାମ୍ପିୟନ, ସୋନପୁର ରନରଅପ୍

**ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ**

ଭୁବନେଶ୍ୱର, ୧୭।୫ (ତପନ ସ୍ୱାଇଁ)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ କେଟି ଗ୍ଲୋବାଲ ସ୍କୁଲର ମିଳିତ ସହଯୋଗରେ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଂଘ ଦ୍ୱାରା ଆୟୋଜିତ ୫ମ ରାଜ୍ୟ ସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ କ୍ରିକେଟ ପଡିଆରେ ଅନୁଷ୍ଠିତ ଫାଇନାଲରେ ସୋନପୁରକୁ ହରାଇ ବାଲେଶ୍ୱର ଚାମ୍ପିୟନ ହୋଇଛି। ସୋନପୁର ଦଳ ଟସ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବାଲେଶ୍ୱର ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୩୩ ରନ କରିଥିଲା। ଜବାବରେ ସୋନପୁର ଦଳ ୩ ଉଇକେଟ୍ ହରାଇ ୧୦୨ ରନ କରିବାକୁ ସମର୍ଥ ହୋଇଥିଲା। ପୁରସ୍କାର ବିତରଣ ସମାରୋହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଡେପୁଟି ସେକ୍ରେଟେରୀ ସନ୍ୟାସୀ କୁମାର ବେହେରା, ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, କେଟି ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଦୀପ ଖାରେ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ବି-୧ ବର୍ଗ ରେ ଯମୁନା ରାଣୀ ଟୁଡୁ, ବି-୨ ରେ ରଚନା ଜେନା ଏବଂ ବି-୩ରେ ଫୁଲ ସୋରେନ ଶ୍ରେଷ୍ଠ ଖେଳାଳୀ ଭାବରେ ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାର ଆୟୋଜନ ପାଇଁ ସହଯୋଗ କରିଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ କେ ଟି ଗ୍ଲୋବାଲ ସ୍କୁଲକୁ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ମହମ୍ମଦ ଜାଫର ଇକବଲ ଧନ୍ୟବାଦ୍ ଜଣାଇଛନ୍ତି।



ଚାମ୍ପିୟନ ବାଲେଶ୍ୱର ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ବକ୍ସର ପରବିନଙ୍କୁ ସସ୍‌ପେଣ୍ଡ କଲା ୱାଡା

ନୂଆଦିଲ୍ଲୀ, ୧୭।୫ (ପି.ଟି.)

ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟୀ ବକ୍ସର ପରବିନ ହୁଡା ତାଙ୍କ ପ୍ୟାରିସ ଅଲିମ୍ପିକ କୋଟା ହରାଇ ପାରନ୍ତି। ସେ ୧୨ମାସ ମଧ୍ୟରେ ୩ଥର ତାଙ୍କ ଠିକଣା ଦେବାରେ ବିଫଳ ହୋଇଥିବାରୁ ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଦ୍ୱାରା ସେ ସସ୍‌ପେଣ୍ଡ ହୋଇଛନ୍ତି। ଗତବର୍ଷ ଏସିଆନ ଗେମ୍ସ ବେଳେ ପରବିନ ମହିଳା ୫୭କେଜି ଓଜନ ଶ୍ରେଣୀରେ ଏକ ଅଲିମ୍ପିକ କୋଟା ହାସଲ କରିଥିଲେ। ୱାଡା ନିୟମାନୁସାରେ ସେ ୨୦୨୨ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କ ଠିକଣା ଦେବାରେ ବିଫଳ ହୋଇଛନ୍ତି। ୱାଡା ତାଙ୍କୁ ୧.୫ ବର୍ଷ ସସ୍‌ପେଣ୍ଡ କରିଛି। ଚଳିତମାସରୁ ଏହା ଲାଗୁ ହେବ। ଏହାର ଅବଧି ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ରହିବ ବୋଲି ପରବିନଙ୍କ କୋଚ୍ ସୁଧୀର ହୁଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆର୍‌ଟିପି)ର ତାଲିକାଭୁକ୍ତ ଆଥ୍‌ଲେଟମାନେ କୌଣସି କାରଣରୁ ତାଙ୍କ ବାସସ୍ଥାନ ବଦଳାଇଲେ ତାହାର ସମ୍ପୂର୍ଣ୍ଣ ଠିକଣା ଅବଗତ କରାଇବାକୁ ପଡ଼ିବ। ବାସସ୍ଥାନ ପରିବର୍ତ୍ତନର କାରଣ ଏବଂ ସେଠାରେ କେତେଦିନ ବିତାଇବେ ସେ ବିଷୟରେ ମଧ୍ୟ ଜଣାଇବାକୁ ହେବ। ପରବିନଙ୍କ ମାମଲା ଲଢୁଥିବା ଓକିଲ ବିଦୁସ୍ପାତ ସିଂଘାଣିଆ କହିଛନ୍ତି, ଦଣ୍ଡକୁ ସମ୍ପୂର୍ଣ୍ଣ ହଟାଇବା ଅବା ହ୍ରାସ କରିବା ଲାଗି ସେମାନେ ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ସହ ଯୋଗାଯୋଗରେ ଅଛନ୍ତି। ପରବିନଙ୍କ ବାସନ୍ଦ ଦଣ୍ଡ ଯଦି ୧ ବର୍ଷକୁ ହ୍ରାସ କରାଯାଏ ତେବେ ସେ ଜୁଲାଇ-ଅଗଷ୍ଟରେ ହେବାକୁଥିବା ପ୍ୟାରିସ ଗେମ୍ସରେ ଭାଗ ନେବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ ୫୭କେଜି ଶ୍ରେଣୀରେ ସାନି କୋଟା ଦାବି କରିବା ଲାଗି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସୁଦ୍ଧା କେବଳ ୪ଜଣ ବକ୍ସର କୋଟା ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ସେମାନେ ହେଲେ ନିଖତ ଜରିନ (୫୦କେଜି), ପ୍ରୀତି (୫୪କେଜି), ପରବିନ (୫୭କେଜି) ଓ ଲଭଲିନା ବର୍ଗୋହେନ୍ (୭୫କେଜି)।

**ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ**

# ସେମିଫାଇନାଲରେ କାପ୍

ଭୁବନେଶ୍ୱର, ୧୭।୫ (ତପନ ସ୍ୱାଇଁ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ)କୁ ୬୧ ରନରେ ହରାଇ କ୍ରିକେଟ ଏକାଡେମୀ ଅଫ୍ ପଠାନ୍ (କାପ୍) ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କାପ୍ ୩୨.୫ ଓଭରରେ ୧୬୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ସାହିଲ ମହନ୍ତ ସର୍ବାଧିକ ୫୭ ଓ ରୋହିତ ପାଲ ୨୬ ରନ କରିଥିଲେ। ବିପକ୍ଷ ଦଳର ହିମାଂଶୁ ସାହୁ ୨୫ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ସାଇ ନୃସିଂହ ପାଢ଼ୀଙ୍କୁ ୩ ଉଇକେଟ ମିଳିଥିଲା। ୧୬୪ ରନ ବିଜୟ ଲକ୍ଷ୍ୟରେ ବିବିସିଏ ୨୫.୧ ଓଭରରେ ୧୦୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଆଶୁତୋଷ ସାମନ୍ତ ସର୍ବାଧିକ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସାହିଲ ମହନ୍ତ ଓ ରୋହିତ ପାଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସାହିଲ ମହନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରତିଷ୍ଠାତା ସଦସ୍ୟ ଅନିମେଶ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ରାମେଶ୍ୱର ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ମଧ୍ୟରେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୩ଟି ଦଳ ପାରାମାଉଣ୍ଟ, ପ୍ରଗତି ଓ କାପ୍ ଟିମ୍ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି। ୨୦ ଓ ୨୧ ତାରିଖରେ ଦୁଇଟି ସେମିଫାଇନାଲ ଏବଂ ୨୬ରେ ଫାଇନାଲ ଅନୁଷ୍ଠିତ ହେବ।


ସାହିଲ ମହନ୍ତ ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆର୍‌ସିବି, ସିଏସ୍‌କେ ପାଇଁ କର ଅବା ମର

ବେଙ୍ଗାଲୁରୁ, ୧୭।୫ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବହୁ ପ୍ରତୀକ୍ଷିତ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଏଥିରେ ପରସ୍ପରର ମୁକାବିଲା କରିବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)। ପଏଣ୍ଟ ଟେବୁଲର ସ୍ଥିତି ଏପରି ରହିଛି ଯେ ପ୍ଲେ-ଅଫ୍ ପ୍ରବେଶ ପାଇଁ ଉଭୟ ଦଳ ଲାଗି ଏହି ମ୍ୟାଚ କର ଅବା ମର ପରିସ୍ଥିତି ସୃଷ୍ଟି କରିଛି। ଗୁରୁବାର ବର୍ଷା ଯୋଗୁ ମ୍ୟାଚ ବାତିଲ ହେବାରୁ ହାଇଦ୍ରାବାଦ ପ୍ଲେ-ଅଫ୍‌ରେ ପ୍ରବେଶ କରି ଯାଇଥିଲା। ପୂର୍ବରୁ କୋଲକାତା ନାଇଟ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ପ୍ଲେ-ଅଫ୍‌ରେ ପହଞ୍ଚି ସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଦୌଡ଼ରେ ଥିବା ଆର୍‌ସିବି ଓ ସିଏସ୍‌କେ ମଧ୍ୟରେ ଏହି ମୁକାବିଲା ହେବାକୁ ଯାଉଛି। ରନ୍ ହାର ଓ ପଏଣ୍ଟ ଦୃଷ୍ଟିରୁ ସିଏସ୍‌କେ ଉନ୍ନତ ସ୍ଥିତିରେ ରହିଛି। ଏହାର ପଏଣ୍ଟ ୧୪ ଥିବାବେଳେ ରନ୍ ହାର +୦.୫୨୮ ଅଛି। ଅନ୍ୟପକ୍ଷରେ ୧୨ ପଏଣ୍ଟରେ ଥିବା ଆର୍‌ସିବିର ରନ୍ ହାର +୦.୩୮୭ ରହିଛି। ଏହି ଭେନ୍ୟୁରେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ମୋଟ ୮ ମ୍ୟାଚ ହୋଇଥିବାବେଳେ ଚେନ୍ନାଇ ମାତ୍ର ଥରେ ପରାଜୟ ବରଣ କରିଛି। ଏ ସବୁ ମଧ୍ୟରେ ବର୍ଷା ହେବାର ପୂର୍ବାନୁମାନ କରାଯାଉଥିବାରୁ ସବୁ ଅଙ୍କ ବିଗିଡ଼ିବା ସମ୍ଭାବନା ରହିଛି। ମ୍ୟାଚ ବାତିଲ ହେଲେ ସିଏସ୍‌କେ ସିଧାସଳଖ ପ୍ଲେ-ଅଫ୍‌ରେ ପ୍ରବେଶ କରିବ। ମ୍ୟାଚ ହେଲେ ଆର୍‌ସିବିକୁ ଅତିକମ୍‌ରେ ୧୮ ରନରେ ଏବଂ ରନ୍ ଚେଜ୍ କ୍ଷେତ୍ରରେ ୧୧ ବଲ୍ ବାକିଥାଇ ବିଜୟ ହାସଲ କରିବାକୁ ହେବ।



# ‘ଅବସର ନିଷ୍ପତ୍ତି ସ୍ୱତଃପ୍ରବୃତ୍ତ ଥିଲା’

**ନୂଆଦିଲ୍ଲୀ, ୧୭।୫ (ପି.ଟି.)**

ଖେଳିବା ସମୟରୁ ଭାରତୀୟ ଫୁଟ୍‌ବଲରେ ଲିଭିଂ ଲିଜେଣ୍ଡର ମାନ୍ୟତା ପାଉଥିବା ସୁନୀଲ ଛେତ୍ରୀଙ୍କ ଅବସର ଘୋଷଣାକୁ ନେଇ ଚର୍ଚ୍ଚା ଜାରି ରହିଛି। ଆସନ୍ତା ଜୁନ୍ ୬ରେ କୁଏଟ୍ ବିପକ୍ଷରେ ଫିଫା ବିଶ୍ୱକପ କ୍ୱାଲିଫାୟର ଖେଳିବା ପରେ ସେ ଅବସର ନେବେ ବୋଲି ପ୍ରକାଶ କରି ସାରିଛନ୍ତି। ଏଥିସହ ତାଙ୍କ ୧୯ ବର୍ଷ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ୯୪ ଗୋଲ ସହ ସେ ଭାରତର ଟପ୍ ସ୍କୋରର ମଧ୍ୟ ରହିଛନ୍ତି। ତେବେ ଏହି ନିଷ୍ପତ୍ତି ସ୍ୱତଃପ୍ରବୃତ୍ତ ଥିଲା। ଘରୋଇ ସର୍କିଟରେ ନିଜ ନୈତିକ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବା ପରେ ସେ ବିଶ୍ରାମ ନେବା ଲାଗି ପୂର୍ବରୁ ନିଷ୍ପତ୍ତି ନେଇଥିଲେ ବୋଲି ପ୍ରକାଶ କରିଛନ୍ତି। ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବା ରେକର୍ଡ ସହ ସେ ଅନ୍ତର୍ଜାତୀୟ ଫୁଟ୍‌ବଲରୁ ଅବସର ନେଉଛନ୍ତି। ‘‘ଅବସର ନିଷ୍ପତ୍ତି ଶାରୀରିକ ସମ୍ବନ୍ଧୀୟ ନୁହେଁ, ମୁଁ ଏବେ ମଧ୍ୟ ଫିଟ୍ ଅଛି। ରନିଂ, ଚେଜିଂ, ଡିଫେଣ୍ଡିଂ ଏବଂ କଠିନ ପରିଶ୍ରମ ମୋ ପାଇଁ କଷ୍ଟସାଧ୍ୟ ନୁହେଁ। ମାନସିକ ଦୃଷ୍ଟିକୋଣ ହେଉଛି ଏହାର କାରଣ’’ ବୋଲି ଶୁକ୍ରବାର ଏକ ଭର୍ଚ୍ଚୁଆଲ ଇଣ୍ଟରଭ୍ୟୁ ଅବସରରେ ଛେତ୍ରୀ ପ୍ରକାଶ କରିଛନ୍ତି। ତେବେ ସେ ମେଣ୍ଟାଲ ହେଲ୍‌ଥ ସମ୍ପର୍କରେ ବିସ୍ତୃତଭାବେ କିଛି କହି ନ ଥିଲେ। ବିଭିନ୍ନ କ୍ରୀଡ଼ା ଶୃଙ୍ଖଳାରେ ପେସାଦାର ଖେଳାଳିଙ୍କ ପାଇଁ ଏହା ଏବେ ବଡ଼ ଚିନ୍ତାର କାରଣ ପାଲଟିଛି। ‘‘ମୁଁ ମୋ ସହ ଲଢ଼େଇ କରୁଛି। ସାମଗ୍ରିକ ଦୃଷ୍ଟିକୋଣରୁ ଚିନ୍ତା କରିବାକୁ ଚେଷ୍ଟା କରୁଛି। ଏହା ସ୍ୱତଃପ୍ରବୃତ୍ତ ଆସିଛି। ବେଙ୍ଗାଲୁରୁ ଏଫ୍‌ସି ସହିତ ମୁଁ ଆଉ ଏକ ବର୍ଷ ଅଛି। ଘରୋଇ ଫୁଟ୍‌ବଲ ମୁଁ ଆଉ କେତେବର୍ଷ ଖେଳପାରିବି ଜାଣିନାହିଁ। ଏହାପରେ ସମ୍ପୂର୍ଣ୍ଣ ବିଶ୍ରାମ ନେବି’’ ବୋଲି ସେ କହିଛନ୍ତି।

ପ୍ଲେଇଂ କ୍ୟାରିୟର ପରେ କୋଚିଂ ଦେବାକୁ ପସନ୍ଦ କରିବେ କି ବୋଲି ପ୍ରଶ୍ନର ଉତ୍ତରରେ ଛେତ୍ରୀ କହିଲେ ଯେ, ‘‘ମୁଁ କେବେ ନା ବୋଲି କହିବିନି। ବିଶ୍ରାମ ସମୟରେ ମୁଁ ଏ ସମ୍ପର୍କରେ ଚିନ୍ତା କରିବି। ତେବେ ଭବିଷ୍ୟତ ସମ୍ପର୍କରେ ମୁଁ ଏବେ ବିଶେଷ କିଛି ଭାବିନାହିଁ’’। ଇଣ୍ଡିଆନ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ସହ ଛେତ୍ରୀଙ୍କ ଚୁକ୍ତି ମିଆଦ ଆସନ୍ତା ବର୍ଷ ଶେଷ ହେବ। ବାଇଚୁଙ୍ଗ ଭୁଟିଆଙ୍କ ପରେ ସେ ଭାରତୀୟ ଫୁଟ୍‌ବଲର ମଙ୍ଗ ସମ୍ଭାଳିଥିଲେ। ଅବସର ଘୋଷଣା କରିବା ପୂର୍ବରୁ ସେ ଭାରତୀୟ ଦଳର କୋଚ୍ ଇଗର ଷ୍ଟିମାକ୍‌ଙ୍କ ସହ ଆଲୋଚନା କରିଥିଲେ ବୋଲି ପ୍ରକାଶ କରିଛନ୍ତି। ‘‘ମୁଁ ଯେତେବେଳେ ଷ୍ଟିମାକ୍‌ଙ୍କ ନିକଟକୁ ଯାଇ ଅବସର ନିଷ୍ପତ୍ତି ସମ୍ପର୍କରେ କହିଥିଲି ସେ ଏହାକୁ ହୃଦୟଙ୍ଗମ କରିଥିଲେ। ଭାରତର ତାରକା କ୍ରିକେଟର ବିରାଟ କୋହଲିଙ୍କ ସହ ମଧ୍ୟ ଆଲୋଚନା କରିଥିଲି। ସେ ମୋର କ୍ଲୋଜ୍ ଫ୍ରେଣ୍ଡ। ମୋତେ ସେ ଭଲଭାବେ ବୁଝିଛନ୍ତି’’ ବୋଲି ଛେତ୍ରୀ ପ୍ରକାଶ କରିଛନ୍ତି।

## କୋହଲିଙ୍କ ପରାମର୍ଶ ନେଇଥିଲେ ଛେତ୍ରୀ

ଆଇକନିକ ଭାରତୀୟ ଫୁଟ୍‌ବଲ ଅଧିନାୟକ ସୁନୀଲ ଛେତ୍ରୀ ଖେଳରୁ ଅବସର ନେବା ନିଷ୍ପତ୍ତି ନେବା ପୂର୍ବରୁ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ପରାମର୍ଶ ନେଇଥିଲେ। ଏଥିରୁ ଦୁଇ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ରହିଥିବା ବନ୍ଧୁତ୍ୱର ନିବିଡ଼ତା କେତେ ତାହା ସୂଚାଇ ଦିଏ। ୩୯ ବର୍ଷୀୟ ଛେତ୍ରୀ ଭାରତୀୟ ଖେଳାଳି ହିସାବରେ ସର୍ବାଧିକ ୧୫୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ୯୪ଗୋଲ ସହ ସେ ଦେଶର ଟପ୍ ସ୍କୋରର ମଧ୍ୟ ରହିଛନ୍ତି। ଜୁନ୍ ୬ରେ କୋଲକାତାଠାରେ କୁଏଟ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାଇଂ ମ୍ୟାଚ ଖେଳିବା ପରେ ତାଙ୍କ କ୍ୟାରିୟରର ଅନ୍ତ ଘଟିବ। ଛେତ୍ରୀ ଗୁରୁବାର ତାଙ୍କ ଅବସର ନିଷ୍ପତ୍ତି ଘୋଷଣା କରିଥିଲେ। ଛେତ୍ରୀ କହିଥିଲେ ସେ ଶାରୀରିକ ଦୃଷ୍ଟିରୁ ଖେଳିବା ଲାଗି ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ମାନସିକ ଦୃଷ୍ଟିକୋଣରୁ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସହଜାତ ପ୍ରବୃତ୍ତି। ନିଷ୍ପତ୍ତିକୁ ସାର୍ବଜନୀନ କରିବା ପୂର୍ବରୁ ମନକୁ ସୁଦୃଢ଼ କରିବା ଲାଗି ସେ ତାଙ୍କର ସବୁଠାରୁ ଅନ୍ତରଙ୍ଗ ବନ୍ଧୁ କୋହଲିଙ୍କ ପରାମର୍ଶ ନେବା ଉଚିତ ମଣିଥିଲେ। ଛେତ୍ରୀ ବର୍ତ୍ତମାନ ବିଶ୍ୱକପ୍ କ୍ୱାଲିଫାୟର୍ସ ପାଇଁ ଭୁବନେଶ୍ୱରରେ ଚାଲିଥିବା ଜାତୀୟ କ୍ୟାମ୍ପରେ ଅଭ୍ୟାସ ଚଳାଇଛନ୍ତି। ଏକ ଅନ୍‌ଲାଇନ ମିଡିଆ ବାର୍ତ୍ତାଳାପ ବେଳେ ସେ ଏକଥା ପ୍ରକାଶ କରିଛନ୍ତି। ଖେଳରେ ଉତ୍‌ଥାନ ଓ ପତନ ରହିଛି। ଆମ୍ଭେ ଏକଥା ଭଲରୂପେ ଜାଣୁ। ଅନ୍ୟମାନେ ମଧ୍ୟ ସେକଥା ବୁଝିପାରୁଥିବେ। କୋହଲିଙ୍କ ସହିତ ତାଙ୍କର ବର୍ଷ ବର୍ଷ ଧରି ଭାବର ଆଦାନପ୍ରଦାନ ଚାଲିଛି।


ଏକ ହାଲ୍‌କା ମୁହୂର୍ତ୍ତରେ ବିରାଟ କୋହଲିଙ୍କ ସହ ସୁନୀଲ ଛେତ୍ରୀ।

**ଡୋପ୍ ଅପରାଧ**

## ଆଥଲେଟ୍ ଓ କୋଚ୍‌ଙ୍କୁ ସମାନ ଦଣ୍ଡ

**ନୂଆଦିଲ୍ଲୀ, ୧୭।୫ (ପି.ଟି.):** ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଶୁକ୍ରବାର ଏକ ବୈପ୍ଳବିକ ନୀତି ଘୋଷଣା କରିଛନ୍ତି। କୌଣସି ଇଭେଣ୍ଟ ବେଳେ ଡୋପ୍ ଟେଷ୍ଟରେ ବିଫଳ ହେଲେ ସମ୍ପୃକ୍ତ ଆଥଲେଟଙ୍କ ସହ ତାଙ୍କ କୋଚ୍ ସମପରିମାଣରେ ଦାୟୀ ରହିବେ ଏବଂ ଦଣ୍ଡିତ ହେବ। ଏହାଦ୍ୱାରା କ୍ରୀଡ଼ା ଡୋପିଙ୍ଗକୁ କୌଣସି ମତେ ବରଦାସ୍ତ କରାଯିବ ନାହିଁ ବୋଲି ସାଧାରଣରେ ଏକ ବାର୍ତ୍ତା ଯିବ। ଏଠାରେ ଏଏଫ୍ଆଇ କାର୍ଯ୍ୟନିର୍ବାହୀ ପରିଷଦର ଏକ ବୈଠକ ପରେ ଏଏଫ୍ଆଇ ସଭାପତି ଆଦିଲ ସୁମାରିୱାଲ ଏହା ପ୍ରକାଶ କରିଛନ୍ତି। ଏନ୍ଆଇଏସ୍ ଡିପ୍ଳୋମାଧାରୀଙ୍କ ସମେତ ସମସ୍ତ କୋଚ୍‌ଙ୍କୁ ଏଏଫ୍ଆଇରେ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ପଡ଼ିବ। ଡୋପ୍ ଫର୍ମ ପୂରଣ କରିବାକୁ ଆସିବା ବେଳେ ଆଥଲେଟମାନଙ୍କୁ ସେମାନଙ୍କ କୋଚ୍‌ଙ୍କ ନାମ ଘୋଷଣା କରିବାକୁପଡ଼ିବ। ଏହାଦ୍ୱାରା ଆଥଲେଟଙ୍କ ପ୍ରକୃତ କୋଚ୍ କିଏ ତାହା ସ୍ପଷ୍ଟ ହୋଇଯିବ। କାରଣ କୌଣସି ଆଥଲେଟ ସଫଳତା ହାସଲ କଲେ ବେଳେ ବେଳେ ଏକାଧିକ କୋଚ୍ ଆର୍ଥିକ ପୁରସ୍କାର ଦାବି କରୁଛନ୍ତି। ଏଏଫ୍ଆଇ ୬ ମାସ ହେଲା ଏହି ନୂଆ ନିୟମ ଉପରେ ବିଭିନ୍ନ ଏଜେନ୍ସି ସହ ବିଚାର ଆଲୋଚନା ଚଳାଇଥିଲା। ବିଭିନ୍ନ ସ୍ତରରେ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଜଣେ ଆଥଲେଟ ଡୋପିଙ୍ଗରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ କୋଚଙ୍କୁ କୌଣସି ଦଳ ସହିତ ଷ୍ଟାଡିୟମ ପ୍ରବେଶରେ ବାରଣ ରହିବ। ଆର୍ମି, ନାଭି ଓ ଏୟାର ଫୋର୍ସକୁ ଏବିଷୟରେ ଅବଗତ କରାଇ ଦିଆଯିବ। ଏହାଛଡ଼ା ଏହି କୋଚ୍‌ମାନଙ୍କୁ ସେମାନଙ୍କ ସରକାରୀ ପଦବୀରୁ ହଟାଇବା ଲାଗି ଏଏଫ୍ଆଇ ଯୁକ୍ତି ଉପସ୍ଥାପନ କରିବ।

**ଫୁଟ୍‌ବଲ ମ୍ୟାଚ ଫିକ୍ସିଂ**

## ଦଳର ଅଧିନାୟକ ଓ ଦୁଇ ଖେଳାଳି ଗିରଫ

**ସିଡ୍‌ନୀ, ୧୭।୫ (ଏପି):** ଅଷ୍ଟ୍ରେଲିଆରେ ଫୁଟ୍‌ବଲ ମ୍ୟାଚ ଫିକ୍ସିଂରେ ସମ୍ପୃକ୍ତ ଥିବା ଅଭିଯୋଗରେ ଏ-ଲିଗ୍ କ୍ଳବ ମାର୍କାଥର ଏଫ୍‌ସିର ଅଧିନାୟକ ଏବଂ ଦୁଇ ଯୁବ ଖେଳାଳିଙ୍କ ଗିରଫ ଘଟଣା ଅଷ୍ଟ୍ରେଲିଆନ ପ୍ରଫେସନାଲ ଫୁଟ୍‌ବଲ ମହଲରେ ଚହଳ ସୃଷ୍ଟି କରିଛି। ମ୍ୟାଚରେ ଜାଣିଶୁଣି ୟଲୋ କାର୍ଡ ପାଇବା ଲାଗି ଏହି ଖେଳାଳି ତ୍ରୟଙ୍କୁ ସାଉଥ ଆମେରିକାନ ଗ୍ୟାମ୍ବଲିଂ ସଂସ୍ଥା ୧୦,୦୦୦ ଅଷ୍ଟ୍ରେଲୀୟ ଡଲାର(୬,୬୦୦ ଆମେରିକୀୟ ଡଲାର) ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଖେଳାଳିମାନଙ୍କୁ ଚିହ୍ନଟ କରାଯାଇଛି। ମ୍ୟାଚ ଫିକ୍ସିଂ ସ୍କିମ୍‌ରେ ସାମିଲ ହୋଇଥିବା ଖେଳାଳିମାନେ ହେଲେ ମାର୍କାଥର ଦଳର ଅଧିନାୟକ ଉଲିସେସ୍ ଡାଭିଲା ଏବଂ ତାଙ୍କର ଦୁଇ ସାଥୀ ଖେଳାଳି କିରିନ ବାକସ ଓ କ୍ଲେଟନ ଲୁଇସ୍। ଅଭିଯୁକ୍ତ ସମସ୍ତ ୩ ଖେଳାଳିଙ୍କୁ ଶୁକ୍ରବାର ଜାମିନ ମିଳିଛି। ଡାଭିଲାଙ୍କୁ କିନ୍ତୁ ଜୁନ୍ ୨୪ରେ କୋର୍ଟରେ ହାଜର ହେବାକୁ ପଡ଼ିବ। ମ୍ୟାଚ ଫିକ୍ସିଂ ସ୍କିମ୍‌ରେ ଆଉ ଜଣେ ଖେଳାଳି ସାମିଲ ଥିବା ସନ୍ଦେହ କରାଯାଉଛି। ତାଙ୍କୁ ଜେରା କରିବା ଲାଗି କର୍ତ୍ତୃପକ୍ଷ ଖୋଜାଖୋଜି କରୁଛନ୍ତି। ତାଙ୍କୁ ନ୍ୟୁ ସାଉଥ ୱେଲ୍ସକୁ ଫେରିବା ଲାଗି କୁହାଯାଇଛି। ଯଦି ସେ ନ ଆସନ୍ତି ତେବେ ତାଙ୍କୁ ପ୍ରତ୍ୟର୍ପଣ କରାଯାଇ ଅଣାଯିବ ବୋଲି ଧମକ ଦିଆଯାଇଛି। ତଦନ୍ତ ବେଳେ ଜଣାପଡ଼ିଛି ଯେ ଗତବର୍ଷ ନଭେମ୍ବର ୨୪ ଓ ଡିସେମ୍ବର ୯ରେ ମ୍ୟାଚ ବେଳେ ୟଲୋ କାର୍ଡରେ ଜାଲିଆତି ହୋଇଛି। ଏପ୍ରିଲ ୨୦ ଓ ମେ’ ୪ରେ ଉଦ୍ୟମ କରି ସେମାନେ ବିଫଳ ହୋଇଛନ୍ତି। ନଭେମ୍ବର ୨୪ରେ ମେଲବୋର୍ନ ଭିକ୍ଟୋରି ବିପକ୍ଷ ୧-୧ ଡ୍ର ମ୍ୟାଚ ଏବଂ ଡିସେମ୍ବର ୯ରେ ସିଡ୍‌ନୀ ଏଫ୍‌ସି ବିପକ୍ଷ ୨-୦ ବିଜୟ ମ୍ୟାଚରେ ମାର୍କାଥର ଭଲ ଖେଳି ନ ଥିଲା। ମାତ୍ର ଡିସେମ୍ବର ୯ରେ ସିଡ୍‌ନୀ ବିପକ୍ଷ ମ୍ୟାଚରେ ଏହି ୩ ଖେଳାଳିଙ୍କୁ ୟଲୋ କାର୍ଡ ମିଳିଥିଲା।

# ବାଲେଶ୍ୱର ଚାମ୍ପିୟନ, ସୋନପୁର ରନରଅପ୍

**ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ**

**ଭୁବନେଶ୍ୱର, ୧୭।୫ (ତପନ ସ୍ୱାଇଁ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ କେଟି ଗ୍ଲୋବାଲ ସ୍କୁଲର ମିଳିତ ସହଯୋଗରେ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ସଂଘ ଦ୍ୱାରା ଆୟୋଜିତ ୫ମ ରାଜ୍ୟ ସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ କ୍ରିକେଟ ପଡିଆରେ ଅନୁଷ୍ଠିତ ଫାଇନାଲରେ ସୋନପୁରକୁ ହରାଇ ବାଲେଶ୍ୱର ଚାମ୍ପିୟନ ହୋଇଛି। ସୋନପୁର ଦଳ ଟସ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବାଲେଶ୍ୱର ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୩୩ ରନ କରିଥିଲା। ଜବାବରେ ସୋନପୁର ଦଳ ୩ ଉଇକେଟ୍ ହରାଇ ୧୦୨ ରନ କରିବାକୁ ସମର୍ଥ ହୋଇଥିଲା। ପୁରସ୍କାର ବିତରଣ ସମାରୋହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଡେପୁଟି ସେକ୍ରେଟେରୀ ସନ୍ନ୍ୟାସୀ କୁମାର ବେହେରା, ଖୋର୍ଦ୍ଧା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, କେଟି ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଦୀପ ଖାରେ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ବି-୧ ବର୍ଗ ରେ ଯମୁନା ରାଣୀ ଟୁଡୁ, ବି-୨ ରେ ରଚନା ଜେନା ଏବଂ ବି-୩ରେ ଫୁଲ ସୋରେନ ଶ୍ରେଷ୍ଠ ଖେଳାଳୀ ଭାବରେ ପୁରସ୍କୃତ ହୋଇଥିଲେ। ଏହି ପ୍ରତିଯୋଗିତାର ଆୟୋଜନ ପାଇଁ ସହଯୋଗ କରିଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ କେ ଟି ଗ୍ଲୋବାଲ ସ୍କୁଲକୁ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ମହମ୍ମଦ ଜାଫର ଇକବଲ ଧନ୍ୟବାଦ୍ ଜଣାଇଛନ୍ତି।



ଚାମ୍ପିୟନ ବାଲେଶ୍ୱର ଦଳର ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ବକ୍ସର ପରବିନଙ୍କୁ ସସ୍‌ପେଣ୍ଡ କଲା ୱାଡା

**ନୂଆଦିଲ୍ଲୀ, ୧୭।୫ (ପି.ଟି.)**

ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟୀ ବକ୍ସର ପରବିନ ହୁଡା ତାଙ୍କ ପ୍ୟାରିସ ଅଲିମ୍ପିକ କୋଟା ହରାଇ ପାରନ୍ତି। ସେ ୧୨ମାସ ମଧ୍ୟରେ ୩ଥର ତାଙ୍କ ଠିକଣା ଦେବାରେ ବିଫଳ ହୋଇଥିବାରୁ ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ଦ୍ୱାରା ସେ ସସ୍‌ପେଣ୍ଡ ହୋଇଛନ୍ତି। ଗତବର୍ଷ ଏସିଆନ ଗେମ୍ସ ବେଳେ ପରବିନ ମହିଳା ୫୭କେଜି ଓଜନ ଶ୍ରେଣୀରେ ଏକ ଅଲିମ୍ପିକ କୋଟା ହାସଲ କରିଥିଲେ। ୱାଡା ନିୟମାନୁସାରେ ସେ ୨୦୨୨ ଏପ୍ରିଲରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କ ଠିକଣା ଦେବାରେ ବିଫଳ ହୋଇଛନ୍ତି। ୱାଡା ତାଙ୍କୁ ୧.୫ ବର୍ଷ ସସ୍‌ପେଣ୍ଡ କରିଛି। ଚଳିତମାସରୁ ଏହା ଲାଗୁ ହେବ। ଏହାର ଅବଧି ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ରହିବ ବୋଲି ପରବିନଙ୍କ କୋଚ୍ ସୁଧୀର ହୁଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରେଜିଷ୍ଟର୍ଡ ଟେଷ୍ଟିଂ ପୁଲ୍ (ଆର୍‌ଟିପି)ର ତାଲିକାଭୁକ୍ତ ଆଥ୍‌ଲେଟମାନେ କୌଣସି କାରଣରୁ ତାଙ୍କ ବାସସ୍ଥାନ ବଦଳାଇଲେ ତାହାର ସମ୍ପୂର୍ଣ୍ଣ ଠିକଣା ଅବଗତ କରାଇବାକୁ ପଡ଼ିବ। ବାସସ୍ଥାନ ପରିବର୍ତ୍ତନର କାରଣ ଏବଂ ସେଠାରେ କେତେଦିନ ବିତାଇବେ ସେ ବିଷୟରେ ମଧ୍ୟ ଜଣାଇବାକୁ ହେବ। ପରବିନଙ୍କ ମାମଲା ଲଢୁଥିବା ଓକିଲ ବିଦୁସ୍ପାତ ସିଂଘାଣିଆ କହିଛନ୍ତି, ଦଣ୍ଡକୁ ସମ୍ପୂର୍ଣ୍ଣ ହଟାଇବା ଅବା ହ୍ରାସ କରିବା ଲାଗି ସେମାନେ ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) ସହ ଯୋଗାଯୋଗରେ ଅଛନ୍ତି। ପରବିନଙ୍କ ବାସନ୍ଦ ଦଣ୍ଡ ଯଦି ୧ ବର୍ଷକୁ ହ୍ରାସ କରାଯାଏ ତେବେ ସେ ଜୁଲାଇ-ଅଗଷ୍ଟରେ ହେବାକୁଥିବା ପ୍ୟାରିସ ଗେମ୍ସରେ ଭାଗ ନେବାରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ ୫୭କେଜି ଶ୍ରେଣୀରେ ସାନି କୋଟା ଦାବି କରିବା ଲାଗି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସୁଦ୍ଧା କେବଳ ୪ଜଣ ବକ୍ସର କୋଟା ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ସେମାନେ ହେଲେ ନିଖତ ଜରିନ (୫୦କେଜି), ପ୍ରୀତି (୫୪କେଜି), ପରବିନ (୫୭କେଜି) ଓ ଲଭଲିନା ବର୍ଗୋହେନ୍ (୭୫କେଜି)।


ପରବିନ ହୁଡା

**ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ**

# ସେମିଫାଇନାଲରେ କାପ୍

**ଭୁବନେଶ୍ୱର, ୧୭।୫ (ତପନ ସ୍ୱାଇଁ)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ)କୁ ୬୧ ରନରେ ହରାଇ କ୍ରିକେଟ ଏକାଡେମୀ ଅଫ୍ ପଠାନ୍ (କାପ୍) ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କାପ୍ ୩୨.୫ ଓଭରରେ ୧୬୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ସାହିଲ ମହନ୍ତ ସର୍ବାଧିକ ୫୭ ଓ ରୋହିତ ପାଲ ୨୬ ରନ କରିଥିଲେ। ବିପକ୍ଷ ଦଳର ହିମାଂଶୁ ସାହୁ ୨୫ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ସାଇ ନୃସିଂହ ପାଢ଼ୀଙ୍କୁ ୩ ଉଇକେଟ ମିଳିଥିଲା। ୧୬୪ ରନ ବିଜୟ ଲକ୍ଷ୍ୟରେ ବିବିସିଏ ୨୫.୧ ଓଭରରେ ୧୦୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଆଶୁତୋଷ ସାମନ୍ତ ସର୍ବାଧିକ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସାହିଲ ମହନ୍ତ ଓ ରୋହିତ ପାଲ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ସାହିଲ ମହନ୍ତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରତିଷ୍ଠାତା ସଦସ୍ୟ ଅନିମେଶ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ରାମେଶ୍ୱର ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ମଧ୍ୟରେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୩ଟି ଦଳ ପାରାମାଉଣ୍ଟ, ପ୍ରଗତି ଓ କାପ୍ ଟିମ୍ ସେମିଫାଇନାଲରେ ପ୍ରବେଶ କରି ସାରିଛନ୍ତି। ୨୦ ଓ ୨୧ ତାରିଖରେ ଦୁଇଟି ସେମିଫାଇନାଲ ଏବଂ ୨୬ରେ ଫାଇନାଲ ଅନୁଷ୍ଠିତ ହେବ।



ସାହିଲ ମହନ୍ତ ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆର୍‌ସିବି, ସିଏସ୍‌କେ ପାଇଁ କର ଅବା ମର

**ବେଙ୍ଗାଲୁରୁ, ୧୭।୫ (ପି.ଟି.)**

ଆଇପିଏଲ୍‌ର ବହୁ ପ୍ରତୀକ୍ଷିତ ମ୍ୟାଚ ଶନିବାର ଅନୁଷ୍ଠିତ ହେବ। ଏଥିରେ ପରସ୍ପରର ମୁକାବିଲା କରିବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)। ପଏଣ୍ଟ ଟେବୁଲର ସ୍ଥିତି ଏପରି ରହିଛି ଯେ ପ୍ଲେ-ଅଫ୍ ପ୍ରବେଶ ପାଇଁ ଉଭୟ ଦଳ ଲାଗି ଏହି ମ୍ୟାଚ କର ଅବା ମର ପରିସ୍ଥିତି ସୃଷ୍ଟି କରିଛି। ଗୁରୁବାର ବର୍ଷା ଯୋଗୁ ମ୍ୟାଚ ବାତିଲ ହେବାରୁ ହାଇଦ୍ରାବାଦ ପ୍ଲେ-ଅଫ୍‌ରେ ପ୍ରବେଶ କରି ଯାଇଥିଲା। ପୂର୍ବରୁ କୋଲକାତା ଓ ରାଜସ୍ଥାନ ପ୍ଲେ-ଅଫ୍‌ରେ ପହଞ୍ଚି ସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଦୌଡ଼ରେ ଥିବା ଆର୍‌ସିବି ଓ ସିଏସ୍‌କେ ମଧ୍ୟରେ ଏହି ମୁକାବିଲା ହେବାକୁ ଯାଉଛି। ରନ୍ ହାର ଓ ପଏଣ୍ଟ ଦୃଷ୍ଟିରୁ ସିଏସ୍‌କେ ଉନ୍ନତ ସ୍ଥିତିରେ ରହିଛି। ଏହାର ପଏଣ୍ଟ ୧୪ ଥିବାବେଳେ ରନ୍ ହାର +୦.୫୨୮ ଅଛି। ଅନ୍ୟପକ୍ଷରେ ୧୨ ପଏଣ୍ଟରେ ଥିବା ଆର୍‌ସିବିର ରନ୍ ହାର +୦.୩୮୭ ରହିଛି। ଏହି ଭେନ୍ୟୁରେ ଏପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ମୋଟ ୮ ମ୍ୟାଚ ହୋଇଥିବାବେଳେ ଚେନ୍ନାଇ ମାତ୍ର ଥରେ ପରାଜୟ ବରଣ କରିଛି। ଏ ସବୁ ମଧ୍ୟରେ ବର୍ଷା ହେବାର ପୂର୍ବାନୁମାନ କରାଯାଉଥିବାରୁ ସବୁ ଅଙ୍କ ବିଗିଡ଼ିବା ସମ୍ଭାବନା ରହିଛି। ମ୍ୟାଚ ବାତିଲ ହେଲେ ସିଏସ୍‌କେ ସିଧାସଳଖ ପ୍ଲେ-ଅଫ୍‌ରେ ପ୍ରବେଶ କରିବ। ମ୍ୟାଚ ହେଲେ ଆର୍‌ସିବିକୁ ଅତିକମ୍‌ରେ ୧୮ ରନରେ ଏବଂ ରନ୍ ଚେଜ୍ କ୍ଷେତ୍ରରେ ୧୧ ବଲ୍ ବାକିଥାଇ ବିଜୟ ହାସଲ କରିବାକୁ ହେବ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୮/୨୦୨୪ Bhubaneswar, Saturday, May 18/ 2024

# ପୁରନ, ରାହୁଲଙ୍କ ଶତକୀୟ ଭାଗୀଦାରି

**ମୁମ୍ବାଇ, ୧୭।୫**

ନିକୋଲସ ପୁରନ ଓ ଅଧିନାୟକ ଲୋକେଶ ରାହୁଲଙ୍କ ଅର୍ଦ୍ଧଶତକ ସହାୟତାରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଛି। ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରି ନେଇଛି ଲକ୍ଷ୍ନୌ। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବା ବେଳକୁ ମୁମ୍ବାଇ ୩.୫ ଓଭରରେ କୌଣସି ଉଇକେଟ ନ ହରାଇ ୩୩ ରନ ସଂଗ୍ରହ କରିଛି। କ୍ରମାଗତ ୩ ମ୍ୟାଚରେ ପରାଜୟ ପରେ ଲକ୍ଷ୍ନୌ ଏଠାରେ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଗତ ୬ ମ୍ୟାଚରୁ ୫ ପରାଜୟ ବରଣ କରିଛି ମୁମ୍ବାଇ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ମାତ୍ର ୧ ରନରେ ଦେବଦତ୍ତ ପଡିକାଲ ଏବଂ ୬୯ ରନ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳର ରନ୍‌ହାର ମଧ୍ୟ ଭଲ ନ ଥିଲା। ପାୱାରପ୍ଲେ ୬ ଓଭରରେ ଦଳ ୨ ଉଇକେଟ ହରାଇ ୪୯ ଏବଂ ୧୦ ଓଭରରେ ୩ ଉଇକେଟ ହରାଇ ୬୯ ରନ ସଂଗ୍ରହ କରିଥିଲା। ତେବେ ନିକୋଲସ ପୁରନଙ୍କ ଧୂଆଁଧାର ବ୍ୟାଟିଂ ଏବଂ ୪ର୍ଥ ଉଇକେଟରେ ଲୋକେଶ ରାହୁଲଙ୍କ ସହ ମାତ୍ର ୪୪ ବଲ୍‌ରୁ ୧୦୯ ରନର ଭାଗୀଦାରି ଯୋଗୁ ଲକ୍ଷ୍ନୌର ରନହାର ବୃଦ୍ଧି ପାଇଥିଲା। ଦୁଇ ଖେଳାଳିଙ୍କ ଶତକୀୟ ପାର୍ଟନରଶିପ୍ ହିଁ ଦଳର ସମ୍ମାନ ରଖିଥିଲା। ମାତ୍ର ୧୯ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ପୁରନ ୨୯ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୮ ଛକା ସହାୟତାରେ ୭୫ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୧୭ତମ ଓଭରର ୫ମ ବଲ୍‌ରେ ନୂଆନ ଥୁଶରା ଉଇକେଟ ନେଇ ମୁମ୍ବାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ। ତେବେ କ୍ରମାଗତ ୩ ବଲ୍‌ରେ ୩ ଉଇକେଟ ପଡ଼ିଯିବାରୁ ଲକ୍ଷ୍ନୌର ରନହାର ସାମାନ୍ୟ ଧିମେଇ ଯାଇଥିଲା। ଥୁଶରା ୧୭ତମ ଓଭରର ୬ଷ୍ଠ ବଲ୍‌ରେ ଅର୍ଶଦ ଖାଁଙ୍କୁ ଆଉଟ କରିଥିବାବେଳେ ୧୮ତମ ଓଭରର ପ୍ରଥମ ବଲ୍‌ରେ ରାହୁଲଙ୍କୁ ପ୍ୟାଭିଲିୟନ ପଠାଇଥିଲେ ପୀୟୂଷ ଚାୱ୍ଲା। ରାହୁଲ ୪୧ ବଲ୍‌ରୁ ୫୫ (୩ ଚୌକା, ୩ ଛକା) ରନ କରିଥିଲେ। ଶେଷ ଭାଗରେ ଆୟୁଷ ବଦୋନୀ ୧୦ ବଲ୍‌ରୁ ୨୨ ଓ କୃନାଲ ପାଣ୍ଡ୍ୟା ୭ ବଲ୍‌ରୁ ୧୨ ରନରେ ଅପରାଜିତ ରହିବାରୁ ଲକ୍ଷ୍ନୌ ସ୍କୋର ୨୦୦ ଅତିକ୍ରମ କରିଥିଲା। ମୁମ୍ବାଇ ପକ୍ଷରୁ ନୂଆନ ଥୁଶରା ଓ ପୀୟୂଷ ଚାୱ୍ଲା ୩ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ ପାଇଁ ମୁମ୍ବାଇ ଦଳରେ ଏକାଧିକ ପରିବର୍ତ୍ତନ କରାଯାଇଥିଲା। ଯଶପ୍ରୀତ୍ ବୁମ୍‌ରାଙ୍କ ସ୍ଥାନରେ ଅର୍ଜୁନ ତେନ୍ଦୁଲକରଙ୍କୁ ସୁଯୋଗ ଦିଆ ଯାଇଥିଲା। ଅର୍ଜୁନ ୨.୨ ଓଭରରେ ୨୨ ରନ ବ୍ୟୟ କରିଥିବାବେଳେ ମାଂଶପେଶୀ ଟାଣି ହୋଇଯିବାରୁ ବୋଲିଂ କରିପାରି ନ ଥିଲେ। ତାଙ୍କ ଓଭର ପୂରଣ କରିଥିଲେ ନମନ ଧୀର। ତିଲକ ବର୍ମା ଓ ଟିମ୍ ଡାଭିଡ ମଧ୍ୟ ଏହି ମ୍ୟାଚରେ ଖେଳି ନ ଥିଲେ।


ଶଟ୍ ଖେଳୁଛନ୍ତି ନିକୋଲସ ପୁରନ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ଚେନ୍ନାଇ**

**ସ୍ଥାନ: ବେଙ୍ଗାଲୁରୁ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୧୪/୬ (ନିକୋଲସ ପୁରନ–୭୫, ଲୋକେଶ ରାହୁଲ–୫୫, ମାର୍କସ ଷ୍ଟୋଇନିସ–୨୮, ଆୟୁଷ ବଦୋନୀ–୨୨*, ନୂଆନ ଥୁଶରା–୩/୨୮, ପୀୟୂଷ ଚାୱ୍ଲା–୩/୨୯)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୩ | ୯ | ୩ | ୧ | ୧୯ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୩ | ୮ | ୫ | ୦ | ୧୬ | +୦.୨୭୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୭ | ୫ | ୧ | ୧୫ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୭୮୭ |
| ଗୁଜରାଟ ଟାଇଟନ୍ସ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୦ | ୧୦ | -୦.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୦ | ୮ | -୦.୨୭୧ |







E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP.

**ORBIT MOTORS**
**ROURKELA:** 9437041155, 9040404444. **SUNDARGARH:** 9437049161, 9437131074. **DEOGARH:** 9437061223, 7064400290. **BONAIGARH:** 6372903336.

**APARNAA MOTORS**
**SAMBALPUR (PARDHIAPALI):** 9237395001.

**LEGEND CARS**
**JEYPORE:** 7894406481, **RAYGADA:** 9692883042 **BHAWANIPATNA:** 7894442907.

**SKY AUTOMOBILES**
**BERHAMPUR:** 9778202019. **BHANJANAGAR:** 9778202019. **PARALAKHEMUNDI:** 9778202019. **PHULBANI:** 9778202019.

**ODYSSEY MOTORS**
**SAMBALPUR (AINTHAPALI):** 7381433909. **BOLANGIR:** 9438068327. **BARGARH:** 9556352943. **NUAPADA:** 7381017851. **SONEPUR:** 9438068327. **JHARSUGUDA:** 9439892153. **BOUDH:** 8594908009. **PADAMPUR :** 7381661837.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only. ^Not available in LXI, VXI MT.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ